# ଧରିତ୍ରୀ
DHARITRI

ବ୍ରହ୍ମପୁର, ସୋମବାର, ଫେବୃୟାରୀ ୨୮/୨୦୨୨ (୧୪ ପୃଷ୍ଠା) Berhampur, Monday, February 28/2022 Page 14 ₹ 7.00 ★★★

୧୮ଶ ଭାଗ ୩୩ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹୭/-





**'ଫୁଡ୍ କୋମା'ର ଶିକାର ହେଲେ ରଣବୀର**

ଅଭିନେତା ରଣବୀର ସିଂ ନ୍ୟୁୟର୍କରେ ଛୁଟି କଟାଉଥିବା ବେଳେ 'ଫୁଡ୍ କୋମା'ର ଶିକାର ହୋଇଛନ୍ତି। ୧୨

୧୪ **ପାଉ କୁନିଲଙ୍କ ହ୍ୟାଟ୍ରିକ**

ପାଉ କୁନିଲଙ୍କ ହ୍ୟାଟ୍ରିକ ବଳରେ ସ୍ପେନ ରବିବାର ଅନୁଷ୍ଠିତ ଏଫ୍ଆଇଏଚ୍ ପ୍ରୋ ଲିଗ୍ ହକି ମ୍ୟାଚରେ ଭାରତକୁ ୫-୩ ଗୋଲରେ ପରାସ୍ତ କରିଛି।




# ସବୁଆଡ଼େ ଦେଖିଲେ ବିଜେଡି

**ପ୍ରଥମ ଦିନର ଗଣତି ଫଳ**




- **ଫଳାଫଳ ଦେଖି ବିରୋଧୀ ଚକିତ**
- **ଭାଜପା, କଂଗ୍ରେସ ଧରାଶାୟୀ**
- **ଜନାଦେଶ ନୁହେଁ, ଧନାଦେଶ: ଭାଜପା**
- **ଗଣତାନ୍ତ୍ରିକ ପଦ୍ଧତିରେ ଏକଚ୍ଛତ୍ରବାଦ: କଂଗ୍ରେସ**

**ଜିଲା ପରିଷଦ ନିର୍ବାଚନ ଫଳାଫଳ (ରାତି ୧୦ଟା ସୁଦ୍ଧା)**

| ଜିଲା | ମୋଟ ଜୋନ | ଗଣତି ଜୋନ | ବିଜେଡି ବିଜୟୀ/ଆଗୁଆ | ଭାଜପା ବିଜୟୀ/ଆଗୁଆ | କଂଗ୍ରେସ ବିଜୟୀ/ଆଗୁଆ | ଅନ୍ୟାନ୍ୟ ବିଜୟୀ/ଆଗୁଆ |
|---|---|---|---|---|---|---|
| ଅନୁଗୋଳ | ୨୮ | ୧୬ | ୮/୭ | ୦/୧ | ୦/୦ | ୦/୦ |
| ବାଲେଶ୍ୱର | ୪୫ | ୨୭ | ୧୦/୧୨ | ୩/୧ | ୦/୧ | ୦/୦ |
| ବରଗଡ଼ | ୩୪ | ୨୩ | ୧୦/୯ | ୨/୨ | ୦/୦ | ୦/୦ |
| ଭଦ୍ରକ | ୨୮ | ୧୬ | ୭/୯ | ୦/୦ | ୦/୦ | ୦/୦ |
| ବଲାଙ୍ଗୀର | ୩୪ | ୨୮ | ୧୨/୧୦ | ୧/୨ | ୧/୨ | ୦/୦ |
| ବୌଦ୍ଧ | ୦୯ | ୦୬ | ୨/୨ | ୧/୧ | ୦/୦ | ୦/୦ |
| କଟକ | ୪୬ | ୨୯ | ୧୨/୧୬ | ୧/୦ | ୦/୦ | ୦/୦ |
| ଦେବଗଡ଼ | ୦୭ | ୦୬ | ୩/୩ | ୦/୦ | ୦/୦ | ୦/୦ |
| ଢେଙ୍କାନାଳ | ୨୭ | ୧୬ | ୭/୮ | ୧/୦ | ୦/୦ | ୦/୦ |
| ଗଜପତି | ୧୪ | ୧୩ | ୫/୫ | ୦/୧ | ୨/୦ | ୦/୦ |
| ଗଞ୍ଜାମ | ୬୯ | ୪୪ | ୨୨/୨୨ | ୦/୦ | ୦/୦ | ୦/୦ |
| ଜଗତ୍‌ସିଂହପୁର | ୨୬ | ୧୬ | ୮/୮ | ୦/୦ | ୦/୦ | ୦/୦ |
| ଯାଜପୁର | ୩୯ | ୨୨ | ୧୦/୧୨ | ୦/୦ | ୦/୦ | ୦/୦ |
| ଝାରସୁଗୁଡ଼ା | ୦୯ | ୦୮ | ୫/୩ | ୦/୦ | ୦/୦ | ୦/୦ |
| କଳାହାଣ୍ଡି | ୩୬ | ୨୬ | ୧୧/୧୨ | ୨/୦ | ୦/୧ | ୦/୦ |
| କନ୍ଧମାଳ | ୧୮ | ୧୮ | ୯/୪ | ୧/୧ | ୨/୧ | ୦/୦ |
| କେନ୍ଦ୍ରାପଡ଼ା | ୩୨ | ୧୯ | ୯/୧୦ | ୦/୦ | ୦/୦ | ୦/୦ |
| କେନ୍ଦୁଝର | ୩୭ | ୨୫ | ୧୨/୧୨ | ୧/୦ | ୦/୦ | ୦/୦ |
| ଖୋର୍ଦ୍ଧା | ୩୦ | ୨୦ | ୯/୮ | ୧/୨ | ୦/୦ | ୦/୦ |
| କୋରାପୁଟ | ୨୯ | ୨୭ | ୮/୭ | ୦/୦ | ୫/୬ | ୧/୦ |
| ମାଲକାନଗିରି | ୧୫ | ୧୨ | ୬/୫ | ୦/୦ | ୧/୦ | ୦/୦ |
| ମୟୂରଭଞ୍ଜ | ୫୬ | ୫୨ | ୨୫/୨୪ | ୦/୦ | ୦/୦ | ୧/୨ |
| ନବରଙ୍ଗପୁର | ୨୬ | ୨୦ | ୯/୯ | ୦/୦ | ୦/୧ | ୧/୦ |
| ନୟାଗଡ଼ | ୨୪ | ୧୫ | ୮/୬ | ୦/୦ | ୦/୦ | ୦/୧ |
| ନୂଆପଡ଼ା | ୧୪ | ୧୦ | ୫/୫ | ୦/୦ | ୦/୦ | ୦/୦ |
| ପୁରୀ | ୩୩ | ୨୨ | ୧୧/୧୦ | ୦/୧ | ୦/୦ | ୦/୦ |
| ରାୟଗଡ଼ା | ୨୨ | ୨୦ | ୯/୫ | ୦/୦ | ୨/୪ | ୦/୦ |
| ସମ୍ବଲପୁର | ୧୮ | ୧୮ | ୯/୭ | ୦/୨ | ୦/୦ | ୦/୦ |
| ସୁବର୍ଣ୍ଣପୁର | ୧୩ | ୧୨ | ୪/୬ | ୧/୦ | ୧/୦ | ୦/୦ |
| ସୁନ୍ଦରଗଡ଼ | ୩୫ | ୩୪ | ୧୬/୧୬ | ୦/୧ | ୦/୦ | ୧/୦ |
| ମୋଟ | ୮୫୩ | ୬୨୦ | ୨୮୧/୨୭୨ | ୧୫/୧୫ | ୧୪/୧୬ | ୪/୩ |

**ଭୁବନେଶ୍ୱର, ୨୭।୨ (ବ୍ୟୁରୋ)**

ଉପକୂଳ, ପଶ୍ଚିମ, ଉତ୍ତର, ଦକ୍ଷିଣ ଯେଉଁଠି ଦେଖିଲେ ବିଜେଡି। ସବୁଆଡ଼େ ଶଙ୍ଖନାଦ। ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଜବରଦସ୍ତ କ୍ରେଜ୍ ସବୁଠି ଦେଖିବାକୁ ମିଳିଛି। ଦୀର୍ଘ ଦୁଇ ଦଶନ୍ଧିରୁ ଊର୍ଦ୍ଧ୍ୱ ସମୟ ଶାସନ ପରେ ମଧ୍ୟ ବିଜେଡି ଚଳିତ ପଞ୍ଚାୟତ ନିର୍ବାଚନରେ ରେକର୍ଡ ଜନମତ ହାସଲ କରିବା ବିରୋଧୀଙ୍କୁ ହତବାକ କରି ଦେଇଛି। ୮୫୩ ଜିଲା ପରିଷଦ ଆସନରୁ ୨ୟ ଦିନ ଗଣତିର ରାତି ୧୦ଟା ସୁଦ୍ଧା ମୋଟ ୬୨୦ ଆସନ ମଧ୍ୟରୁ ବିଜେଡି ୨୮୧ରେ ବିଜୟୀ ହୋଇଥିବାବେଳେ ଆଉ ୨୭୨ ସିଟ୍‌ରେ ଆଗୁଆ ରହିଛି। ସେହିପରି ୧୫ଟିରେ ଜିତିଥିବାବେଳେ ୧୫ରେ ଆଗୁଆ ରହିଛି। କଂଗ୍ରେସ ୧୪ ଜିତିଥିବାବେଳେ ୧୬ସିଟ୍‌ରେ ଆଗୁଆ ରହିଛି। ବିଜେଡିର ଏଭଳି ଏକତରଫା ଫଳାଫଳକୁ ବିରୋଧୀ ଦଳର ଶୀର୍ଷ ନେତୃତ୍ୱ ସହଜରେ ଗ୍ରହଣ କରିପାରୁ ନାହାନ୍ତି। କହିବାକୁ ଗଲେ ବିଜେଡି ପଞ୍ଚାୟତ ଜନମତକୁ ଏକପ୍ରକାର ପୋଛିନେଇଛି। ଦୁଇ ପ୍ରମୁଖ ବିରୋଧୀ ଦଳ ଭାଜପା ଓ କଂଗ୍ରେସ ଧରାଶାୟୀ ହୋଇଛନ୍ତି। ୨୦୧୭ ପଞ୍ଚାୟତ ନିର୍ବାଚନରେ କିଛି ମାତ୍ରାରେ ଜନମତ ଭାଜପା ସପକ୍ଷରେ ଯାଇଥିଲା। ବିଜେଡି ମୋଟ ଆସନରୁ ୪୭୩ ସିଟ୍‌ରେ ବିଜୟୀ ହୋଇଥିବାବେଳେ ଭାଜପା ୨୯୭ ଏବଂ କଂଗ୍ରେସ ୬୦ଟି ଆସନ ଅକ୍ତିଆର କରିଥିଲା। ଫଳରେ ଭାଜପା ୨ୟ ସ୍ଥାନକୁ ଚାଲି ଆସିଥିଲା। ହେଲେ ଚଳିତ ନିର୍ବାଚନର ୨ୟ ଦିନ ଗଣତିର ଫଳାଫଳକୁ ଦେଖିଲେ ଭାଜପା ଏବେ ରାଜ୍ୟରେ ଜନପ୍ରିୟତା ହରାଇଥିବା ଜଣାପଡ଼ିଛି। କହିବାକୁ ଗଲେ ଗ୍ରାମାଞ୍ଚଳର ଲୋକେ ଭାଜପା ଓ କଂଗ୍ରେସକୁ ଏକପ୍ରକାର ନାପସନ୍ଦ କରିଛନ୍ତି। ଚଳିତ ଥର ବିଜେଡି ପ୍ରାୟ ୯୦ ପ୍ରତିଶତ ସିଟ୍‌ରେ ବିଜୟ ହାସଲ କରିବା ଦିଗରେ ଅଗ୍ରସର ହେଉଥିବା ବେଳେ ଭାଜପା ଓ କଂଗ୍ରେସକୁ ୧୦ ପ୍ରତିଶତ ସିଟ୍‌ରେ ସନ୍ତୁଷ୍ଟ ହେବାକୁ ପଡ଼ିବ। ତୃତୀୟ ସ୍ଥାନରେ ଥିବା କଂଗ୍ରେସ ଦ୍ୱିତୀୟ କିମ୍ବା ଭାଜପା ସହ ବରାବର ସ୍ଥାନକୁ ଚାଲିଆସିଛି। ☞ପୃଷ୍ଠା–୪

# ଯୁଦ୍ଧବିରତି ସଙ୍କେତ

**ବେଲାରୁଷ ସୀମାରେ ରୁଷିଆ-ୟୁକ୍ରେନ୍ ଆଲୋଚନା ପାଇଁ ପ୍ରସ୍ତୁତ**



ରୁଷିଆର କ୍ଷେପଣାସ୍ତ୍ର ମାଡ଼ରେ ୟୁକ୍ରେନ୍‌ର ଭାସିଲ୍‌କିଭ୍‌ସ୍ଥିତ ଏକ ତୈଳ ଡିପୋ ଜଳିଉଠୁଛି।

**କ୍ୱିଭ/ମସ୍କୋ, ୨୭।୨**

ପୂର୍ବ ୟୁରୋପୀୟ ରାଷ୍ଟ୍ର ୟୁକ୍ରେନ୍ ଉପରେ ରୁଷିଆର ବର୍ବରତା ଜାରି ରହିଥିବାବେଳେ ପ୍ରଥମ ଥର ପାଇଁ ଯୁଦ୍ଧ ବିରତିର ସଙ୍କେତ ମିଳିଛି। ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍‌ଙ୍କ ଶକ୍ତିଶାଳୀ ସେନା ଲଗାତର ଚତୁର୍ଥ ଦିନ ଧରି ୟୁକ୍ରେନ୍ ଦଖଲ ପାଇଁ ଆକ୍ରମଣ କରୁଥିବାବେଳେ ପଡ଼ୋଶୀ ଭୂଖଣ୍ଡରେ ବିରୋଧ ଯୋଗୁ ଅନେକ ପ୍ରତିକୂଳ ସ୍ଥିତିକୁ ସାମ୍ନା କରିଛି।

**ନ୍ୟୁକ୍ଲିୟର ଆଲର୍ଟ ନିର୍ଦ୍ଦେଶ ଦେଲେ ପୁଟିନ୍**

ରୁଷୀୟ ସୈନ୍ୟମାନେ ରାଜଧାନୀ କ୍ୱିଭ୍ ଦଖଲ ପରେ ରବିବାର ୟୁକ୍ରେନ୍‌ର ଦ୍ୱିତୀୟ ବୃହତ୍ ସହର ଖର୍କିଭ୍‌କୁ କବ୍‌ଜା କରିବାକୁ ☞ପୃଷ୍ଠା–୪

## ରୁଷିଆ ଉପରେ 'ସ୍ୱିଫ୍ଟ' ବ୍ୟାନ୍




**ଲଣ୍ଡନ, ୨୭।୨**

ୟୁକ୍ରେନ ଉପରେ ରୁଷିଆର ଘାତକ ଆକ୍ରମଣ ଚାଲିଥିବାବେଳେ ଆମେରିକା ଏବଂ ବ୍ରିଟେନ ସମେତ ୟୁରୋପୀୟ ସଂଘ (ଇୟୁ) ସଦସ୍ୟ ରାଷ୍ଟ୍ରଗୁଡ଼ିକ ରବିବାର କଠୋର ହୋଇଛନ୍ତି। ରୁଷିଆର କେତେକ ପ୍ରମୁଖ ଆର୍ଥିକ ଅନୁଷ୍ଠାନ ଉପରେ 'ସ୍ୱିଫ୍ଟ' ବ୍ୟାନ୍ ଲଗାଇବାକୁ ପାଶ୍ଚାତ୍ୟ ନିଷ୍ପତ୍ତି ନେଇଛି। ସୋସାଇଟି ଫର୍ ୱାର୍ଲ୍ଡୱାଇଡ୍ ଇଣ୍ଟରବ୍ୟାଙ୍କ ଫାଇନାନ୍ସିଆଲ ଟେଲିକମ୍ୟୁନିକେଶନ୍ (ଏସ୍‌ଡବ୍ଲ୍ୟୁଆଇଏଫ୍‌ଟି) ☞ପୃଷ୍ଠା–୪


# ଏଲଆଇସି ଆଇପିଓ

## ପଲିସୀଧାରକଙ୍କ ପାଇଁ ଆରକ୍ଷଣ

**ଏଥିରେ ଅଂଶଗ୍ରହଣ କରିବା ପାଇଁ, ପଲିସୀଧାରକଙ୍କୁ ନିମ୍ନଲିଖିତ ମାନଦଣ୍ଡ ପୂରା କରିବା ଦରକାର:**

- ନିଗମର ସ୍ଥାନୀୟ ବ୍ୟକ୍ତିଗତ ପଲିସୀଧାରକ, ଯାହା ପାଖରେ 13 ଫେବୃୟାରୀ, 2022 ଏବଂ ବିଡ କିମ୍ବା ଅଫର ଖୋଲିବାର ତାରିଖ ପର୍ଯ୍ୟନ୍ତ ଏକ କିମ୍ବା ଏକାଧିକ ପଲିସୀ ଅଛି, ସେମାନେ ଏଥିପାଇଁ ଯୋଗ୍ୟ ବିବେଚିତ ହେବେ ।*
- **ପଲିସୀଧାରକଙ୍କର PAN ର ସୂଚନା, 28 ଫେବୃୟାରୀ, 2022 ଦିନ କିମ୍ବା ପୂର୍ବରୁ, ନିଗମରେ ଅପଡେଟ ହେବା ଆବଶ୍ୟକ ।**

*ଦୟାକରି 13 ଫେବୃୟାରୀ, 2022 ର ଡ୍ରାଫ୍ଟ ରେଡ ହିଅରିଙ୍ଗ ପ୍ରସପେକ୍ଟସ୍ ମଧ୍ୟ ଦେଖନ୍ତୁ ।

**DEMAT ଖାତା ଖୋଲିବାର ପ୍ରକ୍ରିୟା**

- ନିକଟସ୍ଥ କମନ୍ ସର୍ଭିସ ସେଣ୍ଟର (ସିଏସସି) ଯାଇ DEMAT ଖାତା ଖୋଲନ୍ତୁ ।

**କିମ୍ବା**

- DEMAT ଖାତା ଖୋଲିବା ପାଇଁ, ପଞ୍ଜୀକୃତ ଡିପୋଜିଟୋରୀ ପାର୍ଟିସିପେଣ୍ଟସ (ଡିପି) ର ତାଲିକା ଆପଣ ନିମ୍ନରେ ପ୍ରଦତ୍ତ ଯେ କୌଣସି ୱେବସାଇଟରୁ ପ୍ରାପ୍ତ କରିପାରିବେ:

**NSDL:** https://nsdl.co.in/Open_NSDL_Demat_Account.php
**CDSL:** https://www.cdslindia.com/DP/dplist.aspx

**LIFE INSURANCE CORPORATION OF INDIA** is proposing, subject to applicable statutory and regulatory requirements, receipt of requisite approvals, market conditions and other considerations, to undertake an initial public offer of its Equity Shares and has filed the draft red herring prospectus dated February 13, 2022 ("DRHP") read with the corrigendum dated February 15, 2022. The DRHP is available on the websites of SEBI at www.sebi.gov.in, websites of the Stock Exchanges i.e., BSE at www.bseindia.com and NSE at www.nseindia.com, respectively and is also available on the websites of the BRLMs, i.e. Kotak Mahindra Capital Company Limited at https://investmentbank.kotak.com, Axis Capital Limited at www.axiscapital.co.in, BofA Securities India Limited at www.ml-india.com, Citigroup Global Markets India Private Limited at www.online.citibank.co.in/rhtm/citigroupglobalscreen1.htm, Goldman Sachs (India) Securities Private Limited at www.goldmansachs.com, ICICI Securities Limited at www.icicisecurities.com, JM Financial Limited at www.jmfl.com, J.P. Morgan India Private Limited at www.jpmipl.com, Nomura Financial Advisory and Securities (India) Private Limited at www.nomuraholdings.com/company/group/asia/india/index.html and SBI Capital Markets Limited at www.sbicaps.com. Potential investors should note that investment in equity shares involves a high degree of risk and for details relating to such risk, please see the section titled 'Risk Factors' of the RHP, when filed. Potential investors should not rely on the DRHP filed with SEBI for making any investment decision. Specific attention of the investors is invited to "Risk Factors" beginning on page 23 of the DRHP.

This announcement does not constitute an offer of securities for sale in any jurisdiction, including the United States, and any securities described in this announcement may not be offered or sold in the United States absent registration under the U.S. Securities Act of 1933, as amended, or an exemption from such registration. No public offering or sale of securities in the United States is contemplated.

ଭାରତ ଜୀବନ ବୀମା ନିଗମ / LIFE INSURANCE CORPORATION OF INDIA

LIC/RKS/2021-22/48/ORI

ଆମକୁ ଏଥିରେ ଫଲୋ କରନ୍ତୁ: YouTube LIC India Forever | IRDAI Regn No.: 512

ପ୍ରତି କ୍ଷଣ ଆପଣଙ୍କ ସାଥିରେ


# ଆଜିଠୁ ସ୍କୁଲ ଯିବେ ପ୍ରଥମରୁ ସପ୍ତମ ପିଲା

- **ଗତ ୧୪ ତାରିଖରୁ ଖୋଲିଥିଲା ସ୍କୁଲ**
- **ପ୍ରଥମ ସପ୍ତାହ ଆକ୍ଟିଭିଟି କ୍ଲାସ୍**
- **ପ୍ଲେ ସ୍କୁଲ୍ ଖୋଲିବାକୁ ଅନୁମତି**



**ଭୁବନେଶ୍ୱର, ୨୭।୨ (ବ୍ୟୁରୋ)**

ରାଜ୍ୟର ପ୍ରାଥମିକ ବିଦ୍ୟାଳୟଗୁଡ଼ିକ ଗତ ୧୪ ତାରିଖରୁ ଖୋଲିଛି। ତେବେ ସୋମବାରଠାରୁ ପିଲାମାନେ ସ୍କୁଲ୍ ଯିବେ। ଦୀର୍ଘ ଦୁଇବର୍ଷ ପରେ ପ୍ରଥମରୁ ପଞ୍ଚମ ପିଲା ସ୍କୁଲ ଯାଉଥିବାରୁ ସେମାନଙ୍କ ମଧ୍ୟରେ ନୂଆ ଉତ୍କଣ୍ଠା ପ୍ରକାଶ ପାଇଛି। ସେହିଭଳି ଷଷ୍ଠ ଓ ସପ୍ତମ ଶ୍ରେଣୀ ଛାତ୍ରୀଛାତ୍ରଙ୍କ ଦ୍ୱିତୀୟ ପର୍ଯ୍ୟାୟ କ୍ଲାସ୍‌ରୁମ ପାଠପଢ଼ା ମଧ୍ୟ ଆରମ୍ଭ ହେବ। ଏନେଇ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ସମସ୍ତ ବ୍ୟବସ୍ଥା ଗ୍ରହଣ କରାଯାଇଥିବା ବିଭାଗୀୟ ମନ୍ତ୍ରୀ ସମୀର ରଞ୍ଜନ ଦାଶ କହିଛନ୍ତି। ଏଥିସହ ପ୍ଲେ ସ୍କୁଲ ମଧ୍ୟ ଖୋଲିବ ବୋଲି ମନ୍ତ୍ରୀ ପ୍ରକାଶ କରିଛନ୍ତି।

ମନ୍ତ୍ରୀ କହିଛନ୍ତି, ପ୍ରଥମ ସପ୍ତାହରେ ପାଠପଢ଼ା ହେବ ନାହିଁ। କେବଳ ବିଭିନ୍ନ ଆକ୍ଟିଭିଟିରେ ପିଲାଙ୍କୁ ସାମିଲ କରାଯିବ। ପ୍ରଥମରୁ ପଞ୍ଚମ ଛାତ୍ରୀଛାତ୍ର ପ୍ରାୟ ଦୁଇବର୍ଷ ହେବ ଶ୍ରେଣୀ ଶିକ୍ଷା ଗ୍ରହଣ କରିନାହାନ୍ତି। ଫଳରେ ସେମାନେ ମୌଳିକ ଜ୍ଞାନ ହରାଇଛନ୍ତି ବୋଲି ବିଭିନ୍ନ ସର୍ଭେ ତଥ୍ୟରୁ ଜଣାପଡିଛି। ତେଣୁ ସ୍କୁଲ ଖୋଲିବାର ପ୍ରଥମ ସପ୍ତାହରେ ହିଁ ପିଲାଙ୍କର ପାଠପଢ଼ା ହେବ ନାହିଁ। ପ୍ରଥମ ୬ଦିନ ପିଲାଙ୍କର ସାମାଜିକ ଭାବାବେଗ ଶିକ୍ଷା (ସୋସିଓ ଇମୋଶନାଲ୍ ଲର୍ଣ୍ଣିଂ) ଉପରେ ଗୁରୁତ୍ୱ ଦିଆଯିବ। ପିଲାଙ୍କୁ ଖେଳକୁଦ, ନାଚ, ଗୀତ, ବିଭିନ୍ନ ପ୍ରତିଯୋଗିତା ଆଦି ଆକ୍ଟିଭିଟି ମାଧ୍ୟମରେ ସ୍କୁଲ ସହିତ ବାନ୍ଧି ରଖାଯିବ ବୋଲି ମନ୍ତ୍ରୀ କହିଛନ୍ତି। ପିଲାମାନେ ପାଠପଢ଼ାଠାରୁ ଦୂରରେ ଥିବାରୁ ସେମାନେ ଯେପରି ପଛେଇ ଯିବେ ନାହିଁ ସେଥିପାଇଁ ସ୍ୱତନ୍ତ୍ର ପୁସ୍ତିକା ପ୍ରକାଶ କରାଯାଇ ପିଲାଙ୍କ ପାଠ୍ୟକ୍ରମରେ ସାମିଲ କରାଯିବ। ଏଥିପାଇଁ ଜିଲା ଓ ବ୍ଲକ ଶିକ୍ଷାଧିକାରୀମାନେ ସମସ୍ତ ପ୍ରକାର ପ୍ରସ୍ତୁତି କରିଛନ୍ତି। ଭୋଟ ସରିବା ପରେ ସ୍କୁଲ କ୍ୟାମ୍ପସକୁ ବିଶୋଧନ କରାଯାଇଛି। ପିଲାଙ୍କ ଉପସ୍ଥାନ ଯେପରି ବଢ଼ିବ ସେଥିପାଇଁ ଅଭିଭାବକଙ୍କ ସହ ଆଲୋଚନା ହୋଇଛି। ପିଲାଙ୍କ ସୁରକ୍ଷା ଆମର ପ୍ରଥମ କର୍ତ୍ତବ୍ୟ ରହିବ। କରୋନା କଟକଣା ମଧ୍ୟରେ ସୋମବାରଠାରୁ ପ୍ରଥମରୁ ସପ୍ତମ ଶ୍ରେଣୀ ସ୍କୁଲ ଖୋଲିବାକୁ ନେଇ ଶନିବାର ଅଭିଭାବକ ସମ୍ମିଳନୀ ହୋଇଥିଲା। ଏଥିସହ ସ୍କୁଲ ପରିଚାଳନା କମିଟି ସଦସ୍ୟଙ୍କୁ ପ୍ରଶିକ୍ଷଣ ଦିଆଯାଇଥିବା ସେ କହିଛନ୍ତି। ସେହିପରି ଦଶମ ଓ ଦ୍ୱାଦଶ ପରୀକ୍ଷା ସଂକ୍ରାନ୍ତରେ ମନ୍ତ୍ରୀ ସୂଚନା ☞ପୃଷ୍ଠା–୪


**ଆଜିର ସମ୍ପାଦକୀୟ**

**ଗଣତନ୍ତ୍ରର ନୂଆ ମୁହଁ**

**ସଡ଼କ ଦୁର୍ଘଟଣା ମୃତ୍ୟୁ କ୍ଷତିପୂରଣ ୮ ଗୁଣ ବୃଦ୍ଧି**

ସଡ଼କ ଦୁର୍ଘଟଣାରେ ମୃତକଙ୍କ ପରିବାରକୁ କ୍ଷତିପୂରଣ ରାଶି ୮ ଗୁଣ ବୃଦ୍ଧି କରାଯାଇଛି। ଏପ୍ରିଲ ୧ରୁ ଦୁର୍ଘଟଣାରେ କେହି ପ୍ରାଣ ହରାଇଲେ ତାଙ୍କ ପରିବାର ସଦସ୍ୟଙ୍କୁ ୨ ଲକ୍ଷ ଟଙ୍କା କ୍ଷତିପୂରଣ ମିଳିବ ବୋଲି ସଡକ ପରିବହନ ଓ ଜାତୀୟ ରାଜପଥ ମନ୍ତ୍ରଣାଳୟ ପକ୍ଷରୁ ଜାରି ବିଜ୍ଞପ୍ତିରେ କୁହାଯାଇଛି। ସେହିପରି ଦୁର୍ଘଟଣାରେ ଗୁରୁତର ଆହତଙ୍କୁ ୧୨,୫୦୦ ପରିବର୍ତ୍ତେ ଏଣିକି ୫୦ ହଜାର ଟଙ୍କା କ୍ଷତିପୂରଣ ମିଳିବ। ସେହିପରି ମୃତକଙ୍କ କ୍ଷେତ୍ରରେ କ୍ଷତିପୂରଣ ରାଶି ୨୫,୦୦୦ରୁ ୨ ଲକ୍ଷ ଟଙ୍କାକୁ ବୃଦ୍ଧି କରାଯାଇଛି।

## ସଂକ୍ଷେପରେ

### ଜୁନ୍ ୨୨ ସୁଦ୍ଧା କୋଭିଡ୍‌ର ଚତୁର୍ଥ ଲହର

**ଆଇଆଇଟି କାନପୁର ବିଶେଷଜ୍ଞଙ୍କ ଆକଳନ**

**ହାଇଦ୍ରାବାଦ,୨୭।୨:** କୋଭିଡ୍-୧୯ ତୃତୀୟ ଲହର ହ୍ରାସ ପାଇଥିବାବେଳେ ଜୁନ୍ ୨୨ ବେଳକୁ ଚତୁର୍ଥ ଲହର ଆସିବ ବୋଲି ଗବେଷକମାନେ ପୂର୍ବାନୁମାନ କରିଛନ୍ତି। ଏହି ଲହର ଅକ୍ଟୋବର ୨୪ ପର୍ଯ୍ୟନ୍ତ ଜାରି ରହିବ। ତେବେ ଚତୁର୍ଥ ଲହର କେତେ ଗୁରୁତର ହେବ ତାହା ଭୂତାଣୁ ର ନୂଆ ଭାରିଆଣ୍ଟ ଏବଂ ଲୋକମାନଙ୍କୁ ଟିକା ସ୍ଥିତି ଉପରେ ନିର୍ଭର କରିବ ବୋଲି ଆଇଆଇଟି କାନପୁରର ଗବେଷକମାନେ କହିଛନ୍ତି। ସେମାନଙ୍କ ଦ୍ୱାରା ପ୍ରସ୍ତୁତ ପରିସଂଖ୍ୟାନ ଆକଳନ ପ୍ରିପ୍ରିଣ୍ଟ ସର୍ଭର ମେଡରକ୍ସିଭ୍‌ରେ ପ୍ରକାଶ ପାଇଛି। ବିଶେଷଜ୍ଞମାନଙ୍କ ମତରେ ଚତୁର୍ଥ ଲହରରେ ସଂକ୍ରମଣ ଅଗଷ୍ଟ ୧୫ରୁ ୩୧ ମଧ୍ୟରେ ସର୍ବୋଚ୍ଚ ସ୍ତରରେ ପହଞ୍ଚିବା ପରେ ହ୍ରାସ ପାଇବା ଆରମ୍ଭ ହେବ। ତୃତୀୟ ଲହର ସମ୍ପର୍କରେ ଆଇଆଇଟି କାନପୁରର ବିଶେଷଜ୍ଞମାନଙ୍କ ପୂର୍ବାନୁମାନ ପ୍ରାୟ ଠିକ୍ ଥିଲା। ଆଇଆଇଟି ଗଣିତ ଓ ପରିସଂଖ୍ୟାନ ବିଭାଗର ସବର ପ୍ରସାଦ ରାଜେଶଭାଇ, ଶୁଭ୍ରା ଶଙ୍କର ଧର୍ ଏବଂ ଶଲଭ ଏହି ଗବେଷଣାରେ ଭାଗ ନେଇଥିଲେ। ଦେଶରେ ପ୍ରଥମ କୋଭିଡ୍ ମାମଲା ୨୦୨୦ ଜାନୁୟାରୀ ୩୦ରେ ପଞ୍ଜୀକୃତ ହୋଇଥିଲା। ଏହାର ୯୩୬ ଦିନ ପରେ ଅର୍ଥାତ୍ ଆଗାମୀ ଜୁନ୍ ୨୨ରେ ଦେଶରେ ଚତୁର୍ଥ ଲହର ଆରମ୍ଭ ହେବାକୁ ଯାଉଥିବା ଏହି ଟିମ୍ ଆକଳନ କରିଛି।

### କୂଟନୈତିକ ସମାବେଶ ସ୍ଥଗିତ ରଖିଲେ ମହାରାଣୀ ଏଲିଜାବେଥ୍



**ଲଣ୍ଡନ,୨୭।୨:** ରୁଷିଆର ୟୁକ୍ରେନ୍ ଆକ୍ରମଣ ଯୋଗୁ ବହିର୍ବ୍ୟାପାର କାର୍ଯ୍ୟାଳୟର ସୁପାରିସ୍ କ୍ରମେ ବ୍ରିଟେନ୍ ରାଣୀ ଏଲିଜାବେଥ୍ ଦ୍ୱିତୀୟ ଆସନ୍ତା ସପ୍ତାହରେ ହେବାକୁ ଥିବା କୂଟନୈତିକ ସମାବେଶକୁ ସ୍ଥଗିତ ରଖିଛନ୍ତି। ବକିଂହାମ୍ ପ୍ରାସାଦ ପକ୍ଷରୁ ଏହି ସୂଚନା ଦିଆଯାଇଛି। ୯୫ ବର୍ଷୀୟା ରାଣୀ କୋଭିଡ୍-୧୯ରୁ ସୁସ୍ଥ ହୋଇଥିଲେ ମଧ୍ୟ ବୁଧବାର ହେବାକୁ ଥିବା ବାର୍ଷିକ ଉତ୍ସବକୁ ବାତିଲ କରିଥିଲେ। ଶତାଧିକ ରାଷ୍ଟ୍ରଦୂତ ଓ ଉଚ୍ଚାୟୁକ୍ତ ଏହି କାର୍ଯ୍ୟକ୍ରମରେ ଯୋଗଦେବାର ଥିଲା। ତେବେ କୂଟନୈତିକ ସମାବେଶ ତାଙ୍କ ଅସୁସ୍ଥତା ପାଇଁ ନୁହେଁ, ବରଂ ୟୁକ୍ରେନ ଯୁଦ୍ଧ ଯୋଗୁ ବାତିଲ ହୋଇଥିବା ରିପୋର୍ଟରେ କୁହାଯାଇଛି। ରାଣୀ ନିକଟରେ କୋଭିଡ୍‌ରୁ ଆରୋଗ୍ୟ ହୋଇଥିବାବେଳେ ସେ କୌଣସି ସମାବେଶରେ ଯୋଗ ଦେଉନାହାନ୍ତି। ମାର୍ଚ୍ଚ ୧୪ରେ ୱେଷ୍ଟମିନିଷ୍ଟର ଆବେରେ କମନୱେଲ୍‌ଥ ସୈନ୍ୟଙ୍କୁ ସମ୍ମାନ ପ୍ରଦାନ ଉତ୍ସବରେ ରାଣୀ ଯୋଗଦେବା କାର୍ଯ୍ୟକ୍ରମ ରହିଛି।

# ପଶ୍ଚିମବଙ୍ଗ ପୌର ନିର୍ବାଚନ ବେଳେ ହିଂସା

**କୋଲକାତା,୨୭।୨**

ପଶ୍ଚିମବଙ୍ଗର ୧୦୮ ପୌର ସଂସ୍ଥା ପାଇଁ ରବିବାର ସକାଳେ ଆରମ୍ଭ ହୋଇଥିବାବେଳେ କେତେକ ସ୍ଥାନରେ ହିଂସାକାଣ୍ଡ ଘଟିବା ସହ ବୁଥ୍ ଜବରଦଖଲ ଓ ଜାଲ୍ ଭୋଟିଂ ଅଭିଯୋଗ ହୋଇଛି। ଫଳରେ ବିଭିନ୍ନ ବୁଥ୍‌ରେ ମତଦାନ ବାଧାପ୍ରାପ୍ତ ହୋଇଛି। ଜାଙ୍ଗିପୁରରେ ବିଭିନ୍ନ ଦଳର ସମର୍ଥକମାନଙ୍କ ମଧ୍ୟରେ ସଂଘର୍ଷ ଘଟିଥିଲା। ମୁର୍ଶିଦାବାଦର ବରହମ୍ପୁର ସହରରେ ପଶ୍ଚିମବଙ୍ଗ କଂଗ୍ରେସ ସଭାପତି ତଥା ସ୍ଥାନୀୟ ଏମ୍‌ପି ଅଧୀର ରଞ୍ଜନ ଚୌଧୁରୀ ଭୋଟ ଦେବାକୁ ଯାଉଥିବାବେଳେ ତାଙ୍କୁ କେତେଜଣ ଟିଏମ୍‌ସି କର୍ମୀ ଅଟକାଇଥିଲେ। ଦୁଇଟି ଜିଲାରେ ପୋଲିସ ଉପରେ ଆକ୍ରମଣ ହୋଇଛି। ତେବେ ହିଂସାକାଣ୍ଡରେ କାହାର ମୃତ୍ୟୁ ଘଟିନାହିଁ। ଅପରାହ୍ନ ସୁଦ୍ଧା ୬୦ ପ୍ରତିଶତ ମତଦାନ ହୋଇଥିବା ଜଣାପଡ଼ିଛି।



ନିର୍ବାଚନୀ ହିଂସା ପ୍ରତିବାଦରେ ଭାଜପା କର୍ମୀ କୋଲକାତା ପୋଲିସ ମୁଖ୍ୟାଳୟ(ଲାଲ୍ ବଜାର)କୁ ଶୋଭାଯାତ୍ରାରେ ଯାଉଥିବାବେଳେ ସେମାନଙ୍କୁ ଅଟକା ଯାଉଛି।

ତୃଣମୂଳ କଂଗ୍ରେସ (ଟିଏମ୍‌ସି) ଦ୍ୱାରା ବୁଥ୍ ରିଗିଂ ହେଉଥିବା ଅଭିଯୋଗ କରି ଉତ୍ତର ଦିନାଜପୁର ଜିଲାର ଡଲଖୋଲାଠାରେ କଂଗ୍ରେସ ସମର୍ଥକମାନେ ୧୨ ନମ୍ବର ଜାତୀୟ ରାଜପଥ ଅବରୋଧ କରିବା ସହ ପୋଲିସ ଉପରକୁ ଟେକାମାଡ଼ କରିଥିଲେ। ଏଥିରେ ଜଣେ ପୋଲିସ କର୍ମଚାରୀ ଆହତ ହୋଇଛନ୍ତି। ଉତ୍ତ୍ୟକ୍ତ ଲୋକଙ୍କୁ ଘଉଡ଼ାଇବାକୁ ପୋଲିସ ଲାଠିଚାଳନା କରିବା ସହ ଲୁହବୁହା ବାଷ୍ପ ଛାଡ଼ିଥିଲା। ସେହିପରି ମୁର୍ଶିଦାବାଦ ଜିଲାର ଧୁଲିୟାନ୍‌ଠାରେ ଲୋକେ ୩ଟି ବୁଥ୍‌ରେ ପଶି ଇଭିଏମ୍ ଭଙ୍ଗାରୁଜା କରିଥିଲେ। ଏହି ଘଟଣାରେ ୭ ଜଣଙ୍କୁ ଗିରଫ କରାଯିବା ସହ କେତେକ ବୋମା ଜବତ ହୋଇଛି।

**ବୁଥ୍ ରିଗିଂ, ଜାଲ୍ ଭୋଟିଂ ଅଭିଯୋଗ**



ୟୁପିର ବାରବାଙ୍କୀରେ ଜଣେ ମହିଳା ରବିବାର ଭୋଟ ଦେବାକୁ ଯାଉଥିବାବେଳେ ଫଟୋ ପରିଚୟପତ୍ର ଦେଖାଉଛନ୍ତି।

## ବୋର୍‌ୱେଲରେ ୭ ବର୍ଷର ବାଳକ

**ଭୋପାଳ,୨୭।୨**

ମଧ୍ୟପ୍ରଦେଶ ଡାମୋଦ ଜିଲାର ବାରଖେଡ଼ା ଗ୍ରାମର ୭ ବର୍ଷର ବାଳକ ପ୍ରିୟାନ୍ସ ରବିବାର ୩୦୦ ଫୁଟ ଗଭୀର ବୋରୱେଲ୍‌ରେ ଖସିପଡ଼ିଛନ୍ତି। ବାପା ଧର୍ମେନ୍ଦ୍ର ଆଥିଆଙ୍କ ସହ ବିଲକୁ ଯାଇଥିବା ପ୍ରିୟାନ୍ସ ଖେଳୁ ଖେଳୁ ବୋରୱେଲ ଭିତରେ ପଡ଼ିଯାଇଥିଲେ। ଅଗ୍ନିଶମ କର୍ମଚାରୀ ଉଦ୍ଧାରକାର୍ଯ୍ୟ ଜାରି ରଖିଛି। ଜେସିବି ସହାୟତାରେ ଖୋଳାଖୋଳି ଚାଲିଥିବାବେଳେ ଘଟଣାସ୍ଥଳରେ ଡାକ୍ତରୀ ଟିମ୍ ପହଞ୍ଚିଛି। ୪ ଦିନରେ ଏହା ଦ୍ୱିତୀୟ ଘଟଣା। ଗତ ଗୁରୁବାର ଉମରିଆ ଜିଲା ବାଦରଛାଡ ଗ୍ରାମର ୩ ବର୍ଷର ଶିଶୁ ୨୦୦ ଫୁଟ ଗଭୀର ବୋର୍‌ୱେଲରେ ଖସିପଡ଼ିଥିଲେ। ୧୬ ଘଣ୍ଟାର ସଂଘର୍ଷ ପରେ ଶିଶୁକୁ ଉଦ୍ଧାର କରାଯାଇଥିବା ବେଳେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

# ନଡ୍ଡାଙ୍କ ଟୁଇଟର ଆକାଉଣ୍ଟ ହ୍ୟାକ୍





Pinned Tweet
Jagat Prakash Nadda @JPN... · 4d
Stand with the people of Ukraine. Now accepting cryptocurrency donations. Bitcoin and Ethereum.

यूक्रेन के लोगों के साथ खड़े हों। अब क्रिप्टोक्यूरेंसी दान स्वीकार करना

BTC - bc1qjn2pm8fzw2x5hp0dv989rcee57l3zmp0ttyvat

ETH - 0x46b1D7AfAf17d662c5529F713c9FAA6f77832761

88 · 144 · 208

**ନୂଆଦିଲ୍ଲୀ,୨୭।୨**

ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡାଙ୍କ ଟୁଇଟର ଆକାଉଣ୍ଟକୁ ରବିବାର ସକାଳେ କେହି ହ୍ୟାକ୍ କରି ସେଥିରେ ୟୁକ୍ରେନ୍ ସଙ୍କଟ ଏବଂ କ୍ରିପ୍ଟୋ କରେନ୍ସି ସହାୟତା ପ୍ରସଙ୍ଗ ପୋଷ୍ଟ କରିଥିଲେ। ଏ ସମ୍ପର୍କରେ କମ୍ପ୍ୟୁଟର ଇମର୍ଜେନ୍ସି ରେସ୍‌ପନ୍ସ ଟିମ୍ (ସିଇଆର୍‌ଟି)କୁ ଜଣାଇଦିଆଯାଇଛି ଓ ତଦନ୍ତ ଚାଲିଛି ବୋଲି ଇଲେକ୍ଟ୍ରୋନିକ୍ସ ଓ ବୈଷୟିକ ମନ୍ତ୍ରୀ ରାଜୀବ ଚନ୍ଦ୍ରଶେଖର କହିଛନ୍ତି। କିଛି ସମୟ ପାଇଁ ନଡ୍ଡାଙ୍କ ଆକାଉଣ୍ଟ ହ୍ୟାକ୍ ହୋଇଥିଲା। ଏବେ ଏହା ନିୟନ୍ତ୍ରଣକୁ ଆସିଛି। ହ୍ୟାକ୍ ହେବାର ପ୍ରକୃତ କାରଣ ଜାଣିବା ପାଇଁ ଟୁଇଟର ସହ କଥାବାର୍ତ୍ତା ଚାଲିଥିବା ଜଣେ ଭାଜପା ନେତା କହିଛନ୍ତି।

ନଡ୍ଡାଙ୍କ ଟୁଇଟର ଆକାଉଣ୍ଟ ହ୍ୟାକ୍ ହେବା ପରେ ସେଥିରେ କେହି ଜଣେ ତାଙ୍କର ଫଲୋର୍ସଙ୍କୁ ରୁଷିଆ ଲୋକମାନଙ୍କୁ ସମର୍ଥନ କରିବା ସହ କ୍ରିପ୍ଟୋ କରେନ୍ସି ଦାନ କରିବା ଲାଗି ଅନୁରୋଧ କରିଥିଲେ।

**ରୁଷିଆ, ୟୁକ୍ରେନ୍‌କୁ କ୍ରିପ୍ଟୋ କରେନ୍ସି ସହାୟତା ପାଇଁ ଅନୁରୋଧ**

ଏବେ କ୍ରିପ୍ଟୋ କରେନ୍ସି, ବିଟ୍ କଏନ ଦାନ ଭାବେ ଗ୍ରହଣ କରାଯାଉଛି। ଅଳ୍ପ କେତେ ମିନିଟ୍ ପରେ ଏହାକୁ ଡିଲିଟ କରିଦିଆଯାଇଥିଲା। ଏହା ପରେ ୟୁକ୍ରେନ୍ ଲୋକମାନଙ୍କ ସହ ଛିଡ଼ା ହେବା ପାଇଁ ଅନୁରୋଧ କରାଯିବା ସହ ଏବେ କ୍ରିପ୍ଟୋ କରେନ୍ସି ଦାନ ଗ୍ରହଣ କରାଯାଉଛି ବୋଲି ହିନ୍ଦୀରେ ଲେଖାଯାଇଥିଲା। ଅନ୍ୟ ଏକ ଟୁଇଟ୍‌ରେ ହ୍ୟାକର ଲେଖିଥିଲେ, 'ମୋ ଆକାଉଣ୍ଟ ହ୍ୟାକ୍ ହୋଇଥିବାରୁ ଦୁଃଖିତ। ମୁଁ ଏଠାରେ ରୁଷିଆକୁ ଦାନ କରିବାକୁ ଚାହୁଁଛି, କାରଣ ସେମାନେ ସହାୟତା ଆବଶ୍ୟକ କରୁଛନ୍ତି। ସୂଚନାଯୋଗ୍ୟ, ଗତବର୍ଷ ଡିସେମ୍ବରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଟୁଇଟର ଆକାଉଣ୍ଟ ହ୍ୟାକ୍ ହୋଇ ସେଥିରେ ବିଟ୍‌କଏନ ସମ୍ପର୍କିତ ବାର୍ତ୍ତା ପୋଷ୍ଟ କରାଯାଇଥିଲା।

## ଚାଇନା କୋଇଲା ଖଣିରେ ଫସିଛନ୍ତି ୧୪ ଶ୍ରମିକ

**ବେଜିଂ,୨୭।୨**

ଦକ୍ଷିଣପଶ୍ଚିମ ଚାଇନାରେ ଥିବା ଏକ କୋଇଲା ଖଣି ଭୁଶୁଡ଼ି ପଡ଼ିବାରୁ ଏହା ମଧ୍ୟରେ ୧୪ ଜଣ ଶ୍ରମିକ ଫସିରହିଛନ୍ତି। ସେମାନଙ୍କ ଉଦ୍ଧାର କାର୍ଯ୍ୟ ଜାରି ରହିଛି। ଖବର ଅନୁଯାୟୀ ଶୁକ୍ରବାର ସକାଳେ ଗୁଇଝୋଉ ପ୍ରଦେଶର ସାନେ ଶୁନଜୁନ୍ କୋଇଲା ଖଣି ଭୁଶୁଡ଼ି ପଡ଼ିଥିଲା। ଏହା ମଧ୍ୟରେ ରହିଯାଇଥିବା ଲୋକଙ୍କୁ ଉଦ୍ଧାର କାର୍ଯ୍ୟରେ ୫୦୦ରୁ ଊର୍ଦ୍ଧ୍ୱ ଉଦ୍ଧାରକାରୀ ଓ ୮୦ ଜରୁରୀ ଯାନ ନିୟୋଜିତ ହୋଇଛି। ଖଣି ପ୍ରବେଶ ଦ୍ୱାରରୁ ୩ କିଲୋମିଟର ପର୍ଯ୍ୟନ୍ତ ଭୁଶୁଡ଼ି ପଡ଼ିଥିବାରୁ ଉଦ୍ଧାର କାର୍ଯ୍ୟ ଏକପ୍ରକାର ଚ୍ୟାଲେଞ୍ଜ ହୋଇଛି। ଶନିବାର ସନ୍ଧ୍ୟା ସୁଦ୍ଧା ଉଦ୍ଧାରକାରୀମାନେ ମାତ୍ର ୭ ମିଟର ଭିତରକୁ ପ୍ରବେଶ କରିବାରେ ସକ୍ଷମ ହୋଇଥିଲେ।

# ପଞ୍ଚମ ପର୍ଯ୍ୟାୟରେ ୫୩.୯୩% ମତଦାନ

**ୟୁପି ନିର୍ବାଚନ**

**ଲକ୍ଷ୍ନୌ,୨୭।୨**

ପଞ୍ଚମ ପର୍ଯ୍ୟାୟରେ ଉତ୍ତରପ୍ରଦେଶ ବିଧାନସଭାର ୬୧ ଆସନ ଲାଗି ରବିବାର ମତଦାନ ଅନୁଷ୍ଠିତ ହୋଇଯାଇଛି। ଅପରାହ୍ନ ୫ଟା ସୁଦ୍ଧା ୫୩.୯୩ ପ୍ରତିଶତ ମତଦାନ ହୋଇଥିବା ନିର୍ବାଚନ କମିଶନଙ୍କ ସୂତ୍ରରୁ ଜଣାପଡ଼ିଛି। ଏହି ପର୍ଯ୍ୟାୟରେ ୬୯୨ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରୁଥିଲେ। ପ୍ରତାପଗଡ଼ର କୁନ୍ଦା ଆସନ ବ୍ୟତୀତ ଅନ୍ୟତ୍ର ମତଦାନ ଶାନ୍ତିପୂର୍ଣ୍ଣ ଭାବେ ସମ୍ପନ୍ନ ହୋଇଛି। କୁନ୍ଦା ଆସନରେ ସମାଜବାଦୀ ପାର୍ଟି ପ୍ରାର୍ଥୀ ଗୁଲଶନ ଯାଦବଙ୍କ ଗାଡ଼ି ଉପରେ କେତେଜଣ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି। ଏଥିରେ ଯାଦବ ସାମାନ୍ୟ ଆହତ ହୋଇଥିବା ଦଳୀୟ କର୍ମୀମାନେ କହିଛନ୍ତି। ଦଳ ପକ୍ଷରୁ ନିର୍ବାଚନ କମିଶନଙ୍କ ପାଖରେ ଲିଖିତ ଅଭିଯୋଗ କରାଯାଇଛି। ସେହିପରି ଗୋଣ୍ଡା ରେ ଭୋଟ ଆରମ୍ଭ ହେବାର କିଛି ଘଣ୍ଟା ପୂର୍ବରୁ କଲୋନେଲଗଞ୍ଜର ସମାଜବାଦୀ ପାର୍ଟି ପ୍ରାର୍ଥୀ ଯୋଗେଶ ପ୍ରତାପ ସିଂ, ତାଙ୍କ ଭାଇ ଓ ସମର୍ଥକମାନଙ୍କ ବିରୋଧରେ ବଳାତ୍କାର ଓ ଆକ୍ରମଣ ମାମଲା ଦାଏର ହୋଇଛି। ଅଭିଯୁକ୍ତମାନେ ଭାଜପାକୁ ସମର୍ଥନ କରୁଥିବା ଜଣେ ମହିଳାଙ୍କ ଘରେ ପଶି ତାଙ୍କୁ ଓ ଅନ୍ୟ ପରିବାର ସଦସ୍ୟଙ୍କୁ ଆକ୍ରମଣ କରିଥିବା ଅଭିଯୋଗ ହୋଇଥିଲା।

ପଞ୍ଚମ ପର୍ଯ୍ୟାୟରେ ୨.୨୪ କୋଟି ଭୋଟର ସେମାନଙ୍କ ମତଦାନ ସାବ୍ୟସ୍ତ କରିବାକୁ ଥିବାବେଳେ ସକାଳ ୭ରୁ ସନ୍ଧ୍ୟା ୬ ପର୍ଯ୍ୟନ୍ତ ଭୋଟଗ୍ରହଣ କରାଯାଇଥିଲା। ଅପରାହ୍ନ ୫ଟା ସୁଦ୍ଧା ଆମେଠିରେ ୫୨.୮୨% ମତଦାନ ହୋଇଥିବାବେଳେ ଅଯୋଧ୍ୟାରେ ୫୮.୬୦୧ ପ୍ରତିଶତ, ପ୍ରୟାଗରାଜରେ ୫୧.୨୯% ଏବଂ ରାଏବରେଲିରେ ୫୬.୦୬% ଭୋଟ ପଡ଼ିଛି। ଏହି ପର୍ଯ୍ୟାୟରେ ପ୍ରମୁଖ ପ୍ରାର୍ଥୀଙ୍କ ମଧ୍ୟରେ ରହିଛନ୍ତି ଉପମୁଖ୍ୟମନ୍ତ୍ରୀ କେଶବ ପ୍ରସାଦ ମୌର୍ଯ୍ୟ, ମନ୍ତ୍ରୀ ସିଦ୍ଧାର୍ଥ ନାଥ ସିଂ, ରାଜେନ୍ଦ୍ର ସିଂ ଓରଫ ମୋତି ସିଂ, ନନ୍ଦଗୋପାଳ ଗୁପ୍ତା ନାଦି, ରାମପତି ଶାସ୍ତ୍ରୀ, ଜନସତ୍ତା ଦଳର ଟାଣୁଆ ନେତା ରଘୁରାଜ ପ୍ରତାପ ସିଂ ଓରଫ ରାଜା ଭୈୟା ଏବଂ କେନ୍ଦ୍ରମନ୍ତ୍ରୀ ଅନୁପ୍ରିୟା ପଟେଲଙ୍କ ମା' ତଥା ଅପ୍‌ନା ଦଳ(କେ) ନେତ୍ରୀ କ୍ରିଷ୍ଣା ପଟେଲ।

# ଗର୍ବର ସହ ମାତୃଭାଷା କୁହ: ମୋଦି

**ପ୍ରଧାନମନ୍ତ୍ରୀଙ୍କ ମନ୍ କୀ ବାତ୍**

**ନୂଆଦିଲ୍ଲୀ,୨୭।୨**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରବିବାର ତାଙ୍କର ମାସିକ ରେଡିଓ କାର୍ଯ୍ୟକ୍ରମ 'ମନ୍ କୀ ବାତ୍'ରେ ଦେଶବାସୀଙ୍କୁ ଗର୍ବର ସହ ମାତୃଭାଷାରେ କଥା ହେବା ପାଇଁ ଆହ୍ୱାନ ଦେଇଛନ୍ତି। ପ୍ରସିଦ୍ଧ ଭାରତୀୟ ସଙ୍ଗୀତଗୁଡ଼ିକୁ ବିଭିନ୍ନ ଭାଷାରେ ଭିଡିଓ ପ୍ରସ୍ତୁତ କରିବାକୁ ସେ ଯୁବବର୍ଗଙ୍କୁ ପରାମର୍ଶ ଦେଇଛନ୍ତି। ଏହା ସେମାନଙ୍କୁ କେବଳ ଲୋକପ୍ରିୟ କରିବ ନାହିଁ, ବରଂ ନୂଆ ପିଢ଼ିଙ୍କୁ ଦେଶର ବିବିଧତା ସମ୍ପର୍କରେ ସଚେତନ କରିବ। ସ୍ୱାଧୀନତାର ୭୫ ବର୍ଷ ପରେ ମଧ୍ୟ ଭାଷା, ପୋଷାକ, ଖାଦ୍ୟ, ପାନୀୟ ଆଦିକୁ ନେଇ କେତେକଙ୍କ ମଧ୍ୟରେ ଦ୍ୱନ୍ଦ୍ୱ ଓ ଭିନ୍ନ ମତ ରହିଛି। ବିଶ୍ୱର ଅନ୍ୟ କୌଣସି ସ୍ଥାନରେ ଏଭଳି ଦେଖାଯାଏ ନାହିଁ ବୋଲି ମୋଦି କହିଛନ୍ତି।

ପୂର୍ବରୁ ଭାରତରୁ ଅନେକ ପୁରାତନ ମୂର୍ତ୍ତି ଚୋରି ହୋଇ ବିଦେଶକୁ ଚାଲିଯାଇଥିଲା। ୨୦୧୪ରେ ଭାଜପା କେନ୍ଦ୍ରରେ କ୍ଷମତାକୁ ଆସିବା ପରେ ବହୁସଂଖ୍ୟାରେ ମୂଲ୍ୟବାନ ମୂର୍ତ୍ତି ଦେଶକୁ ଫେରିଛି। ୨୦୧୩ ସୁଦ୍ଧା ୧୩ଟି ମୂର୍ତ୍ତି ଫେରିଥିବାବେଳେ ଗତ ୭ ବର୍ଷରେ ୨୦୦ରୁ ଊର୍ଦ୍ଧ୍ୱ ମୂର୍ତ୍ତି ଫେରିପାରିଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।

ତିନି ତଲାକ ସମାଜରେ ଏକ ଖରାପ ପ୍ରଥା



ଭାବେ ଚଳିଆସିଥିଲା। ୨୦୧୯ ସେପ୍ଟେମ୍ବରରେ ଆଇନ ଲାଗୁ ହେବା ପରେ ତିନି ତଲାକ ୮୦ ପ୍ରତିଶତ ହ୍ରାସ ପାଇଛି ଓ ଖୁବ୍‌ଶୀଘ୍ର ଏହି ପ୍ରଥାର ଅନ୍ତ ଘଟିବାକୁ ଯାଉଛି। ସରକାରଙ୍କ ମହିଳା ସଶକ୍ତୀକରଣ କାର୍ଯ୍ୟକ୍ରମ ସଫଳ ହୋଇଥିବା ପ୍ରଧାନମନ୍ତ୍ରୀ କହିଛନ୍ତି। ମହିଳାମାନଙ୍କ ମାତୃତ୍ୱ ଛୁଟି ବଢ଼ାଇବାକୁ ସରକାର ନିଷ୍ପତ୍ତି ନେଇଛନ୍ତି। ସେହିପରି ପୁଅମାନଙ୍କ ସହ ଝିଅମାନଙ୍କ ବିବାହ ବୟସ ସମାନ କରିବା ଲାଗି ଉଦ୍ୟମ ହେଉଛି। ଏହାଦ୍ୱାରା ସବୁ କ୍ଷେତ୍ରରେ ମହିଳାମାନଙ୍କ ଭାଗୀଦାରିତା ବୃଦ୍ଧି ପାଇବ। ସରକାରଙ୍କ ବେଟି ବଚାଓ, ବେଟି ପଢ଼ାଓ କାର୍ଯ୍ୟକ୍ରମ ସଫଳ ହୋଇଛି। ସ୍କୁଲ୍‌କୁ ଯାଉଥିବା ଝିଅମାନଙ୍କ ସଂଖ୍ୟା ଯଥେଷ୍ଟ ବୃଦ୍ଧି ପାଇଛି। ସେମାନେ ଯେପରି ଅଧାରୁ ପାଠ ନ ଛାଡ଼ନ୍ତି, ତାହା ଦେଖିବା ଆମ ଦାୟିତ୍ୱ। ସେହିପରି ସ୍ୱଚ୍ଛ ଭାରତ ଅଭିଯାନ ଦ୍ୱାରା ଘରେ ଘରେ ପାଇଖାନା ସ୍ଥାପନ ହୋଇଛି ଓ ମହିଳାମାନଙ୍କୁ ଆଉ ବାହାରକୁ ଯିବାକୁ ପଡୁନାହିଁ। ଦେଶର ପରିବର୍ତ୍ତନ ଓ ବିକାଶରେ ମହିଳାମାନେ ଏବେ ନେତୃତ୍ୱ ନେଲେଣି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। କରୋନା ଭୂତାଣୁ ମୁକାବିଲାରେ ଭାରତୀୟ ବୈଜ୍ଞାନିକମାନଙ୍କ ଭୂମିକାକୁ ପ୍ରଧାନମନ୍ତ୍ରୀ ମନ୍ କୀ ବାତ୍‌ରେ ଉଚ୍ଚ ପ୍ରଶଂସା କରିଛନ୍ତି। ସେମାନଙ୍କ କଠିନ ପରିଶ୍ରମ ଯୋଗୁ ଭାରତରେ ପ୍ରସ୍ତୁତ କୋଭିଡ୍ ଟିକା ବିଶ୍ୱ ପାଇଁ ସହାୟକ ହୋଇପାରିଛି ବୋଲି ମୋଦି କହିଛନ୍ତି।

**ଆଇନ କାର୍ଯ୍ୟକାରୀ ହେବା ପରେ ତଲାକ୍ ୮୦% କମିଛି**



**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୪୩,୫୩,୧୫,୨୧୨ | ୫୯,୬୫,୮୫୩ | ୩୬,୫୫,୯୬,୯୧୪ |
| ଭାରତ | ୪,୨୯,୧୬,୧୧୭ | ୫,୧୩,୭୫୬ | ୪,୨୨,୯୦,୯୨୧ |
| ଓଡ଼ିଶା | ୧୨,୮୪,୮୬୭ | ୯୦୬୪(+୫୩) | ୧୨,୭୩,୩୦୪ |

ରବିବାର ରାତି ୧୦ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର




# ଫେଲ୍ ମାରିଲା ହେଭିୱେଟ୍‌ଙ୍କ ରଣନୀତି

**ବାଲେଶ୍ୱର ଅଫିସ,୨୭।୨:** ବାଲେଶ୍ୱର ଜିଲାରେ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ଫଳାଫଳ ପ୍ରକାଶ ପାଇବା ପରେ ପାୱାର କରିଡରରେ ନୈରାଶ୍ୟ ଭାବ ଦେଖାଦେଇଛି। ହେଭିୱେଟ୍ ନେତାଙ୍କ ଜୋନ୍‌ରେ ମଧ ଦଳୀୟ ପ୍ରାର୍ଥୀମାନଙ୍କୁ ପରାଜୟର ସାମ୍ନା କରିବାକୁ ପଡ଼ିଛି। ଲୋକେ ସେମାନଙ୍କୁ ପ୍ରତ୍ୟାଖ୍ୟାନ କରିଥିବା ବେଳେ ହେଭିୱେଟ୍‌ଙ୍କର ରଣନୀତି ଫେଲ୍ ମାରିଛି। ଏହାକୁ ନେଇ ଜିଲା ରାଜନୀତିରେ ଏକ ଭିନ୍ନ ମାହୋଲ ସୃଷ୍ଟି ହୋଇଛି। ସିମୁଳିଆ ନିର୍ବାଚନମଣ୍ଡଳୀର ୩ ଓ ୪୦ନଂ. ଜୋନ୍‌ରେ ରାଜ୍ୟ ପର୍ଯ୍ୟଟନ ଓ ସଂସ୍କୃତି ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀଙ୍କ ତତ୍ତ୍ୱାବଧାନରେ ବିଜେଡି ନିର୍ବାଚନ ଲଢ଼ିଥିଲା। ମାତ୍ର ଏହି ଦୁଇ ଜୋନ୍‌ରେ ଭାଜପା ପ୍ରାର୍ଥୀ ବିଜୟୀ ହୋଇଛନ୍ତି। ନୀଳଗିରି ନିର୍ବାଚନମଣ୍ଡଳୀର ଦାୟିତ୍ୱ ବିଧାୟକ ଇଂ. ସୁକାନ୍ତ କୁମାର ନାୟକ ଓ ଏମ୍‌ପି ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀଙ୍କ ଉପରେ ନ୍ୟସ୍ତ ଥିଲା। ଉଭୟଙ୍କ ନେତୃତ୍ୱରେ ୧୧ନଂ. ଜୋନ୍‌ରେ ଭାଜପା ନିର୍ବାଚନ ଲଢୁଥିଲା। ସେଠାରେ ମଧ ବିପରୀତ ଫଳ ହୋଇଛି। ସେହିପରି ବାଲେଶ୍ୱର ନିର୍ବାଚନମଣ୍ଡଳୀ ଦାୟିତ୍ୱରେ ବିଧାୟକ ସ୍ୱରୂପ କୁମାର ଦାସ ଥିଲେ ମଧ ସଦର ବ୍ଲକ ୨୫ନଂ. ଜିଲାପରିଷଦ ଜୋନ୍‌ରେ ବିଜେଡି ଫେଲ୍ ମାରିଛି। ସିମୁଳିଆ ୪୦ନଂ. ଜିଲାପରିଷଦ ଜୋନ୍‌ରେ ଭାଜପା ପ୍ରାର୍ଥୀ ରମେଶ ଚନ୍ଦ୍ର ସାହୁ ୧୬,୩୦୭ ଖଣ୍ଡ ଭୋଟ୍ ପାଇ ନିକଟତମ ପ୍ରତିଦ୍ୱନ୍ଦୀ ବିଜେଡି ପ୍ରାର୍ଥୀ କ୍ଷିତିଶ କୁମାର ମହାନ୍ତିଙ୍କୁ ୫୧୮ ଖଣ୍ଡ ଭୋଟ୍‌ରେ ପରାସ୍ତ କରିଛନ୍ତି। ଖଇରା ବ୍ଲକର ୩ନଂ. ଜିଲାପରିଷଦ ଜୋନ୍‌ରେ ଭାଜପା ପ୍ରାର୍ଥୀ ଗଜେନ୍ଦ୍ର ପ୍ରସାଦ ଦାସ ୧୫, ୩୧୪ ଖଣ୍ଡ ଭୋଟ୍ ପାଇ ନିକଟତମ ପ୍ରତିଦ୍ୱନ୍ଦୀ ବିଜେଡିର ଜୟନ୍ତ କୁମାର ରାଉତଙ୍କୁ ୪୭୦ ଖଣ୍ଡ ଭୋଟ୍‌ରେ ପରାସ୍ତ କରିଛନ୍ତି। ସେହିପରି ନୀଳଗିରି ୧୧ନଂ. ଜୋନ୍‌ରେ ବିଜେଡି ପ୍ରାର୍ଥିନୀ ସୁବର୍ଣ୍ଣମଞ୍ଜରୀ ସିଂ ୧୨,୩୬୮ ଖଣ୍ଡ ଭୋଟ୍ ପାଇ ନିକଟତମ ପ୍ରତିଦ୍ୱନ୍ଦୀ ଭାଜପା ପ୍ରାର୍ଥୀ ଅର୍ଜୁନ ମାରାଣ୍ଡିଙ୍କୁ ୩,୩୩୬ ଖଣ୍ଡ ଭୋଟ୍‌ରେ ପରାସ୍ତ କରିଛନ୍ତି। ସଦର ବ୍ଲକ ୨୫ନଂ. ଜିଲାପରିଷଦ ଜୋନ୍‌ରେ ଭାଜପା ପ୍ରାର୍ଥୀ ଗୟାଧର ବେହେରା ୧୪,୨୦୫ ଖଣ୍ଡ ଭୋଟ୍ ପାଇ ନିକଟତମ ପ୍ରତିଦ୍ୱନ୍ଦୀ ବିଜେଡି ପ୍ରାର୍ଥୀ ସଞ୍ଜୟ କୁମାର ଦାସଙ୍କୁ ୩୧୨ ଖଣ୍ଡ ଭୋଟ୍‌ରେ ପରାସ୍ତ କରିଛନ୍ତି। ତେଣୁ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ପାୱାର କରିଡ଼ରରେ ପ୍ରାର୍ଥୀ ନିରାଶ ହୋଇଥିବା ଆଲୋଚନା ଜୋର୍ ଧରିଛି।

# ମେଗା ଜଳଯୋଗାଣ ପ୍ରକଳ୍ପରେ ବ୍ୟାପକ ତ୍ରୁଟି

**ଯାଜପୁର ଅଫିସ,୨୭।୨**

■ ଭବିଷ୍ୟତରେ ବିପଦ ଆଶଙ୍କା

■ ସୁଧାରିବାକୁ ଚିଫ୍ ଇଞ୍ଜିନିୟରଙ୍କ ନିର୍ଦ୍ଦେଶ

ଯାଜପୁର ଜିଲା ସୁକିନ୍ଦା ଖଣି ଅଞ୍ଚଳରେ ଓଏମ୍‌ବିଏଡିସି (ଓଡ଼ିଶା ମିନେରାଲ ବିଅରିଂ ଏରିଆ ଡେଭଲପମେଣ୍ଟ କର୍ପୋରେଶନ) ପାଣ୍ଠିରେ ନିର୍ମାଣ ହେଉଥିବା ମେଗା ପାଇପ୍ ଜଳଯୋଗାଣ ପ୍ରକଳ୍ପ-୨ରେ ବ୍ୟାପକ ତ୍ରୁଟି ହୋଇଛି। ଏହି ପ୍ରକଳ୍ପର ପମ୍ପ ହାଉସ୍‌କୁ ନିର୍ମିତ ପ୍ରବେଶ ବ୍ରିଜ ବିଭାଗୀୟ ଷ୍ଟ୍ରକ୍ଚରାଲ ଡିଜାଇନ ଅନୁସାରେ ହୋଇନାହିଁ। ତେଣୁ ଆବଶ୍ୟକ ଭିତ୍ତିଭୂମି ସହ ତୁରନ୍ତ ପୁନଃ ନିର୍ମାଣ କରିବାକୁ ରାଜ୍ୟ ସରକାରଙ୍କ ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ (ଆର୍‌ଡବ୍ଲ୍ୟୁଏସ୍‌ଏସ୍)ର ଚିଫ୍ ଇଞ୍ଜିନିୟର-୨ ଗତ ୨୪ ତାରିଖରେ ସମ୍ପୃକ୍ତ ଠିକାସଂସ୍ଥା ନାଗାର୍ଜୁନ କନଷ୍ଟ୍ରକ୍ସନ କମ୍ପାନୀ (ଏନ୍‌ସିସି) କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଜାରି କରିଛନ୍ତି। ଏଭଳି କାର୍ଯ୍ୟ ଭବିଷ୍ୟତ ପାଇଁ ବିପଦ ହୋଇପାରେ ବୋଲି ଚିଫ୍ ଇଞ୍ଜିନିୟର ପରୋକ୍ଷରେ ସୂଚାଇ ଦେଇଛନ୍ତି। ଅଣଓଡ଼ିଆ ଠିକାସଂସ୍ଥା ଏନ୍‌ସିସି ଦ୍ୱାରା ସୁକିନ୍ଦା ପ୍ରକଳ୍ପ-୧ରେ ପୂର୍ବରୁ ବ୍ୟାପକ ଅନିୟମିତତା ହୋଇଥିବା ନଜିର ରହିଛି। ଅଧିକ ଲାଭଖୋର ମନୋବୃତ୍ତି ନେଇ ଏନ୍‌ସିସି କାମ କରୁଥିବାରୁ ଏଭଳି ଜଟିଳ ପରିସ୍ଥିତି ସୃଷ୍ଟି ହେଉଥିବା ମତପ୍ରକାଶ ପାଇଛି।


ସୁକିନ୍ଦା ମେଗା ପାନୀୟଜଳ ପ୍ରକଳ୍ପ।

ଖଣି ସମ୍ବନ୍ଧୀୟ କାର୍ଯ୍ୟକଳାପ ହେତୁ ଜଙ୍ଗଲ ତଥା ପରିବେଶରେ ହୋଇଥିବା କ୍ଷତିର ପୁନରୁଦ୍ଧାର ପାଇଁ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶରେ ଓଏମ୍‌ବିଏଡିସି ଗଠନ ହୋଇଛି। ଏହି ଯୋଜନାରେ ୪୮୩୧ କୋଟି ଟଙ୍କାର ୨୦ଟି ପ୍ରକଳ୍ପ କେନ୍ଦୁଝର, ଯାଜପୁର, ସୁନ୍ଦରଗଡ଼ ଓ ମୟୂରଭଞ୍ଜ ଜିଲାର ଖଣି ପ୍ରଭାବିତ ଅଞ୍ଚଳରେ ଚାଲିଛି। ଏହିସବୁ ପ୍ରକଳ୍ପ ଦକ୍ଷିଣ ଭାରତର ୪ଟି ଅଣଓଡିଆ ଠିକାସଂସ୍ଥାକୁ ନିର୍ମାଣ କରିବାକୁ ଦାୟିତ୍ୱ ଦିଆଯାଇଛି। ରାଜ୍ୟ ସରକାର ଏହି ଅର୍ଥକୁ ମନଇଚ୍ଛା ସ୍ଥାନୀୟ ଅଧିବାସୀ ବା ସିଭିଲ ସୋସାଇଟି ସହିତ ପରାମର୍ଶ ନ କରି ଅଣଓଡ଼ିଆ ଠିକାସଂସ୍ଥାଗୁଡ଼ିକୁ ନିଯୁକ୍ତି ଦେଇ ଏହି ଅର୍ଥ ଲୁଟ୍ ପାଇଁ ଲାଗିପଡ଼ିଛନ୍ତି ବୋଲି ଅଭିଯୋଗ ହୋଇଛି। ସୂଚନା ଅନୁଯାୟୀ, ଯାଜପୁର ଜିଲାର ସୁକିନ୍ଦା ପ୍ରକଳ୍ପ-୧ ପାଇଁ ୫୪.୮୧ କୋଟି ଓ ସୁକିନ୍ଦା ପ୍ରକଳ୍ପ-୨ ପାଇଁ ୧୦୧.୨୪ କୋଟି ଭାବେ ସମୁଦାୟ ୧୫୬.୦୫ କୋଟି ଟଙ୍କା ମଞ୍ଜୁର ହୋଇ ଏନ୍‌ସିସି ଠିକାସଂସ୍ଥା ଦ୍ୱାରା କାର୍ଯ୍ୟକାରୀ ହେଉଛି। ୨୦୧୯ ଜୁଲାଇରେ ବିଭାଗୀୟ ଯନ୍ତ୍ରୀ ପ୍ରାଧିକରଣ ପକ୍ଷରୁ ସୁକିନ୍ଦା ମେଗା ପାଇପ୍ ଜଳଯୋଗାଣ ପ୍ରକଳ୍ପର ନିରୀକ୍ଷଣ କରାଯାଇଥିଲା। ନିରୀକ୍ଷଣରେ ଗୋଟିଏ ଖାତ (ଟ୍ରେଞ୍ଚ୍)ରେ ଆବଶ୍ୟକତାଠାରୁ କମ୍ ଖୋଳି ପାଇପ୍ ବିଛା, ପାଟନାଠାରେ ନିର୍ମାଣାଧୀନ ଇଏସ୍‌ଆର୍ ସ୍ତମ୍ଭରେ ସିଧା(ଭର୍ଟିକାଲ) ଭାବେ ନିର୍ମାଣ ନ ହେବା, ନିମ୍ନମାନର ଷ୍ଟିଲ ସାମଗ୍ରୀ ବ୍ୟବହାର ଇତ୍ୟାଦି ଦେଖିବାକୁ ମିଳିଥିଲା। ଏହାପରେ ଇଞ୍ଜିନିୟର୍ସ ଅଥରିଟିର ରିପୋର୍ଟକୁ ଭିତ୍ତିକରି ବିଭାଗୀୟ ଇଞ୍ଜିନିୟର-ଇନ୍-ଚିଫ୍ ତାଙ୍କ ପତ୍ରସଂଖ୍ୟା ୭୨୨୮/୨୦।୮।୨୦୧୯ରେ କଟକ ଆର୍‌ଡବ୍ଲ୍ୟୁଏସ୍‌ଏସ୍ ସର୍କଲ ଅଧୀକ୍ଷଣ ଯନ୍ତ୍ରୀଙ୍କୁ ତୁରନ୍ତ ପ୍ରକଳ୍ପ ଅଞ୍ଚଳ ବୁଲି ଆବଶ୍ୟକ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଥିଲେ। ଏହିକ୍ରମରେ କିଣା ଯାଇଥିବା ଷ୍ଟିଲ ସାମଗ୍ରୀକୁ କଟକ ସେଣ୍ଟ୍ରାଲ ଲାବରେଟୋରି (ଆର ଆଣ୍ଡ ବି) ଏବଂ ଭୁବନେଶ୍ୱର ଆଇଏମ୍‌ଏମ୍‌ଟି ଲାବରୋଟୋରିରେ ପରୀକ୍ଷା କରାଯାଇଥିଲା, ଯାହାର ରିପୋର୍ଟରେ ସେହି ଷ୍ଟିଲ ସାମଗ୍ରୀର ଗୁଣବତ୍ତା ସନ୍ତୋଷଜନକ ଓ ବ୍ୟବହାର ଉପଯୋଗୀ ବୋଲି ଦର୍ଶାଯାଇଥିଲା । ଉକ୍ତ ରିପୋର୍ଟକୁ ଆଧାର କରି ଆର୍‌ଡବ୍ଲ୍ୟୁଏସ୍‌ଏସ୍‌ର ଚିଫ୍ ଇଞ୍ଜିନିୟର ତାଙ୍କ ପତ୍ରସଂଖ୍ୟା ୭୮୪୨/୧୦।୪।୨୦୧୯ରେ ଠିକାସଂସ୍ଥା ଏନସିସିର ସହକାରୀ ଜେନେରାଲ ମ୍ୟାନେଜରଙ୍କୁ ଉକ୍ତ ଷ୍ଟିଲ ସାମଗ୍ରୀକୁ ପୁଣି ବ୍ୟବହାର ହୋଇ ପାରିବ ବୋଲି ନିର୍ଦ୍ଦେଶ ଦେଇଥିଲେ। ଏଥିରେ ବିଭାଗୀୟ ଅଧିକାରୀ ଓ ଠିକାସଂସ୍ଥା ମଧ୍ୟରେ ଏକ ବଡ଼ଧରଣର ମୂଳଚାଲ ହୋଇଥିବା ସେତେବେଳେ ସନ୍ଦେହ ହୋଇଥିଲା। ବର୍ତ୍ତମାନ ପ୍ରକଳ୍ପ-୨ରେ ମଧ ପମ୍ପହାଉସକୁ ୨୪.୪ ମିଟର ଲମ୍ବ ବ୍ରିଜ ନିର୍ମାଣ ତଥା ଅନ୍ୟାନ୍ୟ କାର୍ଯ୍ୟରେ ବ୍ୟାପକ ଅନିୟମିତତା ହୋଇଥିବା ରିପୋର୍ଟରେ ଦର୍ଶାଯାଇଛି। ଷ୍ଟ୍ରକ୍ଚରାଲ ଡିଜାଇନ ଅନୁସାରେ ବ୍ରିଜର ମଧ୍ୟବର୍ତ୍ତୀ ସ୍ଥାନରେ କୌଣସି ସହାୟତା କାର୍ଯ୍ୟ ହୋଇନାହିଁ। ତେଣୁ ମାଟି ପରୀକ୍ଷା ରିପୋର୍ଟ ଅନୁସାରେ ଉପଯୁକ୍ତ ଭିତ୍ତିଭୂମି ନିର୍ମାଣ କରିବାକୁ ନିର୍ଦ୍ଦେଶ ହୋଇଛି। ଏ ସଂକ୍ରାନ୍ତରେ ଏନ୍‌ସିସିର ପ୍ରକଳ୍ପ ମ୍ୟାନେଜର ଏସ୍. କ୍ରିଷ୍ଣାଙ୍କୁ ପଚାରିବାରେ ସେ କହିଛନ୍ତି, ବିଭାଗୀୟ ନିର୍ଦ୍ଦେଶ ଅନୁସାରେ ପୁନଃ କାର୍ଯ୍ୟ କରିବାକୁ ନିଷ୍ପତ୍ତି ହୋଇଛି। ଏଥିପାଇଁ ଜଳ ସମ୍ପଦ ବିଭାଗଠାରୁ ଅନୁମତି ନେବାକୁ ପଦକ୍ଷେପ ନିଆଯାଇଛି।

# ସଂକ୍ରମଣ ହାର ୦.୪୬%କୁ ଖସିଲା

**ଭୁବନେଶ୍ୱର, ୨୭।୨(ବ୍ୟୁରୋ)**

ରାଜ୍ୟରେ କରୋନା ସଂକ୍ରମଣ କମିବାରେ ଲାଗିଛି। ଗତ ୨୪ ଘଣ୍ଟାରେ ମୋଟ୍ ୫୪,୦୯୬ ନମୁନା ପରୀକ୍ଷା କରାଯାଇଥିବାବେଳେ ୨୫୨ଜଣ ପଜିଟିଭ ବାହାରିଛନ୍ତି। ୮୩ଜଣ ୧୮ବର୍ଷରୁ କମ୍ ବୟସ୍କ ରହିଛନ୍ତି। ଫଳରେ ଦୈନିକ ସଂକ୍ରମଣ ହାର ୦.୪୬%କୁ ଖସି ଆସିଛି। ନୂଆ ଆକ୍ରାନ୍ତଙ୍କ ମଧ୍ୟରେ ଖୋର୍ଦ୍ଧା ଜିଲାରେ ସର୍ବାଧିକ ୩୩ଜଣ ଅଛନ୍ତି। ତେବେ ବରଗଡ, ମାଲକାନଗିରି, ଦେବଗଡ଼, ଢେଙ୍କାନାଳ ଓ ନୂଆପଡ଼ା ଆଦି ୫ ଜିଲାରେ ୧,୪୭୫ ନମୁନା ପରୀକ୍ଷା କରାଯାଇଥିଲେ ମଧ କୌଣସି ଆକ୍ରାନ୍ତ ଚିହ୍ନଟ ହୋଇନାହାନ୍ତି। ଫଳରେ ଏସବୁ ଜିଲାରେ ସଂକ୍ରମର ହାର ୦% ରହିଛି। ସେହିଭଳି ରାଜ୍ୟରେ ଆଉ ୮ ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି। ଏମାନଙ୍କ ମଧ୍ୟରେ ଅନୁଗୋଳ ଓ ନୟାଗଡ଼ ଜିଲାରୁ ୨ଜଣ ଲେଖାଏ ଥିବାବେଳେ ବାଲେଶ୍ୱର, ଢେଙ୍କାନାଳ, ଖୋର୍ଦ୍ଧା ଓ ସମ୍ବଲପୁର ଜିଲାରୁ ଜଣେ ଲେଖାଏ ରହିଛନ୍ତି। ଏହାକୁ ମିଶାଇ ରାଜ୍ୟରେ ମୋଟ୍ କରୋନାଜନିତ ମୃତ୍ୟୁ ସଂଖ୍ୟା ୯,୦୬୪କୁ ବୃଦ୍ଧି ପାଇଛି।


ଆସନ୍ତା ମଙ୍ଗଳବାର ଜାଗରଯାତ୍ରା ଉପଲକ୍ଷେ ପ୍ରଭୁ ଶ୍ରୀଲିଙ୍ଗରାଜ ମନ୍ଦିରକୁ ଆଲୋକମାଳାରେ ସଜାଯାଇଛି।

# ପୋଖରୀରେ ବୁଡ଼ି ଶିଶୁପୁତ୍ର ମୃତ

**ଗୋପ,୨୭।୨(ଡି.ଏନ୍.ଏ.)**

ପୁରୀ ଜିଲା ଗୋପ ଥାନା ଅନ୍ତର୍ଗତ ବାଲିଗୋରଡ଼ି ଗ୍ରାମରେ ରବିବାର ଏକ ଦୁଃଖଦ ଘଟଣା ଘଟିଛି। ପୋଖରୀରେ ବୁଡ଼ି ଜଣେ ଶିଶୁପୁତ୍ରର ମୃତ୍ୟୁ ଘଟିଛି। ମୃତକ ହେଲେ ଦିବ୍ୟଜ୍ୟୋତି ଆଚାର୍ଯ୍ୟ। ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ପୂର୍ବାହ୍ନ ୧୦ଟାରେ ଦିବ୍ୟଜ୍ୟୋତି ଘର ନିକଟରେ ଖେଳୁଥିବା ବେଳେ ମା'ସ୍ୱର୍ଣ୍ଣଲତାଙ୍କ ଅଜାଣତରେ ପୋଖରୀ ନିକଟକୁ ଯାଇ ବୁଡ଼ିଯାଇଥିଲେ। ସ୍ଥାନୀୟ ଲୋକେ ଦିବ୍ୟଜ୍ୟୋତିଙ୍କୁ ପୋଖରୀରୁ ଉଦ୍ଧାର କରି ଗୋପ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପ୍ରକାଶ ଯେ, ଗତ ୬ମାସ ପୂର୍ବେ ଦିବ୍ୟଜ୍ୟୋତିଙ୍କ ବାପା ମାନସ ଆଚାର୍ଯ୍ୟଙ୍କ ସାପ କାମୁଡ଼ାରେ ମୃତ୍ୟୁ ଘଟିଥିବା ବେଳେ ମା'ସ୍ୱର୍ଣ୍ଣଲତା ଦିବ୍ୟାଙ୍ଗ। ସ୍ୱର୍ଣ୍ଣଲତାଙ୍କୁ ସରକାରୀ ସହାୟତା ଯୋଗାଇଦେବାକୁ ମନ୍ତ୍ରୀ ସମୀର ରଞ୍ଜନ ଦାଶ ଜିଲାପାଳଙ୍କୁ କହିଛନ୍ତି।

# ହାତୀଦାନ୍ତ ଚୋରା କାରବାର: ୨ ଗିରଫ

**କେନ୍ଦୁଝର, ୨୭।୨ (ସ୍ୱ.ପ୍ର.)**

କେନ୍ଦୁଝର ସଦର ରେଞ୍ଜ ଅନ୍ତର୍ଗତ ପାଟୁଙ୍ଗ-କଲଣ୍ଡା ରାସ୍ତାରେ ଶନିବାର ରାତିରେ ହାତୀଦାନ୍ତ ବିକ୍ରି ଲାଗି ଡିଲ୍ ହେଉଥିବା ବେଳେ ଏସ୍‌ଟିଏଫ୍ (କ୍ରାଇମ୍‌ବ୍ରାଞ୍ଚର ସ୍ପେଶାଲ ଟାସ୍କ ଫୋର୍ସ) ଚଢ଼ାଉ କରି ୨ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନେ ହେଲେ କଲଣ୍ଡା ଗ୍ରାମର ରମାକାନ୍ତ ପ୍ରଧାନ(୩୮) ଏବଂ ଅନାମ ମୁଣ୍ଡା(୩୫)। ସେମାନଙ୍କଠାରୁ ୨ଟି ହାତୀ ଦାନ୍ତ ଜବତ କରାଯାଇଛି। ଏହାର ଓଜନ ୫ କିଲୋ ୬୬୨ ଗ୍ରାମ୍। ଜବତ ଦାନ୍ତ ବନ ବିଭାଗକୁ ହସ୍ତାନ୍ତର କରାଯାଇଛି।

ଉକ୍ତ ରାସ୍ତାରେ ହାତୀଦାନ୍ତ ଚୋରା କାରବାର ହେଉଥିବା ନେଇ ବିଶେଷ ସୂତ୍ରରୁ ଖବର ପାଇ କରଞ୍ଜିଆ ବନ ବିଭାଗ ସହାୟତାରେ ଏସ୍‌ଟିଏଫ୍ ଚଢ଼ାଉ କରିଥିଲା। ବନ ବିଭାଗ ପକ୍ଷରୁ ଏକ ମାମଲା (ନଂ. ୬୨/୨୨) ରୁଜୁ କରି ତଦନ୍ତ ଜାରି ରହିଛି। ତେବେ ଏହି ହାତୀଦାନ୍ତ କେଉଁଠାରୁ ଆସିଲା ଓ ଅନ୍ୟ କେଉଁମାନେ ଏଥିରେ ସମ୍ପୃକ୍ତ ଅଛନ୍ତି ସେ ଦିଗରେ ତଦନ୍ତ କରାଯାଉଥିବା ଡିଏଫ୍‌ଓ ଏଚ୍.ଡି. ଧନରାଜ କହିଛନ୍ତି। କିଛିବର୍ଷ ହେଲା କେନ୍ଦୁଝର ଜିଲାର ବିଭିନ୍ନ ଜଙ୍ଗଲରେ ହାତୀର ମୃତଦେହ ମିଳିଛି। ଏହି ଦାନ୍ତ କେଉଁ ହାତୀର ଏବଂ କେଉଁ ଅଞ୍ଚଳର ତାହାର ତଦନ୍ତ କରାଗଲେ ବହୁ ଘଟଣା ପଦାକୁ ଆସିପାରିବ। ଏସ୍‌ଟିଏଫ୍‌କୁ ସଫଳତା ମିଳୁଥିବାବେଳେ ବନ ବିଭାଗ କିପରି ଏସବୁ ଜାଣି ପାରୁନାହିଁ କିମ୍ବା ଜାଣି ଚୁପ୍ ରହୁଛି ତାହାକୁ ନେଇ ନାନା ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।


ଜବତ ହାତୀଦାନ୍ତ ସହ ଗିରଫ ଅଭିଯୁକ୍ତ।

# ସ୍ୱାଧୀନ ପ୍ରାର୍ଥୀ ଦିବ୍ୟଦାନଙ୍କୁ ଭରସା

**ନନ୍ଦାହାଣ୍ଡି, ୨୭।୨(ଡି.ଏନ୍.ଏ.)**

ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନର ଭୋଟ ଗଣତି ଶନିବାରଠାରୁ ଆରମ୍ଭ ହୋଇଛି। ନବରଙ୍ଗପୁର ଜିଲାରେ ବିଜେଡିର ସ୍ଥିତି ଦୃଢ ରହିଛି। ଜିଲାର ନନ୍ଦାହାଣ୍ଡି ବ୍ଲକରେ କିନ୍ତୁ ବିଜେଡିକୁ ଶକ୍ତ ଧକ୍କା ଲାଗିଛି। ଏଠାରେ ୩ ପ୍ରମୁଖ ରାଜନୈତିକ ଦଳର ରଣନୀତି ଫେଲ୍ ମାରିଛି। ନନ୍ଦାହାଣ୍ଡି ଜୋନ୍-୧ ଜିଲା ପରିଷଦ ସଭ୍ୟଭାବେ ସ୍ୱାଧୀନ ପ୍ରାର୍ଥୀ ଦିବ୍ୟଦାନ ସୁନା ବିଜୟୀ ହୋଇଛନ୍ତି। ଦିବ୍ୟଦାନ ଜାତୀୟ କଂଗ୍ରେସରେ ୧୯୯୨ରେ ସାମିଲ ହୋଇ ରାଜନୀତିରେ ପାଦ ଥାପିଥିଲେ। ସେ ପ୍ରଥମେ ପୋଡାଲଗୁଡା ସମିତିସଭ୍ୟଭାବେ ନିର୍ବାଚିତ ହୋଇଥିଲେ। ଜିଲା କଂଗ୍ରେସର ବହୁ ପଦ ପଦବୀରେ ରହିବା ପରେ ସେ ପୋଡାଲଗୁଡା ସରପଞ୍ଚ ହୋଇଥିଲେ। ଏହାପରେ କଂଗ୍ରେସ ଛାଡି ୨୦୧୧ ରେ ବିଜେଡିରେ ଦିବ୍ୟଦାନ ସାମିଲ ହୋଇଥିଲେ। ବିଜେଡିରୁ ୨୦୧୨ରେ ସମିତିସଭ୍ୟ ହେବାପରେ ନନ୍ଦାହାଣ୍ଡି ବ୍ଲକ ଉପାଧକ୍ଷ ହୋଇଥିଲେ। ପରେ ଦିବ୍ୟଦାନ ବ୍ଲକ ଅଧକ୍ଷ କାର୍ଯ୍ୟ ମଧ ତୁଲାଇଥିଲେ। ନିଜ ରାଜନୀତି ଜୀବନ କାଳ ମଧ୍ୟରେ ଥରେ ସରପଞ୍ଚ ଏବଂ ୪ଥର ସମିତି ସଭ୍ୟ ହୋଇ ଜିଲାର ଜଣେ ଟାଣୁଆ ନେତା ଭାବେ ସେ ପରିଚିତ ଥିଲେ। ଚଳିତ ପଞ୍ଚାୟତ ନିର୍ବାଚନରେ ବିଜେଡିରୁ କିନ୍ତୁ ତାଙ୍କୁ ଟିକେଟ ମିଳି ନ ଥିଲା। ତେଣୁ ସେ ସ୍ୱାଧୀନ ପ୍ରାର୍ଥୀଭାବେ ଜିଲା ପରିଷଦ ପାଇଁ ନାମାଙ୍କନ ଦାଖଲ କରିଥିଲେ। ଏହାପରେ ଦଳରୁ ତାଙ୍କୁ ନିଲମ୍ବିତ କରାଯାଇଛି। ଚଳିତ ନିର୍ବାଚନରେ ସେ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ବିଜେଡିର ନାରାୟଣ ରଥଙ୍କଠାରୁ ୯୦୨ ଖଣ୍ଡ ଭୋଟ ବ୍ୟବଧାନରେ ବିଜୟୀ ହୋଇଛନ୍ତି। ଦିବ୍ୟଦାନଙ୍କୁ ୫୧୧୬ ଓ ନାରାୟଣଙ୍କୁ ୪୨୧୪ ଖଣ୍ଡ ଭୋଟ ମିଳିଛି। ସମର୍ଥକଙ୍କ ସହ ଆଲୋଚନା ପରେ ଭବିଷ୍ୟତରେ ସେ କେଉଁ ଦଳକୁ ନିଜ ସମର୍ଥନ ଦେବେ ସେ ସମ୍ପର୍କରେ ନିଷ୍ପତ୍ତି ନେବେ ବୋଲି ଦିବ୍ୟଦାନ କହିଛନ୍ତି।



**ଆଜିର ମନ୍ତବ୍ୟ**
ଭାରତ ଭାଷାରେ ଏତେ ସମୃଦ୍ଧ ଯେ ଏହାକୁ ଅନ୍ୟ କାହା ସହ ତୁଳନା କରାଯାଇପାରିବ ନାହିଁ। ଦେଶର ବହୁବିଧ ଭାଷାକୁ ନେଇ ଆମେ ଗର୍ବ ଅନୁଭବ କରିବା ଉଚିତ। **-ନରେନ୍ଦ୍ର ମୋଦି, ପ୍ରଧାନମନ୍ତ୍ରୀ**



## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ..............................


ମହାବୀର
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ହଠା ଛାଡୁଛି ନା ତେନ୍ତୁଆ ଛାଡୁଛି**
**ବାଡ଼ି ଭାଙ୍ଗୁଛି ନା ସାପ ମରୁଛି।**

କେହି କାହାରିଠୁ କମ ନୁହନ୍ତି। ଉଭୟଙ୍କ ମଧ୍ୟରେ ଟକରା ଟକରି ଅବସ୍ଥା। କେହି କାହାରିଠୁ ନ ଛାଡେ ବନ୍ଧା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ହଜିଲା ବାଟ ଗୋଟିଏ
ଖୋଜିଲା ବାଟ ହଜାରେ।

ବେଳେବେଳେ ଅନ୍ୟମନସ୍କତା ବା ଅସାବଧାନତା ହେତୁ କିଛି ଜିନିଷ କେଉଁଠି ରହିଯାଇଥାଏ, ଯାହାକି ହଠାତ ମିଳି ନ ଥାଏ। ଫଳସ୍ୱରୂପ ବ୍ୟତିବ୍ୟସ୍ତତାରେ ପଡି ବ୍ୟକ୍ତି ତାହାକୁ ପାଇବା ଲାଗି ଏଣେ ତେଣେ ଖୋଜାଖୋଜି କରି ବସୁଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ – ଫ୍ରେଣ୍ଡସ୍ ପବ୍ଲିଶର୍ସ


## classifieds Everyday
0674-2580101, 2549302

real estate

### SALE

Plot for Sale at Chhatabar per sq.ft @99/-. 7381268181, 9583295832. D-23232

BDA plot Pitapalli NHକୁ ଲାଗି Electricity, Boundary ଥାଇ ମିଳୁଅଛି। Contact: 9437285016, 7735888421. D-23268

ପିପିଲି ମେଡିକାଲଠାରୁ ପୁରୀ ଯିବା ରାସ୍ତାରେ **BSNL/ Fire Office** ନିକଟବର୍ତ୍ତୀ ଘରବାରି **boundary, road, electricpoll** ସହିତ ପିଚୁ ରାସ୍ତାକୁ ଲାଗି ପ୍ଲଟ୍ ମିଳୁଛି। **9348673415, 6372694842.** D-71799

Government Employees ମାନେ ଲୋନ୍‌ରେ ପ୍ଲଟ୍ କିଣନ୍ତୁ। Maharaja College, Gangapada Bhubaneswar sqft.- 949/-, 9938016295. D-71800

**30' Road, Gated society, Security guard, CCTV** ଥାଇ ତୁରନ୍ତ ଘର କଲାଭଳି **3ଟି plot** ହଂସପାଳ ରାମଚନ୍ଦ୍ରପୁର ମୌଜାରେ ବିକ୍ରିହେବ। **9437033320.** D-71798

ଭୁବନେଶ୍ୱର ରବିଟକିଜ୍ ସାଇ ମନ୍ଦିର ପୂର୍ବରୁ ରାସ୍ତା ପାଚେରି ଥାଇ ପ୍ଲଟ୍ ବିକ୍ରିହେବ। 9827119799. D-71947

**Bhubaneswar Vingarpur Oxford College** ଛକ ନିକଟରେ ମୁଖ୍ୟ ପିଚୁ ରାସ୍ତାକୁ ଲାଗି ସଙ୍ଗେସଙ୍ଗେ ଘର କଲାଭଳି ଘରବାଡ଼ି **plot** ବିକ୍ରିହେବ। **6370025920, 9937674302.** D-71793

healthcare

Ashirvaad Saloon and SPA get good massage for your health tha best therapy. 7077181074. D-71870

Newly open full body massage ladies and gents. 8327740003. D-71869

Refreshing your mind and body with the best therapy, 7873794731. D-23024

Newly opening SPA positively health benefits with expert therapist. 8917332216. D-71949

**Relax, Refresh your body, mind at SAIKRUPA SPA with best therapies. 8984068077.** D-23219

education

Medical Exam. Registration- BAMS/ BHMS/ BUMS/GNM/ D.Pharma. 9893869473. D-23269

### AFFIDAVIT

Before the Notary, Jharsuguda, I have changed my surname from Bijay Gurung to Bijay Kumar Tamang. Henceforth I shall be known as Bijay Kumar Tamang for all purposes. D-23270

Before the Notary, Jharsuguda, I have changed my surname from Purna Bahadur Gurung to Purna Kron Gurung. Henceforth I shall be known as Purna Kron Gurung for all purposes. D-23271


**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ବିଜେଡି ସଫଳତା ଦେଖି ବିରୋଧୀ ଆଶ୍ଚର୍ଯ୍ୟ

**ଭୁବନେଶ୍ୱର, ୨୭।୨ (ବ୍ୟୁରୋ)**

ରାଜ୍ୟରେ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ଫଳାଫଳ ଗଣତି ଏକପାଖିଆ ଭାବେ ବିଜେଡି ସପକ୍ଷରେ ଯିବାରେ ଲାଗିଛି। ୬୦୦ ଜିଲା ପରିଷଦ ଆସନ ମଧ୍ୟରୁ ପ୍ରାୟ ୫୪୮ ଆସନରେ ବିଜେଡି ଆଗୁଆ ରହିଛି। ବିଜେଡି ତୁଳନାରେ ଭାଜପା, କଂଗ୍ରେସ ଏବଂ ସ୍ୱାଧୀନ ପ୍ରାର୍ଥୀ ବହୁ ପଛରେ ରହିଛନ୍ତି। ଗତଥର ତୁଳନାରେ ବିଜେଡି ଏଥର ସମଗ୍ର ରାଜ୍ୟରେ ଅତ୍ୟନ୍ତ ଭଲ ପ୍ରଦର୍ଶନ ଜାରି ରଖିଛି। ଶାସକ ଦଳର ଏଭଳି ସଫଳତା ଆସିବା ପରେ ବିରୋଧୀ ଏକ ପ୍ରକାର ଚିନ୍ତାରେ ପଡ଼ିଯାଇଛନ୍ତି। ଗୋଟିଏ ଦଳ ସପକ୍ଷରେ ଏକପାଖିଆ ଜନମତ ପରେ ବିରୋଧୀ ଏହା ଗଣତନ୍ତ୍ର ପାଇଁ ଶୁଭଙ୍କର ନୁହେଁ ବୋଲି କହି ପାଲଟା ଜବାବ ଦେଉଛନ୍ତି। ହେଲେ ରାଜ୍ୟରେ ଲଗାତର ୨୨ ବର୍ଷର ଶାସନ ପରେ ସୁଦ୍ଧା ବିଜେଡିକୁ ଏଭଳି ଏକପାଖିଆ ଜନସମର୍ଥନ ମିଳିବା ପରେ ବିରୋଧୀ ଏକ ପ୍ରକାର ଧରାଶାୟୀ ହୋଇପଡ଼ିଛନ୍ତି। ସେହିଭଳି ବିଜେଡି ପ୍ରତି ଲୋକଙ୍କର ଏପରି ଏକପାଖିଆ ସମର୍ଥନ ମିଳିବାର କାରଣ କ'ଣ ବୋଲି ସବୁଆଡେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛି। ସେହିପରି ପଞ୍ଚାୟତ ଭୋଟ ପୂର୍ବରୁ ବିଜେଡି ନେତୃତ୍ୱ ସବୁଠାରେ ବିରୋଧୀଙ୍କୁ ଦଳରେ ସାମିଲ କରି ମଧ୍ୟ ନିଜ ଭୋଟକୁ ବହୁଗୁଣରେ ବୃଦ୍ଧି କରିପାରିଛନ୍ତି। ଏହାକୁ ନେଇ କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର କହିଛନ୍ତି, ଲୋକମାନେ ଗୋଟିଏ ଦଳକୁ ଭରସା କରି ମତ ଦେଉଛନ୍ତି। ରାଜ୍ୟରେ ବିରୋଧୀଙ୍କୁ ନିଶ୍ଚିହ୍ନ କରିବାକୁ ଚାହୁଁଛନ୍ତି। ଏହା ନିଶ୍ଚୟ ଗଣତାନ୍ତ୍ରିକ ଉପାୟ। ଲୋକଙ୍କ ମାନସିକତା, ଉପସ୍ଥିତି ଏବଂ ଆଲୋଚନା ଆଭାସ ଦେଉଥିଲା କିଛି ପରିବର୍ତ୍ତନ ହେବାକୁ ଯାଉଛି। ଲୋକମାନେ ମଧ୍ୟ ପରିବର୍ତ୍ତନ କଲେ ହେଲେ ଯାହା ଚାହୁଁଥିଲୁ ତା'ର ସମ୍ପୂର୍ଣ୍ଣ ଓଲଟା କଲେ ବୋଲି ନରସିଂହ କହିଛନ୍ତି। ଭାଜପା ଏମ୍‌ପି ପ୍ରତାପ ଷଡ଼ଙ୍ଗୀ କହିଛନ୍ତି, ଏହା ଜନାଦେଶ ନୁହେଁ ବରଂ ଧନାଦେଶ। ସରକାରୀ କଳ ଓ ପ୍ରଶାସନର ଏଭଳି ରାଜନୀତିକରଣ ସମ୍ପୂର୍ଣ୍ଣ ନିର୍ଲଜ୍ଜପୂର୍ଣ୍ଣ। ଯେପରି ଭୋଟ ହଜାର, ୫ ହଜାରରେ କିଣାଗଲା ଏହା ଏକ ପ୍ରକାର ଗଣତନ୍ତ୍ର ହତ୍ୟା ସହ ସମାନ। ସତ୍ୟର କଣ୍ଠରୋଧ କରାଯାଉଛି। ଲୋକମାନେ ମଧ୍ୟ ଏସବୁକୁ ଗମ୍ଭୀରତାର ସହ ନେଉଛନ୍ତି ବୋଲି ପ୍ରତାପ କହିଛନ୍ତି। ବିଜେଡି ନେତା ପ୍ରତାପ ଦେବ ଉଭୟ କଂଗ୍ରେସ ଓ ଭାଜପାକୁ ଜବାବ ଦେଇ କହିଛନ୍ତି, ସରକାରୀ କଳ, ବାହୁବଳ, ଧନବଳ କଥା କହିବା ବିରୋଧୀଙ୍କ ପାଇଁ ନୂଆ ନୁହେଁ। ଜନାଦେଶକୁ କୌଣସି ଲୋଭ କେବେହେଲେ ବଦଳାଇ ପାରିବନି। ଭାଜପା କେନ୍ଦ୍ରରେ ସରକାରରେ ଅଛି। ନିର୍ବାଚନ କମିଶନରଙ୍କ ତଥ୍ୟ ମୁତାବକ ଭାଜପାର ମଧ୍ୟ ଧନାଭାବ ନାହିଁ। ରେକର୍ଡ କହୁଛି, ସର୍ବାଧିକ ଅର୍ଥ ଭାଜପା ପାଖରେ ରହିଛି। ତେଣୁ ସେମାନେ ଏଭଳି କଥା କହି ଉତ୍ତର ଦେବା ଅନୁଚିତ। ନିଜ ଘର ନ ସଜାଡି ଅନ୍ୟ ଘରକୁ କାହିଁକି ଲୋକମାନେ ଗଲେ ବୋଲି ପ୍ରଶ୍ନ କରିବା ଠିକ୍ ନୁହେଁ ବୋଲି ପ୍ରତାପ କହିଛନ୍ତି।

**ପ୍ରଥମ ପୃଷ୍ଠାରୁ...**

## ଯୁଆଡ଼େ ଦେଖିଲେ ...

ଏହି ଜନମତ ପ୍ରମାଣିତ କରୁଛି ଯେ ମତଦାତା କେବଳ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଉପରେ ପ୍ରବଳ ଆସ୍ଥା ପ୍ରକଟ କରିଛନ୍ତି।

ବିରୋଧୀ ଦଳ ଜନବିରୋଧୀ ପ୍ରସଙ୍ଗକୁ ଲୋକଙ୍କ ନିକଟରେ ପହଞ୍ଚାଇବାରେ ବିଫଳ ହେଉଥିବାରୁ ନିଜର ସ୍ଥିତି ବଞ୍ଚାଇବା ସେମାନଙ୍କ ପାଇଁ ବଡ଼ ଚ୍ୟାଲେଞ୍ଜ ହୋଇଛି। ରାଜନୈତିକ ସମୀକ୍ଷକଙ୍କ କହିବା କଥା ହେଲା, ଦୁଇ ଜାତୀୟ ଦଳ ଭାଜପା ଓ କଂଗ୍ରେସର ସଂଗଠନ ଦୁର୍ବଳ ହେବା ସାଙ୍ଗକୁ ଗୋଷ୍ଠୀ କନ୍ଦଳରୁ ମତଦାତା ମୁହଁ ମୋଡୁଛନ୍ତି। ନେତୃତ୍ୱ ସଙ୍କଟ ଉଭୟ ଦଳ ପାଇଁ ଘାତକ ହୋଇଛି। ଏଥିଯୋଗୁ ଭୋଟର ବିରୋଧୀ ଦଳଙ୍କୁ ଭରସା କରିପାରୁ ନାହାନ୍ତି। ଅନ୍ୟପକ୍ଷରେ ବିଜେଡି ତୃଣମୂଳ ସ୍ତରରୁ ସଂଗଠନକୁ ମଜଭୁତ କରି ପଞ୍ଚାୟତ ନିର୍ବାଚନରେ ମହିଳା, ଯୁବଗୋଷ୍ଠୀ ସମେତ ସବୁ ବର୍ଗର ଭୋଟରଙ୍କୁ ଆକୃଷ୍ଟ କରାଇବାରେ ସଫଳ ହୋଇଛି। ଶନିବାର ହୋଇଥିବା ଗଣତିର ଫଳାଫଳ ଅନୁଯାୟୀ ୩୧୪ ଜିଲା ପରିଷଦ ଆସନରୁ ବିଜେଡି ୨୮୧ ସିଟ୍‌ରେ ବିଜୟୀ ହୋଇଥିବାବେଳେ ଭାଜପା ୧୫ ଓ କଂଗ୍ରେସକୁ ମାତ୍ର ୧୪ ସିଟ ମିଳିଛି । ମୋଟାମୋଟି କହିବାକୁ ଗଲେ ବିଜେଡି ସପକ୍ଷରେ ୯୦ ପ୍ରତିଶତ ଭୋଟ ଯାଇଥିବାବେଳେ ଭାଜପାକୁ ୧୧ ଓ କଂଗ୍ରେସ ମାତ୍ର ୯ ପ୍ରତିଶତ ଜନମତ ହାସଲ କରିପାରିଛନ୍ତି। ଲୋକମାନେ ଗଣତାନ୍ତ୍ରିକ ଉପାୟରେ ରାଜ୍ୟରେ ଏକଚ୍ଛତ୍ରବାଦ ଚାହୁଁଛନ୍ତି ବୋଲି କଂଗ୍ରେସ କହୁଥିବାବେଳେ ଭାଜପା ନେତାମାନେ ଫଳାଫଳକୁ ଗ୍ରହଣ କରିପାରୁ ନାହାନ୍ତି। ଏହା ଜନାଦେଶ ନୁହେଁ, ଧନାଦେଶ ବୋଲି ଭାଜପା ମତ ଦେଉଛି।


ଖୋର୍ଦ୍ଧା ଜିଲା ଜଟଣୀ ବ୍ଲକ କାର୍ଯ୍ୟାଳୟରେ ରବିବାର ଭୋଟ ଗଣନା କରାଯାଉଛି।

ରବିବାର ରାତି ୧୦ଟା ସୁଦ୍ଧା ଦ୍ୱିତୀୟ ଦିବସ ଭୋଟ ଗଣତି ଜାରି ରହିଥିଲା। କଂଗ୍ରେସ କୋରାପୁଟ, ରାୟଗଡ଼ା ଓ ଗଜପତିରେ ଭଲ ପ୍ରଦର୍ଶନ କରିଛି। ମାତ୍ର ଭାଜପା ନିଜ ଗଡ଼ ବଞ୍ଚାଇବାରେ ବିଫଳ ହୋଇଛି । ୨୦୧୭ ପଞ୍ଚାୟତ ନିର୍ବାଚନରେ ଭାଜପା ମୟୂରଭଞ୍ଜ ଜିଲାର ୫୬ଟି ଜିଲା ପରିଷଦ ଜୋନରୁ ୪୮ଟିରେ ବିଜୟୀ ହୋଇ ବିଜେଡିକୁ ପଛକୁ ଠେଲି ଦେଇଥିଲା। ବିଜେଡି ମାତ୍ର ୭ଟି ସିଟ୍ ପାଇଥିଲା । ମାତ୍ର ଚଳିତ ନିର୍ବାଚନରେ ଚିତ୍ର ସମ୍ପୂର୍ଣ୍ଣ ଓଲଟି ଯାଇଛି। ଭାଜପା ଗଡ଼ ବଞ୍ଚାଇବାକୁ ସଂଘର୍ଷ କରୁଛି। ମିଳିଥିବା ସୂଚନା ଅନୁଯାୟୀ ମୋଟ ୨୪ଟି ଜିଲା ପରିଷଦ ସିଟ୍‌ରେ ବିଜେଡି ଆଗରେ ଥିବାବେଳେ ଭାଜପା ଗୋଟିଏ ହେଲେ ଆସନରେ ଆଗୁଆ ନାହିଁ। ମୟୂରଭଞ୍ଜ ଜିଲାରେ ଭାଜପା ଏକ ପ୍ରକାର ମୂଳପୋଛ ହୋଇଯାଇଛି।

ପ୍ରଥମ ପର୍ଯ୍ୟାୟ ଗଣତିରେ ଗଞ୍ଜାମର ୨୨ ଜୋନରେ ବିଜେଡି କ୍ଲିନ୍‌ସୁଇପ କରିଛି। ସମସ୍ତ ଆସନ ବିଜେଡି ଖାତାକୁ ଯାଇଛି। ସେହିପରି ପୁରୀରେ ମଧ୍ୟ ବିଜେଡି ସମସ୍ତ ଜିଲା ପରିଷଦ ଜୋନରେ ବିଜୟୀ ହୋଇଛି। ପ୍ରଥମ ଦିନର ଗଣତିରେ ପୁରୀର ୧୧ଟି ଯାକ ଜିଲା ପରିଷଦ ଆସନ ବିଜେଡି ହାତକୁ ଯାଇଛି। ସେହିପରି ଢେଙ୍କାନାଳରେ ପ୍ରଥମ ଦିନରେ ୮ଟି ଜୋନ୍‌ରେ ଗଣତି ହୋଇଥିବା ବେଳେ ୭ଟି ଜୋନ୍ ବିଜେଡି ଦଖଲ କରିଥିବା ବେଳେ ମାତ୍ର ଗୋଟିଏ ଜୋନ୍‌ରେ ଭାଜପା ପ୍ରାର୍ଥୀ ବିଜୟୀ ହୋଇଛନ୍ତି। ସେହିପରି ବଲାଙ୍ଗୀରରେ ୧୪ ଜୋନ୍‌ରୁ ୧୨ଟିରେ ବିଜେଡି ପ୍ରାର୍ଥୀ ବିଜୟୀ ହୋଇଛନ୍ତି। ନିର୍ବାଚନ କମିଶନ କାର୍ଯ୍ୟାଳୟରୁ ମିଳିଥିବାସୂଚନା ମୁତାବକ ଦ୍ୱିତୀୟ ଦିନରେ ଗଣତି ହେଉଥିବା ୩୦୫ ଜିଲାପରିଷଦ ଜୋନରୁ ବିଜେଡି ୨୭୨ ଜୋନରେ ଆଗରେ ରହିଥିବାବେଳେ ଭାଜପା ୧୫, କଂଗ୍ରେସ ୧୬ ଏବଂ ଅନ୍ୟାନ୍ୟ ୩ଟି ଆସନରେ ଆଗୁଆ ରହିଛନ୍ତି। ଅନୁଗୋଳର ୮ଟି ଆସନ ମଧ୍ୟରୁ ୭ଟିରେ ବିଜେଡି ଆଗରେ ରହିଥିବାବେଳେ ଭାଜପା ଗୋଟିଏ ଆସନରେ ଆଗୁଆ ରହିଛି। ସେହିପରି ବାଲେଶ୍ୱରରେ ୧୪ଟି ଜୋନ୍ ମଧ୍ୟରୁ ୧୨ରେ ବିଜେଡି, ଭାଜପା ୧, କଂଗ୍ରେସ ୧, ଭଦ୍ରକର ୯ଟି ଜୋନ ମଧ୍ୟରୁ ସମସ୍ତ ସିଟରେ ବିଜେଡି ଆଗରେ ରହିଛି। ସେହିପରି ବଲାଙ୍ଗୀରର ୧୪ଟି ଜୋନରୁ ୧୦ଟିରେ ବଜେଡି, ୨ଟିରେ ଭାଜପା, ୨ଟିରେ କଂଗ୍ରେସ, ବୌଦ୍ଧରେ ୩ଟିରୁ ବିଜେଡି ୨, ଭାଜପା ୧, କଟକର ୧୫ଟି ଜୋନରୁ ୧୫ଟିରେ ବିଜେଡି ଆଗେଇ ଚାଲିଛି। ଅନୁରୂପ ଭାବେ ଦେବଗଡ଼ର ୩ଟି ସିଟରେ ବିଜେଡି ଆଗରେ ରହିଥିବାବେଳେ ଢେଙ୍କାନାଳର ସମସ୍ତ ୮ଟି ଜୋନରେ ଆଗରେ ରହିଛି। ଗଜପତି ଜିଲାର ୬ଟି ଜୋନରୁ ୫ଟିରେ ବିଜେଡି ଓ ଗୋଟିଏରେ ଭାଜପା, ଗଞ୍ଜାମର ୨୨ଟି ଜୋନରେ ବିଜେଡି କ୍ଲିନ୍ ସୁଇପ୍ କରି ଚାଲିଛି। ସେହିପରି ଜଗତ୍‌ସିଂହପୁର ସମସ୍ତ ୮, ଯାଜପୁର ୧୨, କେନ୍ଦ୍ରାପଡ଼ାରେ ୧୦, ଝାରସୁଗୁଡାର ୩, କେନ୍ଦୁଝରର ୧୨, ମାଲକାନଗିରି ୫, ନୂଆପଡ଼ାର ୫, ସୁବର୍ଣ୍ଣପୁରର ସମସ୍ତ ୬ଟି ଜୋନରେ ବିଜେଡି ଆଗରେ ରହିଛି। ତେବେ କନ୍ଧମାଳରେ ୬ଟି ଜୋନରୁ ବିଜେଡି ୪, ଭାଜପା ୧, କଂଗ୍ରେସ ୧, ଖୋର୍ଦ୍ଧାରେ ୧୦ଟି ଜୋନରୁ ୮ଟିରେ ବିଜେଡି ୨ଟିରେ ଭାଜପା, କୋରାପୁଟର ୧୩ଟି ଜୋନରୁ ବିଜେଡି ୭ , କଂଗ୍ରେସ ୬, ମୟୂରଭଞ୍ଜରେ ୨୬ ଆସନରୁ ୨୪ ବିଜେଡି ଓ ୨ଟି ସିଟ୍‌ରେ ଅନ୍ୟାନ୍ୟ ପ୍ରାର୍ଥୀ ଆଗରେ ରହିଛନ୍ତି। ସେଠାରେ ଭାଜପା ଓ କଂଗ୍ରେସ ଖାତା ଖୋଲିପାରି ନାହିଁ। ସେହିପରି ପୁରୀ ଜିଲାରେ ଗଣତି ହେଉଥିବା ୧୧ଟି ଜୋନ ମଧ୍ୟରୁ ୧୦ଟିରେ ବିଜେଡି ଆଗରେ ରହିଥିବା ବେଳେ ଗୋଟିଏ ଆସନରେ ଭାଜପା ପ୍ରାର୍ଥୀ ଆଗରେ ରହିଛନ୍ତି। ରାୟଗଡ଼ାର ୯ଟି ଆସନରୁ ବିଜେଡି ୫ ଓ ୪ଟିରେ କଂଗ୍ରେସ, ସମ୍ବଲପୁରର ୯ଟି ଆସନରୁ ୭ଟିରେ ବିଜେଡି ଓ ୨ଟିରେ କଂଗ୍ରେସ ପ୍ରାର୍ଥୀ ଆଗରେ ରହିଛନ୍ତି।

## ଯୁଦ୍ଧ ବିରତି ...

ଉଦ୍ୟମ କରିଥିଲେ। ହେଲେ ୟୁକ୍ରେନ୍ ସୁରକ୍ଷା ବଳର ପ୍ରତିରୋଧ ଯୋଗୁ ସେମାନେ ଏଥିରେ ବିଫଳ ହୋଇଥିବା କ୍ୱିଭ୍ ପକ୍ଷରୁ ଦାବି କରାଯାଇଛି। ଇତିମଧ୍ୟରେ ବେଲାରୁଷରେ ଆଲୋଚନା ପାଇଁ ମସ୍କୋ ପକ୍ଷରୁ ଦିଆଯାଇଥିବା ପ୍ରସ୍ତାବକୁ ୟୁକ୍ରେନ୍ ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍‌ସ୍କି ପ୍ରତ୍ୟାଖ୍ୟାନ କରିଦେଇଥିଲେ। ଯେଉଁ ମାଟିରୁ ନିଜ ପ୍ରିୟ ଦେଶବାସୀଙ୍କ ଉପରେ ଆକ୍ରମଣ କରାଯାଇଛି, ସେଠାରେ ଶାନ୍ତିର ଆଲୋଚନା କରାଯାଇ ନ ପାରେ ବୋଲି ଜେଲେନ୍‌ସ୍କି ଜବାବ ଦେଇଥିଲେ। ତେବେ ବେଲାରୁଷର ଆତ୍ମଘୋଷିତ ନେତା ଆଲେକ୍‌ଜାଣ୍ଡାର ଲୁକାଶେଙ୍କୋ ୟୁକ୍ରେନ୍ କର୍ତ୍ତୃପକ୍ଷଙ୍କ ସହ ଫୋନ୍‌ରେ କଥା ହୋଇଛନ୍ତି। ତେଣୁ ମସ୍କୋ ଓ କ୍ୱିଭ୍‌ର ମଧ୍ୟସ୍ଥମାନେ ବେଲାରୁଷ ସୀମାରେ ପହଞ୍ଚି ଶାନ୍ତି ଆଲୋଚନା କରିବେ ବୋଲି ୟୁକ୍ରେନ୍ ରାଷ୍ଟ୍ରପତିଙ୍କ କାର୍ଯ୍ୟାଳୟ ପକ୍ଷରୁ ରବିବାର ରାତିରେ ସୂଚନା ଦିଆଯାଇଛି। ୟୁକ୍ରେନ୍ ଆକ୍ରମଣର ଚତୁର୍ଥ ଦିନରେ ଉତ୍ତେଜନା ହ୍ରାସ ଦିଗରେ ଏହା ହେଉଛି ପ୍ରଥମ ପଦକ୍ଷେପ। ତେବେ ୟୁରୋପୀୟ ସଂଘର ଆର୍ଥିକ କଟକଣାର ଜବାବ ଦେବାକୁ ଯାଇ ପୁଟିନ୍ ନିଜ ଆଣବିକ ଅସ୍ତ୍ର ଭଣ୍ଡାରଗୁଡ଼ିକୁ ହାଇଆଲର୍ଟରେ ରଖିବାକୁ ପ୍ରତିରକ୍ଷା ମୁଖ୍ୟମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହାକୁ ଆମେରିକା ସମେତ ପାଶ୍ଚାତ୍ୟ ରାଷ୍ଟ୍ରଗୁଡ଼ିକୁ ପୁଟିନ୍‌ଙ୍କ ଖୋଲା ଚ୍ୟାଲେଞ୍ଜ ବୋଲି ବିବେଚନା କରାଯାଉଛି।

ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍‌ଙ୍କ ବିସ୍ତାରବାଦୀ ମହତ୍ତ୍ୱାକାଂକ୍ଷା କେବଳ ୟୁକ୍ରେନ୍ ନୁହେଁ, ବରଂ ସାରା ବିଶ୍ୱକୁ ଚିନ୍ତାରେ ପକାଇଦେଇଛି। ରୁଷିଆ ସେନା ରବିବାର ୟୁକ୍ରେନ୍‌ର ରାଜଧାନୀ କ୍ୱିଭ୍ ଏବଂ ଏହାର ଦକ୍ଷିଣରେ ଥିବା ଭାସିଲ୍‌କିଭ୍ ସହରର କେତେକ ତୈଳ ଡିପୋକୁ ଆକାଶମାର୍ଗରୁ କ୍ଷେପଣାସ୍ତ୍ର ମାଡ଼ କରି ଉଡ଼ାଇଦେଇଛି। ଏଥିସହ ପାଶ୍ଚାତ୍ୟ ରାଷ୍ଟ୍ରଗୁଡ଼ିକୁ ୟୁକ୍ରେନ୍ ଦେଇ ଯାଇଥିବା ପାଇପ୍‌ଲାଇନ୍‌କୁ ମଧ୍ୟ ଅଚଳ କରିଦେଇଛି। ହୁ ହୁ ହୋଇ ଜଳୁଥିବା ତୈଳ ଓ ବାଷ୍ପ ସମ୍ପଦର ବିଷାକ୍ତ ଧୂଆଁରେ ସମ୍ପୃକ୍ତ ଅଞ୍ଚଳର ଅଧିବାସୀ ଅଣନିଃଶ୍ୱାସୀ ହୋଇପଡ଼ିଥିବାବେଳେ ଆକାଶରେ ଘୋଟିଥିବା ଧୂମ ବଳୟ ପ୍ରଦୂଷଣଜନିତ ସଙ୍କଟର ଭୟାବହତାକୁ ଦର୍ଶାଉଛି। ୟୁକ୍ରେନ୍ ଉପରେ ଆକ୍ରମଣ ଆରମ୍ଭ କରିବା ପରଠାରୁ ଅଦ୍ୟାବଧି ରୁଷିଆ ସେନାକୁ କଡ଼ା ବିରୋଧର ସାମ୍ନା କରିବାକୁ ପଡୁଛି। ଯୁଦ୍ଧବିମାନ ଓ ତୋପ କମାଣ ନେଇ ସେମାନେ ୟୁକ୍ରେନ୍‌କୁ ପଶିଆସିଥିଲେ ହେଁ ଲଜିଷ୍ଟିକ୍ ସପୋର୍ଟ ଓ ଜରୁରୀ ଆବଶ୍ୟକତା ପୂରଣ ହୋଇପାରୁ ନ ଥିବାରୁ ଅନେକ ଅସୁବିଧା ଭୋଗୁଛନ୍ତି। ଏହି ସମୟରେ ଜେଲେନ୍‌ସ୍କିଙ୍କ ଧୈର୍ଯ୍ୟ ଓ ଦୃଢ଼ ଇଚ୍ଛାଶକ୍ତି ତାଙ୍କ ସୈନ୍ୟଙ୍କ ମନୋବଳକୁ ବହୁଗୁଣିତ କରିଛି। ଜେଲେନ୍‌ସ୍କି କହିଥିଲେ, ୱାର୍‌ସ, ବ୍ରାଟିସ୍‌ଲାଭା, ବୁଡାପେଷ୍ଟ, ଇସ୍ତାନବୁଲ ଏବଂ ବାକୁ ମଧ୍ୟରୁ କୌଣସି ସ୍ଥାନକୁ ବିକଳ୍ପ ଭାବେ ବାଛିଲେ ଆଲୋଚନା ହେବ ବୋଲି କ୍ୱିଭ୍ ପକ୍ଷରୁ ମସ୍କୋ ଆଗରେ ପ୍ରସ୍ତାବ ରଖାଯାଇଥିଲା। କିନ୍ତୁ ରୁଷିଆ ବେଲାରୁଷକୁ ବାଛିଛି, ଯେଉଁଠୁ ୟୁକ୍ରେନ୍ ଆକ୍ରମଣର ମୂଳଦୁଆ ପଡ଼ିଥିଲା ବୋଲି ଜେଲେନ୍‌ସ୍କି ସମାଲୋଚନା କରିଥିଲେ। ଅନ୍ୟପକ୍ଷେ ପୁଟିନ୍ ୟୁକ୍ରେନ୍ ଆକ୍ରମଣ ପାଇଁ ନିଜ ଦେଶର ସ୍ୱତନ୍ତ୍ର ବଳକୁ ପ୍ରଶଂସା କରିଛନ୍ତି। ଆଲୋଚନା ପ୍ରସ୍ତାବକୁ ୟୁକ୍ରେନ୍ ପ୍ରତ୍ୟାଖ୍ୟାନ କରି ଏକ ବଡ଼ ସୁଯୋଗକୁ ହାତଛଡ଼ା କରୁଥିବା ରୁଷିଆ ରାଷ୍ଟ୍ରପତି କହିଥିଲେ। ପରେ ବେଲାରୁଷ ସୀମାରେ ଆଲୋଚନା ପାଇଁ ଉଭୟ ପକ୍ଷ ମଧ୍ୟରେ ସହମତି ପ୍ରକାଶ ପାଇଥିବା ୟୁକ୍ରେନ୍ ରାଷ୍ଟ୍ରପତିଙ୍କ ଅଫିସ ସୂତ୍ରରୁ ଜଣାପଡ଼ିଛି।

ରୁଷିଆ ସେନା ଆକ୍ରମଣରେ ଅଦ୍ୟାବଧି ୨୧୦ ୟୁକ୍ରେନ୍ ନାଗରିକ ନିହତ ହୋଇଥିବାବେଳେ ୟୁକ୍ରେନ୍ ସାମରିକ ବଳ ଆତ୍ମରକ୍ଷା ପାଇଁ ନେଇଥିବା ଜବାବୀ କାର୍ଯ୍ୟାନୁଷ୍ଠାନରେ ୪,୩୦୦ ରୁଷୀୟ ସୈନ୍ୟ ନିହତ ହୋଇଥିବା କ୍ୱିଭ୍ ପକ୍ଷରୁ କୁହାଯାଇଛି। ରୁଷିଆ ସୈନ୍ୟ ୟୁକ୍ରେନ୍‌ର ଖର୍କିଭ୍‌କୁ ଦଖଲ ଦାବି କରିଥିବାବେଳେ ସ୍ଥାନୀୟ ପ୍ରଶାସନ ମୁଖ୍ୟ ଓଲେଗ୍ ସିନେଗୁବୋଭ୍ ଏହାକୁ ଖଣ୍ଡନ କରିଛନ୍ତି। ୟୁକ୍ରେନ୍ ସେନା 'କ୍ଲିନ୍‌ଅପ୍ ଅପରେଶନ' ଚଳାଇ ରୁଷିଆ ପ୍ରତିପକ୍ଷଙ୍କୁ ଘଉଡ଼ାଇ ଦେଇଥିବା ଓଲେଗ୍ ଟେଲିଗ୍ରାମ୍‌ରେ ସୂଚନା ଦେଇଛନ୍ତି। ବିଶ୍ୱ ସେମାନଙ୍କ ସାମର୍ଥ୍ୟକୁ ସନ୍ଦେହ କରୁଥିବାବେଳେ ୟୁକ୍ରେନ୍ ସାମରିକ ବଳ ପରାକ୍ରମର ପ୍ରମାଣ ଦେଇଛି ବୋଲି ଏହି ପ୍ରତିରୋଧକୁ ୟୁକ୍ରେନ୍ ପ୍ରତିରକ୍ଷା ମନ୍ତ୍ରୀ ଓଲେକ୍ସି ରେଜ୍‌ନିକୋଭ୍ ପ୍ରଶଂସା କରିଛନ୍ତି। ଏସବୁ ଭିତରେ ୟୁକ୍ରେନ୍ ରୁଷିଆକୁ ଇଣ୍ଟରନ୍ୟାଶନାଲ କୋର୍ଟ ଅଫ୍ ଜଷ୍ଟିସ୍ (ଆଇସିଜେ)କୁ ଟାଣିଛି। ନେଦରଲାଣ୍ଡସ ରାଜଧାନୀ ହେଗ୍‌ସ୍ଥିତ ଅନ୍ତର୍ଜାତୀୟ ଅଦାଲତରେ ଆସନ୍ତା ସପ୍ତାହରୁ ଏହି ଅନ୍ତଃରାଷ୍ଟ୍ରୀୟ ବିବାଦର ସମାଧାନ ପାଇଁ ବିଚାର ହେବ ବୋଲି ଜଣାପଡ଼ିଛି। ରୁଷିଆବାସୀ ଭୟରେ ଦେଶର ବ୍ୟାଙ୍କଗୁଡ଼ିକରୁ ଅର୍ଥ ଉଠାଇବାରେ ଲାଗିଥିବାବେଳେ କେନ୍ଦ୍ରୀୟ ବ୍ୟାଙ୍କ ଧୈର୍ଯ୍ୟ ଧରିବାକୁ ସେମାନଙ୍କୁ ପରାମର୍ଶ ଦେଇଛି। ଆକ୍ରମଣ ଦିନଠାରୁ ୟୁକ୍ରେନ୍‌ରୁ ଏଯାଏ ୪ ଲକ୍ଷ ଲୋକ ପଳାୟନ କଲେଣି ବୋଲି ଜାତିସଂଘ ପକ୍ଷରୁ କୁହାଯାଇଛି। ଗଣପଳାୟନ କରି ସୀମାନ୍ତ ପୋଲାଣ୍ଡରେ ୧ ଲକ୍ଷ ଲୋକ ଆଶ୍ରୟ ନେଇଥିବାବେଳେ ହଙ୍ଗେରି, ରୋମାନିଆ ଓ ମୋଲଡୋଭାକୁ ଲକ୍ଷାଧିକ ୟୁକ୍ରେନ୍ ଶରଣାର୍ଥୀ ଯାଇଛନ୍ତି।

## ରୁଷିଆ ଉପରେ ...

ଗ୍ଲୋବାଲ୍ ବ୍ୟାଙ୍କିଙ୍ଗ୍ ନେଟ୍‌ୱର୍କ ସିଷ୍ଟମରୁ ରୁଷିଆର କେତେକ ଆର୍ଥିକ ଅନୁଷ୍ଠାନକୁ ହଟାଇବା ଲାଗି ନିଷ୍ପତ୍ତି ହୋଇଥିଲେ ହେଁ କ୍ରେମେଲିନ୍ ବିରୋଧରେ ଏହି ବଡ଼ ଅସ୍ତ୍ରକୁ ସମ୍ପୂର୍ଣ୍ଣ ବ୍ୟବହାର କରିବା ସେମାନଙ୍କ ପକ୍ଷେ କଷ୍ଟକର। କାରଣ ଏଥିରେ କେବଳ ରୁଷିଆ ନୁହେଁ, ଆମେରିକା ସମେତ ୟୁରୋପୀୟ ଦେଶଗୁଡ଼ିକ ମଧ୍ୟ ବ୍ୟାପକ କ୍ଷତିର ସମ୍ମୁଖୀନ ହେବେ। ତେବେ ରୁଷିଆର ସେଣ୍ଟ୍ରାଲ ବ୍ୟାଙ୍କ ଉପରେ ମଧ୍ୟ କଠୋର କଟକଣା ଜାରି କରିବାକୁ ପ୍ରସ୍ତୁତି ହୋଇଛି। ଏକ ଯୁଗ୍ମ ଟାସ୍କଫୋର୍ସ ଗଠନ କରାଯାଇ ମସ୍କୋର ବିଭିନ୍ନ କମ୍ପାନୀ ଏବଂ ପ୍ରମୁଖ ରାଜନେତାଙ୍କ ସମ୍ପତ୍ତି ବାଜ୍ୟାପ୍ତ କରାଯିବ ବୋଲି ଆମେରିକା, ୟୁରୋପୀୟ କମିଶନ, ଫ୍ରାନ୍ସ, ଜର୍ମାନୀ, ଇଟାଲୀ, ବ୍ରିଟେନ ଏବଂ କାନାଡା ଏକ ମିଳିତ ବିବୃତିରେ ପ୍ରକାଶ କରିଛନ୍ତି। ଫଳରେ ରୁଷୀୟମାନେ ବ୍ୟାଙ୍କରୁ ନିଜ ବିପୁଳ ଜମାରାଶି ଉଠାଇବାରେ ଲାଗିଛନ୍ତି। ଏହା ରୁଷିଆର ସେଣ୍ଟ୍ରାଲ ବ୍ୟାଙ୍କ ପାଇଁ ଚିନ୍ତାର କାରଣ ସାଜିଛି।

## ଆଜିଠୁ ସ୍କୁଲ ଯିବେ ...

ଦେଇଛନ୍ତି। ସେ କହିଛନ୍ତି, ଉଭୟ ପରୀକ୍ଷା ନେଇ ସମୀକ୍ଷା କରାଯାଇଛି। ମାଧ୍ୟମିକ ଶିକ୍ଷା ବୋର୍ଡ ଓ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ବିଭିନ୍ନ ଅଂଶୀଦାରଙ୍କ ସହ ଆଲୋଚନା ଜାରି ରଖିଛନ୍ତି। ଦୁଇ ବୋର୍ଡର ରିପୋର୍ଟ ଆଧାରରେ ପରୀକ୍ଷା ନିଷ୍ପତ୍ତି ନିଆଯିବ। ଉଲ୍ଲେଖଯୋଗ୍ୟ, କରୋନାର ଯୋଗୁ ୨୦୨୦ ମାର୍ଚ୍ଚ ୧୫ରୁ ଶିକ୍ଷାନୁଷ୍ଠାନ ବନ୍ଦ କରାଯାଇଥିଲା। କେବଳ ଅନ୍‌ଲାଇନ୍ ପାଠପଢ଼ା ଚାଲିଥିଲେ ସମସ୍ତେ ଉପକୃତ ହୋଇପାରୁ ନ ଥିଲେ। କରୋନା ସ୍ଥିତିରେ ସୁଧାର ଆସିବା ପରେ ପର୍ଯ୍ୟାୟକ୍ରମେ ଶିକ୍ଷାନୁଷ୍ଠାନଗୁଡ଼ିକ ଖୋଲିଥିଲା। କିନ୍ତୁ ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ପିଲାଙ୍କ ପାଇଁ ଅଫ୍‌ଲାଇନ ପାଠପଢ଼ା ହୋଇ ନ ଥିଲା। ଗତ ଜାନୁୟାରୀ ୩ରେ ଏମାନଙ୍କ ପାଇଁ ସ୍କୁଲ ଖୋଲିବ ବୋଲି ସରକାର ନିଷ୍ପତ୍ତି ନେଇଥିଲେ। କିନ୍ତୁ କରୋନାର ତୃତୀୟ ଲହର ଆସିବାରୁ ଏହି ନିଷ୍ପତ୍ତିରେ ପରିବର୍ତ୍ତନ କରାଯାଇ ପୁଣି ଅନ୍ୟ ସମସ୍ତ ଶିକ୍ଷାନୁଷ୍ଠାନ୍ନୁ ମଧ୍ୟ ବନ୍ଦ କରିଦିଆଯାଇଥିଲା। ଏବେ ତୃତୀୟ ଲହରର ପ୍ରଭାବ ହ୍ରାସ ପାଇଥିବାରୁ ଶିକ୍ଷାନୁଷ୍ଠାନଗୁଡ଼ିକୁ ଖୋଲି ଦିଆଯାଇଛି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
କୌଣସି ଘଟଣାକୁ ନେଇ ଆଜି ଆପଣଙ୍କ ମନ ଅଶାନ୍ତ ରହିପାରେ। ଅଫିସ୍‌ରେ ସାଧାରଣ କଥାକୁ କେନ୍ଦ୍ର କରି ଅଧସ୍ତନ କର୍ମଚାରୀ ସମସ୍ୟାକୁ ବୃଦ୍ଧି କରିପାରନ୍ତି। ଭୋଗବିଳାସ, ସାମାଜିକ ସମ୍ମାନ ଓ ବନ୍ଧୁ ସମ୍ପର୍କକୁ ପ୍ରାଧାନ୍ୟ ଦେଇ କାମ କରିବେ। କର୍ମକ୍ଷେତ୍ରରେ କୌଣସି ବନ୍ଧୁଙ୍କ ପ୍ରତି ଅତିରିକ୍ତ ଆନ୍ତରିକତା ନିଜ ଆଡ଼କୁ ଅଙ୍ଗୁଳି ଦେଖାଇବ।

**ବୃଷ**
ଏମିତି କେତେକ ପରିସ୍ଥିତି ଭିତରେ ଚଳିବାକୁ ବାଧ୍ୟ ହେବେ, ଯଦ୍ଵାରା ଜାଣିଶୁଣି ସବୁ କଥାରେ ନୀରବ ରହିବାକୁ ପଡ଼ିବ। ଅତୀତ ଘଟଣା ମନକୁ ବାରମ୍ବାର ଆଲୋଡ଼ିତ କରିବ। ପାରିବାରିକ ପ୍ରତିରୋଧ କାମକୁ ବିଶୃଙ୍ଖଳିତ କରିପାରେ। ଅଭାବ ନ ଥିଲେ ମଧ୍ୟ ପ୍ରତିକୂଳ ପରିସ୍ଥିତି ଯୋଗୁ କେତେକ ସୁଯୋଗ ହରାଇ ଦୁଃଖିତ ହେବେ।

**ମିଥୁନ**
କର୍ମକ୍ଷେତ୍ରରେ ହେଉ କିମ୍ବା ନିଜ ପରିସରରେ ପ୍ରତିଷ୍ଠିତ ହେବେ। ଆଗାମୀ ଦିନର ମାଙ୍ଗଳିକ କାର୍ଯ୍ୟ କିମ୍ବା ଆନୁଷ୍ଠାନିକ ସକାଶେ ବନ୍ଧୁଙ୍କ ସହ ଆଲୋଚନା କରିପାରନ୍ତି। ଆଜି ଋଣ ସୂତ୍ରରେ ଅର୍ଥଲାଭ କରି କାମରେ ଲଗାଇ ପାରନ୍ତି। ଜମିଜମା, ବ୍ୟବସାୟ, ପରିବହନ, ଆଲୋଚନା ତଥା ମାଲି ମକଦ୍ଦମାରେ ସଫଳତା ପାଇବେ।

**କର୍କଟ**
କର୍ମକ୍ଷେତ୍ରରେ ସମସ୍ୟା ଲାଗି ରହିବା କାରଣରୁ କ'ଣ କରିବେ କିଛି ଠିକ୍ କରିପାରିବେ ନାହିଁ। ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରିପାରନ୍ତି। ଆର୍ଥିକ ସ୍ଥିତି ପୂର୍ବପରି ରହିବ, ମାତ୍ର ସନ୍ତୋଷଜନକ ହେବନାହିଁ। ସଭାସମିତି, ବିବାଦୀୟ ପରିସ୍ଥିତି ଓ ମାଲିମକଦ୍ଦମାରେ ସଫଳତା ହାସଲ କରିବେ। ସନ୍ତାନମାନଙ୍କ ଶୁଭ ଖବର ପାଇ ଖୁସିହେବେ।

**ସିଂହ**
ଅଧୈର୍ଯ୍ୟ ନ ହୋଇ ସ୍ଥିର ଭାବରେ କାମ କଲେ ପରିସ୍ଥିତି ମୁକାବିଲାରେ ସମର୍ଥ ହେବେ। ବିଳମ୍ବ ହେଲେ ମଧ୍ୟ ଲକ୍ଷ୍ୟସ୍ଥଳକୁ ଯିବାରେ ଅସୁବିଧା ହେବ ନାହିଁ। ଶିଳ୍ପ, ବାଣିଜ୍ୟ, ଶେୟାର ବଜାର କ୍ଷେତ୍ରରେ ସମସ୍ୟା ଦୂର ହୋଇପାରେ। ବନ୍ଧୁମାନେ ଠିକ ଖବର ଦେବାରେ ହେଳା କରିପାରନ୍ତି। ଫଳରେ କିଛିଟା ବ୍ୟତିକ୍ରମ ଅବଶ୍ୟ ପରିଲକ୍ଷିତ ହେବ।

**କନ୍ୟା**
ଆଜି ବନ୍ଧୁମାନଙ୍କ ସହାୟତା ଲାଭ କରି ସମସ୍ୟା ଗୁଡ଼ିକ ଆପଣାଛାଏଁ ସୁଧୁରି ଯିବ। ସ୍ୱାସ୍ଥ୍ୟରେ ସାମାନ୍ୟ ବ୍ୟତିକ୍ରମ ପରିଲକ୍ଷିତ ହେବାର ଆଶଙ୍କା ଦେଖାଦେବ। ବନ୍ଧୁଙ୍କ ଆଶ୍ରୟ ନେଇପାରନ୍ତି, ଯାହାକି ଆପଣଙ୍କ କାମରେ ଆସିବ। କଠିନ ଶ୍ରମଜନିତ ପୁରାତନ ରୋଗର ପୀଡ଼ା ବୃଦ୍ଧି ପାଇପାରେ।

**ତୁଳା**
ପାରିବାରିକ ଓ କର୍ମକ୍ଷେତ୍ରରେ ବିଭିନ୍ନ ସମସ୍ୟାକୁ ପ୍ରତିହତ କରିବାରେ ସମର୍ଥ ହେବେ। ଦିନଟିରେ ଛୋଟ ଛୋଟ ଘଟଣା ପ୍ରତି ଗୁରୁତ୍ୱ ଦିଅନ୍ତୁ ନାହିଁ, କାରଣ ଏହି ଦିଗ ପ୍ରତି ଧ୍ୟାନ ଦେଲେ ନିଜ ଲୋକଙ୍କୁ ସନ୍ଦେହ କରିବାର ପରିସ୍ଥିତି ସୃଷ୍ଟିହେବ। ସାମାନ୍ୟ ସମସ୍ୟା ସହ ପାରିପାର୍ଶ୍ୱିକ ପରିସ୍ଥିତି କେତେକାଂଶରେ ଭଲ ରହିବ।

**ବିଛା**
ଆଜି ଯେଉଁ କାମରେ ହାତ ଦେବେ ସଫଳତା ନିଶ୍ଚିତ। ପାରିବାରିକ ପ୍ରତିରୋଧ ଓ ଖର୍ଚ୍ଚାନ୍ତକୁ ରୋକିପାରିବେ ନାହିଁ। ମାନସିକ ଅସ୍ଥିରତା ଲାଗି ରହିବା କାରଣରୁ ପ୍ରତ୍ୟେକ କାର୍ଯ୍ୟାବଳୀର ସଠିକ୍ ସମୀକ୍ଷା କରିବାରେ ପଛେଇ ଯାଇପାରନ୍ତି। ବ୍ୟବସାୟ, ବାଣିଜ୍ୟ, ଯାତ୍ରା, ପ୍ରତିଦ୍ୱନ୍ଦ୍ୱିତା ପ୍ରଭୃତି ପ୍ରତ୍ୟେକ କ୍ଷେତ୍ରରୁ ସାମୟିକ ଆଶ୍ୱସ୍ତି ମିଳିବ।

**ଧନୁ**
ସାଧାରଣ ବ୍ୟତିକ୍ରମ ରହିଲେ ମଧ୍ୟ ଘର କାମ ସାଙ୍ଗକୁ ବନ୍ଧୁଙ୍କ କାମକୁ ଅଗ୍ରାଧିକାର ଦେବେ। ବ୍ୟବସାୟରେ ବ୍ୟସ୍ତ ରହି ଲାଭବାନ୍ ହେବେ। ଅନ୍ୟର କାନକୁହା କଥାକୁ ସତ ମଣି ଯେତେ ଭଲ କଥା କହିଲେ ମଧ୍ୟ ବନ୍ଧୁ ଭୁଲ ବୁଝିବେ। ଆର୍ଥିକ ସ୍ଥିତି, ପାରିବାରିକ ପରିସ୍ଥିତି, କାର୍ଯ୍ୟ ସଫଳତା ପାଇଁ ଉଦ୍ୟମ ବିଫଳ ହେବନାହିଁ।

**ମକର**
କର୍ମକ୍ଷେତ୍ରରେ ଫାଇଲ୍ କାମ, ଯାନ୍ତ୍ରିକ ତ୍ରୁଟି, ମିଟିଂ ପ୍ରଭୃତିରେ ବ୍ୟସ୍ତ ରହିପାରନ୍ତି। ଜଞ୍ଜାଳ ବଢ଼ିବା କାରଣରୁ ପରିବାର ପ୍ରତି ବିମୁଖ ହୋଇପାରନ୍ତି। ବାଣିଜ୍ୟ, ବ୍ୟବସାୟ, ପରିବହନର ସ୍ଥିତି ପୂର୍ବପରି ଅତୁଟ ରହିବ। ପର ଉପରେ ନିର୍ଭର ନ କରି ଚଳିପାରିବେ ନାହିଁ କିମ୍ବା ନିର୍ଭର କରିବା ଦ୍ୱାରା ପୂର୍ଣ୍ଣମାତ୍ରାରେ କାମ ମଧ୍ୟ ହାସଲ ହୋଇ ନ ପାରେ।

**କୁମ୍ଭ**
ସମସ୍ୟାର ସମାଧାନ, ନୈରାଶ୍ୟଜନକ ସ୍ଥିତିରେ ଆଶାର ସଞ୍ଚାର, ଅର୍ଥଲାଭ ଓ କାମ ହାସଲରେ ଅନୁକୂଳତା ପରିଲକ୍ଷିତ ହେବ। ଅନ୍ୟମାନେ ପଛରେ ସମାଲୋଚନାତ୍ମକ ମନ୍ତବ୍ୟ ଦେଇପାରନ୍ତି। ସମ୍ପର୍କୀୟା ଭଉଣୀ କିମ୍ବା ସ୍ତ୍ରୀଙ୍କ ତରଫରୁ ସମସ୍ୟା ଆସିପାରେ। ସାଙ୍ଗ ସାଥୀମାନେ ପରୋକ୍ଷ କ୍ଷତି ସାଧନରେ ଲିପ୍ତ ରହିପାରନ୍ତି।

**ମୀନ**
ଯାହା ଭାବୁଛନ୍ତି ତାହା କରି ଚାଲନ୍ତୁ, ମାତ୍ର ଆଜି କେବଳ କଳା, ଟେରା, ଟାଙ୍ଗରା ଓ ଦାନ୍ତୁରା ବ୍ୟକ୍ତିଙ୍କ ପ୍ରତି ସତର୍କତା ଅବଲମ୍ବନ କରିବା ଭଲ ହେବ। ମିଠା କଥା କହି ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇ କାମ ହାସଲ କରିବାରେ ସମର୍ଥ ହେବେ। ଭାବୁଥିବା କାମଟିକୁ ଶେଷ କରିପାରିବା କ୍ଷେତ୍ରରେ ବିଭିନ୍ନ ପ୍ରକାର ସମସ୍ୟାର ସାମ୍ନା କରିବାକୁ ପଡିବ।

# ଜାନୁୟାରୀରେ ୧.୮୮ କୋଟିରୁ ଊର୍ଦ୍ଧ୍ୱ ଜରିମାନା

## ରାଜଧାନୀରେ ଟ୍ରାଫିକ୍ ନିୟମ ଉଲ୍ଲଂଘନ ବଢୁଛି



- ହେଲମେଟ୍ ନ ପିନ୍ଧି ଧରା ପଡ଼ିଛନ୍ତି ୧୫୯୬୫ଜଣ
- ଯୁକ୍ତିତର୍କ କରିବାରୁ ୧୫ ଜଣଙ୍କୁ କୋର୍ଟଚାଲାଣ
- ଫ୍ରି ଲେଫ୍ଟ ନିୟମ: ଏବେ ସଚେତନତା, ଆଗକୁ ଜରିମାନା

ଭୁବନେଶ୍ୱର,୨୭ା୨(ବ୍ୟୁରୋ)

ରାଜଧାନୀ ଭୁବନେଶ୍ୱରର ପରିସୀମା ସହ ଜନସଂଖ୍ୟା ବଢ଼ି ଚାଲିଛି। ସେହି ଅନୁପାତରେ ଗାଡ଼ିମୋଟର ସଂଖ୍ୟା ମଧ୍ୟ ଢେର ବଢ଼ିଛି। ତେବେ ସ୍ମାର୍ଟସିଟିରେ ସୁରକ୍ଷିତ ଯାତ୍ରା ପାଇଁ କମିଶନରେଟ ପୋଲିସ ଗୁରୁତ୍ୱ ଦେବା ସହ ରହିଥିବା ନିୟମକୁ କଡ଼ାକଡ଼ି କରୁଛି। ଓଡ଼ିଶା ମୋଟର ଯାନ ଆଇନ ଓ ସହରାଞ୍ଚଳ ପୋଲିସ ଆଇନ ଅନୁଯାୟୀ ଉଲ୍ଲଂଘନକାରୀଙ୍କଠାରୁ ଜରିମାନା ଆଦାୟ ସହ ଗିରଫ ମଧ୍ୟ କରାଯାଉଛି। ଏପରିକି ଲୋକଙ୍କୁ ସଚେତନତା କରାଯାଉଥିଲେ ମଧ୍ୟ ଲୋକେ ବାରମ୍ବାର ନିୟମ ଉଲ୍ଲଂଘନ କରୁଛନ୍ତି। ନିୟମ ଉଲ୍ଲଂଘନ ବଢୁଥିବାରୁ ଜରିମାନା ଆଦାୟ ବି ବଢ଼ି ଚାଲିଛି।

ମିଳିଥିବା ରିପୋର୍ଟ ଅନୁଯାୟୀ, ଗତ ଡିସେମ୍ବରରେ ଓଡ଼ିଶା ମୋଟର ଯାନ ଆଇନ ଓ ସହରାଞ୍ଚଳ ପୋଲିସ ଆଇନ ଅନୁଯାୟୀ ମୋଟ ୧୭ ହଜାର ୮୪୨ଜଣ ଉଲ୍ଲଂଘନକାରୀଙ୍କୁ ଚାଲାଣ କଟାଯାଇଥିଲା। ସେମାନଙ୍କଠାରୁ ୧ କୋଟି ୭୦ ଲକ୍ଷ ୨ ହଜାର ୧୦୦ ଟଙ୍କା ଜରିମାନା ଆଦାୟ କରାଯାଇଥିଲା। ତେବେ ଜାନୁୟାରୀ ମାସରେ ୨୦ ହଜାର ୧୦୭ଜଣ ନିୟମ ଉଲ୍ଲଂଘନ କରିଥିବାବେଳେ ମୋଟ ୧ କୋଟି ୮୮ ଲକ୍ଷ ୪୭ ହଜାର ୬୦୦ ଟଙ୍କା ଜରିମାନା ଆଦାୟ କରାଯାଇଛି ଓ ଆଉ କିଛି ଜରିମାନା ପେଣ୍ଡିଙ୍ଗ୍ ରହିଛି। ହେଲମେଟ୍ ନ ପିନ୍ଧି ୧୫ ହଜାର ୯୫୪ଜଣ, ସିଟ୍ ବେଲ୍ଟ ନ ପିନ୍ଧି ୪୭୭ ଜଣ, ଟ୍ରାଫିକ୍ କର୍ମଚାରୀଙ୍କ ସହ ଯୁକ୍ତିତର୍କ କରି ୧୫ଜଣ, ବାଇକରେ ୩ ଜଣଙ୍କୁ ବସାଇ ୩୮୨ ଜଣ, ମୋବାଇଲ ଫୋନ୍ ବ୍ୟବହାର କରି ୭୯ଜଣ, ଦ୍ରୁତଗତିରେ ଗାଡ଼ି ଚଳାଇ ୧୫୮ଜଣ, ଜେନେରାଲ ଅଫେନ୍ସରେ ୧ ହଜାର ୯୮୯ ଜଣ, ସାଇଲେନ୍ସର ଦ୍ୱାରା ଉଚ୍ଚ ଶବ୍ଦ ପାଇଁ ୧୧୮ଜଣ ଓ ଗାଡିରେ କଳାକାଚ ପାଇଁ ୩ ଜଣଙ୍କଠାରୁ ଏହି ଚାଲାଣ କଟାଯାଇଛି। ସେହିପରି ସହରାଞ୍ଚଳ ପୋଲିସ ଆଇନ ଅନୁଯାୟୀ ହେଲମେଟ୍ ନ ପିନ୍ଧି ୧୧ ଜଣ, ରଙ୍ଗ ସାଇଡ୍‌ରେ ଗାଡ଼ି ନେଇ ୧୦ ଜଣ, ବେନିୟମ ପାର୍କିଂ କରି ୧୪୪ ଜଣ, ମୋବାଇଲ ଫୋନ୍ ବ୍ୟବହାର କରି ୨ଜଣ, ଓଭର୍ ଲୋଡ୍ ପାଇଁ ଜଣେ, ନୋ ଏଣ୍ଟ୍ରି ଜୋନ୍‌ରେ ଗାଡ଼ି ନେଇ ୨ଜଣ, ସାମାଜିକ ଦୂରତା ଉଲ୍ଲଂଘନ କରି ୧୭୨ଜଣ ଓ ମାସ୍କ ବ୍ୟବହାର ନ କରିବାରୁ ୫୯୦ଜଣ ଜରିମାନା ଗଣିଛନ୍ତି।

ଅନ୍ୟପକ୍ଷରେ ରାଜଧାନୀର ସମସ୍ତ ଟ୍ରାଫିକ୍ ପୋଷ୍ଟ ନିକଟରେ ପାଦଚଲା ରାସ୍ତାକୁ ଲାଗି ବାମପାର୍ଶ୍ୱ ରାସ୍ତା (ଫ୍ରି-ଲେଫ୍ଟ)ରେ କୌଣସି ଗାଡ଼ି ରହିପାରିବ ନାହିଁ। ଉକ୍ତ ରାସ୍ତା ଜରୁରିକାଳୀନ ଯାନବାହନ ପାଇଁ ସବୁ ସମୟରେ ଖାଲି ରହିବ। ତେଣୁ ରାଜଧାନୀର ବିଭିନ୍ନ ସ୍ଥାନରେ ପର୍ଯ୍ୟାୟକ୍ରମେ ବାମପାର୍ଶ୍ୱ ରାସ୍ତାକୁ ଖାଲି କରାଯାଇ ସଚେତନ କରାଯାଉଛି। ଆଗକୁ ଏହି ନିୟମ ଉଲ୍ଲଂଘନ କଲେ ଜରିମାନା ନିଆଯିବ ବୋଲି ଟ୍ରାଫିକ୍ ପୋଲିସ ପକ୍ଷରୁ କୁହାଯାଇଛି।

ଭୁବନେଶ୍ୱର ଟ୍ରାଫିକ୍ ଏସିପି ସ୍ୱସ୍ତିକ୍ ପଣ୍ଡା କହିଛନ୍ତି, ସଡ଼କ ଦୁର୍ଘଟଣାକୁ ଦୃଷ୍ଟିରେ ରଖି ଟ୍ରାଫିକ୍ ନିୟମକୁ କଡ଼ାକଡ଼ି କରାଯାଇଛି। ସହରର ଗୁରୁତ୍ୱପୂର୍ଣ୍ଣ ଚେକ୍‌ପୋଷ୍ଟରେ ଏନ୍‌ଫୋର୍ସମେଣ୍ଟ କରାଯାଉଛି। ତେଣୁ ଚାଳକଙ୍କୁ ଟ୍ରାଫିକ୍ ନିୟମ ପାଳନ କରିବାକୁ ଅନୁରୋଧ କରାଯାଉଛି। ନିୟମ ଉଲ୍ଲଂଘନ କଲେ ସମ୍ପୃକ୍ତ ଚାଳକଙ୍କ ଉପରେ ଜରିମାନା ସହ ରହିଥିବା ଅନ୍ୟାନ୍ୟ ଆଇନ ଅନୁସାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଥିବା ସେ କହିଛନ୍ତି।

# ସଂଘର୍ଷ ହିଁ ସଫଳତା ଦିଏ



ଅଶୋକ ଜଲାନ୍, ଚେୟାରମ୍ୟାନ୍, ଓଡିସୀ ମୋଟର୍ସ

**▸▸ ନାରାୟଣୀ ମୋଟର୍ସର ଏତେ ବର୍ଷର ଯାତ୍ରା କିଭଳି ଥିଲା?**

ଓଡିସୀ ମୋଟର୍ସ ୨୩ ବର୍ଷ ପୂର୍ବେ ସମ୍ବଲପୁରର ଏକ ଛୋଟ ମାରୁତି କାର୍ ଡିଲରଶିପ୍‌ରୁ ଆରମ୍ଭ ହୋଇଥିଲା। ପ୍ରଥମେ କିଛି ବର୍ଷ ପର୍ଯ୍ୟନ୍ତ ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ଅନେକ ସଂଘର୍ଷ କରିବାକୁ ପଡ଼ିଥିଲା। ଧୀରେଧୀରେ ବ୍ୟବସାୟ ସଫଳତା ଆଡ଼କୁ ଗତି କରିଥିଲା ଏବଂ ପରବର୍ତ୍ତୀ ସମୟରେ ଅନୁଗୋଳ, ବରଗଡ଼, ବଲାଙ୍ଗିର, ବୌଦ୍ଧ, ସୋନପୁର, ପଦ୍ମପୁର ଆଦି ସହରରେ ଡିଲରଶିପ୍ ଖୋଲିଥିଲା। ବର୍ତ୍ତମାନ ଏହି ସବୁ ସ୍ଥାନରେ କମ୍ପାନୀ ପକ୍ଷରୁ ଶତାଧିକ କର୍ମଚାରୀ ନିୟୋଜିତ ହୋଇଛନ୍ତି। ସଂଘର୍ଷ ହିଁ ଆମ ପାଇଁ ସଫଳତା ଆଣିଦେଇଛି।

**▸▸ ଆପଣଙ୍କ କମ୍ପାନୀର ୟୁଏସ୍‌ପି(ବିଶେଷତ୍ୱ) କ'ଣ ଏବଂ ଆପଣଙ୍କ ଶୋ' ରୁମ୍‌ରେ ବର୍ତ୍ତମାନ କେଉଁ ମଡେଲ୍ ସବୁ ରହିଛି?**

ଆମ କମ୍ପାନୀର ୟୁଏସ୍‌ପି ସହର ଏବଂ ଗ୍ରାମାଞ୍ଚଳରେ ପ୍ରଭାବୀ ସେବା ପ୍ରଦାନ କରୁଛି। ଦ୍ୱିତୀୟତଃ ଆମେ ସବୁବେଳେ ବିଭିନ୍ନ ମଡେଲ ମହଜୁଦ ରଖିଥାଉ। ତେଣୁ ଏହା ଆମ ବ୍ୟବସାୟକୁ ଅଧିକ ସଶକ୍ତ କରେ।

**▸▸ ଏହି ବ୍ୟବସାୟରେ ସଫଳତାର ଶ୍ରେୟ କାହାକୁ ଦେବେ?**

ସଫଳତାର ଶ୍ରେୟ ମୁଖ୍ୟ କମ୍ପାନୀ 'ମାରୁତି ସୁଜୁକି'କୁ ଦିଅଯିବ। କାରଣ ଏହା ସର୍ବଦା ଗ୍ରାହକଙ୍କ ଆବଶ୍ୟକତାକୁ ନୂଆ ଉଦ୍ଭାବନ ଦ୍ୱାରା ପୂରଣ କରିବାକୁ ଚେଷ୍ଟା କରେ।

**▸▸ ବଜେଟ-୨୦୨୨ ଉପରେ ଆପଣଙ୍କ ମତ କ'ଣ?**

ଚଳିତ ବଜେଟ୍ ଏକ ବିକାଶ କୈନ୍ଦ୍ରିକ ଏବଂ ଭବିଷ୍ୟତ ଉପଯୋଗୀ ବଜେଟ୍। ରାଜପଥ, ରେଲୱେ, ଟେଲିକମ୍ ଭିତ୍ତିଭୂମିର ଉନ୍ନତି ଦିଗରେ ଏହି ବଜେଟ୍‌ରେ ଧ୍ୟାନ ଦିଆଯାଇଛି। ଏହା ନିଶ୍ଚିତ ଭାବରେ ଦେଶର ଆର୍ଥିକ ବିକାଶ ଏବଂ ନିଯୁକ୍ତି ସୁଯୋଗ ବଢ଼ାଇବାରେ ସହଯୋଗ କରିବ।

**▸▸ ୨୦୨୨-୨୩ ଆର୍ଥିକ ବର୍ଷ ପାଇଁ କି ଯୋଜନା ରଖିଛନ୍ତି?**

ଆଗାମୀ ଆର୍ଥିକବର୍ଷରେ ଆମେ ବିକ୍ରି ନେଟ୍‌ୱାର୍କ ବୃଦ୍ଧି କରିବୁ ଏବଂ ଅପହଞ୍ଚ ଅଞ୍ଚଳଗୁଡ଼ିକରେ ସେବା ପ୍ରଦାନ ପାଇଁ ପ୍ରୟାସ କରିବୁ। ଏଥିସହିତ ଆମ ସଙ୍ଗଠନକୁ ଅଧିକ ସୁଦୃଢ଼ କରିବାକୁ ଚେଷ୍ଟା ଜାରି ରଖିବୁ।

**▸▸ ସେମିକଣ୍ଡକ୍ଟର ଯୋଗୁ ଅନେକ ସମସ୍ୟା ସୃଷ୍ଟି ହୋଇଛି। ଆପଣ ଏହାକୁ କିଭଳି ଭାବରେ ପରିଚାଳନା କରିଛନ୍ତି?**

କେନ୍ଦ୍ର ସରକାରଙ୍କ ବାଣିଜ୍ୟିକ ନୀତି ଯୋଗୁଁ ଅଟୋ ଶିଳ୍ପ ଉପରେ ଏନେଇ ପ୍ରଭାବ ପଡ଼ିଛି। ବିଦେଶୀ ରାଷ୍ଟ୍ରମାନଙ୍କରେ ଏହାର ଆମଦାନୀ କରାଯାଉଥିବାରୁ ଆମପାଇଁ ସମସ୍ୟା ସୃଷ୍ଟି ହୋଇଛି। ସମାଧାନ ପାଇଁ ସରକାର ଏବଂ ଅଟୋଶିଳ୍ପ ଅନେକ ଯୋଜନା କରୁଛନ୍ତି। ବିଶେଷକରି ଗ୍ରାହକଙ୍କ ଆବଶ୍ୟକତା ପୂରଣ ପାଇଁ ଉଭୟ ପକ୍ଷରୁ ପ୍ରୟାସ ଜାରି ରହିଛି। ସେହିଭଳି ଗ୍ରାହକଙ୍କ ଚାହିଦା ପୂରଣ ପାଇଁ କମ୍ପାନୀ ଏବଂ ଶୋ'ରୁମ୍ ପକ୍ଷରୁ ଗ୍ରାହକଙ୍କୁ ଆଶ୍ୱାସନା ଦିଆଯିବା ସହିତ ଅସୁବିଧାର ସମାଧାନ ପାଇଁ ମଧ୍ୟ ପ୍ରୟାସ କରାଯାଉଛି।

**▸▸ ବ୍ୟବସାୟ ଏବଂ ପରିବାର ମଧ୍ୟରେ ସମନ୍ୱୟ କିଭଳି ରକ୍ଷା କରୁଛନ୍ତି?**

ବୃତ୍ତି ବ୍ୟବସାୟ ହେଲେ ବଡ଼ ପରିବାରର ଦାୟିତ୍ୱ ମଧ୍ୟ ନିର୍ବାହ କରିବାକୁ ପଡୁଛି। ଉଭୟ ପକ୍ଷକୁ ସମାନ ଭାବରେ ସମୟ ଦେଇ ଚାଲିବାକୁ ପଡୁଛି। ଏହା ମଧ୍ୟରୁ ସମୟ ବାହାର କରି ସାମାଜିକ କାର୍ଯ୍ୟ ଶେଷ କରିବାକୁ ପଡୁଛି। ପରିଶ୍ରମ ଅଧିକ ହେଲେ ବି ଉଭୟ ପକ୍ଷର ସହଯୋଗ ଏବଂ ଭଲପାଇବା ଯୋଗୁଁ ଦୀର୍ଘ ବର୍ଷ ହେଲା ସମସ୍ତ କାର୍ଯ୍ୟ ସୁରୁଖୁରୁରେ ଶେଷ ହେଉଛି।

ଧରିତ୍ରୀ | OrissaPOST BUSINESS EMINENCE AWARDS

# ସୀମାନ୍ତରେ ଗୁଳି ବିନିମୟ, ଦୁଇ ମହିଳା ମାଓବାଦୀ ନିହତ



ଜବତ ମାଓବାଦୀ ସାମଗ୍ରୀ।

ମାଲକାନଗିରି,୨୭ା୨(ଡି.ଏନ୍.ଏ.)

ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ଼ରେ ପୋଲିସ-ମାଓବାଦୀଙ୍କ ମଧ୍ୟରେ ଗୁଳି ବିନିମୟ ଘଟି ୨ ଜଣ ମହିଳା ମାଓବାଦୀ ନିହତ ହୋଇଛନ୍ତି। ଘଟଣା ସ୍ଥଳରୁ ବନ୍ଧୁକ ଓ ବିସ୍ଫୋରକ ସାମଗ୍ରୀ ଜବତ ହୋଇଛି। ଖବରରୁ ଜଣାପଡିଛି, ଛତିଶଗଡ଼ ବିଜାପୁର ଜିଲା ଦୁର୍ଦା ଜଙ୍ଗଲରେ ରବିବାର ଡିଆର୍‌ଜି ଓ ସିଆର୍‌ପିଏଫ୍ ପକ୍ଷରୁ କୋମ୍ବିଂ ଅପରେଶନ କରାଯାଉଥିଲା। ଏହି ସମୟରେ ମାଓବାଦୀମାନେ ଯବାନଙ୍କୁ ଦେଖି ଗୁଳି ଚଳାଇଥିଲେ। ଯବାନମାନେ ମଧ୍ୟ ଏହାର ପାଲଟା ଜବାବ ଦେଇଥିଲେ। ଦୀର୍ଘ ସମୟ ଧରି ଉପୟ ପକ୍ଷଙ୍କ ମଧ୍ୟରେ ଗୁଳି ବିନିମୟ ଜାରି ରହିଥିଲା। ପୋଲିସ ଗୁଳିର ସାମ୍ନା କରି ନ ପାରି ମାଓବାଦୀମାନେ ଛତ୍ରଭଙ୍ଗ ଦେଇଥିଲେ। ପ୍ରାୟ ଏକଘଣ୍ଟା ପରେ ଯବାନମାନେ ସର୍ଚ୍ଚ ଅପରେଶନ କରିବା ବେଳେ ଦୁଇ ମହିଳା ମାଓବାଦୀଙ୍କ ମୃତଦେହ ମିଳିଥିଲା। ସେମାନଙ୍କ ପରିଚୟ ମିଳି ନ ଥିବା ବିଜାପୁର ଜିଲା ପୋଲିସ ପକ୍ଷରୁ କୁହାଯାଇଛି।

# ବିଦ୍ୟୁତ୍ ଶୁଳ୍କ ବୃଦ୍ଧିକୁ ବିରୋଧ

## ସରକାର ତୁରନ୍ତ ଶ୍ୱେତପତ୍ର ପ୍ରକାଶ କରନ୍ତୁ : ସମାଜବାଦୀ ପାର୍ଟି

ଭୁବନେଶ୍ୱର,୨୭ା୨(ବ୍ୟୁରୋ)

ବର୍ଦ୍ଧିତ ବିଦ୍ୟୁତ୍ ଦେୟ ଦେଇ ରାଜ୍ୟବାସୀ ଶୋଷଣର ଶିକାର ହେବାକୁ ଯାଉଛନ୍ତି ବୋଲି ସମାଜବାଦୀ ପାର୍ଟି ପକ୍ଷରୁ ଅଭିଯୋଗ କରାଯାଇଛି। ଏନେଇ ଦଳର ରାଜ୍ୟ କମିଟି ସଭାପତି ରବି ବେହେରା କହିଛନ୍ତି, ହାଇକୋର୍ଟ ନିର୍ଦ୍ଦେଶ ସତ୍ତ୍ୱେ ବେଦାନ୍ତ ତା'ର ଥର୍ମାଲ ପାୱାର ପ୍ଲାଣ୍ଟରୁ ବିଜୁଳି ନ ଦେବା ପାଇଁ ଚକ୍ରାନ୍ତ କରି ବାର୍ଷିକ ରକ୍ଷଣାବେକ୍ଷଣ ନାମରେ ଗତ ସୋମବାର ଅର୍ଥାତ୍ ୨୧ ତାରିଖରୁ ପ୍ଲାଣ୍ଟକୁ ବନ୍ଦ କରିଛି। ଫଳରେ ଓ.ଇ.ଆର୍.ସି. ଗତ ସପ୍ତାହକ ତଳେ ତଥା ଗତ ଶନିବାର ଦେଇଥିବା ରାୟ ମୂଲ୍ୟହୀନ ହୋଇଗଲା ବୋଲି ବେହେରା କହିଛନ୍ତି। ଗ୍ରୀଡ୍‌କୋ ରାଜ୍ୟବାସୀଙ୍କୁ ବିଜୁଳି ଯୋଗାଇବା ପାଇଁ ବର୍ତ୍ତମାନ ବାହାରୁ ବିଜୁଳି କିଣିବ। ୟୁନିଟ୍ ପିଛା ୨ଟଙ୍କା ୫୨ ପଇସା ବଦଳରେ ଏବେ ୪ଟଙ୍କା ୬୯ ପଇସାରେ ବିଜୁଳି କିଣାହେବ, ଯାହାର ବୋଝ ବୋହିବେ ୯୨ଲକ୍ଷ ଗ୍ରାହକ। ତିନିମାସକୁ ହାରାହାରି ୧୬୩ କୋଟି ଟଙ୍କା ଗଣିବେ। ବେଦାନ୍ତ – ଓଇଆର୍‌ସି – ଗ୍ରୀଡ୍‌କୋ– ଶକ୍ତି ବିଭାଗର ଇନ୍ଦ୍ରଜାଲ ଭିତରେ ରାଜ୍ୟବାସୀ ଫସିଯାଇଛନ୍ତି। ବିଦ୍ୟୁତ୍ ଘରୋଇକରଣ ଓ ସଂସ୍କାର ନାମରେ ଦୀର୍ଘ ୨୭ ବର୍ଷ ହେଲା ରାଜ୍ୟବାସୀ ଶୋଷଣର ଶିକାର ହେବାରେ ଲାଗିଛନ୍ତି। ତେଣୁ ସରକାର ତୁରନ୍ତ ବିଦ୍ୟୁତ୍ ସଂସ୍କାର ଉପରେ ଏକ 'ଶ୍ୱେତପତ୍ର' ପ୍ରକାଶ କରନ୍ତୁ ଓ ରାଜ୍ୟବାସୀଙ୍କୁ ବର୍ଦ୍ଧିତ ଶୁଳ୍କ କବଳରୁ ରକ୍ଷା କରନ୍ତୁ। ତାହା ନ ହେଲେ ଆଗାମୀ ଦିନରେ ବିଦ୍ୟୁତ୍ ଶୁଳ୍କକୁ ନେଇ ଜନଆନ୍ଦୋଳନକୁ ଜୋରଦାର କରାଯିବ ବୋଲି ବେହେରା ସତର୍କ କରାଇଛନ୍ତି।

# ଭଉଣୀ ସହ ସାମ୍ନାସାମ୍ନି ଜେରା ହେବେ ନକଲି ଡାକ୍ତର



- ଦ୍ୱିତୀୟ ପର୍ଯ୍ୟାୟ ରିମାଣ୍ଡ ସରିଲା
- ତଥ୍ୟ ଲୁଚାଇଲେ ରମେଶ
- ଉଭୟଙ୍କୁ ୫ ଦିନିଆ ରିମାଣ୍ଡ ଲାଗି ଆବେଦନ ହୋଇପାରେ

ଭୁବନେଶ୍ୱର,୨୭ା୨(ବ୍ୟୁରୋ)

ନକଲି ଡାକ୍ତର ରମେଶଚନ୍ଦ୍ର ସ୍ୱାଇଁଙ୍କ ପ୍ରତାରଣା ଓ ଠକେଇ ସାମ୍ରାଜ୍ୟକୁ ଭେଦ କରିପାରୁନି କମିଶନରେଟ ପୋଲିସ। ଶୁକ୍ରବାରଠାରୁ ଦ୍ୱିତୀୟଥର ରିମାଣ୍ଡରେ ଆଣି ମାରାଧନ ଜେରା କରିଥିଲେ ମଧ୍ୟ ସେପରି ଅଧିକ କିଛି ତଥ୍ୟ ପାଇପାରି ନାହିଁ ପୋଲିସ। ଇତିମଧ୍ୟରେ ରବିବାର ତିନିଦିନିଆ ରିମାଣ୍ଡର ଅବଧି ଶେଷ ହୋଇଛି। ତାଙ୍କ ବୟାନ ଆଧାରରେ କେବଳ ପୂର୍ବରୁ ଠାବ ହୋଇଥିବା ଢେଙ୍କାନାଳ ଜିଲା କାମାକ୍ଷାନଗର ଓ କଟକ ଜିଲାର ନରସିଂହପୁରସ୍ଥିତ କ୍ଲିନିକ୍ ସଂକ୍ରାନ୍ତରେ ଅଧିକ ଛାନ୍‌ଭିନ୍ କରାଯାଇଛି। ଶନିବାର ସ୍ୱତନ୍ତ୍ର ମହିଳା ତଦନ୍ତକାରୀ ଟିମ୍ ରମେଶଙ୍କ ଢେଙ୍କାନାଳ ଜିଲା କାମାକ୍ଷାନଗରସ୍ଥିତ ଘରେ ଥିବା କ୍ଲିନିକ ଓ ସେଠାରେ ରହିଥିବା ଭୂତଳ ଗୁପ୍ତ କୋଠାରି ସମେତ କଟକ ଜିଲା ନରସିଂହପୁରରେ ରହିଥିବା କ୍ଲିନିକରେ ଚଢ଼ାଉ କରି ଯାଞ୍ଚ କରିଥିଲା। ଏଥିସହ କର୍ମଚାରୀ ଓ ବାହାର ଲୋକଙ୍କୁ ପଚରଉଚରା କରି ବୟାନ ରେକର୍ଡ କରିଥିଲା। ତେବେ ଠକେଇ ଟଙ୍କାର ସିଂହ ଭାଗ କଟକ ଖୁଣ୍ଟୁଣିସ୍ଥିତ ଫାର୍ମ ହାଉସ୍‌ରେ ରମେଶ ଖର୍ଚ୍ଚ କରିଥିବା ପଚରାଉଚରାବେଳେ ସେ ପୋଲିସକୁ କହିଛନ୍ତି। ତାଙ୍କ କଥାରେ ତାଳମେଳ ରହୁ ନ ଥିବାରୁ ପୋଲିସ ଏହାକୁ ସହଜରେ ବିଶ୍ୱାସ କରିପାରୁନି। ରବିବାର ତାଙ୍କର ୩ଦିନିଆ ରିମାଣ୍ଡ ସରିଛି। ସେ ଜଣେ ପେସାଦାର ଠକ ଓ ପ୍ରତାରକ ହୋଇଥିବାରୁ ବର୍ଷ ବର୍ଷ ଧରି ଲୋକଙ୍କଠାରୁ ଠକେଇ କରି ଆଣିଥିବା କୋଟି କୋଟି ଟଙ୍କା କେଉଁଠି ବିନିଯୋଗ କରିଛନ୍ତି, ତାହାର ସଂପୂର୍ଣ୍ଣ ତଥ୍ୟ ହାସଲ ଲାଗି ପୁଣିଥରେ ୫ ଦିନିଆ ରିମାଣ୍ଡରେ ଆଣିବାକୁ କମିଶନରେଟ ପୋଲିସ ଯୋଜନା ରଖିଛି। ତେବେ ଆଗକୁ ରମେଶଙ୍କ ସହ ଏହି ଠକେଇ ମାମଲାରେ ଗିରଫ ହୋଇ ଜେଲ୍ ଯାଇଥିବା ଭଉଣୀ ରଶ୍ମିତାଙ୍କୁ ମଧ୍ୟ ରିମାଣ୍ଡରେ ଆଣି ସାମ୍ନାସାମ୍ନି ଜେରା କରି ଅଧିକ ତଥ୍ୟ ହାସଲ କରାଯିବ। ଏଥିସହ ରମେଶଙ୍କ ନାଁରେ ରାଜ୍ୟ ବାହାରେ କେଉଁସବୁ ବ୍ୟାଙ୍କ୍‌ରେ ଆକାଉଣ୍ଟ ରହିଛି, ସେଥିରେ କେତେ ଟଙ୍କା ରହିଛି ଓ ପୂରା ଆର୍ଥିକ କାରବାର ସମ୍ପର୍କରେ ତଥ୍ୟ ପାଇବା ପାଇଁ ରିଜର୍ଭ ବ୍ୟାଙ୍କକୁ ଅନୁରୋଧ କରାଯାଇଛି ବୋଲି ତଦନ୍ତକାରୀ ଟିମ୍‌ର ମୁଖ୍ୟ ଏସିପି ସଞ୍ଜୀବ ଶତପଥୀ ରବିବାର ସୂଚନା ଦେଇଛନ୍ତି।

ସୂଚନାଯୋଗ୍ୟ, ରମେଶ ନିଜକୁ କେନ୍ଦ୍ର ସ୍ୱାସ୍ଥ୍ୟ ବିଭାଗର ଉପନିର୍ଦ୍ଦେଶକ କହି ବିଭିନ୍ନ ମାଟ୍ରିମୋନିଆଲ ଓ ସୋସିଆଲ୍ ସାଇଟ୍‌ରୁ ଉଚ୍ଚଶିକ୍ଷିତା ମହିଳାଙ୍କୁ ଫସାଇ ବିବାହ କରୁଥିଲେ। ପରେ ସେମାନଙ୍କଠାରୁ ଟଙ୍କା, ସୁନା ଓ ସମ୍ପତ୍ତି ଲୁଟୁଥିଲେ। ଏଥିରେ ତାଙ୍କୁ ଭଉଣୀ ରଶ୍ମିତା ଓ ଭିଣୋଇ ଗଣେଶ୍ୱର ବେହୁରା ସହଯୋଗ କରୁଥିଲେ। ତେବେ ରମେଶଙ୍କ ଦ୍ୱାରା ପ୍ରତାରଣାର ଶିକାର ହୋଇଥିବା ଦିଲ୍ଲୀର ଜଣେ ମହିଳା ଗତବର୍ଷ ଜୁଲାଇରେ ଭୁବନେଶ୍ୱର ମହିଳା ଥାନାରେ ଅଭିଯୋଗ କରିବା ପରେ ରମେଶଙ୍କ କଳାକାରନାମା ପଦାକୁ ଆସିଥିଲା। ଏହାପରେ ଚାକିରି ଓ ଡାକ୍ତରୀ ପାଠରେ ନାମଲେଖା ପାଇଁ ବହୁ ଲକ୍ଷ ଟଙ୍କା ଠକେଇ କରିଥିବା ମଧ୍ୟ ଅଭିଯୋଗ ହୋଇଥିଲା। ତେବେ ଗତ ମଙ୍ଗଳବାର ପୋଲିସ କେନ୍ଦ୍ରାପଡ଼ା ଜିଲା ଈଶ୍ୱରପୁରରେ ଚଢ଼ାଉ କରି ଭଉଣୀ ରଶ୍ମୀତାଙ୍କୁ ଗିରଫ କରିଥିବାବେଳେ ଭିଣୋଇ ଗଣେଶ୍ୱର ଖସି ପଳାଇଥିଲେ।


## ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ

always with U

ଆଞ୍ଚଳିକ କାର୍ଯ୍ୟାଳୟ: ପିପିଲି, ସା/ପୋ: ପିପିଲି, ଜିଲ୍ଲା: ପୁରୀ, ପିନ୍-୭୫୨୧୦୪,
ମୋବାଇଲ: ୯୪୩୭୫୫୬୪୪୫, ୯୪୩୭୬୩୫୩୮୯, ଇ-ମେଲ୍: ropipli@odishabank.in

**ଇ-ନିଲାମ ବିକ୍ରୟ ବିଜ୍ଞପ୍ତି**
(SARFAESI ଆକ୍ଟ ୨୦୦୨ ଅନୁଯାୟୀ)

ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍‌ସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ ଆକ୍ଟ ୨୦୦୨ (ସରଫେଶୀ ଆକ୍ଟ) ଏବଂ ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ ରୁଲ୍ସ ୨୦୦୨) ରୁଲ୍ ୬, ୮ ଏବଂ ୯ ଅନୁଯାୟୀ ବ୍ୟାଙ୍କରେ ବନ୍ଧକଥିବା ସ୍ଥାବର ସମ୍ପତ୍ତିର ନିଲାମ ବିକ୍ରୟ।

ନିମ୍ନ ସ୍ୱାକ୍ଷରକାରୀ ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ, ଆଞ୍ଚଳିକ କାର୍ଯ୍ୟାଳୟ: ପିପିଲି, ସା/ପୋ: ପିପିଲି, ଜିଲ୍ଲା: ପୁରୀ, ପିନ୍-୭୫୨୧୦୪ର କ୍ଷମତାପ୍ରାପ୍ତ ଅଧିକାରୀ ହିସାବରେ ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍‌ସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ ଆକ୍ଟ ୨୦୦୨ ଏବଂ ଧାରା ୧୩ (୨) ଅନୁଯାୟୀ ଜାରି କରାଯାଇଥିବା ନୋଟିସ୍ ଅନୁଯାୟୀ ବ୍ୟାଙ୍କର ବକେୟା ଦେୟ ବାବଦ ନିମ୍ନରେ ପ୍ରଦତ୍ତ ସମ୍ପତ୍ତିଗୁଡିକୁ ଦଖଲକୁ ନେଇଛନ୍ତି ଏବଂ ନିମ୍ନ ଦର୍ଶିତ ଋଣଗ୍ରହୀତାମାନଙ୍କଠାରୁ ବ୍ୟାଙ୍କ ଦେୟ ଆଦାୟ ନିମନ୍ତେ କଥିତ ଆକ୍ଟର ଧାରା ୧୩(୪) ଏବଂ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ନିୟମ ୬, ୮ ଏବଂ ୯ ଅନୁଯାୟୀ ଋଣଗ୍ରହୀତାମାନଙ୍କ ନିମ୍ନରେ ଦର୍ଶିତ ସମ୍ପତ୍ତିଗୁଡିକୁ **"ଯେଉଁଠାରେ ଯେପରି ଅଛି" ଏବଂ "ଯାହା ଯେପରି ଅଛି"** ଭିତ୍ତିରେ ବିକ୍ରୟ କରିବାପାଇଁ ସ୍ଥିର କରିଛନ୍ତି।

**ସ୍ଥାବର ସମ୍ପତ୍ତିର ବିବରଣୀ**

| କ୍ର. ନଂ. | ଶାଖା / ମୋବାଇଲ ନଂ. / ଋଣଗ୍ରହୀତା/ଜାମିନ୍‌ଦାର/ବନ୍ଧକଦାତାମାନଙ୍କ ନାମ ଏବଂ ଠିକଣା | ସମ୍ପତ୍ତିର ବିବରଣୀ / | ବକେୟା ରାଶି | ଡ଼ିମାଣ୍ଡ/ଦଖଲ | ସଂରକ୍ଷିତ ମୂଲ୍ୟ / | ଇ-ନିଲାମ ତାରିଖ ଓ ସମୟ |
|---|---|---|---|---|---|---|
| ୧. | **ପୁରୀ ଶାଖା**, ମୋ.: ୯୪୩୮୧୨୬୨୮୩ / ଋଣଗ୍ରହୀତା ଏବଂ ବନ୍ଧକଦାତା: ୧) ମେସର୍ସ ମା ତାରିଣୀ ଭଣ୍ଡାର, ସ୍ୱତ୍ତ୍ୱାଧିକାରୀ: ଚନ୍ଦ୍ର ଶେଖର ସାହୁ, ମାର୍କଣ୍ଡେଶ୍ୱର ସାହି (ମାର୍କଣ୍ଡେଶ୍ୱର ବାଳିକା ଉଚ୍ଚ ବିଦ୍ୟାଳୟ ନିକଟ), ଯମୁନା ଲେନ୍, ଜିଲ୍ଲା: ପୁରୀ, ପିନ୍-୭୫୨୦୦୧ / ଜାମିନ୍‌ଦାର ଏବଂ ବନ୍ଧକଦାତା: ୨) ଶ୍ରୀମତୀ ଅପର୍ଣ୍ଣା ସାହୁ, ସ୍ୱାମୀ: ଚନ୍ଦ୍ରଶେଖର ସାହୁ, ମାର୍କଣ୍ଡେଶ୍ୱର ସାହି (ମାର୍କଣ୍ଡେଶ୍ୱର ବାଳିକା ଉଚ୍ଚ ବିଦ୍ୟାଳୟ ନିକଟ), ଯମୁନା ଲେନ୍, ଜିଲ୍ଲା: ପୁରୀ, ପିନ୍-୭୫୨୦୦୧/ ଜାମିନ୍‌ଦାରମାନେ: ୩) ଶ୍ରୀ ନୃସିଂହ ଚରଣ ସାହୁ, ୪) ଶ୍ରୀ ମୁକେଶ କୁମାର ସାହୁ, ଉଭୟଙ୍କ ପିତା: ଚନ୍ଦ୍ରଶେଖର ସାହୁ, ଉଭୟଙ୍କ ଠିକଣା- ମାର୍କଣ୍ଡେଶ୍ୱର ସାହି (ମାର୍କଣ୍ଡେଶ୍ୱର ବାଳିକା ଉଚ୍ଚ ବିଦ୍ୟାଳୟ ନିକଟ), ଯମୁନା ଲେନ୍, ଜିଲ୍ଲା: ପୁରୀ, ପିନ୍-୭୫୨୦୦୧, ୫) ଶ୍ରୀ ବାବାଜୀ ପ୍ରଧାନ, ପିତା: ବିହାରୀ ପ୍ରଧାନ, ନରେନ୍ଦ୍ରକୋଣ, ଜିଲ୍ଲା: ପୁରୀ, ପିନ୍-୭୫୨୦୦୧, ୬) ଶ୍ରୀମତୀ ମିନା କୁମାରୀ ମହାପାତ୍ର, ସ୍ୱାମୀ: ଗଣେଶ୍ୱର ମହାପାତ୍ର, ଲୋକନାଥ ଘାଟ, ଜିଲ୍ଲା: ପୁରୀ, ପିନ୍-୭୫୨୦୦୧ | (୧) ଶ୍ରୀମତୀ ଅପର୍ଣ୍ଣା ସାହୁଙ୍କ ନାମରେ ଥିବା ଜମି ଏବଂ ଗୃହ ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା: ୟୁନିଟ୍-୧୮ (ଚୁଡଙ୍ଗସାହି, ପୁରୀ), ପୁରୀ ସଦର, ଜିଲ୍ଲା: ପୁରୀ, ଖାତା ନଂ.: ୧୫୨, ପ୍ଲଟ୍ ନଂ.: ୪୯ ଏବଂ ୪୯/୫୮୭, କ୍ଷେତ୍ର: ଏକର୦.୧୬ ୧/୨ ଡିସିମିଲି ଏବଂ ଏକର୦.୦୧ ୦ଡିସିମିଲି, ଏହାର ଚଉପାର୍ଶ୍ୱରେ- ଉତ୍ତର: କଙ୍କ୍ରିଟ ରାସ୍ତା ଏବଂ ଶ୍ରୀ ଗୋବିନ୍ଦ ଆଚାର୍ଯ୍ୟ, ଦକ୍ଷିଣ: ଝାଡୁଦାର ଗଳି, ପୂର୍ବ: ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ପଶ୍ଚିମ: ୰ ଲୋକନାଥ ସାହୁ ଏବଂ ଶ୍ରୀ ଜୀବନ ଶତପଥି | ୨୪.୧୧.୨୦୨୧ ସୁଦ୍ଧା ଟ.୨୪,୧୬,୧୩୯/- + ସେବାବଦ ପରବର୍ତ୍ତୀ ସୁଧ ଓ ଖର୍ଚ୍ଚ | ୨୨.୦୨.୨୦୨୧ / ୨୨.୦୯.୨୦୨୧ | (୧) ଟ.୩୮,୫୨,୩୦୦/- / ଟ.୩,୮୫,୨୩୦/- | ୩୧.୦୩.୨୦୨୨ ପୂର୍ବାହ୍ନ ୧୧.୦୦ ଘଟିକାରୁ ଅପରାହ୍ନ ୨.୦୦ ଘଟିକା |
| | | (୨) ଶ୍ରୀ ଚନ୍ଦ୍ର ଶେଖର ସାହୁଙ୍କ ନାମରେ ଥିବା ଘରବାରି ଜମି ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା: ହରେକୃଷ୍ଣପୁର, ପୁରୀ ସଦର, ଜିଲ୍ଲା: ପୁରୀ, ଖାତା ନଂ.: ୭୦୪/୨୮, ପ୍ଲଟ୍ ନଂ.: ୨୧୬୦/୨୪୦୫, କ୍ଷେତ୍ର: ଏକର୦.୦୨୩ ଡିସିମିଲି ଏବଂ ଖାତା ନଂ.: ୭୦୪/୧୯୫, ପ୍ଲଟ୍ ନଂ.: ୨୧୬୩/୨୫୬୬, କ୍ଷେତ୍ର: ଏକର୦.୦୧୭ ଡିସିମିଲି, ଏହାର ଚଉପାର୍ଶ୍ୱରେ- ଉତ୍ତର: ସବ୍ ପ୍ଲଟ୍ ନଂ. ୧, ଦକ୍ଷିଣ: ସବ୍ ପ୍ଲଟ୍ ନଂ. ୩, ପୂର୍ବ: ସବ୍ ପ୍ଲଟ୍ ନଂ. ୪, ପଶ୍ଚିମ: ଗ୍ରାମ୍ୟ ରାସ୍ତା | | | (୨) ଟ.୧୦,୪୫,୦୦୦/- / ଟ.୧,୦୪,୫୦୦/- | |

**ଇ-ନିଲାମର ନିୟମ ଓ ସର୍ତ୍ତାବଳୀ ନିମ୍ନରେ ପ୍ରଦତ୍ତ:**

୧) ସମ୍ପତ୍ତିଗୁଡିକ ବ୍ୟାଙ୍କର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ତତ୍ତ୍ୱାବଧାନରେ ବ୍ୟାଙ୍କର ଅନୁମୋଦିତ ସେବାପ୍ରଦାନକାରୀ **M/s e-procurement Technologies Limited - Auction Tiger**ର ପୋର୍ଟାଲ **https://sarfaesi.auctiontiger.net** ରେ ଇ-ନିଲାମ ମାଧ୍ୟମରେ **ତା.୩୧.୦୩.୨୦୨୨ରିଖ ପୂର୍ବାହ୍ନ ୧୧.୦୦ ଘଟିକାରୁ ଅପରାହ୍ନ ୨.୦୦ ଘଟିକା** ମଧ୍ୟରେ ବିକ୍ରୟ କରାଯିବ।
୨) ଇ-ନିଲାମ ଟେଣ୍ଡର କାଗଜପତ୍ର ଯଥା: ଅନ୍‌ଲାଇନ ଇ-ନିଲାମ ବିଡ୍ ଫର୍ମ, ଘୋଷଣାନାମା, ଅନ୍‌ଲାଇନ ଇ-ନିଲାମ ବିକ୍ରୟର ନିୟମ ଏବଂ ସର୍ତ୍ତାବଳୀ ୱେବସାଇଟ **https://sarfaesi.auctiontiger.net** ରେ ଉପଲବ୍ଧ।
୩) ଇଚ୍ଛୁକ ନିଲାମଧାରୀ ବୈଧ ଇ-ମେଲ ଠିକଣାଧାରୀ ହୋଇଥିବା ଉଚିତ ।
୪) ପ୍ରସ୍ତାବଗୁଡିକ ଟେଣ୍ଡର ଡକ୍ୟୁମେଣ୍ଟରେ ଦିଆଯାଇଥିବା ଧାର୍ଯ୍ୟ ଫର୍ମାଟରେ "ଅନଲାଇନ୍" ମାଧ୍ୟମରେ **M/s e-procurement Technologies Limited - Auction Tiger**ର ପୋର୍ଟାଲ **https://sarfaesi.auctiontiger.net** ରେ ଦାଖଲ କରିବାକୁ ହେବ। ଅନ୍ୟ ମାଧ୍ୟମରେ ଦାଖଲ କରାଯାଇଥିବା ପ୍ରସ୍ତାବଗୁଡିକ ଗ୍ରହଣ ଯୋଗ୍ୟ ହେବ ନାହିଁ।
୫) ବିଡ୍ ପାଇଁ ଅମାନତ ରାଶି ସହିତ ଅନ୍‌ଲାଇନ୍ ଦରଖାସ୍ତ ଦାଖଲ **ତା.୨୩.୦୩.୨୦୨୨ରିଖ ପୂର୍ବାହ୍ନ ୧୦.୦୦ ଘଟିକା ଠାରୁ ଆରମ୍ଭ ହୋଇ ତା.୩୦.୦୩.୨୦୨୨ରିଖ ଅପରାହ୍ନ ୫.୦୦ ଘଟିକା** ପର୍ଯ୍ୟନ୍ତ ଚାଲୁ ରହିବ।
୬) ଅମାନତ ଜମା (EMD) EFT/RTGS/NEFT ଦ୍ୱାରା **Authorised Officer, Odisha Gramya Bank, Gandamunda Branch, Bhubaneswar, Current Account Number: 01343200200021 of Odisha Gramya Bank, Gandamunda Branch, At: Gandamunda, PO: Khandagiri, Bhubaneswar, Dist.: Khurda, PIN-751030, Ph. No.: 0674-2353037, Branch Code: 0134, IFSCode.: IOBA0ROGB01**କୁ ଫଣ୍ଡ ଟ୍ରାନ୍ସଫର ମାଧ୍ୟମରେ ଦାଖଲ କରାଯିବ।
୭) ଅମାନତ ଜମା (EMD) ବିନା ଦାଖଲ କରାଯାଇଥିବା ବିଡ୍ / ପ୍ରସ୍ତାବଗୁଡିକୁ ନାକଚ କରାଯିବ।
୮) ନିଲାମଧାରୀମାନେ **ତା.୨୨.୦୩.୨୦୨୨ରିଖରୁ ତା.୨୯.୦୩.୨୦୨୨ରିଖ ମଧ୍ୟାହ୍ନ ୧୨.୦୦ ଘଟିକାରୁ ଅପରାହ୍ନ ୪.୦୦ ଘଟିକା** (ବ୍ୟାଙ୍କ ଛୁଟି ଦିନ ଗୁଡିକ ବ୍ୟତିତ) ମଧ୍ୟରେ କ୍ଷମତାପ୍ରାପ୍ତ ଅଧିକାରୀଙ୍କଠାରୁ ପୂର୍ବରୁ ଅନୁମତି ନେଇ ସମ୍ପତ୍ତିଗୁଡିକୁ ତନଖି କରିପାରିବେ।
୯) ନିଲାମଧାରୀମାନେ ବୈଧ ଆଇଡ଼ି ଏବଂ ପାସୱାର୍ଡ **M/s. e-Procrurement Technologies Limited, Ahmedabad**ଙ୍କ ଠାରୁ ଇମେଲ ମାଧ୍ୟମରେ ପାଇପାରିବେ। ଯୋଗାଯୋଗ କରନ୍ତୁ: **Mr. Rakesh Nayak - 8270955254, Mr. Chintan-Mob.: 9265562818, Email ID: orissa@auctiontiger.net & support@auctiontiger.net** (ଆମର ଅକ୍ସନ ଟାଇଗର ମୋବାଇଲ ଆପ୍ଲିକେସନ ମାଧ୍ୟମରେ ଯୋଗ୍ୟ ନିଲାମଧାରୀ ନିଲାମ ପ୍ରକ୍ରିୟା ଏବଂ ବିକ୍ରୟ ସବିଶେଷ ବିବରଣୀ ଦେଖିପାରିବେ।)
୧୦) ବିଡ୍‌ଫର୍ମର ଏକ ନକଲ ସହିତ ଅନଲାଇନରେ ଦାଖଲ ସଂଯୁକ୍ତ କାଗଜାତ୍ (UTR ନଂ. ଦର୍ଶାଇବେ) **କ୍ଷମତାପ୍ରାପ୍ତ ଅଧିକାରୀ, ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ, ଆଞ୍ଚଳିକ କାର୍ଯ୍ୟାଳୟ, ପିପିଲି, ସା/ପୋ: ପିପିଲି, ଜିଲ୍ଲା: ପୁରୀ, ପିନ୍-୭୫୨୧୦୪** ଠାରେ ଦାଖଲ କରିବେ କିମ୍ବା ସେଗୁଡିକର ସଫ୍ଟ କପି: **ropipli@odishabank.in** କୁ ଇ-ମେଲ କରିବେ।
୧୧) ସଂରକ୍ଷିତ ମୂଲ୍ୟଠାରୁ ଦାଖଲ କରିବାକୁ ଥିବା ପ୍ରସ୍ତାବର ମୂଲ୍ୟ ସମାନ / ଅଧିକ ହେବା ଉଚିତ୍ ଏବଂ ନିଲାମଧାରୀମାନେ ସେମାନଙ୍କର ପରବର୍ତ୍ତି ବର୍ଦ୍ଧିତ ପ୍ରସ୍ତାବ: ଯେଉଁ ସମ୍ପତ୍ତିର ସଂରକ୍ଷିତ ମୂଲ୍ୟ ଟ.୫୦,୦୦,୦୦୦/- ରୁ କମ୍ ସେଥି ନିମନ୍ତେ **ଟ.୨୫,୦୦୦/- (ପଚିଶ ହଜାର ଟଙ୍କା ମାତ୍ର)** ର ଗୁଣିତକ ଏବଂ ଯେଉଁ ସମ୍ପତ୍ତିର ସଂରକ୍ଷିତ ମୂଲ୍ୟ ଟ.୫୦,୦୦,୦୦୦/- କିମ୍ବା ତାଠାରୁ ଅଧିକ ସେଥି ନିମନ୍ତେ **ଟ.୫୦,୦୦୦/- (ପଚାଶ ହଜାର ଟଙ୍କା ମାତ୍ର)**ର ଗୁଣିତକ ହେବା ଉଚିତ୍।
୧୨) ସମ୍ପତ୍ତି ସର୍ବୋଚ୍ଚ ନିଲାମ ଡାକି ଥିବା ନିଲାମଧାରୀଙ୍କୁ ବିକ୍ରୟ କରାଯିବ। ସଫଳ ନିଲାମଧାରୀମାନେ ନିଲାମ ରାଶିର ୨୫% (ପୈଠ ହୋଇଥିବା ଅମାନତ ରାଶି ବିଯୁକ୍ତ କରି) ସମ୍ପତ୍ତି ବିକ୍ରୟ ଦିନ ଇ-ନିଲାମ ପ୍ରକ୍ରିୟା ସମାପ୍ତ ହେବା ସଙ୍ଗେ ସଙ୍ଗେ ଦାଖଲ କରିବେ ଏବଂ ବିକ୍ରୟ ମୂଲ୍ୟର ଅବଶିଷ୍ଟ ରାଶି ବିକ୍ରୟ ଚୂଡାନ୍ତ ହେବାର ୧୫ ଦିନ ମଧ୍ୟରେ ଦାଖଲ କରିବେ। ସଫଳ ନିଲାମଧାରୀ ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ ଦେୟ ପ୍ରଦାନ କରିବାରେ ବିଫଳ ହେଲେ ତାଙ୍କ ଦ୍ୱାରା ଜମା କରାଯାଇଥିବା ବିକ୍ରୟ ମୂଲ୍ୟର ୨୫% ଅର୍ଥରାଶି ବାଜ୍ୟାପ୍ତି କରାଯାଇ ସମ୍ପତ୍ତିକୁ ପୁନଃ ନିଲାମ କରାଯିବ ଏବଂ ବିଫଳ କ୍ରେତାଙ୍କର ସମ୍ପତ୍ତି ସମ୍ବନ୍ଧୀୟ କୌଣସି ଦାବୀ / ଅଧିକାର ରହିବ ନାହିଁ। ଯଦି ନିଲାମ-ବିକ୍ରୟ ବ୍ୟାଙ୍କିଙ୍ଗ୍ ସମୟ ପରେ ସମାପ୍ତ ହୁଏ, ତେବେ ପରବର୍ତ୍ତୀ କାର୍ଯ୍ୟ ଦିବସର ଅପରାହ୍ନ ୩.୦୦ ଘଟିକା ସୁଦ୍ଧା ଉକ୍ତ ରାଶି ଜମା କରିବା ଆବଶ୍ୟକ।
୧୩) ସମ୍ପୂର୍ଣ୍ଣ ବିକ୍ରୟ ମୂଲ୍ୟ ଏବଂ ଅନ୍ୟାନ୍ୟ ଦେୟ ଯଦି କିଛି ଥାଏ ତାହା ଜମା କରିବା ପରେ ହିଁ ବିକ୍ରୟ ପ୍ରମାଣପତ୍ର କେବଳ କ୍ରେତାଙ୍କ ନାମରେ ପ୍ରଦାନ କରାଯିବ।
୧୪) ଆଇନ ଅନୁଯାୟୀ ପ୍ରଯୁଜ୍ୟ ଚାର୍ଜ / ଫି ଯଥା ରେଜିଷ୍ଟ୍ରେସନ୍ ଫି, ଷ୍ଟାମ୍ପ ଡ୍ୟୁଟି, ଇନକମ୍ ଟ୍ୟାକ୍ସ ଇତ୍ୟାଦି କ୍ରେତା ବହନ କରିବେ। ଚୂଡାନ୍ତ ହୋଇଥିବା ନିଲାମ ରାଶି ଉପରେ ଟିଡିଏସ୍ ସଫଳ କ୍ରେତା ବହନ କରିବେ।
୧୫) ସମ୍ପତ୍ତି **"ଯେଉଁଠାରେ ଯେପରି ଅଛି ଭିତ୍ତିରେ" ଏବଂ "ଯାହା ଯେପରି ଅଛି ଭିତ୍ତିରେ/ଅବସ୍ଥାରେ"** ବିକ୍ରୟ କରାଯିବ। ଇଚ୍ଛୁକ ନିଲାମଧାରୀ ନିଜେ ସ୍ୱତନ୍ତ୍ର ଭାବେ ପ୍ରସ୍ତାବ ଦାଖଲ ପୂର୍ବରୁ ସମ୍ପତ୍ତିର ବୈଧାନିକ ଦେୟ, ବକେୟା ସମ୍ପତ୍ତି କର, ବିଦ୍ୟୁତ ଦେୟ ଇତ୍ୟାଦି ବିଷୟରେ ଯାଞ୍ଚ କରିବା ଉଚିତ ଏବଂ କ୍ରେତା ସେସବୁ ଗୁଡିକ ବହନ କରିବେ। ଅନଲାଇନରେ ପ୍ରସ୍ତାବ ଦାଖଲ ହେବା ପରେ ବିକ୍ରୟ ହେବାକୁ ଥିବା ସମ୍ପତ୍ତି ବିଷୟରେ କୌଣସି ଦାବୀ, ଦେୟ ଇତ୍ୟାଦି ବିଷୟ ଗ୍ରହଣ କରାଯିବ ନାହିଁ। ଏହି ଇ-ନିଲାମ ବିଜ୍ଞାପନକୁ ବ୍ୟାଙ୍କ ତରଫରୁ କୌଣସି ପ୍ରତିଶ୍ରୁତି କିମ୍ବା ପ୍ରତିନିଧିତ୍ୱ ଆକାରରେ ବିବେଚନା ନକରିବାକୁ ଅନୁରୋଧ। ବ୍ୟାଙ୍କର ଜ୍ଞାତ କିମ୍ବା ଅଜ୍ଞାତରେ ସମ୍ପତ୍ତିଗୁଡିକରେ ଥିବା ବର୍ତ୍ତମାନ ଏବଂ ଭବିଷ୍ୟତର ସମସ୍ତ ଏନ୍‌କମ୍ବ୍ରାନ୍ସ ସହିତ ବିକ୍ରୟ କରାଯାଉଅଛି।
୧୬) ବିକ୍ରୟ ସୁରକ୍ଷିତ ଋଣଦାତାଙ୍କ ଦ୍ୱାରା ଅନୁମୋଦନ ସାପେକ୍ଷ। ଯଦି ଋଣଗ୍ରହୀତା / ଜାମିନ୍‌ଦାରମାନେ ବିକ୍ରୟ ପୂର୍ବରୁ ସମସ୍ତ ଦେୟ ପୈଠ କରନ୍ତି ତେବେ ସମ୍ପତ୍ତି ବିକ୍ରୟ କରାଯିବ ନାହିଁ।
୧୭) ଅସଫଳ ନିଲାମଧାରୀଙ୍କ ଅମାନତ ଜମା ରାଶି ସେମାନଙ୍କ ଦ୍ୱାରା ପ୍ରସ୍ତାବରେ ଦିଆଯାଇଥିବା ବ୍ୟାଙ୍କ ଆକାଉଣ୍ଟରେ EFT/NEFT/RTGS ମାଧ୍ୟମରେ ବିନା ସୁଧରେ ଫେରସ୍ତ କରାଯିବ ଏବଂ ସେମାନଙ୍କୁ ପ୍ରଦତ୍ତ ଇମେଲ ଆଇଡ଼ିରେ ଜଣାଇଦିଆଯିବ।
୧୮) କ୍ଷମତାପ୍ରାପ୍ତ ଅଧିକାରୀଙ୍କ ନିୟନ୍ତ୍ରଣ ବାହାରେ କୌଣସି ବୈଷୟିକ କାରଣ ଯୋଗୁ ଯଦି ନିଲାମ ସମ୍ପନ୍ନ ହୋଇନପାରେ ତେବେ ପୂର୍ବରୁ ନୋଟିସ୍ ଦେଇ ନିଲାମ ପୁନଃ ସ୍ଥିର କରାଯିବ।
୧୯) ଇଚ୍ଛୁକ ନିଲାମଧାରୀମାନେ ସେମାନଙ୍କର ପ୍ରସ୍ତାବ ଦାଖଲ ପୂର୍ବରୁ ଇ-ନିଲାମର ସବିଶେଷ ବିବରଣୀ ବ୍ୟାଙ୍କ ୱେବସାଇଟ୍: **www.odishabank.in** / ସେବା ପ୍ରଦାନକାରୀଙ୍କ ୱେବସାଇଟ୍: **https://sarfaesi.auctiontiger.net** ଦେଖିପାରିବେ।
୨୦) ଉପରଦର୍ଶିତ ସମସ୍ତ ସମ୍ପତ୍ତିଗୁଡିକ ବ୍ୟାଙ୍କର ସାଙ୍କେତିକ ଦଖଲରେ ଅଛି ଏବଂ ବ୍ୟାଙ୍କ ଉକ୍ତ ସମ୍ପତ୍ତିଗୁଡିକ ଭୌତିକ ଦଖଲ ନେଲା ପରେ ସଫଳ କ୍ରେତାଙ୍କୁ ହସ୍ତାନ୍ତର କରିବ।
୨୧) **ଏହି ଇ-ନିଲାମ ବିକ୍ରୟ ନୋଟିସ୍‌ର ପ୍ରକାଶନ ମଧ୍ୟ ଋଣଗ୍ରହୀତା ଓ ଜାମିନ୍‌ଦାରମାନଙ୍କୁ ୩୦ ଦିନିଆ ବୈଧାନିକ ନୋଟିସ୍ ଅଟେ, ଯାହା ମଧ୍ୟ ସର୍ବସାଧାରଣଙ୍କ ପାଇଁ ଉଦ୍ଦିଷ୍ଟ।**
୨୨) ନିମ୍ନ ସ୍ୱାକ୍ଷରକାରୀ କୌଣସି ପୂର୍ବ ନୋଟିସ୍ ନଦେଇ ଏବଂ କୌଣସି କାରଣ ନଦର୍ଶାଇ କୌଣସି ପ୍ରସ୍ତାବକୁ ଗ୍ରହଣ କିମ୍ବା ପ୍ରତ୍ୟାଖ୍ୟାନ କିମ୍ବା ବିକ୍ରୟକୁ ଘୁଞ୍ଚାଇଦେବା / ସ୍ଥଗିତ ରଖିବା / ବାତିଲ କରିବା କିମ୍ବା ବିକ୍ରୟ ନିୟମାବଳୀକୁ ପରିବର୍ତ୍ତନ କରିବାର ସମ୍ପୂର୍ଣ୍ଣ କ୍ଷମତା ସଂରକ୍ଷିତ ରଖିଛନ୍ତି।
୨୩) ଯଦି ଡିଆରଟି/ଡିଆର୍‌ଏଟି/ହାଇକୋର୍ଟ କିମ୍ବା ଅନ୍ୟ କୌଣସି କୋର୍ଟ ଦ୍ୱାରା ପରବର୍ତ୍ତୀ ପ୍ରକ୍ରିୟାକୁ ସ୍ଥଗିତ କରାଯାଏ, ତେବେ ନିଲାମ ସ୍ଥଗିତ କିମ୍ବା ବାତିଲ ହୋଇପାରେ ଏବଂ ଏପରି କ୍ଷେତ୍ରରେ ନିଲାମରେ ଅଂଶଗ୍ରହଣ କରୁଥିବା ବ୍ୟକ୍ତିଙ୍କୁ ପରାମର୍ଶ ଦଆଯାଉଅଛିକି ସେମାନେ କୌଣସି ସୁଧ, କ୍ଷତିପୂରଣ କିମ୍ବା ଖର୍ଚ୍ଚ ଦାବି କରିପାରିବେ ନାହିଁ।
୨୪) ସମ୍ପତ୍ତି ତନଖି / ଇ-ନିଲାମ ସମ୍ବନ୍ଧୀୟ ପରବର୍ତ୍ତି ସବିଶେଷ ବିବରଣୀ ନିମନ୍ତେ ଇଚ୍ଛୁକ ନିଲାମଧାରୀମାନେ ଯୋଗାଯୋଗ କରନ୍ତୁ: **କ୍ଷମତାପ୍ରାପ୍ତ ଅଧିକାରୀ, ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ, ଆଞ୍ଚଳିକ କାର୍ଯ୍ୟାଳୟ, ପିପିଲି, ସା/ପୋ: ପିପିଲି, ଜିଲ୍ଲା: ପୁରୀ, ପିନ୍-୭୫୨୧୦୪, ମୋବାଇଲ: ୯୪୩୭୫୫୬୪୪୫, ୯୪୩୭୬୩୫୩୮୯** କିମ୍ବା ବ୍ୟାଙ୍କର ଅନୁମୋଦିତ ସେବାପ୍ରଦାନକାରୀ **M/s e-Procurement Technologies Limited-Auction Tiger, B-704, Wall Street-II, Opp. Orient Club, Near Gujarat College, Ellis Bridge, Ahmedabad-380006, Gujarat (India), e-mail: orissa@auctiontiger.net & support@auctiontiger.net, Contact Person- Mr. Rakesh Nayak - 8270955254, Mr. Chintan- Mob.: 9265562818.**

ସ୍ଥାନ: ପିପିଲି, ତାରିଖ: ୨୫.୦୨.୨୦୨୨

ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ

ଭଗବାନଙ୍କ ବ୍ୟତୀତ ଅନ୍ୟ କାହାରିଠାରୁ ଆଶ୍ରୟ, ସାହାଯ୍ୟ ବା ନିରାପତ୍ତା ଆଶା କରିବାର ମନୋଭାବ କଦାପି ପୋଷଣ କରନାହିଁ। ...ମନ୍ଦିରର ଖୁବ୍ ଗଭୀରକୁ ଚାଲିଯାଅ। ସେଠାରେ ହିଁ ମୋତେ ଦେଖିପାରିବ। **-ଶ୍ରୀମା**



# ଗଣତନ୍ତ୍ରର ନୂଆ ମୁହଁ

ରୁଷିଆ ୨୪ ଫେବୃୟାରୀ ୨୦୨୨ରେ ୟୁକ୍ରେନ୍ ଉପରେ ଆକ୍ରମଣ କରିବା ଇତିମଧ୍ୟରେ ଚାରି ଦିନ ବିତିଗଲାଣି। ୟୁକ୍ରେନ୍ ଛୋଟିଆ ରାଷ୍ଟ୍ର ହୋଇଥିବାରୁ ବିଶ୍ୱବାସୀ ଭାବୁଥିଲେ କ୍ଷିଭ୍ ମସ୍କୋ ପାଖରେ ଆତ୍ମସମର୍ପଣ କରିଦେଇପାରେ। ଏହି ଆଶଙ୍କା ଅଧିକ ଦୃଢ଼ୀଭୂତ ହୋଇଥିଲା ଯେତେବେଳେ ଆମେରିକା ଓ ନର୍ଥ ଆଟ୍ଲାଣ୍ଟିକ୍ ଟ୍ରିଟି ଅର୍ଗାନାଇଜେସନ (ନାଟୋ) ୟୁକ୍ରେନ୍‌କୁ ସିଧାସଳଖ ସାମରିକ ସହାୟତା ଦେବେ ନାହିଁ ବୋଲି କହିଥିଲେ। ତେବେ ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍‌ଙ୍କୁ ୟୁକ୍ରେନ୍ ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍‌ସ୍କି ଯେଉଁଭଳି ଭାବେ ଟକ୍କର ଦେଉଛନ୍ତି, ତାହା ସମସ୍ତଙ୍କୁ ଆଚମ୍ବିତ କରୁଛି।

ଏଠାରେ ଉଲ୍ଲେଖଯୋଗ୍ୟ ଯେ, ଆଧୁନିକ ୟୁଦ୍ଧରେ ଦେଶର ଗୁରୁତ୍ୱକୁ ଗୌଣ କରିହେବ ନାହିଁ। ୟୁକ୍ରେନ୍ କଥା ଦେଖିଲେ କେହି ଚିନ୍ତା କରି ନ ଥିଲେ ଯେ ପ୍ରତ୍ୟେକ ନାଗରିକର ଦୁଆରମୁହଁରେ ୟୁଦ୍ଧ ଆସି ପହଞ୍ଚିଲେ ସମସ୍ତେ ୟୁଦ୍ଧ ପାଇଁ ପ୍ରସ୍ତୁତ ହୋଇଯିବେ। ରୁଷିଆ ସୈନ୍ୟ ତୁଳନାରେ ୟୁକ୍ରେନ୍‌ର ସୈନ୍ୟ ଦୁର୍ବଳ ପଡ଼ିଯାଇ ଆତ୍ମସମର୍ପଣ କରିବେ ବୋଲି ଯେଉଁ ଚିନ୍ତା କରାଯାଉଥିଲା ତାହାର ମଞ୍ଜି ଆଫଗାନିସ୍ତାନରେ ପ୍ରଥମେ ପୋତା ହୋଇଥିଲା। ୨୦୨୧ ଅଗଷ୍ଟରେ ଆମେରିକାର ସୈନ୍ୟ ପ୍ରତ୍ୟାହାର ଘୋଷଣା ହେବା ମାତ୍ରକେ ସେଠାକାର ସରକାର ଦାୟିତ୍ୱରେ ଥିବା ତାଣ୍ଡୁଆ ନେତାମାନେ ନିଜ ପରିବାର ଓ ବିପୁଳ ଧନ ଧରି ଦେଶ ଛାଡ଼ି ପଳାଇଥିଲେ। ସେଥିପାଇଁ ଏହି ଧାରଣା ସୃଷ୍ଟି ହୋଇଥିଲା ଯେ, ୟୁକ୍ରେନରେ ମଧ୍ୟ ସେହିପରି କାପୁରୁଷତା ଦେଖିବାକୁ ମିଳିବ। ହୁଏତ ସେହି ଚିନ୍ତା ରଖି ୟୁକ୍ରେନ୍ ରାଷ୍ଟ୍ରପତିଙ୍କୁ ଉଦ୍ଧାର କରିବା ପାଇଁ ଆମେରିକା ନିଜ ତରଫରୁ ପ୍ରସ୍ତାବ ଦେଇଥିଲା। ଏହି ପ୍ରସ୍ତାବର ଉତ୍ତରରେ ରାଷ୍ଟ୍ରପତି ଜେଲେନ୍‌ସ୍କି କହିଲେ ଯେ, ମୋ ଦେଶକୁ ସାହାଯ୍ୟ କରିବାକୁ ଚାହୁଁଥିଲେ ଅସ୍ତ୍ର ଦିଅ, ମୁଁ ପଳାଇବ ନୁହେଁ।

ଏହି ସ୍ତମ୍ଭ ପଢ଼ିଲା ବେଳକୁ ୟୁକ୍ରେନ୍‌ରେ ଏବେ ମଧ୍ୟ ଗୁଳି ଫୁଟୁଛି ଓ ଲୋକେ ମରୁଛନ୍ତି। ଦୀର୍ଘ କିଛିବର୍ଷ ଧରି ବିଶ୍ୱବ୍ୟାପୀ ଏକଚ୍ଛତ୍ରବାଦୀ ସ୍ରୋତ ବୋହିଆସୁଛି। ଚାଇନାର ସି ଜିନ୍‌ପିଙ୍ଗ୍, ରୁଷିଆର ପୁଟିନ୍, ବ୍ରାଜିଲ୍‌ର ଜେର୍ ବୋଲ୍‌ସୋନାରୋ, ହଙ୍ଗେରୀର ଭିକ୍ଟର ଓରବାନ୍, ତୁର୍କୀର ଏର୍ଡୋଗାନ, ଫିଲିପାଇନ୍ସର ଡୁଟେର୍ଟେ, ଆଫ୍ରିକା ଓ ଏସିଆ ମହାଦେଶର ଆହୁରି ଅନେକ ଏକଛତ୍ରବାଦୀ ନେତା ଭୋଟ ମାଧ୍ୟମରେ ଜିଣିକରି ନିଜ ଦେଶକୁ ସମ୍ପୂର୍ଣ୍ଣ ଭାବେ କବଳିତ କରି ରଖିଥିବାର ଯେଉଁ ଦୃଷ୍ଟାନ୍ତ ସବୁ ଦେଖିବାକୁ ମିଳୁଛି, ସେଥିରୁ ବିଶ୍ୱାସ ଜନ୍ମିଥିଲା ଯେ ବିଶ୍ୱବ୍ୟାପୀ ଗଣତନ୍ତ୍ରର ମୃତ୍ୟୁ ଘଟିଲାଣି। ପୁଟିନ୍‌ଙ୍କର ୟୁକ୍ରେନ୍ ଉପରେ ଆକ୍ରମଣ ସେହି ସ୍ଥିର ପାଣିକୁ ଚହଲେଇ ଦେଇଛି। ଏହି ପ୍ରକ୍ଷାପଟରେ ମନେହେଉଥିଲା ଯେପରି ପୁଟିନ୍‌ଙ୍କ ବିଜୟ ଆଖିପିଛୁଳାକେ ହେବ। କିନ୍ତୁ ଏବେ ପ୍ରମାଣ ମିଳୁଛି ଯେ ଭୋଟ ପରିବର୍ତ୍ତେ ୟୁଦ୍ଧ ଆଣିଦେବ ବାସ୍ତବ ଗଣତନ୍ତ୍ର। ଦେଶର ବ୍ରାହି ଦେଇ ଆଭ୍ୟନ୍ତରୀଣ ସମସ୍ୟା ସୃଷ୍ଟି କଲେ ବାହ୍ୟ ଶକ୍ତି ପ୍ରବେଶ ପାଇଁ ସହଜ ହୋଇପଡ଼େ। ଆଜିର ସ୍ଥିତିରେ ଜଣାପଡୁଛି ଯେ ଜେଲେନ୍‌ସ୍କି ଜଣେ ସଂଖ୍ୟାଲଘୁ ଇହୁଦୀ ନେତା ହୋଇଥିବା ସତ୍ତ୍ୱେ ତାଙ୍କ ନେତୃତ୍ୱ ଯୋଗୁ ସାଧାରଣ ୟୁକ୍ରେନ୍‌ବାସୀ ଦେଶ ଲାଗି ନିଜ ଜୀବନ ଦେବାକୁ ପ୍ରସ୍ତୁତ ହେଲେଣି। ଦେଶ ଛୋଟିଆ ହେଲେ ବି ୟୁକ୍ରେନ୍ ରୁଷିଆ ଆକ୍ରମଣକୁ ପ୍ରତିହତ କରିବାକୁ ଏବେ ଅନ୍ୟ ଦେଶଗୁଡ଼ିକ ବିଭିନ୍ନ ପ୍ରକାର ସାହାଯ୍ୟ କରିବାକୁ ଆଗେଇ ଆସିଲେଣି। ପାଶ୍ଚାତ୍ୟ ବିଶ୍ୱର ଏକ ବିରାଟକାୟ ଅର୍ଥନୈତିକ ବ୍ୟବସ୍ଥା ବେଲ୍‌ଜିୟମ୍‌ଭିତ୍ତିକ 'ସ୍ୱିଫ୍ଟ' (ସୋସାଇଟି ଫର୍ ୱାର୍ଲ୍ଡୱାଇଡ୍ ଇଣ୍ଟରବ୍ୟାଙ୍କ ଫାଇନାନ୍ସିଆଲ୍ ଟେଲିକମ୍ୟୁନିକେସନ)ରୁ ରୁଷିଆକୁ ବାଦ୍ ଦେବା ପାଇଁ ସମସ୍ତେ ଏକମତ ହୋଇଯାଇଛନ୍ତି। ସ୍ୱିଫ୍ଟ ଏଭଳି ଏକ ଆର୍ଥିକ ବ୍ୟବସ୍ଥା ଯାହାଦ୍ୱାରା ବିଶ୍ୱର ବଡ଼ ବ୍ୟାଙ୍କଗୁଡ଼ିକ ବିଦେଶିକ ମୁଦ୍ରା କାରବାର କରିଥାଆନ୍ତି। ସେଥିରୁ ବାଦ୍ ପଡ଼ିବାରେ ରୁଷିଆର ପ୍ରବଳ ଆର୍ଥିକ କ୍ଷତି ହେବ। ସେହିଭଳି ରୁଷିଆର କେନ୍ଦ୍ରୀୟ ବ୍ୟାଙ୍କକୁ ମଧ୍ୟ ଅନ୍ୟସବୁ ପାଶ୍ଚାତ୍ୟ ଦେଶରେ ବ୍ୟବସାୟ କରିବାକୁ ବାରଣ କରିଦିଆଗଲାଣି। ପ୍ରତ୍ୟେକ ଦିନ ନୂଆ ପଦ୍ଧତିର ବିରୋଧକୁ ରୁଷିଆ ସମ୍ମୁଖୀନ ହେବାକୁ ଲାଗିଲାଣି। ୟୁକ୍ରେନ୍ ଯଦି ଏହିଭଳି ବିରୋଧ କରି ଆଉ କିଛିଦିନ ୟୁଦ୍ଧକୁ ଟାଣିନେବ, ତେବେ ତା'ପାଖରେ ହତିଆର ଓ ଅର୍ଥ ପହଞ୍ଚିବାକୁ ଆରମ୍ଭ ହେବ। ଅନ୍ୟଏକ ଗୁରୁତ୍ୱପୂର୍ଣ୍ଣ ଦିଗ ହେଉଛି, ୟୁକ୍ରେନ୍‌ର ପଡ଼ୋଶୀ ରାଷ୍ଟ୍ରଗୁଡ଼ିକରେ ପ୍ରତିକ୍ରିୟା। ପୋଲାଣ୍ଡ ଭଳି ଦେଶରେ ନାଗରିକ ବିଚଳିତ ହେଲେଣି। ସେଠାକାର ଗଣମାଧ୍ୟମରେ କୁହାଯାଉଛି, ୟୁକ୍ରେନ୍ ପରେ ରୁଷିଆ ଅନ୍ୟସବୁ ପୂର୍ବତନ କମ୍ୟୁନିଷ୍ଟ ଦେଶ ଉପରେ ନଜର ପକାଇବ। ସେଥିପାଇଁ ନିଜ ଦେଶରେ କ୍ଷତି କରାଇବା ପରିବର୍ତ୍ତେ ଅନେକ ପଡ଼ୋଶୀ ୟୁବକ ୟୁକ୍ରେନ୍ ଯାଇ ଲଢ଼ିବାକୁ ଆଗ୍ରହୀ ହେଲେଣି। ଏହା ସଙ୍କେତ ଦେଉଛି ଯେ, ଜେଲେନ୍‌ସ୍କିଙ୍କ ନେତୃତ୍ୱ କେତେକ ମୌଳିକ ବିଷୟକୁ ବଦଳାଇବାକୁ ଆରମ୍ଭ କଲାଣି। ୟୁଦ୍ଧରେ ମୀମାଂସା ହେବା ବିଜୟ ହେବାରୁ ହଙ୍ଗେରୀର ଓରବାନ୍‌ଙ୍କଠାରୁ ଆରମ୍ଭକରି ତୁର୍କୀର ଏର୍ଡୋଗାନ୍‌ଙ୍କ ପର୍ଯ୍ୟନ୍ତ କଠୋର ଭାଷାରେ ନିନ୍ଦା କଲେଣି। ଏହି ପରିସ୍ଥିତିରେ ଭାରତ ନିଜକୁ ଏକ ଅଡୁଆ ସ୍ଥାନରେ ନେଇ ରଖିଲାଣି। ପ୍ରଥମେ ଜାତିସଂଘ ନିରାପତ୍ତା ପରିଷଦ (ୟୁଏନ୍‌ଏସ୍‌ସି)ରେ ଅଣାଯାଇଥିବା ରୁଷିଆ ବିରୋଧୀ ପ୍ରସ୍ତାବରେ ଭାରତ ଭୋଟ ଦେବାରୁ ନିବୃତ୍ତ ରହିଲା। ଏହାର ଅର୍ଥ ରୁଷିଆକୁ ସମର୍ଥନ। ପୃଥିବୀର ସର୍ବବୃହତ୍ ଗଣତନ୍ତ୍ର ଭାବେ ଭାରତର ଏହି ନିଷ୍ପତ୍ତି ତା'ର ଭାବମୂର୍ତ୍ତିକୁ ବିଶ୍ୱବ୍ୟାପୀ କ୍ଷତି ପହଞ୍ଚାଇଛି। ଭାରତ ସହ ଚାଇନା ଓ ୟୁଏଇ ମଧ୍ୟ ଭୋଟ ଦେବାରୁ ନିବୃତ୍ତ ହୋଇଥିଲା। ଏବେ ଏହି ଦୁଇ ଦେଶ ୟୁଦ୍ଧ ମାଧ୍ୟମରେ କୌଣସି ସମସ୍ୟାର ସମାଧାନ ହୋଇପାରିବ ନାହିଁ ବୋଲି ଉଭୟେ ବିବୃତି ଦେଇସାରିଲେଣି। କିନ୍ତୁ ଭାରତ ନୀରବ ରହିଛି। କୁହାଯାଉଛି ଭାରତର ପ୍ରତିରକ୍ଷା ସାମଗ୍ରୀ ପାଇଁ ରୁଷିଆ ଉପରେ ସମ୍ପୂର୍ଣ୍ଣ ନିର୍ଭରଶୀଳ ହୋଇଥିବାରୁ ସେହି ଦେଶ ବିରୋଧରେ ମତ ଦେବା ପାଇଁ କେନ୍ଦ୍ର ସରକାର ଅନିଚ୍ଛୁକ। ସମଗ୍ର ପୃଥିବୀର ସ୍ଥିତି ଅତି ଶୀଘ୍ର ବଦଳିବାକୁ ଆରମ୍ଭ କଲାଣି। ଭାରତ ତାହାର ଗଣତାନ୍ତ୍ରିକ ଭାବମୂର୍ତ୍ତିକୁ କ୍ଷତି ପହଞ୍ଚାଇ ପରିବର୍ତ୍ତିତ ପରିସ୍ଥିତିରେ କେଉଁଭଳି ନିଜକୁ ସାମ୍ନାରେ ରଖିବ ତାହା ଦେଖିବାକୁ ବାକି ଅଛି।

# ଜଙ୍ଗଲ ଅଭିବୃଦ୍ଧି ଓ ବନ୍ୟପ୍ରାଣୀ ସୁରକ୍ଷା



ସୁଧୀର କୁମାର ନାୟକ

କେନ୍ଦ୍ର ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟର ଡେରାଡୁନସ୍ଥିତ ସ୍ୱୟଂଶାସିତ ଭାରତୀୟ ଜଙ୍ଗଲ ସର୍ବେକ୍ଷଣ ସଂସ୍ଥା ଦ୍ୱାରା ସଦ୍ୟ ପ୍ରକାଶିତ ତଥ୍ୟ ଅନୁସାରେ ୨୦୧୯-୨୦ ଆର୍ଥିକ ବର୍ଷରେ ଓଡ଼ିଶାରେ ୫୩୭.୪୪ ବର୍ଗ କି.ମି. ଜଙ୍ଗଲ ବୃଦ୍ଧି ଘଟିଛି। ଦେଶରେ ଜଙ୍ଗଲ ବୃଦ୍ଧିର ତୃତୀୟ ରାଜ୍ୟ ଭାବେ ଓଡ଼ିଶା ଏହି ସଫଳତା ପାଇଥିବା ବେଳେ ଜଙ୍ଗଲାଞ୍ଚଳ ବୃଦ୍ଧିରେ ଆନ୍ଧ୍ର ଓ ତେଲଙ୍ଗାନା ଯଥାକ୍ରମେ ପ୍ରଥମ ଓ ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ତେବେ ଗତ ୨ ବର୍ଷ ତଳେ ଆର୍ଥିକ ବର୍ଷ ୨୦୧୭-୧୮ରେ ରାଜ୍ୟରେ ଜଙ୍ଗଲ ଅଭିବୃଦ୍ଧି ୨୩୭ବର୍ଗକି.ମି. ଥିବାବେଳେ ୨୦୧୯-୨୦ ବର୍ଷରେ ପାଖାପାଖି ୨ଗୁଣ କ୍ରମାଗତ ବୃଦ୍ଧି ହେବା ଆଶ୍ୱସ୍ତିକର। ଜଙ୍ଗଲ ବନୀକରଣ, ନୂତନ ଜଙ୍ଗଲ ସୃଷ୍ଟି ପାଇଁ ଚାରା ରୋପଣ ଓ ଜଙ୍ଗଲ ସୁରକ୍ଷା ପାଇଁ କାର୍ଯ୍ୟ କରୁଥିବା ସମସ୍ତ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଯୋଜନାଗୁଡ଼ିକର ସଫଳତା ବୋଲି ଧରାଯାଇପାରେ। ଓଡ଼ିଶାରେ ସମୁଦାୟ ଭୌଗୋଳିକ ଅଞ୍ଚଳ ମଧ୍ୟରୁ ୩୩.୫୦% ଜଙ୍ଗଲ ଆଚ୍ଛାଦିତ ରହିଛି। ଏକ ତୃତୀୟାଂଶ ଅଞ୍ଚଳ ଜଙ୍ଗଲ ଓ ବୃକ୍ଷଲତାରେ ସବୁଜିମା ପରିଶେଷ ସୃଷ୍ଟି କରିବାରେ ଓଡ଼ିଶା ଜାତୀୟ ସ୍ତରରେ ସ୍ୱୀକୃତିଲାଭ ପାଇଛି। ଏବେ ରାଜ୍ୟରେ ମୋଟ ୭୨୧୨.୮ ବର୍ଗ କି.ମି. ଅଞ୍ଚଳରେ ଘଞ୍ଚ ଜଙ୍ଗଲ ଥିବାବେଳେ ୨୦୯୯୪ ବର୍ଗକି.ମି ଅଞ୍ଚଳରେ ମଧ୍ୟମ ଧରଣର ଜଙ୍ଗଲ ଅଛି। ଅନ୍ୟ ଏକ ସଫଳତା ହେଲା, ଗତ ୨ ବର୍ଷ ମଧ୍ୟରେ ହେନ୍ତାଳ ବଣ ଅଭିବୃଦ୍ଧି କ୍ଷେତ୍ରରେ ଓଡ଼ିଶା ଦେଶର ପ୍ରଥମ ସ୍ଥାନରେ ଅଛି। ଲଗାତର ପ୍ରତ୍ୟେକ ବର୍ଷ ସାମୁଦ୍ରିକ ବାତ୍ୟା, ଝଡ଼ ସତ୍ତ୍ୱେ ଓଡ଼ିଶାର ଉପକୂଳବର୍ତ୍ତୀ ଜିଲାଗୁଡ଼ିକରେ ଥିବା ଲୁଣା ଜଙ୍ଗଲ ଅଞ୍ଚଳର ଆୟତନ ବୃଦ୍ଧି ନିଶ୍ଚିତ ଜଳବାୟୁ ପରିବେଶ ଉପରେ ଭଲ ପ୍ରଭାବ ପକାଇବ। ଜୈବ ବିବିଧତା ଉତ୍ସକୁ ଅକ୍ଷୁର୍ଣ୍ଣ ରଖିବ।


ଉଦ୍‌ବେଗର ବିଷୟ ହେଲା, ବଣ୍ୟପ୍ରାଣୀଙ୍କ ବାସସ୍ଥଳୀ, ଜଙ୍ଗଲ ଆୟତନର କ୍ରମାଗତ ଅଭିବୃଦ୍ଧି ଘଟିବାର ରିପୋର୍ଟ ପ୍ରକାଶ ପାଇଲେ ମଧ୍ୟ ବଣ୍ୟପ୍ରାଣୀଙ୍କ ବିପଦ ଓ ମୃତ୍ୟୁ ହ୍ରାସ ପାଉନାହିଁ। ଜଙ୍ଗଲ ଆୟତନ ବୃଦ୍ଧିର ତଥ୍ୟ ଜଙ୍ଗଲ ସର୍ବେକ୍ଷଣ ପରିବେଶ ବିଭାଗ ଦେଲେ ମଧ୍ୟ ପ୍ରତ୍ୟେକ ବର୍ଷ ବିଭିନ୍ନ କାରଣ ଯୋଗୁ କେତେ ଜଙ୍ଗଲ ଧ୍ୱଂସ ହେଉଛି ତା'ର ତଥ୍ୟ ଦେଉନାହିଁ। ଜଙ୍ଗଲ ଓ ଅନ୍ୟାନ୍ୟ ବିଭାଗ ଦ୍ୱାରା ରୋପଣ କରାଯାଇଥିବା ଚାରାଗୁଡ଼ିକ ପରବର୍ତ୍ତୀ ସମୟରେ ଉପଯୁକ୍ତ ରକ୍ଷଣାବେକ୍ଷଣ, ପାଣି, ବାଡ଼ ଅଭାବରୁ ମରିଯାଉଛି। ଏଥିପାଇଁ ଜଙ୍ଗଲ ବିଭାଗ ଅଜସ୍ର ଟଙ୍କା ଖର୍ଚ୍ଚ କରୁଥିବାର ହିସାବ ଦେଉଥିବାବେଳେ ଗଛ ମରିଯିବାର ହିସାବ ରଖୁନାହିଁ। ସେହିପରି କେନ୍ଦୁଝର, ମୟୂରଭଞ୍ଜ, ଅବିଭକ୍ତ କୋରାପୁଟ, ଢେଙ୍କାନାଳ, ଅନୁଗୋଳ, ସୁନ୍ଦରଗଡ଼, କଳାହାଣ୍ଡି ଆଦି ଜିଲାରେ ବନୀକରଣ କାମ ସେପରି ଉନ୍ନତି ଘଟିନାହିଁ। ଅପରପକ୍ଷେ ପ୍ରତ୍ୟେକ ବର୍ଷ ସେହିସବୁ ଜିଲାଗୁଡ଼ିକରେ ବନୀକରଣ ନିମନ୍ତେ ବିଭାଗ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛି। ବନ୍ୟଜନ୍ତୁଙ୍କ ପାଇଁ ଏହିସବୁ ଜିଲାଗୁଡ଼ିକ ବଡ଼ ବିପଦ ଦେଖାଦେଉଛି। ଚଳିତମାସ କ୍ରମାଗତ ଭାବେ ୮ ଗୋଟି ବନ୍ୟଜନ୍ତୁ ଶିକାର ଓ ମୃତ୍ୟୁ ମାମଲା କେସ୍ ରୁଜୁ ହେବା ପରେ ବନ୍ୟପ୍ରାଣୀଙ୍କ ସୁରକ୍ଷା ବନ ବିଭାଗ କିପରି ନେଉଛି, ଜଳଜଳ ଦେଖାଯାଉଛି। କଟକ ଜିଲା, ତିଗିରିଆ ବନଖଣ୍ଡ ଅନ୍ତର୍ଗତ ଭିରୁଡ଼ା ପଞ୍ଚାୟତର ବନ୍ଧାଣ ତଇଲା ଶିକାରୀ ଫାସରେ ପଡ଼ି କଲରାପତରିଆ ବାଘର ମୃତ୍ୟୁ ଜଣାପଡ଼ିଥିଲା। ସେହିଦିନ ବରଗଡ଼ ଭେଡେନ ରାସ୍ତାରୁ ଜଣେ ଶିକାରୀଠାରୁ ଜୀବନ୍ତ ବଜ୍ରକାପ୍ତା ଉଦ୍ଧାର ସହ ବେପାରୀଙ୍କୁ ଗିରଫ କରାଯାଇଥିଲା। ଠିକ୍ ଏହାର ପରଦିନ ଅର୍ଥାତ୍ ଜାନୁୟାରି ୧୫ରେ ମୟୂରଭଞ୍ଜ ବେତନଟିରୁ ୨ ଶିକାରୀଙ୍କ ପାଖରୁ ଶିମିଳିପାଳରୁ ଶିକାର କରାଯାଇଥିବା ୨ଟି ବାଘଛାଲ ଜବତ କରାଯାଇଥିଲା। ସେହିପରି ଜାନୁୟାରୀ ୬ରେ ଦେବଗଡ଼, ତିଲେଇବଣି, ବରଘାଟରୁ ବାଘଛାଲ, ହାତୀଦାନ୍ତ, ବଜ୍ରକାପ୍ତା କାତି ସହ ମାଫିଆ ଗିରଫ ହୋଇଥିଲେ। ଏଥିରୁ ସ୍ପଷ୍ଟ ହେଉଛି, ଅଭୟାରଣ୍ୟ ସହ ସଂରକ୍ଷିତ ଜଙ୍ଗଲକୁ ଶିକାରୀ ଏବଂ ମାଫିଆମାନେ କେମିତି କବ୍‌ଜା କରି ନେଉଛନ୍ତି।

ଏସ୍‌ଟିଏଫ୍ ରିପୋର୍ଟ ଅନୁସାରେ ମାତ୍ର ୨ ବର୍ଷ ମଧ୍ୟରେ ରାଜ୍ୟର ବିଭିନ୍ନ ବନାଞ୍ଚଳ ମଧ୍ୟରୁ ୨୬ଟି କଲରାପତରିଆ ବାଘ ଛାଲ, ୧୩ ହାତୀଦାନ୍ତ, ୭ ହରିଣ ଛାଲ, ୧୬ କେ.ଜି. ବଜ୍ରକାପ୍ତାର କାତି, ୯ ଜୀବନ୍ତ ବଜ୍ରକାପ୍ତା ଜବତ କରାଯାଇଥିବା ବେଳେ ୫୫ରୁ ଅଧିକ ଶିକାରୀ ମାଫିଆଙ୍କୁ ଗିରଫ କରାଯାଇଛି। କହିବାକୁ ଗଲେ ଏହାଠାରୁ ଅଧିକ ଜନ୍ତୁ ଶିକାର ହେଉଥିଲେ ବି ବନ ବିଭାଗ ଅପରାଗତା ଯୋଗୁ ଶିକାରୀମାନେ ଧରାପଡୁନାହାନ୍ତି। ଗତ ୫ ବର୍ଷ ମଧ୍ୟରେ ୮୦୨ ବନ୍ୟପ୍ରାଣୀ ଶିକାର ମାମଲାରେ ୩୨୪୮ଜଣ ଗିରଫ ହୋଇଥିଲେ ମଧ୍ୟ ଜଣକୁ ବି ଆଜିପର୍ଯ୍ୟନ୍ତ ଦଣ୍ଡାଦେଶ ହୋଇପାରିନାହିଁ। ସେହିପରି ଏକଦା ମହାବଳ ବାଘ ପାଇଁ ଖ୍ୟାତ ଥିବା ଶିମିଳିପାଳରେ ବାଘ ଦୃଶ୍ୟ ହେବାଟା ଭାଗ୍ୟର କଥା ହୋଇଛି। ତଥ୍ୟ ଅନୁସାରେ ୨୦୦୬ରେ ୧୦୧ଟି ବାଘ ଥିଲାବେଳେ ଏବେ ଜଙ୍ଗଲ ବିଭାଗ ତଥ୍ୟ ଅନୁସାରେ ମାତ୍ର ଅଛନ୍ତି ୨୮। ତାହା ବି କେତେଦୂର ଠିକ୍ ଏକ ପ୍ରଶ୍ନବାଚୀ? ରାଜ୍ୟର ଅନ୍ୟ ଏକ ଗୌରବ ସାତକୋଶିଆ ଅଭୟାରଣ୍ୟରେ ଆଉ ଧଳା ହରିଣ ଦେଖାଯାଉନାହିଁ। ବାଘର ମଧ୍ୟ ଦୃଶ୍ୟ ହେଉନାହିଁ। ଅନ୍ୟାନ୍ୟ ପଶୁପକ୍ଷୀଙ୍କ ସଂଖ୍ୟା ବି ଠିକ୍ କେତେ ଜଣାପଡୁନାହିଁ। ଏଠାରେ ମଧ୍ୟ ଶିକାରୀମାନଙ୍କ ପ୍ରାଦୁର୍ଭାବ ରହିଛି। ସେହିପରି ରାଜ୍ୟରେ ବଜ୍ରକାପ୍ତା ଶିକାରୀମାନେ କୋଟି କୋଟି ଟଙ୍କାର କାତି ଚୋରା ଚାଲାଣ କରିଥାନ୍ତି। ଓଡ଼ିଶାରୁ ପଶ୍ଚିମବଙ୍ଗ ଦେଇ ଚାଇନା, ମ୍ୟାନମାର, ବାଂଲାଦେଶ, ଦକ୍ଷିଣଆଫ୍ରିକା ପର୍ଯ୍ୟନ୍ତ ର୍‌ୟାକେଟର ଚେର ଲମ୍ବିଛି। ୨୦୨୧ ଜୁଲାଇ ୨୪ରେ ଢେଙ୍କାନାଳ ବନଖଣ୍ଡ ଅଧୀନ କପିଳାସ ରେଞ୍ଜରେ ଏକାଥରେ ସର୍ବାଧିକ ୧୪୦୨କି.ଗ୍ରା. ବଜ୍ରକାପ୍ତା କାତି ଜବତ କରାଯାଇଥିଲା। କିନ୍ତୁ ଉଦ୍‌ବେଗର ବିଷୟ କ୍ରାଇମବ୍ରାଞ୍ଚ ପକ୍ଷରୁ ବହୁବାର ବନ୍ୟପ୍ରାଣୀ ପିସିସିଏଫ୍‌ଙ୍କୁ ଚିଠି ଦ୍ୱାରା ଅବଗତ କରାଗଲେ ମଧ୍ୟ ବନ ବିଭାଗ ୨୦ରୁ ଅଧିକ ମାମଲା ଏସ୍‌ଟିଏଫ୍‌କୁ ହସ୍ତାନ୍ତର କରୁନାହିଁ କାହିଁକି ? ଏଥିରୁ ସ୍ପଷ୍ଟ ହେଉଛି ଯେ ବନ ବିଭାଗ ମାମଲାଗୁଡ଼ିକୁ ଗୁରୁତ୍ୱ ନ ଦେବା ପଛରେ କିଛି ରହସ୍ୟ ରହିଛି। ଫଳରେ ସେହି ଶିକାରୀମାନେ ଜଙ୍ଗଲରେ ଖୁଲମଖୁଲା ବୁଲିବା ସହ ଶିକାର ମଧ୍ୟ କରୁଛନ୍ତି। ୱାଇଲ୍ଡ ଲାଇଫ୍ ସୋସାଇଟି ଅଫ୍ ଓଡ଼ିଶା ତଥ୍ୟ ଅନୁଯାୟୀ ୨୦୧୮ ଅଗଷ୍ଟରୁ ଏ ପର୍ଯ୍ୟନ୍ତ ରାଜ୍ୟର ୧୪ଟି ଜିଲାରେ ମୋଟ ୨୬ଟି ମାମଲାରେ ୨୭ଟି ଜୀବନ୍ତ ବଜ୍ରକାପ୍ତା ଉଦ୍ଧାର କରାଯାଇଛି, କିନ୍ତୁ ଅପରାଧରେ ଜଡ଼ିତ ଶିକାରୀମାନଙ୍କୁ ଉଚିତ ଦଣ୍ଡ ମିଳିପାରିନାହିଁ।

ଗତ ୪ବର୍ଷ ଧରି ବନ୍ୟଜନ୍ତୁଙ୍କ ସହ ଲୋକମାନଙ୍କର ମୁହାଁମୁହିଁ ହୋଇ ୫୦୦ରୁ ଅଧିକ ଜୀବନ ଗଲାଣି। ଏହାସହ ୧୦୩୧ ଜଣ ଆହତ ହୋଇଛନ୍ତି। ୬୫୬୩ ଲୋକ ବାସହରା ହୋଇଥିବା ବେଳେ ୪୬୮୫୭ ଏକର ଫସଲ ବନ୍ୟଜନ୍ତୁମାନଙ୍କ ଦ୍ୱାରା ନଷ୍ଟ ହୋଇଛି। ଏଥିପାଇଁ ୧୩୮୪୨୯ ଜଣ ଚାଷୀ କ୍ଷତିଗ୍ରସ୍ତ ହୋଇଥିବା ରିପୋର୍ଟ ଜଙ୍ଗଲ ବିଭାଗ ଦେଇଛି। ତେବେ ରାସ୍ତା ପାର୍ଶ୍ୱରେ ଚାରା ରୋପଣ କରି ସବୁଜିମା ଆୟତନ ବୃଦ୍ଧି କରିବା ପରିବେଶ ପାଇଁ ଯେତିକି ହିତକର, ବନ୍ୟଜନ୍ତୁମାନଙ୍କୁ ଶିକାରୀ ଓ ଅନ୍ୟାନ୍ୟ ବିପଦରୁ ସୁରକ୍ଷା ଦେବା ବନ ବିଭାଗର ଏକ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ। ପ୍ରାକୃତିକ ଜଙ୍ଗଲର ସଂରକ୍ଷଣ ଏବଂ ଧ୍ୱଂସ ପାଉଥିବା ଜଙ୍ଗଲର ପୁନରୁଦ୍ଧାର ନ ହେଲେ ବନ୍ୟପ୍ରାଣୀ ରହିବେ କେଉଁଠି। ଖରାଦିନେ ଜଙ୍ଗଲ ମଧ୍ୟରେ ଥିବା ପ୍ରାକୃତିକ ଜଳଉତ୍ସଗୁଡ଼ିକ ଶୁଖିଯିବାରୁ ପାଣି ପାଇଁ ବନ୍ୟପ୍ରାଣୀମାନେ ଗାଁ ମୁହାଁ ହେଉଛନ୍ତି। ପ୍ରତିବର୍ଷ ଜଙ୍ଗଲରେ ନିଆଁ ଲାଗିବାରୁ କେବଳ ଗଛଲତା ପୋଡ଼ି ପାଉଁଶ ହୋଇ ଜଙ୍ଗଲ ଧ୍ୱଂସ ହେଉନାହିଁ, ବସବାସ କରୁଥିବା ବିଭିନ୍ନ ପ୍ରଜାତିର ସରୀସୃପ, ବନ୍ୟଜନ୍ତୁ ମଧ୍ୟ ଅଗ୍ନି ଉତ୍ତାପରେ ମରୁଛନ୍ତି। ଜଙ୍ଗଲ ମଧ୍ୟରେ ଝୁଲି ରହୁଥିବା ବିଦ୍ୟୁତ୍ ତାର, ଜଙ୍ଗଲ ପାର୍ଶ୍ୱରେ ଯାଉଥିବା ରେଳର ଗତି, ଶିକାରୀର ଜାଲ ପରି ସମସ୍ୟାଗୁଡ଼ିକୁ ମୁକାବିଲା ଓ ସମାଧାନ କରିବା ପାଇଁ ଜଙ୍ଗଲ ବିଭାଗ ଏକ ସମନ୍ୱିତ ନୀତି ପ୍ରଣୟନ କରି ଜଙ୍ଗଲର ଅଭିବୃଦ୍ଧି ସହ ବନ୍ୟପ୍ରାଣୀଙ୍କ ସୁରକ୍ଷା ଦିଗରେ ଗୁରୁତ୍ୱ ଦିଆଯିବାର ଆବଶ୍ୟକତା ଅଛି। ଧରାପଡୁଥିବା ଶିକାରୀମାନଙ୍କୁ ତ୍ୱରିତ ବିଚାର କରି ଦଣ୍ଡାଦେଶ କରାଯାଉ। ଜଙ୍ଗଲ ବିଭାଗରେ କାମ କରୁଥିବା ସମସ୍ତ କ୍ଷେତ୍ର କର୍ମଚାରୀମାନଙ୍କୁ ବୈଷୟିକ ଜ୍ଞାନକୌଶଳରେ ତାଲିମ ପ୍ରଦାନ କରାଯାଇ ଦକ୍ଷ କରାଯାଉ। ପ୍ରତି ୩ମାସରେ ବନ୍ୟପ୍ରାଣୀ ଆପରାଧିକ ମାମଲାଗୁଡ଼ିକର ତଦନ୍ତ ଓ ଫଇସଲାଗୁଡ଼ିକୁ ବିଭାଗୀୟ ମୁଖ୍ୟ ଯାଞ୍ଚ କରନ୍ତୁ। ସରକାର ୨୦୨୨-୨୩ ଆର୍ଥିକବର୍ଷ ପାଇଁ ବଜେଟରେ ମଞ୍ଜୁର କରିଥିବା ୧୨୪୧କୋଟି ଟଙ୍କାର ବାର୍ଷିକ ଯୋଜନା ପ୍ରସ୍ତୁତ କରି ତା'ର ଠିକ୍ ବିନିଯୋଗ ପାଇଁ ପ୍ରତ୍ୟେକ ମାସ ବିଭାଗୀୟ ମୁଖ୍ୟମାନେ ସମୀକ୍ଷା କରନ୍ତୁ। ରାଜ୍ୟର ଶିମିଳିପାଳ ଓ ସାତକୋଶିଆ ଅଭୟାରଣ୍ୟ ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରାଯାଉଥିଲେ ମଧ୍ୟ ବାଘ ସଂଖ୍ୟା କମି କମି ଶୂନରେ ପହଞ୍ଚିଲାଣି। ଏଣୁ ଜଙ୍ଗଲ ଅଭିବୃଦ୍ଧିରେ ବନ ବିଭାଗ ବିଶେଷ ଖୁସି ହେବା ସହ ବନ୍ୟପ୍ରାଣୀଙ୍କ ସୁରକ୍ଷା ପାଇଁ ଏକ ବଡ଼ ଚ୍ୟାଲେଞ୍ଜ ବୋଲି ଗ୍ରହଣ କରିବାକୁ ପଡ଼ିବ।

**ଶ୍ୟାମପୁର, ଧାମନଗର, ଭଦ୍ରକ**
**ମୋ: ୯୯୩୮୦୮୦୨୯୪**

# ତୋ ବେଳକାଳ ଆସୁଛି



ଶ୍ରୁତକୀର୍ତ୍ତି ତ୍ରିପାଠୀ

ଶୀର୍ଷକ ଧାଡ଼ିଟି ଲୋକମୁଖରେ ଖୁବ୍ ଆଦୃତ ଏକ ଢଗରୁ ଆସିଛି, ଯାହାର ସମ୍ପୂର୍ଣ୍ଣ ପଂକ୍ତିଟି ଏହିଭଳି:-

''ତଳ ବରଡ଼ା ଖସୁଛି, ଉପର ବରଡ଼ା ହସୁଛି
ମଝି ବରଡ଼ା ଥାଇ କହୁଛି, ତୋ ବେଳକାଳ ଆସୁଛି।''

ବୁଝାଇ କହିଲେ, ବୃଦ୍ଧ ମାତାପିତା (ତଳ ବରଡ଼ା), ତାଙ୍କ ତ୍ୟାଗ, ସଂଘର୍ଷରେ ଆଗାମୀ ପିଢ଼ିକୁ ଗଢ଼ି ସମୟ ହେଲେ ଶୁଖିଲା ପତ୍ର ପରି ଝଡ଼ିପଡ଼ନ୍ତି। ସେତେବେଳେ ଏହି ସବୁ ଗତିବିଧିକୁ ଯୁବପିଢ଼ି (ଉପର ବରଡ଼ା) ଅନୁଭବ ନ କରିପାରି ଏକ ସହଜ ଜୀବନ ବଞ୍ଚୁଥାଏ। କିନ୍ତୁ ଏହି ଦୁଇ ପିଢ଼ି ଭିତରେ ଥିବା ମଝି ପିଢ଼ି (ମଝି ବରଡ଼ା) ଉଭୟ ବୃଦ୍ଧ ମାତାପିତା ଏବଂ ନିଜ ସନ୍ତାନମାନଙ୍କ ମଧ୍ୟରେ ଏକ ପାହାଚ ଭଳି ରହି ସବୁ ଦେଖିବାରେ ସକ୍ଷମ ଥାଏ। ସେ ଜାଣିଥାଏ ଯେ ତା'ର ବି ଦିନେ ବାର୍ଦ୍ଧକ୍ୟ ଅବସ୍ଥା ଉପନୀତ ହେବ। ତେଣୁ ସେ ତରୁଣ ପିଢ଼ିକୁ ସାବଧାନ କରି କହୁଛି, 'ରେ ଉପର ବରଡ଼ା, ତୁ ସାବଧାନ ରହ, କାରଣ ତୁ ବି ଦିନେ ଏହି ସ୍ତରକୁ ଆସିବାକୁ ବାଧ୍ୟ ହେବୁ।'

ଉପରୋକ୍ତ ଅନୁଚ୍ଛେଦ ପଢ଼ିବା ପରେ ମା'ବାପାଙ୍କ ପ୍ରତି ଅନ୍ୟାୟ କରିଥିବା ପ୍ରତ୍ୟେକ ଝିଅପୁଅ ସତର୍କ ହୋଇଯିବା ଉଚିତ ଯେ, ଏବେ ସେମାନେ ନିଜ ବୃଦ୍ଧ ମାତାପିତାଙ୍କ ସହିତ ଯେଉଁଭଳି ବ୍ୟବହାର କରୁଛନ୍ତି, ପରିଣତ ବୟସରେ ନିଜ ପିଲାମାନଙ୍କଠାରୁ ମଧ୍ୟ ସେହି ବ୍ୟବହାର ପାଇବା ସୁନିଶ୍ଚିତ। କଥାଟି ଦେହକୁ ଲାଗିଲେ ବି ନିରାଟ ସତ ପାଠକଗଣ, କାରଣ କଥାରେ ଅଛି 'ଯେମିତି ବୁଣିବ, ସେମିତି ଦାଇବ।'

ମାତାପିତାଙ୍କୁ ଅବହେଳା କରିବା, ବୋଝ ମଣି ତାଙ୍କୁ ଅସମ୍ମାନ କରିବା, ଅଦରକାରୀ ଭାବି ଘରୁ ତଡ଼ିଦେବା କିମ୍ବା ବୃଦ୍ଧାଶ୍ରମ ଯିବାକୁ ବାଧ୍ୟ କରିବା ଭଳି ଘୃଣ୍ୟ ମାନସିକତା ରଖୁଥିବା ସନ୍ତାନମାନେ ଆଗକୁ ଯାଇ ଏହାର ପରିଣାମ ସ୍ୱରୂପ ନିଶ୍ଚୟ ଏହିଭଳି କିଛି ନିଜ ପିଲାମାନଙ୍କଠାରୁ ଯେ ନ ଭୋଗିବେ ତାହା କହିହେବ ନାହିଁ।

ଆଜିକାଲି ବୃଦ୍ଧ ମାତାପିତାଙ୍କୁ ଦୁର୍ବ୍ୟବହାର କରୁଥିବା କିମ୍ବା ଘରେ ରଖି ତାଙ୍କ ଦାୟିତ୍ୱ ନେବାକୁ ଅନିଚ୍ଛା ପ୍ରକାଶ କରୁଥିବା ସନ୍ତାନମାନେ ବିଚାରଶୂନ୍ୟ ଏବଂ ବିବେକହୀନ ହୋଇଯାଇଛନ୍ତି। ସେମାନଙ୍କ ଧରାପୃଷ୍ଠକୁ ଆସିବାର କାରଣ, ତାଙ୍କର ଅସ୍ତିତ୍ୱକୁ ରୂପ ଦେଇଥିବା ମାତାପିତା, ଯାହାଙ୍କ ଯୋଗୁ ଆଜି ସେମାନେ ତିଷ୍ଠିଛନ୍ତି ସେମାନଙ୍କୁ ଘରୁ ବାହାର କରିଦେବା, ବୋଝ ଭାବିବା ଅତ୍ୟନ୍ତ ଲଜ୍ଜାଜନକ ବିଷୟ। ନିଜ ଶ୍ରମ, ଅର୍ଥ, ସମୟ ଦେଇ ସନ୍ତାନକୁ ପାଳନ ପୋଷଣ କରୁଥିବା ମାତାପିତା, ପୁଅ ଯୋଗ୍ୟ ଏବଂ ସକ୍ଷମ ହେଲାମାତ୍ରେ ଅଖୋଜା, ଅଲୋଡ଼ା ହୋଇଯାଉଛନ୍ତି! ଏହି ବିଚାରଧାରା, ଏହି ହୀନ ମାନସିକତାର ଆରମ୍ଭ କେଉଁଠାରୁ ଖୋଜିବାକୁ ହେବ। ସତ୍ୟତା ଏହା ଯେ, ଏଭଳି ମନୋଭାବର ମୂଳଦୁଆ ସର୍ବପ୍ରଥମେ ପିଲାଟିର ନିଜ ପରିବାର ଭିତରେ ହିଁ ପଡ଼ିଥାଏ।

ପିଲାମାନେ ସାଧାରଣତଃ ଘରେ ନିଜଠାରୁ ବଡ଼ ବ୍ୟକ୍ତି ଯେପରିକି ନିଜ ମାତା, ପିତା, କକା, ଖୁଡ଼ୀ, ଜେଜେ, ଜେଜେମା'ଙ୍କ ସଂସ୍ପର୍ଶରେ ସବୁଠାରୁ ବେଶି ସମୟ ରୁହନ୍ତି ଏବଂ ଅଦୃଶ୍ୟରେ ସେମାନଙ୍କୁ ଅନୁସରଣ କରନ୍ତି। ସେମାନଙ୍କ ବ୍ୟବହାର, କଥନଶୈଳୀ, ଭାବନା ଯେମିତି ଆଖିଆଗରେ ଘଟିଯାଏ, ତାହାକୁ ହିଁ ସେମାନେ ଠିକ୍ ଭାବି ନିଅନ୍ତି। ଉଦାହରଣ ସ୍ୱରୂପ ଯଦି ସେମାନେ କଳି, ଝଗଡା, ହିଂସା, ଘୃଣା, ସ୍ୱାର୍ଥପରତା, ଚୋରି, ମିଛ ଦେଖିବେ, ସେହିସବୁ ଗୁଣ ତାଙ୍କ ବ୍ୟକ୍ତିତ୍ୱରେ ଦେଖାଯିବ। ଅପରପକ୍ଷେ ସେମାନେ ଯଦି ଦୟା, କ୍ଷମା, ପ୍ରେମ, ମିତ୍ରତା, ଏକତା ଭାବରେ ବନ୍ଧା ପରିବାର ସଦସ୍ୟଙ୍କୁ ଦେଖିବେ, ସେହିଭଳି ଗୁଣସବୁ ତାଙ୍କ ଭିତରେ ବିକଶିତ ହେବ। ଜନ୍ମ ହେବା ପରଠାରୁ ପିଲାଟିର ପରିବେଶ, ସେ କିପରି ଲୋକଙ୍କ ସାନ୍ନିଧ୍ୟରେ ରହୁଛି, ପରିବାର ସଦସ୍ୟଙ୍କ ପରସ୍ପର ପ୍ରତି ବ୍ୟବହାରରୁ ଶିକ୍ଷା ନିଏ ଏବଂ କ୍ରମେ ସେମିତି ହିଁ କରେ। ଏଣୁ ଅଭିଭାବକମାନେ ନିଜେ ଭୁଲ୍ କାମ କରି ପିଲାମାନଙ୍କଠାରୁ ଭଲ ଗୁଣସବୁ ଆଶା କରିବା ଅତ୍ୟନ୍ତ ହାସ୍ୟାସ୍ପଦ।

ମାତାପିତା ଏବଂ ଗୁରୁଜନ ହୃଦୟଙ୍ଗମ କରିବା ଦରକାର ଯେ ସେମାନେ କହିଥିବା ପ୍ରତିଟି ଶବ୍ଦ, ପ୍ରତିଟି କାର୍ଯ୍ୟ ଭୁଲ୍ ହେଉ ଅବା ଠିକ୍; ତା'ର ପ୍ରତ୍ୟକ୍ଷ ପ୍ରଭାବ ପିଲାମାନଙ୍କ ଉପରେ ପଡୁଛି। ଭିନ୍ନ ଭିନ୍ନ ଜାତି, ଧର୍ମ, ସଂସ୍କୃତି, ପରମ୍ପରା, ସାମାଜିକ ଚଳଣି, ଜୀବନଶୈଳୀକୁ ନେଇ ସମାଜରେ ଦେଖାଦେଇଥିବା ବିଭିନ୍ନତା ଦ୍ୱାରା ସୃଷ୍ଟି ହେଉଥିବା ପିଲାଙ୍କ ବ୍ୟବହାର, ସଣ୍ଢଣା, ଚାରିତ୍ରିକ ଗୁଣାବଳୀକୁ ପ୍ରତିଫଳନ କରେ। ପିଲାମାନେ ସେସବୁକୁ ଶିଖିବାକୁ ଏକ ପ୍ରକାର ବାଧ୍ୟ ବୋଲି କହିଲେ ଭୁଲ୍ ହେବନାହିଁ। ସୁତରାଂ ବଡ଼ମାନଙ୍କ 'କରିବା' ଓ 'କହିବା' ଭିତରେ ଫରକ ଆସିଲେ ତାହା ପିଲାମାନଙ୍କ ଦ୍ୱାରା ଗ୍ରହଣୀୟ ହୁଏ ନାହିଁ।

ପିଲାଙ୍କ ଭିତରେ ଭଲଗୁଣ ବିକଶିତ କରିବା ପାଇଁ ମାତାପିତା ନିଜେ ପ୍ରଥମେ ସଦ୍‌ବ୍ୟବହାର କରିବା ସହ ସେମାନଙ୍କୁ ଅଭିଜ୍ଞ ବୟସ୍କ ବ୍ୟକ୍ତିଙ୍କ ସହିତ ସମୟ ବିତେଇବାର ସୁଯୋଗ ଦେବା ଆବଶ୍ୟକ। ଯଦ୍ୱାରା ସେମାନେ ତାଙ୍କଠାରୁ ଭଲକଥା ଶିଖିବାର ସୁଯୋଗ ପାଇବେ। ସେମାନଙ୍କ ବିଚାରଧାରା, ମାନବିକ ମୂଲ୍ୟବୋଧରେ ସକାରାତ୍ମକ ପରିବର୍ତ୍ତନ ଆସିବ। ପରିଣାମ ନିଜ ପରିବାର, ଗୁରୁଜନ, ପାଖପଡ଼ୋଶୀ ଏବଂ ଶେଷରେ ସମଗ୍ର ମଣିଷ ସମାଜ ପ୍ରତି ପିଲାମାନଙ୍କର ସମ୍ମାନ ଏବଂ ଆଦର କେଇଗୁଣା ବୃଦ୍ଧି ପାଇବ। ପିଲାଙ୍କ ଅନ୍ତରରେ ଶୁଦ୍ଧ ଏବଂ ସୁସ୍ଥ ଭାବନା ରହିଲେ ସେମାନେ କେବେହେଲେ ପରିବାର ସଦସ୍ୟ, ଆତ୍ମୀୟ କିମ୍ବା ଯେକୌଣସି ବର୍ଗର ଲୋକଙ୍କୁ ଅସମ୍ମାନ କିମ୍ବା ଅସଦାଚରଣ କରିବେ ନାହିଁ। ଆମର କୋମଳମତି ପିଲାମାନେ ଏବଂ ଆମ ଯୁବପିଢ଼ି ଭବିଷ୍ୟତରେ ନିଜ ପରିବାର ସଦସ୍ୟଙ୍କୁ ବୋଝ ନ ଭାବି ନିଜର ସାମର୍ଥ୍ୟ ମଣିବେ।

ଏବେ ଖବରକାଗଜ ଏବଂ ଟିଭି ଚ୍ୟାନେଲଗୁଡ଼ିକରେ ନିଜ ଘରୁ ମାତାପିତା ଅବହେଳିତ ହୋଇ ବାହାରେ ବ୍ରିଜ୍ ତଳେ କିମ୍ବା ଫୁଟ୍‌ପାଥ୍‌ରେ ଦିନ ବିତେଇବା ଖବର ଓ ଦୃଶ୍ୟ ହୃଦୟବିଦାରକ। ମାତାପିତାଙ୍କର କଷ୍ଟାର୍ଜିତ ସମ୍ପତ୍ତିକୁ ଭୋଗ କଲାପରେ ତାଙ୍କୁ ତାଙ୍କରି ସମ୍ପତ୍ତିରୁ ବେଦଖଲ କରି ସେଥିରେ ଆରାମରେ ଚଳିବା ଜଣେ କୃତଘ୍ନ ହିଁ କରିପାରେ। ତଥାପି ସେ ମା'ବାପା ନିଜର ଅଯୋଗ୍ୟ ସନ୍ତାନମାନଙ୍କୁ ଅଭିଶାପ ଦେଉ ନ ଥିବେ କିମ୍ବା ଖରାପ ବ୍ୟବହାର କରୁ ନ ଥିବେ। ଏବେ ବି ତାଙ୍କର ମନର କେଉଁ କୋଣରେ ଗୋଟିଏ ଆଶା ଥିବ ଯେ ତାଙ୍କ ପିଲାମାନେ ତାଙ୍କୁ ଦିନେ ଆସି ଘରକୁ ଫେରେଇନେବେ।

ବୃଦ୍ଧାଶ୍ରମରେ ମୃତ୍ୟୁକୁ ଅପେକ୍ଷା କରି ଦିନ ଗଣୁଥିବା ମା'ବାପା କ'ଣ ଏହି ଦିନ ପାଇଁ ତାଙ୍କ ସନ୍ତାନମାନଙ୍କୁ ଯୋଗ୍ୟ କରିଥିଲେ? ନିଜ ରକ୍ତକୁ ପାଣି କରି ପିଲାର ଭବିଷ୍ୟତ ପାଇଁ ସଞ୍ଚୟ ଓ ଯୋଜନା କରି ତାକୁ ପ୍ରତିଷ୍ଠିତ କରିଥିବା ମା'ବାପା, ପରିଣତ ବୟସରେ ଖାଇବା ପାଇଁ ମୁଠେ ଏବଂ ରହିବା ପାଇଁ ଉପଯୁକ୍ତ ଖଣ୍ଡେ ସ୍ଥାନ ବି ତାଙ୍କ ସୌଭାଗ୍ୟରେ ନାହିଁ ? କୁଆଡ଼େ ଯାଉଛି ଆମ ସମାଜ? ବର୍ତ୍ତମାନର ନିର୍ଦ୍ଦୟୀ ସନ୍ତାନମାନେ ଯେତେ ଶୀଘ୍ର ସୁଧୁରିଯିବେ ଭଲ, କାରଣ ଆଗକୁ ସେମାନେ ବି ନ ଭୁଲନ୍ତୁ ଯେ, ଖୁବ୍‌ଶୀଘ୍ର ତାଙ୍କର ମଧ୍ୟ ସେହି 'ବେଳକାଳ ଆସୁଛି'।

**ବିବେକାନନ୍ଦ ମାର୍ଗ, ଭୁବନେଶ୍ୱର**
**ମୋ: ୬୩୭୦୫୧୬୪୭୮**

## ଏଇ ଭାରତରେ

ଜଣେ ୟୁପିଏସ୍‌ସି ଆଶାୟୀଙ୍କ ଶିକ୍ଷା ପ୍ରତି ସମର୍ପିତ ଭାବ ଅନ୍ୟମାନଙ୍କ ପାଇଁ ଏକ ପ୍ରେରଣା ପାଲଟିଛି। ଏହି ଯୁବକ ଜଣକ ହେଉଛନ୍ତି ଉତ୍ତର ପ୍ରଦେଶର ବଦୌନ ଜନ୍ମିତ ନରେଶ ପାଲ୍। ସେ ରହୁଛନ୍ତି ଦିଲ୍ଲୀରେ। ଯମୁନାଖାଦର ଅଞ୍ଚଳର ଏକ ପୋଲ ତଳେ ପ୍ରତିଦିନ ୧୫୦ ଅସହାୟ ପିଲାଙ୍କୁ ବିନା ଦେୟରେ ଶିକ୍ଷା ଦେଉଛନ୍ତି। ଯମୁନା ନଦୀ କୂଳର ଏହି ବ୍ରିଜ୍ ତଳେ ସେ ଆଜକୁ ୧୦ ବର୍ଷ ହେଲା ପଢ଼ାଉଛନ୍ତି। ପିଲାମାନଙ୍କୁ ପଢ଼ାଇବା ସହ ସେ ୟୁପିଏସ୍‌ସି ପରୀକ୍ଷା ଲାଗି ମଧ୍ୟ ପ୍ରସ୍ତୁତ ହେଉଛନ୍ତି। ବ୍ରିଜ୍ ତଳେ ଚାଲିଥିବା ଏହି ସ୍କୁଲ ଚାରିପାଖରେ କାନ୍ଥ ନାହିଁ କି ଚେୟାର ଟେବୁଲ ମଧ୍ୟ ନାହିଁ। ନାନା ସମସ୍ୟା ଭିତରେ ନରେଶ ତାଙ୍କ ଶିକ୍ଷାଦାନ ଜାରି ରଖିବା ଫଳରେ ଅଧାରୁ ପାଠ ଛାଡୁଥିବା ବହୁ ପିଲା ପୁନର୍ବାର ଶିକ୍ଷା ସହ ଯୋଡ଼ି ହେଉଛନ୍ତି। ନରେଶ ଏହି ସ୍କୁଲ୍‌ର ନାମ ରଖିଛନ୍ତି 'ଫ୍ରି ସ୍କୁଲ ଅଣ୍ଡର ଦି ବ୍ରିଜ୍'। ସ୍କୁଲ ଚାଲୁଥିବା ସମୟରେ ବହୁ ଅପରିଚିତ ବ୍ୟକ୍ତି ଆସି ଅର୍ଥଦାନ କରୁଛନ୍ତି। ସେହି ଅର୍ଥକୁ ପାଠ୍ୟ ଉପକରଣ କିଣାରେ ଖର୍ଚ୍ଚ କରାଯାଏ ଓ ଏଥିରେ ମଧ୍ୟ ପିଲାମାନଙ୍କ ପାଇଁ ଟଏଲେଟ୍ ନିର୍ମାଣ କରାଯାଇଛି। ୧୦ ବର୍ଷ ପୂର୍ବରୁ ନରେଶ ଏଭଳି ପିଲାଙ୍କୁ ପଢ଼ାଇ ଆସୁଥିଲେ ହେଁ କୋଭିଡ୍ ମହାମାରୀ ସମୟରେ ଲକ୍‌ଡାଉନ୍ ନେଇ କିଛି ବାଧା ଆସିଥିଲା। ହେଲେ ପରେ ସବୁ ସ୍ୱାଭାବିକ ଭାବେ ଚାଲିଛି ଓ ପିଲାମାନଙ୍କ ସଂଖ୍ୟା ମଧ୍ୟ ବଢୁଛି।

## ୨୫ ବର୍ଷ ତଳର ଧରିତ୍ରୀ

୨୮ ଫେବୃୟାରୀ ୧୯୯୭

- ପେଟ୍ରୋଲ ଡିଲରଶିପ୍ ମାମଲାରେ ପ୍ରଧାନମନ୍ତ୍ରୀଙ୍କ ପୁତ୍ରବଧୂ ସମେତ ୬୮ ଜଣଙ୍କୁ କୋର୍ଟ ନୋଟିସ।
- କଂଗ୍ରେସ ସଭାପତି ସୀତାରାମ କେଶରୀ ୭ଟି ପ୍ରଦେଶ କଂଗ୍ରେସ କମିଟି ଏବଂ ମୁମ୍ବାଇ ଆଞ୍ଚଳିକ ୟୁନିଟ୍‌କୁ ଭାଙ୍ଗି ଦେଇଛନ୍ତି।
- ଖୋର୍ଦ୍ଧା ରୋଡ୍ ରେଳ ଷ୍ଟେଶନଠାରୁ ୯ କି.ମି. ଦୂର କାଇପଦର ରୋଡ୍ ରେଳଷ୍ଟେଶନର ଦକ୍ଷିଣ କ୍ୟାବିନ ନିକଟରେ ଫଲକନୁମା ଏକ୍ସପ୍ରେସ ଦୁର୍ଘଟଣାଗ୍ରସ୍ତ ହେବାରୁ ୨୦ ମୃତ।

## ଚିରନ୍ତନୀ

ତୋ ତୀରେ ସେ କେଉଁ ପକ୍ଷୀ ଗାଏ ଲୋ ପ୍ରଭାତୀ,
କି ଆଲୋକେ ଲାଜେ ତୋର ଛନ ଛନ ଛାତି?
ମୋହରି ସେହି ବିହଙ୍ଗ
ଚିର ସଙ୍ଗୀତର ସଙ୍ଗ,
ମୋହରି ଆଲୋକ ସେ ତ ମନଭୁଲା ଜାତି।
-(ଚିତ୍ରୋତ୍ପଳା)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## su do ku
Puzzles by Srikant Ghosh

## ସୁ-ଡୋ-କୁ

| | | | | | | | | |
|---|---|---|---|---|---|---|---|---|
| | | | | 4 | | | 9 | |
| 1 | | 7 | | | | | | |
| | | 9 | | | | | 2 | 5 |
| | 7 | | 2 | | 3 | | | 1 |
| | | | 9 | | | | | 8 |
| | | | | 7 | 6 | 9 | 3 | |
| 6 | 3 | 1 | | | 2 | 8 | | |
| | | | 6 | 1 | 4 | | | 9 |
| | | | | | 8 | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 5 | 3 | 2 | 1 | 4 | 7 | 8 | 6 | 9 |
| 6 | 9 | 4 | 8 | 5 | 2 | 7 | 1 | 3 |
| 1 | 8 | 7 | 3 | 6 | 9 | 2 | 4 | 5 |
| 8 | 6 | 5 | 9 | 1 | 3 | 4 | 2 | 7 |
| 9 | 7 | 1 | 2 | 8 | 4 | 3 | 5 | 6 |
| 4 | 2 | 3 | 6 | 7 | 5 | 1 | 9 | 8 |
| 2 | 1 | 8 | 7 | 9 | 6 | 5 | 3 | 4 |
| 3 | 5 | 9 | 4 | 2 | 8 | 6 | 7 | 1 |
| 7 | 4 | 6 | 5 | 3 | 1 | 9 | 8 | 2 |

ଗତକାଲିର ଉତ୍ତର

# ପାଠକ ଶ୍ରେଷ୍ଠ ବିଚାରକ

## ଚାଇନାର ଆଧିପତ୍ୟ

ମହାଶୟ,

ଚାଇନାର ବିସ୍ତାରବାଦୀ ନୀତି, ସୀମା ବିବାଦ ଭାରତ ପାଇଁ ମୁଣ୍ଡବିନ୍ଧାର କାରଣ ହୋଇଛି। ଭାରତ-ଚାଇନା ସେନାସ୍ତରୀୟ ବହୁ ଆଲୋଚନା ପରେ ମଧ୍ୟ ସମସ୍ୟା ସମାଧାନ ରାସ୍ତା ବାହାରି ପାରୁନି। ଚାଇନାର ୱାନ ବେଲ୍ଟ ଆଣ୍ଡ ୱାନ୍ ରୋଡ୍ ପରି ଯୋଜନା ଏବଂ ଭାରତ ମହାସାଗରରେ ଷ୍ଟ୍ରିଙ୍ଗ ଅଫ୍ ପର୍ଲ୍‌ସ ନୀତି ଭାରତର ବୈଦେଶିକ ଏବଂ ଆଭ୍ୟନ୍ତରୀଣ ନୀତି ଉପରେ ବିଶେଷ ପ୍ରଭାବ ପକାଉଛି। ଚାଇନାର ବିସ୍ତାରବାଦୀ ନୀତି ଏବଂ ଭାରତ ମହାସାଗରରେ ଉତ୍ତେଜନା ହ୍ରାସ କରିବା ପାଇଁ ଭାରତ ଏକ ସୁଚିନ୍ତିତ ଭାରତ ଓ ପ୍ରଶାନ୍ତ ମହାସାଗର ନୀତିକୁ ଆଗକୁ ପ୍ରାଧାନ୍ୟ ଦେଉଛି। ଏହି ନୀତି ଆମେରିକା, ଜାପାନ, ଅଷ୍ଟ୍ରେଲିଆ ଆଦି ଦେଶ ମିଳିତ ଭାବରେ ଚାଇନା ବିରୋଧରେ ଆଗକୁ ଆଣିଥିଲେ, ଚାଇନାର ଦକ୍ଷିଣ ଚାଇନା ସାଗରରେ ବଳପୂର୍ବକ ଜାହିରକୁ ପ୍ରତିରୋଧ କରିବା ଏହାର ମୁଖ୍ୟ କାରଣ। ଭାରତର 'ଭାରତ-ପ୍ରଶାନ୍ତ ମହାସାଗର ନୀତି' ଚାଇନାରେ ବିସ୍ତାରବାଦୀ ନୀତି ଏବଂ ଆଧିପତ୍ୟକୁ ରୋକିବାରେ କିଛି କ୍ଷଣରେ ସଫଳତା ହେଲେ ମଧ୍ୟ ଭାରତକୁ ଏକ ସୁଦୃଢ଼ ଲକ୍ଷ୍ୟ ରଖିବାକୁ ହେବ।

**-ନରେଶ କୁମାର ବେହେରା, ଗବେଷକ, ସାଉଥ୍ ଏସିଆନ ଷ୍ଟଡିଜ, ପଣ୍ଡିଚେରୀ ବିଶ୍ୱବିଦ୍ୟାଳୟ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

**ଆଇନଜୀବୀଙ୍କୁ ହରାଇଲେ ସାମ୍ବାଦିକ**

ପାତ୍ରପୁର,(ଡି.ଏନ.ଏ.): ପଞ୍ଚାୟତ ନିର୍ବାଚନର ଦ୍ୱିତୀୟ ପର୍ଯ୍ୟାୟ ଭୋଟ ଗଣତି ଚାଲିଥିବା ବେଳେ ଜରଡାଗଡ ପଞ୍ଚାୟତ ସୁବର୍ଣ୍ଣପୁର ଗ୍ରାମର ୬ ନଂ ୱାର୍ଡରେ ୱାର୍ଡସଭ୍ୟ ପାଇଁ ଖବରଦାତା ଓ ଓକିଲଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ହୋଇଥିଲା। ଏଥିରେ ମାଧବ ବାଡତ୍ୟା ୩୪ ଖଣ୍ଡ ଭୋଟରେ ବିଜୟୀ ଲାଭ କରିଛନ୍ତି। ଚଳିତ ନିର୍ବାଚନରେ ବହୁ ଉଚ୍ଚ ଶିକ୍ଷିତଙ୍କଠାରୁ ଆରମ୍ଭ କରି ଓକିଲ, ଡାକ୍ତର, ଖବରଦାତା, ଇଞ୍ଜିନିୟର ମାନେ ନିର୍ବାଚନ ମଇଦାନରେ ପାଦ ଥାପିଥିଲେ। ଖବରଦାତା ମାଧବ ବାଡତ୍ୟା ବିଜୟୀ ହେବା ପରେ ପାତ୍ରପୁର ସାମାନ୍ତ ଖବରଦାତା ସଂଘ ପକ୍ଷରୁ ତାଙ୍କୁ ଅଭିନନ୍ଦନ ଜଣାଇଥିବା ବେଳେ ବିଭିନ୍ନ ମହଲରୁ ତାଙ୍କୁ ଶୁଭେଚ୍ଛା ଆସିଥିବା ଜଣାପଡିଛି।

# ସଂଖ୍ୟା ଗରିଷ୍ଠତା ନିକଟତର ବିଜେଡି

**ଫୁଲବାଣୀ ଅଫିସ,୨୭।୨:** କନ୍ଧମାଳରେ ବିଜେଡି ଜିଲା ପରିଷଦ ଗଠନ ପାଇଁ ସଂଖ୍ୟା ଗରିଷ୍ଠତା ନିକଟତର ହୋଇଛି। ପ୍ରଥମ ଦିନର ଚୂଡ଼ାନ୍ତ ଫଳାଫଳ ଅନୁଯାୟୀ, ବିଜେଡି ୧୨ଟିରୁ ୯ଟି ଆସନରେ ବିଜୟ ଲାଭ କରିଥିବା ବେଳେ ରବିବାର ଗଣତିରେ ବାକି ୬ଟି ଆସନ ମଧ୍ୟରୁ ୪ଟିରେ ଆଗୁଆ ରହିଛି। କଂଗ୍ରେସ ଦୁଇଟି ଜୋନରେ ବିଜୟ ଲାଭ କରିଥିବା ବେଳେ ଆଉ ଗୋଟିଏ ଆସନରେ ଆଗୁଆ ରହିଛି। ସେହିଭଳି ଭାଜପା ପ୍ରଥମ ପର୍ଯ୍ୟାୟରେ ଗୋଟିଏ ଜୋନ ହାସଲ କରିଛି। ଅନ୍ୟ ଏକ ଆସନରେ ଆଗୁଆ ରହିଛି।

## ପଞ୍ଚାୟତ ନିର୍ବାଚନ ଫଳାଫଳ

### ଗଞ୍ଜାମ

| ବ୍ଲକ | ପଞ୍ଚାୟତ | ସରପଞ୍ଚ | ସମିତି ସଭ୍ୟା/ସଭ୍ୟ |
|---|---|---|---|
| ଆସିକା | ନିମିନା | ବିଦ୍ୟାନ୍ତ କୁମାର ଚର୍ଚ୍ଚି | ସୁନିତା ନାୟକ |
| | ବଡ଼ଖୋଲି | ଦୁର୍ଗାପ୍ରସାଦ ବେହେରା | ଭରତ ନାହାକ |
| | ଗହଙ୍ଗୁ | ମନୋଜ କୁମାର ପରିଡ଼ା | ଗୁନୁ ସାହୁ |
| | କମାଗଡ଼ | ରିଙ୍କି ଲେଙ୍କା | ପ୍ରଶାନ୍ତ କୁମାର ନାହାକ |
| | ମୁନିଗାଡ଼ି | ସବିତା ସ୍ୱାଇଁ | ନମିତା ବିଷୋୟୀ |
| | କେନ୍ଦୁପଦର | ଭବନୀ ଶଙ୍କର ମଲ୍ଲିକ | ବାସନ୍ତୀ ପ୍ରଧାନ |
| | ବାଙ୍ଗରଡ଼ା | ରଞ୍ଜିତା ବିଶ୍ୱାଳ | ଶିଖା ମଲିକ |
| | ବେଣାପାଟ | ବବିତା ପ୍ରଧାନ | ହରେକୃଷ୍ଣ ମଲିକ |
| ଭଞ୍ଜନଗର | ଲାଲସିଂ | ଶିବରାମ ସାହୁ | ରାଜଲକ୍ଷ୍ମୀ ପ୍ରଧାନ |
| | ବଡ଼କୋଦଣ୍ଡା | ରେଶମା କୁମାରୀ ନାୟକ | ଜେ. ମନୋଜ କୁମାର ପୃଷ୍ଟି |
| | ଦଦରାଲୁଣ୍ଡା | ନିରଞ୍ଜନ ସେଠୀ | କୁନି ବେହେରା |
| | ବାଇବାଲି | କୈଳାସ ନାୟକ | ନରିସଭା ନାୟକ |
| | ଗୁଣ୍ଡୁରିବାଡ଼ି | ଚିରଞ୍ଜିବ ପ୍ରଧାନ | ଶ୍ରୀନିବାସ ମିଶ୍ର |
| | ମୁଜାଗଡ଼ | ସୁକାନ୍ତି ସେଠୀ | ବଟକୃଷ୍ଣ ଦଳ ବେହେରା |
| | ସାନକୋଦଣ୍ଡା | ଲକ୍ଷ୍ମଣ ନାୟକ | ନମିତା ନାୟକ |
| ବୁଗୁଡ଼ା | ଏ. କରୋଡ଼ା ବାଡ଼ି | ରିଙ୍କି ଦାଶ | ଶିବାନୀ ନାୟକ |
| | ଅନ୍ତରପଡ଼ା | ବସନ୍ତ କୁମାର ଶତପଥୀ | ଅର୍ଚ୍ଚନା ନାୟକ |
| | ଅରଖପୁର | ମିନତି ମଲିକ | ଶାନ୍ତିଲତା ସ୍ୱାଇଁ |
| | ବାଲିପଦର | ରାଜଲକ୍ଷ୍ମୀ ପ୍ରଧାନ | କିମୋଜୁ ପ୍ରିୟଦର୍ଶିନୀ |
| | କଳମ୍ବ | ପ୍ରଦୀପ କୁମାର ଜେନା | ସୁଶାନ୍ତ କୁମାର ସେଠୀ |
| | ପାଙ୍ଗିଡ଼ି | ଭାଗ୍ୟଲତା ବିଷୋୟୀ(ନିଦ୍ୱନ୍ଦ୍ୱ) | ସସ୍ମିତା କୁମାର ଆପଟ |
| | ପୋଚାଲୁଣ୍ଡି | ସୁଜାତା କୁମାରୀ ପ୍ରଧାନ | କାହ୍ନୁଚରଣ ସେଠୀ |
| ପାତ୍ରପୁର | ସୁରଙ୍ଗୀ | ସରସ୍ୱତୀ ନାଇକ | କନକ ନାଇକ |
| | ଖରଣୀପଡ଼ା | ଜିତେନ୍ଦ୍ର କୁମାର ପଣ୍ଡା(ନିର୍ଦ୍ୱନ୍ଦ୍ୱ) | ଅମିତା ପ୍ରଧାନ |
| | ତଣ୍ଡିପୁର | ରୀତା ପାତ୍ର | ରାମକୃଷ୍ଣ ନାୟକ |
| | ଖାରିଆଗୁଡ଼ା | ସଞ୍ଜୁକ୍ତା ରାଣୀ ପ୍ରଧାନ | ଅମ୍ବିକା କୁମାରୀ ସାହୁ |
| | ମନ୍ଦରଡ଼ା | ରାମ ପ୍ରଧାନ | ଲକ୍ଷ୍ମୀ ପ୍ରଧାନ |
| | ତୁରୁବୁଡ଼ି | ଦୁର୍ଯ୍ୟୋଧନ ସାହୁ | ଭାରତ ଭୂଷଣ ସାହୁ |
| | ଆଙ୍କୁଲି | ନିମିତା ନାୟକ(ନିର୍ଦ୍ୱନ୍ଦ୍ୱ) | କିଶୋରୀ ନାୟକ |
| ପୋଲସରା | କଣଛାଇ | ଝୁନୁ ଦାସ | ମାମାଜିନୀ ସ୍ୱାଇଁ |
| | କେନ୍ଦୁବାଡ଼ି | ରମା ସ୍ୱାଇଁ | ନରେନ୍ଦ୍ର ସ୍ୱାଇଁ |
| | ଭାବରଡ଼ା | ପ୍ରଦ୍ୟୁମ୍ନ କୁମାର ବିଷୋୟୀ | ଜ୍ୟୋତ୍ସ୍ନା ବିଷୋୟୀ |
| | ଢୁଙ୍କାପଡ଼ା | ସୀମାଞ୍ଚଳ ସେଠୀ | ସଞ୍ଜୁକ୍ତା ବାଡ଼ତ୍ୟା |
| | ମନ୍ଦାର | ସୁନିତା ଜେନା | ସୁଜାତା ନାୟକ |
| | ସୋଡ଼କ | ଉତ୍କଳ କୁମାର ପ୍ରଧାନ | ଗୀତା ସେଠୀ |
| | ଚିରିକିପଡ଼ା ଶାସନ | ଭଗବାନ ସାହୁ | ରଞ୍ଜନ କୁମାର ସାହୁ |
| | ବଡ଼ପଙ୍କଲବାଡ଼ି | ଭାରତୀ ବେହେରା | ଲିଲି ବେହେରା |
| ଗଞ୍ଜାମ | ପୋଇରାସି | ରବୀନ୍ଦ୍ର ବେହେରା | ଅର୍ନ୍ତଜାମି ବେହେରା |
| | ମଲାଡ଼ | ମମତା ବେହେରା | ବିଷ୍ଣୁପ୍ରିୟା ମହାପାତ୍ର |
| | କରପଡ଼ା | ବନିତା ଚର୍ଚ୍ଚି | ଦୀପାଳି ନାୟକ |
| | ପାଲଙ୍ଗ | ରାଜେଶ୍ୱରୀ ଗୌଡ଼ | ଶର୍ମିଷ୍ଠା ପ୍ରଧାନ |
| | ରାଜପୁର | ରଞ୍ଜନ ପଲାଇ | ମଳୟ ଦାସ |
| | ଡିଏସ୍‌ପୁର | ନନ୍ଦିନୀ ତ୍ରିପାଠୀ | ହରପ୍ରିୟା ରେଡ୍ଡୀ |
| ଖଲ୍ଲିକୋଟ | ଆଇତିପୁରୁ | ଟୁଇଙ୍କିଲ ତରେଇ | ଅହଲ୍ୟା ଦଳେଇ |
| | କଇରାଶି | ଉଷାରାଣୀ ରାଉତ | ବାନାମ୍ବର ସ୍ୱାଇଁ |
| | କହ୍ନେଇପୁର | ପ୍ରକାଶ ଚନ୍ଦ୍ର ସାସମଲ | ଶିବାନୀ ସାହୁ |
| | ଖୋଜାପଲି | ମହେଶ୍ୱର ସ୍ୱାଇଁ | ପିଙ୍କି ସ୍ୱାଇଁ |
| | ତୁଳସୀପୁର | ସିକ ପାଣ୍ଡି | ଟୁଲୁ ପାହାନ |
| | ବଧିନୂଆପଲି | ପୁଷ୍ପାଞ୍ଜଳି ଛୋଟରାୟ | ପ୍ରମିଳା ଭୂୟାଁ |
| | ବାଦପଲି | ନିର୍ମଳା ଶବର | ମୀନତି ଜାନୀ |
| | ବିକ୍ରମପୁର | ପ୍ରସନ୍ନ କୁମାର ଆଚାର୍ଯ୍ୟ | ସାଗରି ପରିଡ଼ା |
| | ଭିକାପଡ଼ା | ବିନୋଦିନୀ ପରିଡ଼ା | ଦୀପୁନା ପରିଡ଼ା |
| | ମାଣିକ୍ୟପୁର | ଉଦୟନାଥ ବାରିକ | ବିପିନ ଗୌଡ଼ |
| | ତେନ୍ତୁଲିଆପଲି | ମିନତି ମଞ୍ଜରୀ ନାୟକ | ଭାରତୀ ମହାରଣା |
| ପୁରୁଷୋତ୍ତମପୁର | ଭୀମପୁର | ମାମାଲି ଦାସ | ଜଗନ୍ନାଥ ପାତ୍ର |
| | ବଡ଼ଖରିଡ଼ା | କମା ଦଳେଇ | ଅନିଲ କୁମାର ଦାସ |
| | ଅନ୍ତରି ଗାଁ | ମାମି ପରିଡ଼ା | ମମତା ବାରିକ |
| | ପାଣ୍ଡିଆ | ସବିତା ସେଠୀ | ସୀମାଞ୍ଚଳ ଗୌଡ଼ |
| | ସିଏଚ୍ ନୂଆଁଗାଁ | ସତ୍ୟଭାମା ସ୍ୱାଇଁ | ଆଭା ପରିଡ଼ା |
| | ଟଙ୍କାଛାଇ | ବିଶ୍ୱନାଥ ବେହେରା | ଡଲି ବେହେରା |
| | ଜାମୁନି | ଇନ୍ଦ୍ରଜିତ ନାୟକ | ମମିତା ମଳିକ |
| | ଝାଡ଼ବାଇ | ପ୍ରିୟଙ୍କା ସେଠୀ | ସୁଲତା ସେଠୀ |
| ଦିଗପହଣ୍ଡି | ଚଷାନିମଖଣ୍ଡି | ମିନତି କୁମାରୀ ଜାନୀ | ମମତା ମଲିକ |
| | ସହଦେବ ଟିକରପଡ଼ା | ପ୍ରିୟଙ୍କା ନାୟକ | ଶୈଳ ବେହେରା |
| | ଭିଷ୍ମଗିରି | ଗାୟତ୍ରୀ ବ୍ରହ୍ମା | ଶିବରାମ ମହାନ୍ତି |
| | ଫାସିଗୁଡ଼ା | ଗୌରୀ କୁମାରୀ ବିଷୋୟୀ | ସୁକାନ୍ତି ପ୍ରଧାନ |
| | ଖମାରିଗାଁ | ଜୟଲକ୍ଷ୍ମୀ ଗୌଡ଼ | ତପସ୍ୱିନୀ ମହାପାତ୍ର |
| | ନିମଖଣ୍ଡି ପେଣ୍ଠ | ସସ୍ମିତା ରାଣୀ ଗୌଡ଼ | ବି. ଲଡୁ |

# ସିଦ୍ଧିଦୁର୍ଗା ପାହାଡ଼ରୁ ଆସିଥିଲା ୭୩୦ ପଥର

**ଐତିହ୍ୟର ଓଡ଼ିଶା**

ଡ. ସୁରେନ୍ଦ୍ର କୁମାର ମିଶ୍ର

- ଅରାଗଡ଼ ପାହାଡ଼ରୁ ପଥର ଆଣିବା ବେଳେ ଶିବିର ପଡ଼ିଥିଲା ତରାବୋଇ ଗାଁରେ
- ନୀଳଗିରିରୁ ପଥର ଆଣିବାକୁ ସାତୋଟି ନଦୀପଥ ଅତିକ୍ରମ କରିବାକୁ ପଡ଼ୁଥିଲା



ସିଦ୍ଧିଦୁର୍ଗା ପାହାଡ଼ରେ ଥିବା ପ୍ରଜ୍ଞା ପାରମିତା ପୀଠ। (ଫଟୋ: ଦେବ କୁମାର, ନରସିଂହପୁର)

ବରେନ୍ ପାହାଡ଼ ପଥର ଚିହ୍ନଟ ଦଳର ଦଳପତି ଥିଲେ ଗଦେଇ ମହାରଣା। ଗଦେଇ ମହାରଣା ଆଜି ନାହାନ୍ତି କି ବରେନ୍ ପାହାଡ଼ ବି ନାହିଁ। ତରାବୋଇ ଗାଁଲୋକେ ଚାଉଳ କେବଳ ଯୋଗେଇଥିଲେ ତା'ନୁହେଁ, ସେ ଗାଁରେ ଦିନେ ପଥୁରିଆଙ୍କ ପାଇଁ ଶିବିର ପଡ଼ିଥିଲା।

ଅରାଗଡ଼ ପାହାଡ଼ରେ ପଥର ଚିହ୍ନଟ ପାଇଁ ପହଞ୍ଚିବା ପରେ ରହିଥିଲେ ତରାବୋଇ ଗାଁରେ। ଦଳପତି ଥିଲେ ନିଧି ମହାରଣା। କାର୍ଯ୍ୟନିର୍ବାହ କରିବା ପାଇଁ ବୀରଭଞ୍ଚ ପରିଦର୍ଶନ ଦାୟିତ୍ୱରେ ଥିଲେ। ତରାବୋଇରେ ଭଞ୍ଚ ବଂଶର ଦାୟାଦଙ୍କୁ ଚିହ୍ନଟ କରିହେଲାନି। ତେବେ ସେ ଅରାଗଡ଼ର ହୋଇପାରନ୍ତି। ଭଞ୍ଚ ଏକ ସାଙ୍ଗିଆ ନୁହେଁ, ଏକ ରାଜ ଉପାଧି। ଶିବିର ପଡ଼ିଥିଲା ୩ ମାସ ୧୦ ଦିନ। ଶିବିର ପାଇଁ ଟିକରପଡ଼ା ଭଣ୍ଡାରରୁ ଆସିଲା ୧୭ ଭରଣ ୧୨ ଗୌଣୀ ଚାଉଳ। ସୁନା ଖର୍ଚ୍ଚ ହେଲା ୪୨୮ ମାଢ଼।

ଏଠାରୁ ୧୩୦୭ ଖଣ୍ଡ ରେଗେଡ଼ା କୁଣ୍ଡାପଥର କଟାଗଲା। କଟାଳି ନେଲେ ୩୪ ମାଢ଼ ସୁନା। ପଥର ବୋହିବାକୁ ଲାଗିଲା ୩୪୦ ମାଢ଼ ସୁନା। ଅରାଗଡ଼ରୁ ଏକ ପାଣି ଦଣ୍ଡା (ପ୍ରାକୃତିକ କେନାଲ) ଥିଲା ଦୟାନଦୀ ପର୍ଯ୍ୟନ୍ତ। ଚାପ ଆସିବାକୁ ତାହା ଖୋଳାଯାଇଥିଲା। ୩ଟି ବଡ଼ ଚାପରେ ପଥର ପହଞ୍ଚିଥିଲା ଦୟାନଦୀରେ। ସେଠୁ ୧୦ଟି ବଡ଼ ନୌକାରେ ଚାପରୁ କିଛି ପଥର କଢ଼ାଯାଇ ଲଦାଗଲା। ପଥର ଚାପ ଓ ନାହା ଚାଲିଲେ କୁଆଖାଇ ନଦୀକୁ। କୁଆଖାଇରୁ ସୋଲ ନଦୀକୁ। ଦୟା ନଦୀ ବହୁ ଇତିହାସର ସାକ୍ଷୀ। କୋଣାର୍କକୁ ପଥର ଆସିବାର ସାକ୍ଷୀ, ସତରେ ସେ କଥା କହିପାରୁଥାନ୍ତା କି! ଏହା ଥିଲା କୋଣାର୍କକୁ ଷୋହଳତମ ପଥର ଆସିବାର ପ୍ରସଙ୍ଗ।

ତାପଙ୍ଗ ମଧ ଦୟା ନଦୀ ପରି ଓଡ଼ିଶା ଇତିହାସର ଅନ୍ୟତମ ସାକ୍ଷୀ। ଠିକ୍ ସେମିତି ସୋଲ ନଦୀ ମଧ। ସୋଲ ନଦୀକୁ ଚାପ ନ ଆସିଲେ ଉଦିପୁର ଦଣ୍ଡାକୁ ଆସିପାରିବ ନାହିଁ। ଉଦିପୁର ଦଣ୍ଡା ସିଧା ପଦ୍ମତୋଳା ଗଣ୍ଡ ଦିଗରେ ସଂଯୋଗ ହୋଇଥିଲା।

ତାପଙ୍ଗମାଳର ୨୩୪ଟି ନାଲି ରେଗେଡ଼ା ସାହାଣ ପଥର ଦୟା ନଦୀ–ମହା ନଦୀ–ସୋଲ ନଦୀ–ଉଦିପୁର ଦଣ୍ଡା ଦେଇ ପଦ୍ମତୋଳା ଗଣ୍ଡ ନିକଟରେ ପହଞ୍ଚିଥିଲା। ତାପଙ୍ଗମାଳର ଭୀମଟାଙ୍ଗିରୁ ଏହି ପଥର ଆସିଥିଲା। ପଥୁରିଆଙ୍କ ଦଳପତି ଥିଲେ ନାରାୟଣ ମହାରଣା। ତାପଙ୍ଗ ଦଳବେହେରାଙ୍କ ପକ୍ଷରୁ କାର୍ଯ୍ୟ ତଦାରଖ କରୁଥିଲେ ବୀରମଲ୍ଲ। ତାପଙ୍ଗରେ ଶିବିର ପଡ଼ିଥିଲା ଚାରିମାସ। ଖର୍ଚ୍ଚ ହେଲା ୧୮୦ ମାଢ଼ ସୁନା। ତାପଙ୍ଗ ଭୀମଟାଙ୍ଗିରୁ ପଥର ଆସିବା ସତର ଥର, ଅଠର ଥର ପଥର ଆସିଥିଲା ନୀଳଗିରିରୁ। ନୀଳଗିରିରେ ଥିବା 'ପିଠଉଶୁଣି' ପାହାଡ଼ ତଳେ ଥିବା ବାହାରମୁଣ୍ଡା ଗାଁ ମୁଣ୍ଡରେ ଶିବିର ପକେଇ ରହିଥିଲେ ପଥୁରିଆ। ଦଳପତି ନାରାୟଣ ମହାପାତ୍ରଙ୍କ ସହିତ ଯାଇଥିଲେ ୧୭୦ ଜଣ ପଥୁରିଆ। ଏଠିକି ସବୁଠାରୁ ଅଧିକ ପଥୁରିଆ ଯାଇଥିବାର ଜଣାପଡୁଛି। ରହିଲେ ଦୀର୍ଘ ସାତ ମାସ। ଦାୟିତ୍ୱ ନେଇଥିଲେ ରତ୍ନ ଶର୍ମା। ପଥର କଟାଯିବା ପରେ ସାଙ୍ଗି ମାଧମରେ ପଥର ବୁହାହେଲା ବିରୁଡ଼ିନାଳିଆ ପାଖକୁ। ବିରୁଡ଼ିନାଳିଆରୁ ଭସାଣଦଣ୍ଡାକୁ ଆଉ ଏକ ଦଣ୍ଡା ବା କେନାଲ ଥିଲା। ତାକୁ କୁହାଯାଉଥିଲା ମହାନଦୀନାଳିଆ। ନୀଳଗିରିରୁ ଜଳପଥରେ ପଥର ଆଣିବା ସହଜ ନ ଥିଲା। ସେଥିପାଇଁ ବହୁ ପୂର୍ବରୁ ପ୍ରସ୍ତୁତି ସରିଥିଲା। ମହାନଦୀନାଳିଆ ସଂଯୋଗ ହୋଇଥିଲା ଭଷାଣଦଣ୍ଡା ସହିତ। ଭଷାଣଦଣ୍ଡା ଦେଇ ଚାପ ପହଞ୍ଚିଥିଲା 'ବାହାରିଆଜୋର'ରେ। ବାହାରିଆ ଜୋରରୁ ଚିତ୍ରୋତ୍ପଳା ଗଣ୍ଡ, ସେଠାରୁ ସୋଲ ନଦୀ। ସୋଲ ନଦୀ ଗଣ୍ଡରୁ ଉଦିପୁର ଦଣ୍ଡା, ତା'ପରେ ପଦ୍ମତୋଳା ଗଣ୍ଡ।

ବିରୁଡ଼ିନାଳିଆ, ମହାନଦୀନାଳିଆ, ଭସାଣଦଣ୍ଡା, ବାହାରିଆ ଜୋର, ଚିତ୍ରୋତ୍ପଳା ଗଣ୍ଡ, ସୋଲ ନଦୀ ଗଣ୍ଡ, ଉଦିପୁର ଦଣ୍ଡା, ପଦ୍ମତୋଳା ଗଣ୍ଡ। ସାତୋଟି ଜଳପଥ ଦେଇ ଚାପଦଳେଇ ଚାପରେ ପହଞ୍ଚେଇବା ପରେ ସେତେବେଳେ ନେଇଥିଲେ ୧୩୦ ମାଢ଼ ସୁନା। ଅନ୍ୟ ଖର୍ଚ୍ଚ ୧୬୬ ମାଢ଼। ଚାଉଳ ଏବଂ ଅନ୍ୟାନ୍ୟ ଆବଶ୍ୟକ ଦ୍ରବ୍ୟ ଯୋଗାଇଥିଲେ ରେମୁଡ଼ା ଦଣ୍ଡପାଟର ମୁଖିଆ। ପଥୁରିଆ, ଦଳପତି ଓ ଚାପଦଳେଇଙ୍କୁ ସାଧାରଣ ଲୋକେ ସାହାଯ୍ୟ ଓ ସହଯୋଗ କରି ନ ଥିଲେ ଏତେ ଶୃଙ୍ଖଳିତ ଭାବରେ କୌଣସି ଅଘଟଣ ନ ଘଟି ସୁବିଧାରେ ଆସି ପଥର ପଦ୍ମତୋଳା ଗଣ୍ଡରେ ପହଞ୍ଚିପାରି ନ ଥାନ୍ତା।

ନୀଳଗିରିରୁ ପଥର ଆସି ପହଞ୍ଚିବା ପରେ ବାଣେଶ୍ୱରନାସୀରୁ ପଥର ଆସିଥିଲା। ବାଣେଶ୍ୱରନାସୀ ଅଞ୍ଚଳ ବଡ଼ମ୍ବା–ନରସିଂହପୁର ଗଡ଼ଜାତ ଅଞ୍ଚଳରେ ଅବସ୍ଥିତ। ବାଣେଶ୍ୱରନାସୀର ସିଦ୍ଧିଦୁର୍ଗା ପାହାଡ଼ରୁ ବାଲିଆ ହଳଦିଆ ସାହାଣ ପଥର ୭୩୦ ଖଣ୍ଡ ଆସିଥିଲା। ମହାନଦୀ କୂଳରେ ଏହି ପାହାଡ଼ ଅବସ୍ଥିତ। ଦେବୀ ଭଟ୍ଟାରିକାଙ୍କ ପୀଠଠାରୁ ଅଳ୍ପ ଦୂରରେ। ଏହି ପାହାଡ଼ରେ ରହିଛି ପ୍ରଜ୍ଞା–ପାରମିତା ପୀଠ। ବୌଦ୍ଧ ଧାରାର ମହାନ୍ ସାଧିକା ପ୍ରଜ୍ଞାପାରମିତା ଏହି ପାହାଡ଼ରେ ସାଧନା କରିଥିବାର ଐତିହ୍ୟ ରହିଛି। ପାହାଡ଼ର ପାଦଦେଶରେ ରହିଥିଲା 'ବୁଦ୍ଧେଶ୍ୱର ଗାଁ'। ଏଇ ଗାଁରେ ଶିବିର ପଡ଼ିଥିଲା ୩ମାସ ୧୮ ଦିନ। ପଥୁରିଆମାନଙ୍କ ସହିତ ଦେଖାରଖା କରିବାକୁ ରହିଥିଲେ ମଧୁ ମହାରଣା ଓ ବୀର ଓଝା। ପଥର କଟାଳିଙ୍କ ମୁଖିଆ ବୀର ବଡ଼ଜେନା ତଦାରଖ ଦାୟିତ୍ୱରେ ଥିଲେ। ଶିବିର ଖର୍ଚ୍ଚ ସହିତ ମୋଟ ୧୨୬ ମାଢ଼ ସୁନା ଖର୍ଚ୍ଚ ହୋଇଥିଲା। ବଡ଼ବଡ଼ ଆକାରର ପଥର କାଟିବାକୁ ଅଲଗା ୭ ମାଢ଼ ସୁନା ଦିଆଯାଇଥିଲା। ଏହାକୁ ମିଶାଇ ୧୯ ଥର ପଥର ଆସିଲା କୋଣାର୍କକୁ।

# ଧର୍ମଗୁଳାରେ ଜିତିଲେ ସାରଙ୍ଗଗଡ ସରପଞ୍ଚ

**କ. ନୂଆଗାଁ,୨୭।୨(ଡି.ଏନ.ଏ.)**

କନ୍ଧମାଳ ଜିଲା କ.ନୂଆଗାଁ ବ୍ଲକରେ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନର ଫଳାଫଳ ଘୋଷଣା ହୋଇଛି। ବ୍ଲକର ସାରଙ୍ଗଗଡ ପଞ୍ଚାୟତରେ ସରପଞ୍ଚ ପ୍ରାର୍ଥୀ ବରୁଣ କହଁର ଧର୍ମଗୁଳାରେ ନିର୍ବାଚିତ ହୋଇଛନ୍ତି। ପ୍ରାର୍ଥୀ ବରୁଣ କହଁର ଓ ଦୀନବନ୍ଧୁ ପ୍ରଧାନଙ୍କ ଭୋଟ ସମାନ ରହିଥିଲା। ଉଭୟେ ୧୦୪୦ ଲେଖାଏ ଭୋଟ ପାଇଥିଲେ। ତେଣୁ ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶ ଅନୁଯାୟୀ ଧର୍ମଗୁଳା ପାଇଁ ବିଡ଼ିଓ ତଥା ବ୍ଲକ ନିର୍ବାଚନ ଅଧିକାରୀ ଶରତ କୁମାର ପାତ୍ରଙ୍କ ମତକୁ ପ୍ରାର୍ଥୀ ସମ୍ମତି ଜଣାଇଥିଲେ। ଧର୍ମଗୁଳାରେ ବରୁଣ କହଁରଙ୍କ ସପକ୍ଷରେ ଯିବାରୁ ତାଙ୍କୁ ସରପଞ୍ଚ ଘୋଷଣା କରାଯାଇଥିଲା। ସେହିପରି ଲେଟିଙ୍ଗିଆ ପଞ୍ଚାୟତରେ ସର୍ବନିମ୍ନ ୨ଟି ଭୋଟ ବ୍ୟବଧାନରେ କୁନାଲ ପ୍ରଧାନ ସରପଞ୍ଚ ନିର୍ବାଚିତ ହୋଇଥିବା ବେଳେ ମହାସିଙ୍ଗିରେ ସର୍ବାଧିକ ୧୪୪୦ ଭୋଟ ବ୍ୟବଧାନରେ ରଞ୍ଜିତା ମଲ୍ଲିକ ସରପଞ୍ଚ ହୋଇଛନ୍ତି।

## ପଞ୍ଚାୟତ ନିର୍ବାଚନ ଫଳାଫଳ

### ଗଜପତି

| ବ୍ଲକ | ପଞ୍ଚାୟତ | ସରପଞ୍ଚ | ସମିତି ସଭ୍ୟା/ସଭ୍ୟ |
|---|---|---|---|
| କାଶୀନଗର | ଅଲଡ଼ା | ଗୋପାଳ ଗମାଙ୍ଗ | ପାର୍ବତୀ ଶବର |
| | ଗୋରିବନ୍ଧା | ଲକ୍ଷ୍ମୀ ମାନ୍ଦ୍ରାଡ଼ା | ମୋତେ ବାଲାକ୍ |
| | ଖାଣ୍ଡୱା | ମାଧବୀ ଚୌଧୁରୀ | ଜଗନ୍ନାଥ ଦୋରା |
| | ବୁଦୁରା | ସଞ୍ଜୟ କୁମାର ମିଶ୍ର | ବି. ବାବୁରାଓ |
| | ସିଆଳି | ରାମପ୍ରସାଦ ପଟନାୟକ | କେ. ସୋମେସୁ |

### କନ୍ଧମାଳ

| ବ୍ଲକ | ପଞ୍ଚାୟତ | ସରପଞ୍ଚ | ସମିତି ସଭ୍ୟା/ସଭ୍ୟ |
|---|---|---|---|
| ଜି.ଉଦୟଗିରି | କଟିଙ୍ଗିଆ | ବିଭୂତି ପ୍ରଧାନ | ଲଳିତା ପ୍ରଧାନ |
| | କଳିଙ୍ଗା | ବକ୍ସି ମଲ୍ଲିକ | ମାଲ୍ୟବନ୍ତ କହଁର |
| | ଗ୍ରେସିଙ୍ଗିଆ | ତ୍ରିସିଲା ପ୍ରଧାନ | ପୂର୍ଣ୍ଣିମା ପ୍ରଧାନ |
| | ତଲାରିମାହା | ବଳଭଦ୍ର କହଁର | ଉମେଶ ଚନ୍ଦ୍ର ପ୍ରଧାନ |
| | ମଲ୍ଲିକପଡ଼ି | ଝରଣା ପ୍ରଧାନ | ସଚ୍ଚିଦାନନ୍ଦ ପ୍ରଧାନ |
| | ରଟିଙ୍ଗିଆ | ବିଷ୍ଣୁଦେବ ପ୍ରଧାନ | ଏନ ଲୁକ |
| | ରାଇକୋଲା | ସଙ୍ଗିତା ପ୍ରଧାନ | ସୁଷମା ପ୍ରଧାନ |
| | ଲିଙ୍ଗାଗଡ଼ | ଅବୋଲକରା ପ୍ରଧାନ | ସୁନେଲିକା ନାୟକ |
| କ.ନୂଆଗାଁ | ଆଡ଼ିମାହା | ଶାନ୍ତି ମଲିକ | ପଦ୍ମଚରଣ ପାତ୍ର |
| | ବାଲିଗାଡ଼ା | କନକ ଲତା ପ୍ରଧାନ | ସିଦ୍ଧାନ୍ତ ପ୍ରଧାନ |
| | ବଣ୍ଡଗୁଡ଼ା | ସଞ୍ଜୟ କୁମାର ପ୍ରଧାନ | ସାଗରିକା ପ୍ରଧାନ |
| | ଚାଝେଡ଼ି | ଦେବସ୍ମିତା ପ୍ରଧାନ | ବିଣାପାଣୀ ନାୟକ |
| | ଗାନ୍ଦ୍ରିଗାଁ | ମନିସା ପ୍ରଧାନ | ଘନଶ୍ୟାମ ପ୍ରଧାନ |
| | ଗୁଞ୍ଜିବାଡ଼ି | ନରୋତ୍ତମ ପ୍ରଧାନ | ଧବଳେଶ୍ୱର ପାତ୍ର |
| | ଜିରିଡିକିଆ | ରାଜକୁମାରୀ ପ୍ରଧାନ | ଲବଣୀ ବେହେରା |
| | କଞ୍ଚାମେଣ୍ଡି | ଗୁନୁଲତା ମଲିକ | ମମତା ପଣ୍ଡା |
| | କୁତୁତୁଲି | ଶ୍ରୀଚନ୍ଦ୍ର ମଲିକ | ସୁଲୋଚନା ଦଳ ବେହେରା(ନିର୍ଦ୍ୱନ୍ଦ୍ୱ) |
| | ସାଇନପଡ଼ା | ଚମ୍ପିଲତା କହଁର | ଝୁଲି ଷାଣ୍ଢ |
| | ସିର୍ତିଗୁଡ଼ା | ଭାଗ୍ୟବତୀ ମଲିକ | ଭାଗ୍ୟବାନ ବେହେରା |
| | ଲେଟିଙ୍ଗିଆ | କୁନାଲ ପ୍ରଧାନ | କୁନାଲ ଦିଗାଲ |
| | ସାରଙ୍ଗଗଡ଼ | ବରୁଣ କହଁର | ଲିନା ପ୍ରଧାନ |
| | ମହାସିଙ୍ଗି | ରଞ୍ଜିତା ମଲ୍ଲିକ | ଅନନ୍ତ ମଲିକ(ନିର୍ଦ୍ୱନ୍ଦ୍ୱ) |

# ଦାରିଙ୍ଗବାଡ଼ି: ବିଜେଡିର ୧୦ନଂ ଜୋନ୍ ଦଖଲ

**ଦାରିଙ୍ଗବାଡ଼ି,୨୭।୨(ଡି.ଏନ.ଏ)**

ଦାରିଙ୍ଗବାଡ଼ି ବ୍ଲକର ୨ଟି ଜିଲା ପରିଷଦ ଜୋନ୍ ମଧ୍ୟରୁ ୧୦ ଜୋନ୍‌ରେ ବିଜେଡିର ରଞ୍ଜନ କୁମାର ପ୍ରଧାନ ବିଜୟୀ ହୋଇଥିବା ବେଳେ ୧୧ ନଂ. ଜୋନରେ ସନ୍ଧ୍ୟା ସୁଦ୍ଧା କଂଗ୍ରେସ ପ୍ରାର୍ଥୀ ଆଗୁଆ ରହିଥିଲେ। ୧୦ ନଂ. ଜୋନରେ ବିଜେଡିର ରଞ୍ଜନ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ କଂଗ୍ରେସର ରାଧାକାନ୍ତ ପ୍ରଧାନଙ୍କଠାରୁ ୧୮୪୯ ଖଣ୍ଡ ଭୋଟ ଅଧିକା ପାଇ ବିଜୟୀ ହୋଇଛନ୍ତି। ଅନ୍ୟପକ୍ଷରେ ଭାଜପା ୬,୦୮୯ ଖଣ୍ଡ ଭୋଟ ପାଇଥିବା ବେଳେ ୨୦୧୭ ନିର୍ବାଚନରେ ଦଳକୁ ୭,୧୩୯ ଖଣ୍ଡ ଭୋଟ ମିଳିଥିବାରୁ ତୃତୀୟ ସ୍ଥାନରେ ରହିଥିଲା। ସେହିପରି ଚଳିତ ଥର ବିଜେଡି ୧୨ ହଜାର ୮୮୪ ଖଣ୍ଡ ଭୋଟ ପାଇଛି। ଗତ ନିର୍ବାଚନରେ ଦଳକୁ ୯ ହଜାର ୬୦୮ ଖଣ୍ଡ ଭୋଟ ପାଇ ଦ୍ୱିତୀୟ ସ୍ଥାନରେ ରହିଥିଲା। ଚଳିତ ଥର ବିଜେଡିର ଭୋଟ ବୃଦ୍ଧି ପାଇଛି। କଂଗ୍ରେସ ୧୧,୦୩୫ ଖଣ୍ଡ ଭୋଟ ପାଇ ଦ୍ୱିତୀୟ ସ୍ଥାନରେ ରହିଛି, କିନ୍ତୁ ଗତ ଥର କଂଗ୍ରେସ ୧୧ ହଜାର ୭୧୨ ଖଣ୍ଡ ଭୋଟ ପାଇ ବିଜୟୀ ହୋଇଥିଲା। ଭାଜପା ଜିଲା ସଭାପତି ଜଗନ୍ନାଥ ସାହୁ କହିଛନ୍ତି, ଦଳରେ ବହୁ ଲୋକଙ୍କ ଭୋଟର ତାଲିକାରେ ନାମ ବାଦପଡ଼ିଥିବାରୁ ସେମାନେ ଭୋଟ ଦେଇପାରିନାହାନ୍ତି। ସେହିପରି ବିଜେଡି ପ୍ରାର୍ଥୀଙ୍କ ଫଟୋ ଏବଂ ଦଳୀୟ ଚିହ୍ନ ଥିବା ଚିରିକୁଟି ବଣ୍ଟନ କରିଥିଲା, ଯାହାର ପ୍ରଭାବ ମଧ ପଡ଼ିଛି। ଏ ନେଇ ସ୍ଥାନୀୟ ବିଧାୟକ ସାଲୁଗା ପ୍ରଧାନ କହିଛନ୍ତି, ଅନେକ ଲୋକାଭିମୁଖି କାର୍ଯ୍ୟ କରିଥିବାରୁ ଲୋକମାନେ ଦାରିଙ୍ଗବାଡ଼ିରେ ବିଜେଡିକୁ ଜିତାଇଛନ୍ତି। ସେହିପରି ଏଥର ଏହି ପ୍ରମୁଖ ଦଳ ପରେ ମଧ ପ୍ରଥମ ଥର ପାଇଁ ଆପ୍ ନିର୍ବାଚନ ଲଢ଼ିଥିଲା ଏବଂ ଏହି ଜୋନରେ ମାତ୍ର ୧୧୪ ଖଣ୍ଡ ଭୋଟ ପାଇଛି।

# ଗୋଟିଏ ପରିବାରରୁ ୪ ବିଜୟୀ



ହରେକୃଷ୍ଣ ମଲ୍ଲିକ ଭବାନୀ ଶଙ୍କର ମଲ୍ଲିକ ଶିଖା ମଲ୍ଲିକ ବାସନ୍ତୀ ପ୍ରଧାନ

**ଆସିକା,୨୭।୨(ଡି.ଏନ.ଏ.)**

ଗଞ୍ଜାମ ଜିଲା ଆସିକା ବ୍ଲକରେ ଗତଥର ଅଧ୍ୟକ୍ଷ ଥିବା ହରେକୃଷ୍ଣ ମଲିକ ଓ ତାଙ୍କ ପରିବାରର ଅନ୍ୟ ୩ଜଣ ଚଳିତ ପଞ୍ଚାୟତ ନିର୍ବାଚନରେ ପ୍ରତିଦ୍ୱନ୍ଦିତା କରିଥିବା ବେଳେ ସମସ୍ତେ ବିଜୟୀ ହୋଇଛନ୍ତି। ହରେକୃଷ୍ଣ ବେଣାପାଟ ପଞ୍ଚାୟତରୁ ସରପଞ୍ଚ ନିର୍ବାଚିତ ହୋଇଛନ୍ତି। ତାଙ୍କ ବଡ଼ଭାଇ ଭବାନୀ ଶଙ୍କର ମଲିକ (ଟୁଟୁ) କେନ୍ଦୁପଦର ପଞ୍ଚାୟତରୁ ସରପଞ୍ଚ ଓ ଭଉଣୀ ବାସନ୍ତୀ ପ୍ରଧାନ ସମିତିସଭ୍ୟ ଭାବେ ବିଜୟୀ ହୋଇଛନ୍ତି। ସେହିପରି ବାଙ୍ଗରଡା ପଞ୍ଚାୟତରୁ ହରେକୃଷ୍ଣଙ୍କ ଭାଉଜ ତଥା ଭବାନୀ ଶଙ୍କରଙ୍କ ସ୍ତ୍ରୀ ଶିଖା ମଲିକ ସମିତିସଭ୍ୟ ଭାବେ ନିର୍ବାଚିତ ହୋଇଛନ୍ତି। ବ୍ଲକ ଅଧ୍ୟକ୍ଷ ଭାବେ ଗତ ୫ ବର୍ଷର ନିଃସ୍ୱାର୍ଥପର କାର୍ଯ୍ୟର ଜନସାଧାରଣଙ୍କ ପ୍ରତିଦାନ ବୋଲି ହରେକୃଷ୍ଣ ମତବ୍ୟକ୍ତ କରିଛନ୍ତି।

# ପୌର ନିର୍ବାଚନ ପାଇଁ ବିଜେଡିର ପ୍ରସ୍ତୁତି ବୈଠକ

**ଭଞ୍ଜନଗର,୨୭।୨(ଡି.ଏନ.ଏ.)**

ମାର୍ଚ୍ଚ ୨୪ ତାରିଖରେ ପୌର ନିର୍ବାଚନ। ଚଳିତ ନିର୍ବାଚନରେ ପୌର ଅଧ୍ୟକ୍ଷ ପ୍ରତ୍ୟକ୍ଷ ଭାବେ ନିର୍ବାଚିତ ହେବେ। ଭଞ୍ଜନଗର ନଗର ବିଜେଡ଼ି ପକ୍ଷରୁ ନିର୍ବାଚନ ନେଇ ଏକ ପ୍ରସ୍ତୁତି ବୈଠକ ରବିବାର ବାଉଁଶଲୁଣ୍ଡି ବିଜୁ ସ୍ମୃତି ଭବନ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜଙ୍ଗଲ ଓ ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ଅଧ୍ୟକ୍ଷତା କରି ନିର୍ବାଚନରେ ଦଳ କିଭଳି ଅଧିକ ସଫଳତା ହାସଲ କରିବ ସେ ସମ୍ପର୍କରେ କହିଥିଲେ। ଏହି ଅବସରରେ ପ୍ରତ୍ୟେକ ୱାର୍ଡରୁ ଆଶାୟୀ ପ୍ରାର୍ଥୀମାନଙ୍କ ତାଲିକା ମଗାଯାଇଥିଲା। ତେବେ ରାଜ୍ୟ କମିଟିର ଅନୁମୋଦନ କ୍ରମେ ଚୁଡାନ୍ତ ପ୍ରାର୍ଥୀ ଘୋଷଣା ହେବ। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ନଗର ବିଜେଡ଼ି ସଭାପତି ରାଜେନ୍ଦ୍ର ବିଶୋଇ, ଯୁବ ବିଜେଡ଼ି ସଭାପତି ସୁଧୀର ବେହେରା, ଛାତ୍ର ବିଜେଡ଼ି ସଭାପତି ଜୀବନ ସ୍ୱାଇଁ, ମହିଳା ବିଜେଡ଼ି ନଗର ସଭାନେତ୍ରୀ ସୁଜ୍ଞାନୀ ଗଉଡ, ଏମ୍‌ପି ପ୍ରତିନିଧି ଦିବାକର ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ବୃଦ୍ଧଙ୍କ ଆତ୍ମହତ୍ୟା

**ବ୍ରହ୍ମପୁର ଅଫିସ,୨୭।୨:** ବ୍ରହ୍ମପୁର ସଦର ଥାନା ଅନ୍ତର୍ଗତ ବୋରଗାଁ ରାସ୍ତାରେ ଥିବା ଆମ୍ବଗଛରେ ଝୁଲି ଜଣେ ବୃଦ୍ଧ ଶନିବାର ସନ୍ଧ୍ୟାରେ ଆତ୍ମହତ୍ୟା କରିଛନ୍ତି। ପୋଲିସ ଖବର ପାଇ ମୃତଦେହ ନିକଟରେ ପହଞ୍ଚିଥିଲେ ମଧ୍ୟ ରାତି ହୋଇଯାଇଥିବାରୁ ରବିବାର ମୃତଦେହ ଜବତ କରିଛି। ମୃତକ ହେଲେ ଗୁରୁଣ୍ଟିର ଅପୂର୍ବ ଦାସ (୫୨)। ଏ ସଂକ୍ରାନ୍ତରେ ପୋଲିସ ନଂ.୭/୨୨ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। କୌଣସି ଏକ ଘରୋଇ ଅଶାନ୍ତିକୁ କେନ୍ଦ୍ରକରି ଅପୂର୍ବ ଏଭଳି ଆତ୍ମହତ୍ୟା କରିଥିବା ପୋଲିସ ସନ୍ଦେହ କରୁଛି। ସେ କିଛିଦିନ ହେଲା ବ୍ରହ୍ମପୁରରେ ରହି କାମ କରୁଥିବା ବେଳେ ଶନିବାର ସନ୍ଧ୍ୟାରେ ସେ ତାଙ୍କ ଗାଁ ନିକଟ ବୋରିଗାଁକୁ ଯାଇଥିଲେ। ସନ୍ଧ୍ୟାରେ ସେ ଗାଁମୁଣ୍ଡରେ ଥିବା ଏକ ଆମ୍ବଗଛ ନିକଟକୁ ଯାଇଥିଲେ। ସେଠାରେ ସେ ନିଜ ବେକରେ ଏକ ପ୍ଲାଷ୍ଟିକ୍ ଦଉଡ଼ି ଲଗାଇ ଗଛରେ ଝୁଲି ଆତ୍ମହତ୍ୟା କରିଥିଲେ। ସେହି ରାସ୍ତା ଦେଇ ଯାତାୟାତ କରୁଥିବା ଲୋକମାନେ ଆମ୍ବଗଛରେ ଜଣେ ବ୍ୟକ୍ତି ଝୁଲୁଥିବା ଦେଖି ପୋଲିସକୁ ଖବର କରିଥିଲେ।

### ଭୋଟ ଗଣନାକାରୀଙ୍କୁ ଆକ୍ରମଣ ଅଭିଯୋଗ

**ବୁଗୁଡା,୨୭।୨(ଡି.ଏନ.ଏ.):** ବୁଗୁଡା ବ୍ଲକର ୪୧ ନମ୍ବର ଜୋନର ଭୋଟ ଗଣତି କାର୍ଯ୍ୟରେ ନିୟୋଜିତ ଥିବା ସ୍ଥାନୀୟ ଗୋଲିଆ ପଞ୍ଚାୟତର ନିର୍ବାହୀ ଅଧିକାରୀ ପ୍ରମୋଦ କୁମାର ଘୋଙ୍କୁ ଆକ୍ରମଣ ହୋଇଥିବା ଅଭିଯୋଗ ହୋଇଛି। ଶନିବାର ରାତି ୧୨ ଟାରେ ପ୍ରମୋଦ ବୁଗୁଡ଼ା ବ୍ଲକ ଏମଆର ଅମିତ ମହାନ୍ତିଙ୍କ ସହ ବାଇକରେ ଆସୁଥିଲେ। ଏହି ସମୟରେ ୨ଜଣ ବୁକ ଛକରେ ପ୍ରମୋଦଙ୍କୁ ଅଟକାଇ ଆକ୍ରମଣ କରିଛନ୍ତି। ତାଙ୍କୁ ରବିବାର ବ୍ରହ୍ମପୁର ବଡ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଏ ନେଇ ନଂ. ୧୧୯/୨୨ରେ ମାମଲା ରୁଜୁ ହୋଇଥିବା ଆଇଆଇସି ଚିତ୍ତ ରଞ୍ଜନ ବେହେରା କହିଛନ୍ତି। ଏହି ଘଟଣା ପରେ ରବିବାର ଭୋଟ ଗଣତି କେନ୍ଦ୍ରର ଆଖପାଖ ଅଞ୍ଚଳରେ ପୋଲିସ ଛାଉଣୀ ହୋଇଛି।

### ନୀଳକଣ୍ଠେଶ୍ୱର ସେବା ପ୍ରତିଷ୍ଠାନର ସାମ୍ବାଦିକ ସମ୍ମିଳନୀ

**ବ୍ରହ୍ମପୁର ଅଫିସ,୨୭।୨:** ନୀଳକଣ୍ଠେଶ୍ୱର ମନ୍ଦିର ସେବା ପ୍ରତିଷ୍ଠାନ ଓ ଲକ୍ଷ୍ୟ ନାଟ୍ୟଶାଳା ପକ୍ଷରୁ ରବିବାର ସାମ୍ବାଦିକ ସମ୍ମିଳିନୀ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ମଙ୍ଗଳବାର ଦିବା ୧୧ରୁ ଅପରାହ୍ନ ୫ଟା ପର୍ଯ୍ୟନ୍ତ ମହାଶିବରାତ୍ରି ଅବସରରେ ନୀଳକଣ୍ଠେଶ୍ୱର ମନ୍ଦିର ପ୍ରାଙ୍ଗଣରେ ସାଂସ୍କୃତିକ ଓ ଆଧାତ୍ମିକ କାର୍ଯ୍ୟକ୍ରମ ନଟରାଜ ମହୋତ୍ସବ ଅନୁଷ୍ଠିତ ହେବା ନେଇ ସାମ୍ବାଦିକ ସମ୍ମିଳନୀରେ ଘୋଷଣା ହୋଇଥିଲା। ଏଥିରେ ସମ୍ପାଦକ ଦେବରାଜ ବେହେରା, ପୂର୍ବତନ ସଭାପତି କାଳୀକିଙ୍କର ପାତ୍ର, ଉପସଭାପତି କୃଷ୍ଣ ଚନ୍ଦ୍ର ସେନାପତି, ସତୀଶ ପାତ୍ର, ଲକ୍ଷ୍ୟ ନାଟ୍ୟଶାଳାର ସଭାପତି ମନୋଜ ସାମଲ ଉପସ୍ଥିତ ଥିଲେ।

### ନିଖୋଜ ଯୁବକଙ୍କ ମୃତଦେହ ଜବତ

**ପାରଳାଖେମୁଣ୍ଡି,୨୭।୨(ଡି.ଏନ୍.ଏ.):** ପାରଳାଖେମୁଣ୍ଡି କୃଷ୍ଣ ନଗରର ରାଜ କିଶୋର ପାଢ଼ୀ ଗତ ୩ ଦିନ ହେଲା ନିଖୋଜ ଥିଲେ। ରବିବାର ତାଙ୍କ ମୃତଦେହ ବୃନ୍ଦାବନ ପ୍ୟାଲେସ ନିକଟ ମହେନ୍ଦ୍ରତନୟା ନଦୀରୁ ଜବତ କରାଯାଇଛି। ରାଜ କିଶୋର ଏମ୍‌ସିଏ ପଢ଼ିବା ପରେ ନିଯୁକ୍ତିକୁ ନେଇ କିଛି ଦିନ ହେଲା ମାନସିକ ଚାପରେ ଥିଲେ। ଗତ ତିନି ଦିନ ଧରି ଘରୁ ଚାଲି ଯାଇଥିବା ନେଇ ପରିବାର ପକ୍ଷରୁ କୁହାଯାଇଛି। ପାରଳାଖେମୁଣ୍ଡି ପୋଲିସ ନଦୀରୁ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି ।

# ମୁଖ୍ୟମନ୍ତ୍ରୀଙ୍କ ଲୋକପ୍ରିୟତା ପ୍ରତିଫଳନ : ଚ୍ୟାଉ ପଟ୍ଟନାୟକ

■ ଗଞ୍ଜାମର ପ୍ରଥମ ପର୍ଯ୍ୟାୟରେ ବିଜେଡିର ଜୟଯାତ୍ରା

■ ଭାଜପାର ନେତୃତ୍ୱ ସଙ୍କଟରୁ ଏହି ଦଶା : କାହ୍ନୁ ପତି

**ବ୍ରହ୍ମପୁର ଅଫିସ,୨୭।୨**

ଗଞ୍ଜାମ ଜିଲାରେ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନର ପ୍ରଥମ ପର୍ଯ୍ୟାୟ ୨୨ ଜିଲା ପରିଷଦ ଜୋନର ଫଳାଫଳ ଶନିବାର ପ୍ରକାଶ ପାଇବା ପରେ ରାଜନୈତିକ ଚର୍ଚ୍ଚା ଆରମ୍ଭ ହୋଇଛି। ସବୁ ଜୋନ ବିଜେଡି ସପକ୍ଷରେ ଯାଇଥିବାରୁ ବିରୋଧୀ ଦଳକୁ ହତୋତ୍ସାହ କରିଦେଇଛି। ଭାଜପା ୨୧ ଜୋନ୍‌ରେ ବିଜେଡିର ନିକଟତମ ପ୍ରତିଦ୍ୱନ୍ଦ୍ୱୀ ହୋଇଥିବା ବେଳେ ସାନଖେମୁଣ୍ଡି ବ୍ଲକର ୫୯ନଂ. ଜୋନରେ ନିର୍ବାଚିତ ଶାସକ ଦଳର ନିକଟତମ ପ୍ରତିଦ୍ୱନ୍ଦ୍ୱୀ ହୋଇଛି କଂଗ୍ରେସ। ସେଠାକାର କଂଗ୍ରେସ ବିଧାୟକ ରମେଶ ଜେନାଙ୍କ ପାରିବାପଣିଆ ପଦାକୁ ଆସିଛି। ୨୨ ଜୋନର ଭୋଟ ଗଣତିରୁ ପ୍ରଚଣ୍ଡ ଶଙ୍ଖ ଧ୍ୱନିରେ ପଦ୍ମ ପାଖୁଡ଼ା ଝଡ଼ି ପଡ଼ିଥିବା ସ୍ପଷ୍ଟ ହୋଇଛି। ରବିବାର ଦ୍ୱିତୀୟ ଗଣତିରେ ମଧ୍ୟ ସବୁଠି ବିଜେଡି ଆଗୁଆ ଥିବା ଖବର ମିଳିଛି। ମୁଖ୍ୟମନ୍ତ୍ରୀଙ୍କ ଜିଲା ଗଞ୍ଜାମରେ ବିଜେଡି ପୁନର୍ବାର ବାଜିମାତ କରୁଥିବାରୁ ନେତା ଓ କର୍ମୀ ଅଧିକ ଉତ୍ସାହିତ ହୋଇଛନ୍ତି।

ସୂଚନାଯୋଗ୍ୟ, କୁକୁଡ଼ାଖଣ୍ଡି ବ୍ଲକର ୮ନଂ. ଜୋନ୍‌ରେ ୨୦୧୭ ନିର୍ବାଚନରେ ଜିଲାର ଏକମାତ୍ର କଂଗ୍ରେସ ପ୍ରାର୍ଥୀ ବୃନ୍ଦାବନ ଖଟେଇ ନିର୍ବାଚିତ ହୋଇଥିଲେ। ଏଥର ସେହି ଜୋନ ମହିଳାଙ୍କ ପାଇଁ ସଂରକ୍ଷିତ ଥିଲା। ବିଜେଡିରୁ ଶିବାନୀ ସେଠୀ ଓ ଭାଜପାରୁ ଲକ୍ଷ୍ମୀ ଦାସଙ୍କ ମଧ୍ୟରେ ଲଢ଼େଇ ହୋଇଥିଲା। ୯୩୦୦ରୁ ଊର୍ଦ୍ଧ୍ୱ ଭୋଟରେ ଶଙ୍ଖ ଦଳ ପ୍ରାର୍ଥୀ ନିର୍ବାଚିତ ହୋଇଛନ୍ତି। ଏହି ଜୋନଟି କଂଗ୍ରେସର ହାତଛଡ଼ା ହୋଇଛି। ସେହିପରି ରଙ୍ଗେଇଲୁଣ୍ଡା ବ୍ଲକର ୫୩ନଂ. ଜୋନରେ ଗତ ନିର୍ବାଚନରେ ଭାଜପା ପ୍ରାର୍ଥୀ ବିନୋଦ ମିଶ୍ର ଜିତିଥିଲେ। ଏଥର ସେହି ଜୋନ ମହିଳାଙ୍କ ଲାଗି ସଂରକ୍ଷିତ ଥିବାରୁ ବିଜେଡିରୁ ଏସ୍.ରାଜେଶ୍ୱରୀ ଦୋରା ଏବଂ ଭାଜପାରୁ କାଜଲ ପାତ୍ର ମଇଦାନରେ ଥିଲେ। ସଂଘର୍ଷପୂର୍ଣ୍ଣ ଲଢ଼େଇରେ ୨୨୦୦ରୁ ଅଧିକ ଭୋଟରେ ଶଙ୍ଖ ଦଳ ପ୍ରାର୍ଥୀ ନିର୍ବାଚିତ ହୋଇଛନ୍ତି। ଏହି ଜୋନଟି ଗଞ୍ଜାମ ସାଙ୍ଗଠନିକ ଜିଲା ଭାଜପା ସଭାପତି ବିଭୂତି ଜେନାଙ୍କ ଅଞ୍ଚଳ ହୋଇଥିବାରୁ ତାଙ୍କୁ ଶକ୍ତ ଧକ୍କା ଲାଗିଛି।

ସରକାରୀ ସୂତ୍ରରୁ ମିଳିଥିବା ତଥ୍ୟାନୁସାରେ ପ୍ରଥମ ପର୍ଯ୍ୟାୟ ଜୋନସ୍ତରର ଭୋଟ ଗଣତିରୁ ଅନ୍ୟ ୨୦ ଜୋନରେ ଭାଜପା ପ୍ରାର୍ଥୀମାନେ ପରାଜିତ ହୋଇଥିଲେ ମଧ୍ୟ ସମସ୍ତେ ବିଜେଡିକୁ କଡ଼ା ମୁକାବିଲା କରିଛନ୍ତି। ସେହିପରି ଗଞ୍ଜାମ ବ୍ଲକର ଚର୍ଚ୍ଚିତ ୧୪ନଂ. ଜୋନକୁ ସଞ୍ଜିତା ସ୍ୱାଇଁ ବିଜେଡିରୁ ନିର୍ବାଚିତ ହୋଇଛନ୍ତି। ପ୍ରତିଦ୍ୱନ୍ଦ୍ୱୀ ଭାଜପାର ପ୍ରଭାସିନୀ ନାୟକ ୫ ହଜାରରୁ ଊର୍ଦ୍ଧ୍ୱ ଭୋଟରେ ଚିତପଟାଙ୍ଗ ହୋଇଛନ୍ତି। ୧୪ନଂ. ଜୋନ ଅତୀତରେ ସିପିଏମ୍‌ର ଦୁର୍ଗ ଥିଲା ଓ ଏଥର ରସାତଳକୁ ଗଲା। ଏହି ବ୍ଲକର ୧୫ନଂ. ଜୋନରେ ରବିବାର ଭୋଟ ଗଣତି ଚାଲିଛି। ସେଠାରେ ଦୁଇ କମ୍ୟୁନିଷ୍ଟ ସିପିଏମ୍ ଓ ସିପିଆଇ ପ୍ରାର୍ଥୀ ଦେଇଛନ୍ତି। ତେବେ ବିଜେଡି ଓ ଭାଜପା ମଧ୍ୟରେ ମୁକାବିଲା ହୋଇଥିବା ବାମପନ୍ଥୀ ନେତାଙ୍କ ସୂତ୍ରରୁ ଜଣାପଡ଼ିଛି।

ପ୍ରଥମ ପର୍ଯ୍ୟାୟ ଫଳାଫଳ ଏକପାଖିଆ ଭାବେ ବିଜେଡିକୁ ଜୟଯାତ୍ରା କରାଇଥିବାରୁ ଜିଲା ସଭାପତି ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକ ଆତ୍ମବିଭୋର ହୋଇଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ନିର୍ମଳ ଭାବମୂର୍ତ୍ତି, ସ୍ୱଚ୍ଛ ଶାସନ, ଗ୍ରାମାଞ୍ଚଳରେ ବହୁମୁଖୀ ବିକାଶ କରିଥିବା ଏବଂ ତାଙ୍କ ଲୋକପ୍ରିୟତା ବଢ଼ି ଚାଲିଥିବା ବେଳେ ଦୁଇ ଦଶନ୍ଧିରୁ ଊର୍ଦ୍ଧ୍ୱ ରାଜ୍ୟରେ ସ୍ଥିର ରାଜନୀତି ପାଇଁ ଏହି ସଫଳତା ମିଳିଥିବା ପ୍ରତିକ୍ରିୟାରେ ପ୍ରକାଶ କରିଛନ୍ତି।

ଅପରପକ୍ଷରେ ଭାଜପା ନେତା କାହ୍ନୁ ଚରଣ ପତି କହିଛନ୍ତି, ନିର୍ବାଚନରେ ସରକାରୀ କଳର ବିଜେଡି ପ୍ରତି ଅହେତୁକ ଅନୁଗ୍ରହ, ଭୋଟ ଗ୍ରହଣ ବେଳେ ନାନା ଅସଂଗତି, ବାହୁ ଓ ଅର୍ଥବଳ ପ୍ରୟୋଗ ଆଦି କାରଣରୁ ଶାସକ ଦଳ ଫାଇଦା ମାରିବାକୁ ସକ୍ଷମ ହେଉଛି। ଭାଜପାର ନେତୃତ୍ୱ ସଙ୍କଟ ଆଉ ଏକ କାରଣ ଯୋଗୁ ଦଳ ବିପର୍ଯ୍ୟୟର ସମ୍ମୁଖୀନ ହେଉଥିବା ପତି ସ୍ୱୀକାର କରିଛନ୍ତି।

### ଗଜପତି: ୫ ଜୋନ୍‌ରେ ବିଜେଡି ଆଗୁଆ

**ପାରଳାଖେମୁଣ୍ଡି,୨୭।୨(ଡି.ଏନ.ଏ.)**

ଗଜପତି ଜିଲାରେ ମୋଟ ୧୪ ଜିଲା ପରିଷଦ ଜୋନ ମଧ୍ୟରୁ ଶନିବାର ୭ଟି ଜୋନରେ ଗଣତି ସରିଥିବା ବେଳେ ସେଥିମଧ୍ୟରୁ ବିଜେଡି ୫ଟି ଓ କଂଗ୍ରେସ ୨ଟି ଆସନରେ ବିଜୟୀ ହୋଇଥିଲା। ରବିବାର ଆଉ ୬ଟି ଜୋନରେ ଗଣତି ପ୍ରକ୍ରିୟା ଚାଲିଛି। କାଶୀନଗର ବ୍ଲକ ୨ ନଂ. ଜୋନରେ ବିଜେଡିର ଜି. ତ୍ରିପୁରତି ରାଓ ଭାଜପା ପ୍ରାର୍ଥୀ ଏନ କୋଣ୍ଡେଶ୍ୱର ରାଓଙ୍କ ଠାରୁ ଆଗୁଆ ରହିଛନ୍ତି। ଗୁମ୍ମା ୪ନଂ. ଜୋନରେ ବିଜେଡି ପ୍ରାର୍ଥୀ ସନ୍ଧ୍ୟା ଶବର କଂଗ୍ରେସର ଗୀତାଞ୍ଜଳି ଭୂୟାଁଙ୍କ ଠାରୁ ଆଗୁଆ ଅଛନ୍ତି। ସେହିପରି ଗୋଷାଣି ବ୍ଲକର ୭ନଂ. ଜୋନର ବିଜେଡିର ପି. ଲିଳାବତୀ ଭାଜପାର ଜେ. ଭାରତୀଙ୍କଠାରୁ ଆଗୁଆ ଅଛନ୍ତି। ମୋହନା ବ୍ଲକର ୯ ନମ୍ବର ଜୋନରେ ବିଜେଡିର ଚନ୍ଦ୍ର ମଲିକ କଂଗ୍ରେସର ରାଜୀବ ମଲିକଙ୍କ ଠାରୁ ଆଗୁଆ ଅଛନ୍ତି। ଆର. ଉଦୟଗିରି ୧୨ ନଂ. ଜୋନରେ ଭାଜପା ପାର୍ଥ ଦଣ୍ଡପାଣି ବଡ଼ମୁଣ୍ଡ ବିଜେଡିର ଯୁଧିଷ୍ଠିର ବଡ଼ମୁଣ୍ଡିଙ୍କୁ ୧୩୯ ଖଣ୍ଡ ଭୋଟରେ ହରାଇଛନ୍ତି। ରାୟଗଡ ବ୍ଲକର ୧୪ ନଂ. ଜୋନରେ ବିଜେଡିର ପିତାମ୍ବର ନାୟକ ଭାଜପାର ସୁକାନ୍ତି ବିଶୋଇଙ୍କ ଠାରୁ ଆଗୁଆ ରହିଛନ୍ତି। ରାତି ୯ଟା ସୁଦ୍ଧା ଏହି ତଥ୍ୟ ମିଳିଛି।

# ୟୁକ୍ରେନ୍ ଉପରେ ରୁଷିଆର ଆକ୍ରମଣକୁ ଏସ୍‌ୟୁସିଆଇର ନିନ୍ଦା



ବିକ୍ଷୋଭରେ ଉପସ୍ଥିତ ସଂଘର ସଦସ୍ୟ ବୃନ୍ଦ।

**ବ୍ରହ୍ମପୁର ଅଫିସ୍,୨୭।୨**

ୟୁକ୍ରେନ୍ ଉପରେ ରୁଷର ଆକ୍ରମଣକୁ ଏସ୍‌ୟୁସିଆଇ କମ୍ୟୁନିଷ୍ଟ ଗଞ୍ଜାମ ଜିଲା ସାଙ୍ଗଠନିକ କମିଟି ତୀବ୍ର ନିନ୍ଦା କରିଛି। ସଂଘ ପକ୍ଷରୁ ରବିବାର କମାପଲୀଠାରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ସଂଘ ପକ୍ଷରୁ କୁହାଯାଇଛି, ସ୍ୱତନ୍ତ୍ର ସାମରିକ ଅଭିଯାନ ନାଁରେ ରୁଷ୍ ୟୁକ୍ରେନ୍ ଉପରେ ଗତ ୨୪ ତାରିଖଠାରୁ ଆକ୍ରମଣ ଆରମ୍ଭ କରିଛି। ସାମ୍ରାଜ୍ୟବାଦୀ ଆମେରିକା ନେତୃତ୍ୱାଧୀନ ନାଟୋ ପୂର୍ବ ୟୁରୋପୀୟ ଦେଶମାନଙ୍କରେ ତା'ର ନିୟନ୍ତ୍ରଣ ପରିସରକୁ ବିସ୍ତାର କରିଚାଲିଛି। ତେଣୁ ତା'ର ପ୍ରତିଦ୍ୱନ୍ଦ୍ୱୀ ଶକ୍ତି ହିସାବରେ ରୁଷ ୟୁକ୍ରେନ ଉପରେ ତା'ର ଆଧିପତ୍ୟ ବିସ୍ତାର କରିବା ପାଇଁ ଏହି ଆକ୍ରମଣ କରିଛି ବୋଲି ଅଭିଯୋଗ ହୋଇଛି। ଏହି ଯୁଦ୍ଧ ବହୁମୂଲ୍ୟ ଜୀବନ ଏବଂ ସମ୍ପଦକୁ ନଷ୍ଟ କରିବ। ସାଧାରଣ ଜନତା ହିଁ ଯୁଦ୍ଧରେ କ୍ଷତିଗ୍ରସ୍ତ ହେବେ। ଶିକ୍ଷା, ସ୍ୱାସ୍ଥ୍ୟ, ବ୍ୟବସାୟ ବାଣିଜ୍ୟ ଏବଂ ଅନ୍ୟାନ୍ୟ ଜୀବନ ଜୀବିକା କ୍ଷେତ୍ରରେ ଏହି ଯୁଦ୍ଧର ମାରାତ୍ମକ ପ୍ରଭାବ ପଡିବ ବୋଲି ସଂଘ ପ୍ରକାଶ କରିଛି। ଏଣୁ ଏସ୍‌ୟୁସିଆଇ(କମ୍ୟୁନିଷ୍ଟ) ଏହି ଯୁଦ୍ଧକୁ ଦୃଢ ବିରୋଧ କରିଛି। ଏଥିସହ ୟୁକ୍ରେନ୍‌ରେ ଥିବା ଭାରତର ଶ୍ରମିକ, ଜନତା ଓ ଓଡ଼ିଶାର ୧୫୦୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ରୀଙ୍କ ସୁରକ୍ଷା ବ୍ୟବସ୍ଥା କରିବା ସହିତ ସମସ୍ତଙ୍କୁ ସୁରକ୍ଷିତ ଭାବେ ଭାରତକୁ ଫେରାଇ ଆଣିବାର ବ୍ୟବସ୍ଥା କରିବା ନିମନ୍ତେ ସଂଘ ପକ୍ଷରୁ ଭାରତ ସରକାରଙ୍କୁ ନିବେଦନ କରାଯାଇଛି। ସଂଘ ଗଞ୍ଜାମ ଜିଲା ସାଙ୍ଗଠନିକ କମିଟି ସମ୍ପାଦକ ସୋମନାଥ ବେହେରାଙ୍କ ସମେତ ଶିବାନୀ ଶଙ୍କର ମିଶ୍ର, ନିମାଇଁ ଚରଣ ସାହୁ, ନାରାୟଣ ସାହୁ, କାମରାଜ ସାହୁ, ଶୁଭସ୍ମିତା ପାଣିଗ୍ରାହୀ ଓ ସୌମ୍ୟ ରଞ୍ଜନ ଗୌଡ଼ ପ୍ରମୁଖ ଉପସ୍ଥିତ ଥିଲେ।

# ନକଲି ବିଦେଶୀ ମଦ ଫ୍ୟାକ୍ଟ୍ରି ଠାବ

## ୧୬୪ ଲିଟର ମଦ, ୨ଶହ ଲିଟର ସ୍ପିରିଟ୍ ଜବତ

**ବ୍ରହ୍ମପୁର ଅଫିସ୍,୨୭।୨**

ଗଞ୍ଜାମ ଜିଲା ଦିଗପହଣ୍ଡି ଥାନା ଅନ୍ତର୍ଗତ ଜିନିଗୁଡ଼ା ଗ୍ରାମର ଏକ ଘରେ ଚାଲିଥିବା ବଡ଼ ଧରଣର ନକଲି ବିଦେଶୀ ମଦ ଫ୍ୟାକ୍ଟ୍ରି ଅବକାରୀ ବିଭାଗ ଠାବ କରିଛି। ଘଟଣାସ୍ଥଳରୁ ୧୬୪ ଲିଟର୍ ନକଲି ବିଦେଶୀ ମଦ, ପ୍ରାୟ ୨ଶହ ଲିଟର୍ ବିଭିନ୍ନ ପ୍ରକାର ସ୍ପିରିଟ୍, ଶହେ ଲିଟର ଅପମିଶ୍ରିତ ମଦ, ୧ହଜାର ଲେବଲ୍, ବିଭିନ୍ନ କମ୍ପାନୀର ସାଢ଼େ ୫ହଜାର ଷ୍ଟିକର୍, ୭୫୦ ଖାଲି ବୋତଲ, ଦୁଇଟି ମେଶିନ୍ ଓ ଦୁଇଟି ବାଇକ୍ ଜବତ କରାଯାଇଛି। ଏ ସଂକ୍ରାନ୍ତରେ ୩ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିବା ଅବକାରୀ ଗୋଇନ୍ଦା ବିଭାଗ ଡେପୁଟି କମିଶନର ରାଜେନ୍ଦ୍ର ଭଦ୍ରା ସୂଚନା ଦେଇଛନ୍ତି। ଅଭିଯୁକ୍ତମାନେ ହେଲେ ଦିଗପହଣ୍ଡି ଥାନା ଜିନିଗୁଡ଼ାର ମଦନ ମଲ୍ଲିକ, ଲୋଚାପଡ଼ାର ସଜନ ମଲ୍ଲିକ ଓ ଗୋପାଳପୁରର ରିତେଶ କୁମାର ଦାସ। ଜବତ ସାମଗ୍ରୀର ମୂଲ୍ୟ ପ୍ରାୟ ୮ଲକ୍ଷ ଟଙ୍କା ହେବ ବୋଲି ଅବକାରୀ ଡେପୁଟି କମିଶନର ଭଦ୍ରା କହିଛନ୍ତି। ମଦ ମାଫିଆମାନେ କୋଲକାତାରୁ ସ୍ପିରିଟ୍, ନକଲି ଷ୍ଟିକର୍ ଓ ଲେବଲ୍ ଆଣି ନକଲି ମଦ ତିଆରି କରୁଥିବା ଜଣାପଡ଼ିଛି।

# ରାସ୍ତାରେ କାଠ ପକାଇ ଡକାୟତି ଉଦ୍ୟମ, ବର୍ତ୍ତିଲେ ଦମ୍ପତି

**ବୁଗୁଡ଼ା,୨୭।୨(ଡି.ଏନ.ଏ.)**

ବୁଗୁଡ଼ା ଥାନା ଅନ୍ତର୍ଗତ କରଚୁଲି-ବାଘୁଆ ମଧ୍ୟରେ ଶନିବାର ମଧ୍ୟରାତ୍ରରେ ମୁଖ୍ୟ ରାସ୍ତାରେ କାଠ ପକାଇ ଡକାୟତି ଉଦ୍ୟମ ହୋଇଛି। ଏଥିରେ ଅଳ୍ପକେ ବର୍ତ୍ତିଯାଇଛନ୍ତି ଦମ୍ପତି। କାର ଯୋଗେ ଭୁବନେଶ୍ୱରରୁ ବୁଗୁଡ଼ା ଆସୁଥିବା ବେଳେ ହୋଇଥିଲା ଲୁଟ ଉଦ୍ୟମ। ଅଭିଯୋଗ ଅନୁସାରେ, ବୁଗୁଡ଼ା ଏନ୍‌ଏସି ବୀର ଧନଞ୍ଜୟପୁର ଗ୍ରାମର ସୁରେଶ ଚନ୍ଦ୍ର ଦାଶଙ୍କ ପୁଅ ସନ୍ଦୀପ ଓ ବୋହୂ ଅମ୍ରିତା ଶର୍ମା କାର ଯୋଗେ ଆସୁଥିବା ବେଳେ ରାତି ପ୍ରାୟ ସାଢେ ବାରଟାରେ ରାସ୍ତାରେ କାଠ ପଡ଼ିଥିବା ଦେଖି ତାଙ୍କ ଡ୍ରାଇଭର ଗାଡିକୁ ରଖିବା କ୍ଷଣି ୫ ଜଣ ଦୁର୍ବୃତ୍ତ ହାତରେ ଖଣ୍ଡା କାତି ଧରି ଗାଡି ଉପରକୁ ଝପଟି ଆସି ଗାଡିର ଉଭୟ ପଟ ଡୋର


ଦୁର୍ବୃତ୍ତମାନେ ଅଟକାଇଥିବା କାର।

କାଚ ଭାଙ୍ଗି ଦେଇଥିଲେ ଏବଂ ଗାଳିଗୁଲଜ କରି ଯାହା ରଖିଛ ଦେଇଦିଅ ବୋଲି ଧମକ ଦେଇଥିଲେ। ତେବେ ଉପସ୍ଥିତ ବୁଦ୍ଧି ଖଟାଇ ରାସ୍ତାରେ ପଡ଼ିଥିବା କାଠଗଣ୍ଡି ଉପରେ ଗାଡି ଚଢାଇ ଡ୍ରାଇଭର ଗାଡିକୁ ଦ୍ରୁତ ଗତିରେ ନେଇ ପଳାଇ ଆସିବାରେ ସକ୍ଷମ ହୋଇଥିଲେ। ଫଳରେ ଏକ ନିଶ୍ଚିତ ଲୁଟ୍‌ରୁ ବର୍ତ୍ତି ଯାଇଛନ୍ତି। ରବିବାର ଏନେଇ ବୁଗୁଡ଼ା ଥାନାରେ ଅଭିଯୋଗ କରିବା ପରେ ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି।

### ବ୍ରହ୍ମପୁର ରେଲୱେ ଇନ୍‌ଷ୍ଟିଚ୍ୟୁଟର ବାର୍ଷିକ ଉତ୍ସବ

**ବ୍ରହ୍ମପୁର ଅଫିସ୍,୨୭।୨**

ବ୍ରହ୍ମପୁର ରେଲୱେ ଇନ୍‌ଷ୍ଟିଚ୍ୟୁଟ ପକ୍ଷରୁ ରବିବାର ପ୍ରଥମ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଇଷ୍ଟକୋଷ୍ଟ ରେଲୱେ ଶ୍ରମିକ କଂଗ୍ରେସ ସାଧାରଣ ସମ୍ପାଦକ ରମେଶ ଚନ୍ଦ୍ର ସାହୁ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଖୋର୍ଦ୍ଧା ଡିଭିଜନ ଏପିଓ ଡି.ଭି.ଆପ୍ପା ରାଓ ଯୋଗ ଦେଇଥିଲେ। ଏହି ଇନ୍‌ଷ୍ଟିଚ୍ୟୁଟ ୧୯୭୩ରେ ହୋଇଥିଲା। ଫାଇଲିନରେ କ୍ଷତିଗ୍ରସ୍ତ ପରେ ବର୍ତ୍ତମାନ ଇନ୍‌ଷ୍ଟିଚ୍ୟୁଟର ପୁନରୁଦ୍ଧାର ସହ ଆଧୁନିକୀକରଣ ମଧ୍ୟ କରାଯାଇଥିବା ଅତିଥିମାନେ ମତପ୍ରକାଶ କରିଥିଲେ। ଏହି ଇନ୍‌ଷ୍ଟିଚ୍ୟୁଟରେ ଅନ୍ୟାନ୍ୟ ଆବଶ୍ୟକ ଉପକରଣର ଆବଶ୍ୟକତା ରହିଥିବା ବେଳେ ଖୁବ୍‌ଶୀଘ୍ର ଏହା ପୂରଣ କରାଯିବ ବୋଲି ଅତିଥିମାନେ କହିଥିଲେ। ଅନ୍ୟତମ ଅତିଥି ଭାବେ ଇଷ୍ଟକୋଷ୍ଟ ରେଲୱେ ଶ୍ରମିକ କଂଗ୍ରେସ କାର୍ଯ୍ୟକାରୀ ସଭାପତି ତଥା ଇନ୍‌ଷ୍ଟିଚ୍ୟୁଟର ଉପସଭାପତି ଦୁର୍ଗା ପ୍ରସାଦ ବ୍ରହ୍ମା, ସମ୍ପାଦକ ଆର.କେ.ହୋତା, କୋଷାଧ୍ୟକ୍ଷ ଏସ୍.ଏସ୍.ଭଞ୍ଜ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ଇଷ୍ଟକୋଷ୍ଟ ଆରଏସ୍‌ସିର ଶାଖା ସମ୍ପାଦକ କେ.ରବି ପାତ୍ର ପରିଚାଳନାରେ ସହଯୋଗ କରିଥିଲେ।

### ୱାର୍କର୍ସ କ୍ଲବର ଅଧିଷ୍ଠାନ ଉତ୍ସବ

**ବ୍ରହ୍ମପୁର ଅଫିସ୍,୨୭।୨**

ୱାର୍କର୍ସ କ୍ଲବ ପକ୍ଷରୁ ରବିବାର ପ୍ରେମନଗର ଠାରେ ୨୦ତମ ଅଧିଷ୍ଠାନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଂଘର ପୂର୍ବତନ ସଭାପତି ଏସ୍.ଶିବାଜୀ ସଭାପତିତ୍ୱ କରିଥିଲେ। ସଂଘ ରିଜିଓନାଲ କାଉନସିଲର କେଶବ ଚନ୍ଦ୍ର ଦାଶ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଅନ୍ୟତମ ଅତିଥି ସଂଘ ପ୍ରଦୀପ କୁମାର ମହାରଣା, ଡା.ଇପାରି ପଦ୍ମନାଭ ରାଓ, ଡା. ଇପାରୀ ଜୟନ୍ତୀ ରାଓ ଯୋଗ ଦେଇ ସୁସ୍ଥ ଓ ନିରାମୟ ରହିବା ନିମନ୍ତେ ଶାରୀରିକ ପରିଶ୍ରମର ଆବଶ୍ୟକତା ବୋଲି କହିଥିଲେ। ଚଳିତ ବର୍ଷ ପାଇଁ ସଂଘର ପକ୍ଷରୁ ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା। ଏଥିରେ ସଭାପତି ରାଜ କିଶୋର ସ୍ୱାଇଁ, ସମ୍ପାଦକ ନରସୁ ଜେନା, କୋଷାଧ୍ୟକ୍ଷ କେ.ରାମାରାଓ, ସହସମ୍ପାଦକ ସି.ସୂର୍ଯ୍ୟ ନାରାୟଣ ରାଓ, ଉପସଭାପତି କେ.ସତ୍ୟା ରାଓ ମନୋନୀତ ହୋଇଛନ୍ତି।

# ବିଜେଡିର ପୌର ନିର୍ବାଚନ ପ୍ରସ୍ତୁତି ବୈଠକ

**ଜି.ଉଦୟଗିରି,୨୭।୨(ଡି.ଏନ.ଏ.)**

ପୌର ନିର୍ବାଚନ ବିଗୁଲ ବାଜିବା କ୍ଷଣି ବିଜୁ ଜନତା ଦଳ ତତ୍ପର ହୋଇଛି। କଳିଙ୍ଗାଠାରେ ଶନିବାର ପ୍ରସ୍ତୁତି ବୈଠକ ହୋଇଥିଲା। ଜି.ଉଦୟଗିରି ବିଧାୟକ ସାଲୁଗା ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ପୌର ନିର୍ବାଚନ ସମ୍ପର୍କରେ ଆଲୋଚନା କରାଯାଇଥିଲା। ବିଜେଡି ଏକ ଲୋକପ୍ରିୟ ଦଳ । ତେଣୁ ଏହି ଦଳରେ ଟିକେଟ ପାଇଁ ଆଶାୟୀ ବହୁତ ରହିବେ। ଜଣକୁ ମିଳିବ ଟିକେଟ। ତେଣୁ ଦଳର ସମସ୍ତ ନେତା କର୍ମୀ ଏକଜୁଟ ହୋଇ ବିଜୁ ଜନତା ଦଳର ପ୍ରାର୍ଥୀଙ୍କୁ ଜିତାଇବା ପାଇଁ ପରାମର୍ଶ ଦେଇଥିଲେ। ନଗର ସଭାପତି ଗୋପାଳ ମହାପାତ୍ରଙ୍କ ସଭାପତିତ୍ୱରେ ଆୟୋଜିତ ସମ୍ମିଳନୀରେ କାଉନ୍‌ସିଲ ବାଛିବା ପାଇଁ ପ୍ରତି ୱାର୍ଡ କମିଟିକୁ ଦାୟିତ୍ୱ ଦେବା ସହିତ ସେମାନେ


ଜି.ଉଦୟଗିରି ବିଧାୟକ ଉଦ୍‌ବୋଧନ ଦେଉଛନ୍ତି।

ଉପଯୁକ୍ତ ପ୍ରାର୍ଥୀ ଚୟନ କରି ପ୍ରସ୍ତାବ ଦେବା ପାଇଁ ପରାମର୍ଶ ଦିଆଯାଇଥିଲା। ଏହା ସହିତ ଅଧ୍ୟକ୍ଷ ପାଇଁ ଆଶାୟୀ ପ୍ରାର୍ଥୀମାନେ ଶୀଘ୍ର ଟିକେଟ ଲାଗି ଆବେଦନ କରିବାକୁ କୁହାଯାଇଥିଲା। ସମ୍ମିଳନୀରେ ଜିଲା ସାଧାରଣ ସମ୍ପାଦକ କିଶୋର ଚନ୍ଦ୍ର ନାୟକ, ସମ୍ପାଦକ କାଳୁ ଚରଣ ପଣ୍ଡା, ନଗର ମହିଳା ବିଜେଡି ସଭାନେତ୍ରୀ ଭାନୁପ୍ରଭା ମିଶ୍ର, ନଗର ସମ୍ପାଦକ ଅଶ୍ୱିନୀ କୁମାର ନାୟକ, ବରିଷ୍ଠ ବିଜେଡି ନେତା ଲେକଚର ବୁଲିଆନ, ଆମେସ ନାୟକ, ବିଧାୟକ ପ୍ରତିନିଧି ରାଜା ପାତ୍ର, ନଗର ସହସମ୍ପାଦକ ପ୍ରକାଶ ଚନ୍ଦ୍ର ରଥ ପ୍ରମୁଖ ଯୋଗ ଦେଇଥିଲେ।

# ଗଞ୍ଜାମ ପ୍ଲମ୍ବର ଆସୋସିଏଶନର ସାଧାରଣ ବୈଠକ

**ବ୍ରହ୍ମପୁର ଅଫିସ୍,୨୭।୨**

ଗଞ୍ଜାମ ପ୍ଲମ୍ବର ଆସୋସିଏଶନ ପକ୍ଷରୁ ରବିବାର ଲୋଚାପଡାଠାରେ ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ସଂଘ ପୂର୍ବତନ ସଭାପତି ସୁଶାନ୍ତ କୁମାର ସାବତ ଯୋଗ ଦେଇଥିଲେ। ସଂଘ କାର୍ଯ୍ୟକାରୀ ସଭାପତି ପ୍ରମୋଦ କୁମାର ସାହୁ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ବୈଠକରେ ସଂଘ କର୍ମକର୍ତ୍ତାଙ୍କ ନିମନ୍ତେ ଶ୍ରମ କାର୍ଡ ପାଇଁ ନିଷ୍ପତ୍ତି ହୋଇଥିଲା। ଏହି ଅବସରରେ ସଂଘ ପକ୍ଷରୁ ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା। ସଂଘ ପକ୍ଷରୁ ନାରାୟଣ ସାହୁଙ୍କୁ ଅସ୍ଥାୟୀ ସଭାପତି ମନୋନୀତ କରାଯାଇଥିଲା। ଏଥିରେ ସଭାପତି ଭାବେ ସୁବାସ ଦାସ, କାର୍ଯ୍ୟକାରୀ ସଭାପତି ବିକ୍ରମ ସାହୁ, ଏ.କୃଷ୍ଣମୂର୍ତ୍ତି ଦାଶ, ସାଧାରଣ ସମ୍ପାଦକ ପୀତବାସ ସାମନ୍ତରାୟ, ସହସମ୍ପାଦକ ରବୀନ୍ଦ୍ର ନାଥ ପାତ୍ର, ଯୁଗ୍ମ ସମ୍ପାଦକ ବି.ଅର୍ଜୁନ ପାତ୍ର, କୋଷାଧ୍ୟକ୍ଷ ଭି.ଲକ୍ଷ୍ମୀ ନାରାୟଣ ଓ ଉପଦେଷ୍ଟା ଭାବେ ପ୍ରମୋଦ କୁମାର ସାହୁ ମନୋନୀତ ହୋଇଥିଲେ। ନାରାୟଣ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଶିଶୁ ବାଟିକା ବିଭାଗର ଘର ହିଁ ବିଦ୍ୟାଳୟ ପ୍ରକଳ୍ପ ଆୟୋଜିତ

## ନୀଳକଣ୍ଠନଗର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର

**ବ୍ରହ୍ମପୁର ଅଫିସ,୨୭।୨**

ନୀଳକଣ୍ଠନଗର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଶିଶୁ ବାଟିକା ବିଭାଗର ଘର ହିଁ ବିଦ୍ୟାଳୟ ପ୍ରକଳ୍ପ ରବିବାର ଆୟୋଜିତ ହୋଇଯାଇଛି । ଶିଶୁମନ୍ଦିର ଆଚାର୍ଯ୍ୟା ଅନିତା ମହାରଣା ଅତିଥି ପରିଚୟ ପ୍ରଦାନ କରିଥିଲେ । ମୁଖ୍ୟ ଅତିଥି ଭାବେ ଡା.ସୁନୀଲ କୁମାର ଅଗ୍ରୱାଲ ଅଭିଭାବକ ଓ ମାତୃମଣ୍ଡଳୀଙ୍କୁ ଉଦ୍‌ବୋଧନ ମାଧ୍ୟମରେ ଛୋଟ ଶିଶୁମାନଙ୍କ ଟିକାକରଣ, ଶିଶୁଙ୍କ ଶାରୀରିକ, ମାନସିକ ଓ ବୌଦ୍ଧିକ ଉନ୍ନତିରେ ମାତାପିତାଙ୍କ ଭୂମିକା, ଶୃଙ୍ଖଳିତ ପରିବାର ନିର୍ମାଣରେ ପିତାମାତାଙ୍କ ଭୂମିକା, କୋଭିଡ୍ କଟକଣା ଦୃଷ୍ଟିରୁ ସାମାଜିକ ଅବ୍ୟବସ୍ଥା ଓ ମୋବାଇଲ ଫୋନ୍‌ର ଦୁରୁପଯୋଗ, ସମୟାନୁକ୍ରମେ ବର୍ଦ୍ଧିଷ୍ଣୁ ମାନବ ଶରୀରରେ ଆବଶ୍ୟକ ହେଉଥିବା ସୁଷମ ଖାଦ୍ୟ ଓ ଅଭିଭାବକଙ୍କ ପ୍ରଶ୍ନର ଉତ୍ତରରେ ଜଟିଳ ରୋଗର ସରଳ ସମାଧାନ କରିଥିଲେ। ଶିଶୁମନ୍ଦିର ପ୍ରଧାନାଚାର୍ଯ୍ୟ ଉମାଧବ ମହାନ୍ତି ଉଦ୍ଦେଶ୍ୟ ଜ୍ଞାପନ ଓ ଆଗାମୀ ସୂଚନା ପ୍ରଦାନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ବିଦ୍ୟାଳୟ ପରିଚାଳନା ସମିତିର ସମ୍ପାଦକ ନାରାୟଣ ପଣ୍ଡା, କୋଷାଧ୍ୟକ୍ଷ ରବୀନ୍ଦ୍ର ନାଥ ଜେନା, ଉପଦେଷ୍ଟା ନରସିଂହ ଚୌଧୁରୀ, ସଦସ୍ୟ ନୀଳକଣ୍ଠ ସାହୁ, ଅଧ୍ୟକ୍ଷ ଏସ୍. ମୋହନ ରାଓ ମଞ୍ଚାସୀନ ଥିଲେ। ଆଚାର୍ଯ୍ୟା ସୁଶ୍ରୀ ସୁପ୍ରଭା ଶତପଥୀ ଧନ୍ୟବାଦ ଅର୍ପଣ କରିଥିଲେ ।



କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଙ୍କ ଉଦ୍‌ବୋଧନ।

# ମହାଶିବରାତ୍ରି ପୂର୍ବରୁ କେତକୀ ଫୁଲ ଦର ଆକାଶଛୁଆଁ

**ବ୍ରହ୍ମପୁର ଅଫିସ,୨୭।୨**

ଚଳିତ ବର୍ଷ ବ୍ରହ୍ମପୁର ସହରରେ ମହାଶିବରାତ୍ରି ପାଳନକୁ ନେଇ ରେଶମ ନଗରବାସୀଙ୍କ ମଧ୍ୟରେ ଉତ୍ସାହ ରହିଥିବା ଦେଖିବାକୁ ମିଳିଛି। ଏବେ କେତକୀ ଫୁଲ ଚାହିଦା ବୃଦ୍ଧି ପାଇଛି। ପୂର୍ବ ବର୍ଷ ଭଳି ଚଳିତ ବର୍ଷ ବ୍ରହ୍ମପୁର ସହରରେ କେତକୀ ଫୁଲ ବ୍ରିକି ଆରମ୍ଭ ହୋଇଛି। ହିନ୍ଦୁ ବିଶ୍ୱାସ ଅନୁସାରେ, ଅଭିଶାପ ହେତୁ ଭଗବାନଙ୍କ ପୂଜାରୁ ବର୍ଜିତ ହୋଇଥିବା କେତକୀ ଫୁଲ କେବଳ ମହାଶିବରାତ୍ରି ଅବସରରେ ମହାଦେବଙ୍କୁ ଲାଗି କରାଯାଇଥାଏ। ରାତିରେ ମହାଦେବଙ୍କୁ ଦୀପଦାନ ସହ କେତକୀ ଫୁଲ ଚଢ଼ାଇବା ଦ୍ୱାରା ସେମାନଙ୍କ ମନସ୍କାମନା ପୂର୍ଣ୍ଣ ହୋଇଥାଏ। ଏଣୁ ଭକ୍ତଙ୍କ ମଧ୍ୟରେ କେତକୀ ଫୁଲର ଚାହିଦା ଏହି ଦିନ ଅଧିକ


କେତକୀ ଫୁଲ ପାଇଁ ଗ୍ରାହକ ଓ ବ୍ୟବସାୟୀଙ୍କ ମଧ୍ୟରେ ମୂଲଚାଲ ।

ରହିଥାଏ। ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ୍ୟ ବ୍ରହ୍ମପୁର ସହରର ଗିରି ମାର୍କେଟ, ଏସ୍‌ଏନ୍‌ଟି ରୋଡ୍, ବଡ଼ବଜାର ଓ ସାନବଜାର ରାସ୍ତାରେ କେତକୀ ଫୁଲ ବିକ୍ରି ହେଉଛି। ବ୍ରହ୍ମପୁର ସହରର ବହୁ ପୁରାତନ କେତକୀ ଫୁଲ ବ୍ୟବସାୟୀ ଶ୍ରୀଧର ସାହୁଙ୍କ କହିବାନୁସାରେ ପୂର୍ବରୁ ତାଙ୍କ ପିତା କେତକୀ ଫୁଲ ପ୍ରତିବର୍ଷ ବିକ୍ରି କରିଥାନ୍ତି। ମହାଶିବରାତ୍ରିର ଦୁଇ, ତିନି ଦିନ ପୂର୍ବରୁ କେତକୀ ଫୁଲ ବିକ୍ରି ହୋଇଥାଏ। ବ୍ରହ୍ମପୁର ବଜାରରେ ବିକ୍ରି ହେଉଥିବା ଫୁଲ ମୁଖ୍ୟତଃ ଆଠଗଡ଼ରୁ ସଂଗ୍ରହ ହୋଇଥାଏ। ଚଳିତ ବର୍ଷ କେତକୀ ଫୁଲ ଦର ଆକାଶଛୁଆଁ ରହିଛି। ଫୁଲ ଗୋଟା ପିଛା ୩୦୦ରୁ ୯୦୦ ଟଙ୍କା ପର୍ଯ୍ୟନ୍ତ ରହିଛି। ଅନ୍ୟପଟେ ବିଗତ ଦୁଇ ବର୍ଷ କରୋନା ମହାମାରୀରୁ ଭକ୍ତଙ୍କୁ ମନ୍ଦିର ପ୍ରବେଶ ଉପରେ କଟକଣା ଲାଗିଥିବାରୁ ଆଶାନୁରୂପ ବ୍ୟବସାୟ ହୋଇପାରିନଥିଲା। କିନ୍ତୁ ଚଳିତ ବର୍ଷ କରୋନା ସଂକ୍ରମଣ ନିୟନ୍ତ୍ରଣରେ ଥିବାରୁ ଭକ୍ତଙ୍କ ମଧ୍ୟରେ ଶିବରାତ୍ରି ପାଳନକୁ ନେଇ ଉତ୍ସାହ ରହିଛି। ଏହା ସହ କେତକୀ ଫୁଲର ଚାହିଦା ପୂର୍ବ ୨ବର୍ଷ ତୁଳନାରେ ଅଧିକ ଥିବା ଯୋଗୁ ଦର ବୃଦ୍ଧି ପାଇଛି ବୋଲି ବ୍ୟବସାୟୀଙ୍କଠାରୁ ପ୍ରକାଶ।

# ପଞ୍ଚାୟତ ଜନାଦେଶ-୨୦୨୨

## ପ୍ରଥମ ଦିନ ଗଣତିର ବିଜୟୀ ପ୍ରାର୍ଥୀ



### ଅନୁଗୋଳ

| ବ୍ଲକ/ଜୋନ୍ | ବିଜୟୀ ପ୍ରାର୍ଥୀ-ଦଳ | ମୋଟ ଭୋଟ | ଭୋଟ ବ୍ୟବଧାନ |
|---|---|---|---|
| ଅନୁଗୋଳ(୧) | କାଜଲ ପଟ୍ଟନାୟକ-ବିଜେଡି | ୧୨,୫୪୯ | ୫,୫୩୯ |
| ଆଠମଲ୍ଲିକ(୫) | ରଶ୍ମିରେଖା ମାହାର-ବିଜେଡି | ୧୩,୫୮୫ | ୨,୪୪୯ |
| କଣିହାଁ (୮) | ରଶ୍ମିତା ସେଠୀ-ବିଜେଡି | ୧୪,୫୭୪ | ୩,୦୭୭ |
| କିଶୋରନଗର(୧୧) | ବବିତା ପ୍ରଧାନ-ବିଜେଡି | ୧୦,୧୦୬ | ୪୨୧ |
| ଛେଣ୍ଡିପଦା(୧୪) | ନଗେନ୍ଦ୍ର କୁମାର ପ୍ରଧାନ-ବିଜେଡି | ୧୨,୦୪୮ | ୭୪୭ |
| ତାଳଚେର (୧୮) | ଅମୀୟ କୁମାର ପ୍ରଧାନ-ବିଜେଡି | ୧୩,୪୨୮ | ୨,୬୫୩ |
| ପାଲଲହଡ଼ା (୨୨) | ବୁଧୁରାମ ବାଇପାଇ-ବିଜେଡି | ୧୧,୯୧୪ | ୧,୫୬୦ |
| ବଅଁରପାଳ (୨୫) | ଦିଲୀପ କୁମାର ପ୍ରଧାନ-ବିଜେଡି | ୧୬,୩୮୬ | ୩,୦୦୨ |

### ବାଲେଶ୍ୱର

| | | | |
|---|---|---|---|
| ବାଲେଶ୍ୱର-୨୫ | ଗୟାଧର ବେହେରା-ଭାଜପା | ୧୪,୨୦୫ | ୩୧୨ |
| ଖଇରା-୩ | ଗଜେନ୍ଦ୍ର ପ୍ରସାଦ ଦାସ-ଭାଜପା | ୧୫,୩୧୪ | ୪୭୦ |
| ବାଲିଆପାଳ-୨୧ | କାଞ୍ଚନ ଜେନା-ବିଜେଡି | ୧୬,୫୧୧ | ୪,୯୮୦ |
| ଜଳେଶ୍ୱର-୭ | ତୁଳସୀ କିସ୍କୁ-ବିଜେଡି | ୧୭,୭୩୮ | ୧୦,୪୫୩ |
| ବାହାନଗା-୧୮ | ନୀଳାମ୍ବର ମହାଲିକ-ବିଜେଡି | ୧୬,୨୮୮ | ୩,୬୨୪ |
| ସୋର-୪୩ | ରେବତୀ ନାୟକ-ବିଜେଡି | ୧୬,୬୫୩ | ୮,୬୪୮ |
| ରେମୁଣା-୩୬ | ଅଭିମନ୍ୟୁ ଧ୍ୱନ୍ଦା-ବିଜେଡି | ୧୪,୨୦୨ | ୨,୭୦୬ |
| ନୀଳଗିରି-୧୧ | ସୁବର୍ଣ୍ଣା ମଞ୍ଜରୀ ସିଂ-ବିଜେଡି | ୧୨,୩୬୮ | ୩,୩୩୬ |
| ବସ୍ତା-୧୪ | ବିଷ୍ଣୁପ୍ରିୟା ବୁଗୁଡ଼ି-ବିଜେଡି | ୧୬,୮୯୦ | ୮,୫୧୮ |
| ଔପଦା-୧ | ମୁନି ସିଂହ-ବିଜେଡି | ୯,୩୩୭ | ୭୭୨ |
| ସିମୁଳିଆ-୪୦ | ରମେଶ ଚନ୍ଦ୍ର ସାହୁ-ଭାଜପା | ୧୬,୩୦୭ | ୫୧୮ |
| ଭୋଗରାଇ-୩୦ | ଗିରିଶ ଚନ୍ଦ୍ର ଦତ୍ତ-ବିଜେଡି | ୧୩,୪୩୦ | ୩,୬୮୫ |
| ଭୋଗରାଇ-୩୧ | ଦମୟନ୍ତୀ ସାହୁ-ବିଜେଡି | ୧୬,୨୭୯ | ୯,୬୬୬ |

### ବରଗଡ଼

| | | | |
|---|---|---|---|
| ଅମ୍ବାଭୋନା-୫ | ନୀଳ କୁମାରୀ ନାଏକ-ବିଜେଡି | ୧୩,୬୮୭ | ୬,୪୪୬ |
| ଅତାବିରା-୧ | ସୁଦାମ ଜାଲ-ବିଜେଡି | ୧୧,୩୫୨ | ୫,୫୦୦ |
| ବରଗଡ଼-୧୪ | ପୁଷ୍ପା ଭୋଇ-ବିଜେଡି | ୧୦,୭୦୦ | ୧,୪୯୯ |
| ବରପାଲି-୧୮ | ଗୋବିନ୍ଦ ସାହୁ-ବିଜେଡି | ୧୦,୯୧୦ | ୨,୧୨୭ |
| ଭଟଲି-୨୪ | ଭାରତୀ ଭୁଏ-ବିଜେଡି | ୧୮,୩୦୯ | ୯,୪୧୦ |
| ଭେଡ଼େନ-୨୬ | ପଦ୍ମିନୀ ଗଡ଼ତିଆ-ବିଜେଡି | ୧୫,୫୯୦ | ୬,୩୬୪ |
| ବିଜେପୁର-୨୧ | ମାନିନୀ ଭୋଇ-ବିଜେଡି | ୧୧,୧୩୦ | ୫୫୯ |
| ଗାଇସିଲାଟ-୭ | ନୀଳମଣି ବରିହା-ବିଜେଡି | ୧୨,୯୬୯ | ୧,୧୧୮ |
| ଝାରବନ୍ଧ-୯ | ସୁଶିଲ ମରେଇ-ବିଜେଡି | ୧୧,୪୧୧ | ୭୨୬ |
| ପାଇକମାଳ-୧୧ | ତ୍ରିପୁରା ବରିହା-ଭାଜପା | ୮,୯୭୮ | ୫୮୫ |
| ରାଜବୋଡାସମ୍ବର-୨୯ | ସରସ୍ୱତୀ ସାହୁ-ଭାଜପା | ୧୦,୦୧୧ | ୧୨୯ |
| ସୋହେଲା-୩୨ | ଜାଇଫୁଲ ସିଂ ବରିହା-ବିଜେଡି | ୧୯,୯୩୧ | ୧୨,୫୩୫ |

### ଭଦ୍ରକ

| | | | |
|---|---|---|---|
| ଭଦ୍ରକ-୨୫ | ପ୍ରତିମା ଜେନା-ବିଜେଡି | ୧୯,୪୯୩ | ୭,୪୧୮ |
| ଚାନ୍ଦବାଲି-୧ | ପ୍ରିନ୍ସ ରାକେଶ ନାୟକ-ବିଜେଡି | ୧୫,୨୭୦ | ୩,୪୭୮ |
| ତିହିଡ଼ି-୬ | ସୁଜାତା ପଣ୍ଡା-ବିଜେଡି | ୧୨,୧୩୪ | ୨,୫୯୪ |
| ଧାମନଗର-୧୦ | ଟୁନିବାଳା ବିଶ୍ୱାଳ-ବିଜେଡି | ୧୪,୩୮୯ | ୪,୦୬୪ |
| ବନ୍ତ-୧୪ | ରୁନିତା ଦାସ-ବିଜେଡି | ୧୮,୬୦୦ | ୧୦,୪୪୬ |
| ବାସୁଦେବପୁର-୧୭ | ଜୟନ୍ତୀ ବାରିକ-ବିଜେଡି | ୧୨,୨୨୦ | ୪,୨୦୨ |
| ଭଣ୍ଡାରିପୋଖରୀ -୨୨ | ବଦ୍ରି ନାରାୟଣ ରାଉତ-ବିଜେଡି | ୧୪,୫୮୭ | ୩,୫୨୨ |

### ବଲାଙ୍ଗୀର

| | | | |
|---|---|---|---|
| ବଲାଙ୍ଗୀର ସଦର-୨୨ | ଅନାମିକା ହୋତା-ବିଜେଡି | ୧୩,୬୯୮ | ୧,୦୩୪ |
| ଦେଓଗାଁ-୧୨ | ମମତା କୁମୁରା- ବିଜେଡି | ୧୦,୯୮୭ | ୧,୩୩୫ |
| ଗୁଡଭେଲା-୫ | ପ୍ରଦୀପ ପଣ୍ଡା-ବିଜେଡି | ୫,୮୦୪ | ୧,୯୪୭ |
| ଲୋଇସିଂହା-୩୩ | ଲିଲିମା ବେହେରା-ବିଜେଡି | ୧୧,୪୭୫ | ୨,୫୧୦ |
| ଆଗଲପୁର-୧ | ଦେବକୀ ସାହୁ-ବିଜେଡି | ୧୩,୮୪୭ | ୨,୮୮୮ |
| ପୁଇଁତଲା-୧୭ | ଶିବଦତ୍ତ ମିଶ୍ର-ଭାଜପା | ୯,୬୪୪ | ୧,୧୮୮ |
| ଟିଟିଲାଗଡ-୭ | ଗୀତା ବିଶି-ବିଜେଡି | ୧୨,୦୩୩ | ୫,୩୪୧ |
| ତୁରେକେଲା-୧୦ | ସମା ପରବିନ-ବିଜେଡି | ୧୦,୩୫୮ | ୧,୨୮୫ |
| ମୁରିବାହାଲ-୨୭ | ମିଥିଲା ମାଝି-ବିଜେଡି | ୧୩,୮୧୮ | ୭,୩୫୮ |
| ଖପ୍ରାଖୋଲ-୩ | ସଂଯୁକ୍ତା ମେହେର-ବିଜେଡି | ୧୩,୨୫୧ | ୧,୩୪୭ |
| ବେଲପଡା- ୨୪ | ଜୟ ଧରୁଆ-ବିଜେଡି | ୧୧,୫୯୦ | ୪,୯୪୩ |
| ବଙ୍ଗୋମୁଣ୍ଡା-୨୦ | ଓମପ୍ରକାଶ କୁମ୍ଭାର-କଂଗ୍ରେସ | ୧୨,୮୨୬ | ୧,୦୩୧ |
| ସଇଁତଲା-୩୦ | ହିମାଞ୍ଚଳ ବୁଡେକ-ବିଜେଡି | ୧୦,୩୨୪ | ୩,୨୬୪ |
| ପାଟଣାଗଡ଼-୧୪ | ବିଶେଶ୍ୱରୀ ବରିହା-ବିଜେଡି | ୧୦,୫୫୭ | ୧,୪୦୧ |

### ବୌଦ୍ଧ

| | | | |
|---|---|---|---|
| କଣ୍ଟାମାଳ(୧) | ସୁମିତ୍ରା ସାହୁ (ବିଜେଡି) | ୧୫,୦୯୬ | ୨,୨୬୧ |
| ବୌଦ୍ଧ(୪) | ଇଂ ରାକେଶ କୁମାର ତ୍ରିପାଠୀ (ଭାଜପା) | ୧୭,୦୪୩ | ୫,୧୧୦ |
| ହରଭଙ୍ଗା(୭) | ବିଶ୍ୱଜିତ୍ ମିଶ୍ର (ବିଜେଡି) | ୧୩,୧୧୦ | ୨,୮୨୦ |

### କଟକ

| | | | |
|---|---|---|---|
| ଆଠଗଡ଼-୧ | ଶାନ୍ତିଲତା ବେହେରା-ବିଜେଡି | ୨୧,୮୫୪ | ୧୪,୨୫୭ |
| ବଡ଼ମ୍ବା-୨୯ | ଜୟଶ୍ରୀ ବରାଳ-ବିଜେଡି | ୧୬,୩୪୫ | ୨,୨୫୮ |
| ବାଙ୍କୀ-୩୪ | ରଶ୍ମିତା ସାହୁ-ବିଜେଡି | ୧୩,୦୨୪ | ୧,୯୯୦ |
| ବାଙ୍କୀ-ଡମପଡା-୩୭ | ମିନତି ମହାପାତ୍ର-ବିଜେଡି | ୧୭,୧୧୯ | ୧୦,୫୭୫ |
| ବାରଙ୍ଗ-୩୨ | ତୁଷାରକାନ୍ତ ଚକ୍ରବର୍ତ୍ତୀ-ଭାଜପା | ୧୨,୯୬୬ | ୨,୭୨୬ |
| କଟକ ସଦର-୪ | ଆଶାଲତା ବେହେରା-ବିଜେଡି | ୬,୬୨୩ | ୨,୧୮୪ |
| କଣ୍ଟାପଡା-୮ | ପୀୟୂଷ ରଞ୍ଜନ ମିଶ୍ର-ବିଜେଡି | ୧୪,୭୧୧ | ୫,୭୯୮ |
| ମାହାଙ୍ଗା-୩୯ | ମୁର୍ସିଦ ରିଆଜୁଲ ହୋଦା-ବିଜେଡି | ୧୭,୮୭୮ | ୧୦,୫୨୯ |
| ନରସିଂହପୁର-୧୬ | ଭାଗ୍ୟଲକ୍ଷ୍ମୀ ବିଶ୍ୱାଳ-ବିଜେଡି | ୧୩,୭୬୨ | ୫,୯୪୦ |
| ନିଆଳି-୨୦ | କବିତା କୁମାରୀ ରାଉତ- ବିଜେଡି | ୧୪,୨୫୭ | ୮,୫୯୪ |
| ନିଶ୍ଚିନ୍ତକୋଇଲି-୨୪ | ଆର.କେ. ବିପ୍ଳବ କିଶୋର କେପ-ବିଜେଡି | ୧୧,୫୯୧ | ୩,୨୦୧ |
| ସାଲେପୁର-୪୩ | ସୁନୀତା ମଲ୍ଲିକ-ବିଜେଡି | ୧୬,୯୪୪ | ୬,୮୯୪ |
| ଟାଙ୍ଗୀ-ଚୌଦ୍ୱାର-୧୦ | ବିଶ୍ୱଜିତ୍ ପ୍ରଧାନ-ବିଜେଡି | ୧୭,୭୨୪ | ୧୨,୨୨୯ |
| ତିଗିରିଆ-୧୪ | ସଞ୍ଜୟ କୁମାର ମଲ୍ଲିକ-ବିଜେଡି | ୧୫,୨୧୦ | ୭,୬୮୭ |

### ଦେବଗଡ଼

| | | | |
|---|---|---|---|
| ତିଲେଇବଣି–୧ | ରାଜେଶ ମହାନାୟକ–ବିଜେଡି | ୧୩,୩୩୭ | ୭,୯୮୦ |
| ବାରକୋଟ–୧ | ବର୍ଷାରାଣୀ ମୁଣ୍ଡା–ବିଜେଡି | ୧୨,୭୦୮ | ୫,୮୬୨ |
| ରିଆମାଳ–୧ | କୌଶିକ କୁମାର ପ୍ରଧାନ–ବିଜେଡି | ୨୨,୯୯୧ | ୧୬,୮୧୭ |

### ଢେଙ୍କାନାଳ

| | | | |
|---|---|---|---|
| ସଦର (୧୪) | ପୂର୍ଣ୍ଣିମା ଦେହୁରୀ-ବିଜେଡି | ୧୫,୦୮୪ | ୬,୮୯୭ |
| ଓଡ଼ାପଡ଼ା(୧) | ପ୍ରତିମା ନାଏକ-ବିଜେଡି | ୧୭,୮୫୮ | ୭,୧୩୪ |
| ଗଁଦିଆ (୧୦) | ବିଶ୍ୱନାଥ ଚିନ୍ନାରା-ବିଜେଡି | ୧୩,୨୦୧ | ୮,୧୨୧ |
| ହିନ୍ଦୋଳ (୨୪) | ମାମାଲି ଦାଶ- ବିଜେଡି | ୧୨,୦୯୬ | ୧୩୬ |
| କାମାକ୍ଷାନଗର(୭) | ଦୀପ୍ତିମୟୀ ବିଶ୍ୱାଳ-ବିଜେଡି | ୧୨,୩୫୦ | ୨,୩୯୦ |
| ପରଜଙ୍ଗ(୧୮) | ରୁନୁ ବର୍ମା- ବିଜେଡି | ୧୪,୦୯୪ | ୨୦୭ |
| କଙ୍କଡ଼ାହାଡ଼(୪) | ନବକିଶୋର ସାହୁ- ବିଜେଡି | ୧୦,୨୦୩ | ୬୦୧ |
| ଭୁବନ(୨୧) | ସିଲାରାଣୀ ସାହୁ-ଭାଜପା | ୧୦,୫୮୪ | ୩୫୭ |

### ଗଜପତି

| | | | |
|---|---|---|---|
| କାଶୀନଗର(୧.ନଂ) | ଆର. ରାଜଲକ୍ଷ୍ମୀ (ବିଜେଡି) | ୭,୯୪୭ | ୩,୨୭୬ |
| ଗୁମ୍ମା (୩) | ରେଣୁକା ପାତ୍ର (କଂଗ୍ରେସ) | ୧୦,୬୭୬ | ୩,୬୩୫ |
| ନୂଆଗଡ (୫) | ରାଜୀବ ଦୋରା (କଂଗ୍ରେସ) | ୧୫,୮୬୦ | ୪,୧୪୯ |
| ଗୋସାଣି (୬) | ଏସ.ବାଲରାଜୁ (ବିଜେଡି) | ୧୩,୪୪୪ | ୩,୮୬୦ |
| ମୋହନା (୮) | କୁନ୍ତଳା ମଲ୍ଲିକ (ବିଜେଡି) | ୧୫,୦୫୧ | ୫,୪୮୨ |
| ଆର୍.ଉଦୟଗିରି(୧୧) | ଯମୁନାଦଳ ବେହେରା (ବିଜେଡି) | ୮,୩୮୪ | ୨,୪୦୨ |
| ରାୟଗଡ଼(୧୩) | ଗୌତମ ଯାନୀ (ବିଜେଡି) | ୮,୨୧୭ | ୧,୦୯୩ |

### ଗଞ୍ଜାମ

| | | | |
|---|---|---|---|
| ଆସ୍କା(୧) | ତନ୍ମୟୀ ନାୟକ-ବିଜେଡି | ୧୧,୬୮୯ | ୪,୪୦୭ |
| ବେଗୁନିଆପଡ଼ା(୧) | କଲ୍ୟାଣୀ ପାତ୍ର-ବିଜେଡି | ୧୬,୪୨୫ | ୧୧,୮୫୮ |
| ବେଲଗୁଣ୍ଠା (୧) | ପୂର୍ଣ୍ଣବାସୀ ନାୟକ-ବିଜେଡି | ୧୧,୮୬୭ | ୪,୩୪୬ |
| ଭଞ୍ଜନଗର(୧) | ଶୈଳବାଳା ବିଶୋୟୀ-ବିଜେଡି | ୧୨,୭୫୮ | ୨,୯୮୪ |
| ବୁଗୁଡ଼ା(୧) | ସସ୍ମିତା ସ୍ୱାଇଁ-ବିଜେଡି | ୧୩,୨୯୩ | ୬,୪୦୦ |
| ଛତ୍ରପୁର (୧) | ରସ୍ମିତା ନାହକ-ବିଜେଡି | ୧୪,୯୭୬ | ୧୦,୬୬୧ |
| ଚିକିଟି (୧) | କେ. ନୀଳବଣି-ବିଜେଡି | ୧୨,୬୧୩ | ୬,୧୧୦ |
| ଧରାକୋଟ (୧) | ପ୍ରତାପ ସ୍ୱାଇଁ-ବିଜେଡି | ୧୦,୦୦୪ | ୨,୧୭୧ |
| ଦିଗପହଣ୍ଡି(୧) | ରାଧାକାନ୍ତ ମହାକୁଡ଼-ବିଜେଡି | ୧୦,୧୦୬ | ୩,୭୭୫ |
| ଗଞ୍ଜାମ(୧) | ସସ୍ମିତା ସ୍ୱାଇଁ-ବିଜେଡି | ୧୫,୧୬୦ | ୧୦,୧୭୮ |
| ହିଞ୍ଜିଳିକାଟୁ(୧) | ବାଇ ଗୀତାଞ୍ଜଳି-ବିଜେଡି | ୧୧,୬୮୦ | ୪,୭୯୮ |
| ଜେଏନ୍ ପ୍ରସାଦ(୧) | ଶିବ ସେଠୀ-ବିଜେଡି | ୧୪,୪୬୪ | ୫,୪୬୦ |
| କବିସୂର୍ଯ୍ୟନଗର(୧) | ବଳରାମ ପ୍ରଧାନ-ବିଜେଡି | ୧୨,୨୧୨ | ୭,୪୩୮ |
| ଖଲିକୋଟ(୧) | ସୋନମ ପଲେଇ-ବିଜେଡି | ୧୩,୭୬୬ | ୨,୪୯୧ |
| କୁକୁଡ଼ାଖଣ୍ଡି(୧) | ଶିବାନୀ ସେଠୀ-ବିଜେଡି | ୧୪,୩୯୦ | ୯,୩୮୯ |
| ପାତ୍ରପୁର(୧) | ପିଙ୍କି ବଡ଼ମୁଣ୍ଡି-ବିଜେଡି | ୧୨,୩୩୧ | ୨,୭୪୧ |
| ପୋଲସରା(୧) | ଅଶୋକ କୁମାର ବିଶୋୟୀ-ବିଜେଡି | ୧୧,୫୫୧ | ୨,୮୪୩ |
| ପୁରୁଷୋତ୍ତମପୁର(୧) | ପିଙ୍କି ନାହାକ-ବିଜେଡି | ୧୫,୬୭୯ | ୭,୭୭୪ |
| ରଙ୍ଗେଇଲୁଣ୍ଡା(୧) | ଏସ୍ ରାଜେଶ୍ୱରୀ ଦୋରା-ବିଜେଡି | ୧୫,୧୦୦ | ୨,୨୭୨ |
| ସାନଖେମୁଣ୍ଡି(୧) | ବିଜୟ କୁମାର ପ୍ରଧାନ-ବିଜେଡି | ୧୪,୪୬୨ | ୮,୦୪୯ |
| ସେରଗଡ଼(୧) | ଚିତ୍ତରଞ୍ଜନ ପାଣିଗ୍ରାହୀ-ବିଜେଡି | ୧୮,୫୩୨ | ୧୫,୨୩୩ |
| ସୋରଡ଼ା(୧) | ସମରେନ୍ଦ୍ର କୁମାର ସାହୁ-ବିଜେଡି | ୨,୯୪୪ | ୧,୯୦୮ |

### ଜଗତ୍‌ସିଂହପୁର

| | | | |
|---|---|---|---|
| ନାଉଗାଁ-୧ | ଅମିତା ସ୍ୱାଇଁ-ବିଜେଡି | ୧୫,୧୧୬ | ୮,୬୧୬ |
| ଜଗତ୍‌ସିଂହପୁର-୧ | ଚିତ୍ତରଞ୍ଜନ ରାଉଳ-ବିଜେଡି | ୧୬,୫୦୨ | ୧୦,୦୪୨ |
| ଏରସମା-୧ | ପ୍ରଣବ ସ୍ୱାଇଁ-ବିଜେଡି | ୧୦,୨୬୫ | ୧,୯୯୯ |
| ବାଲିକୁଦା-୧ | ଡଲି ପଣ୍ଡା-ବିଜେଡି | ୧୩,୦୭୩ | ୫,୩୬୦ |
| ତିର୍ତ୍ତୋଲ-୧ | ରଞ୍ଜିତା ସିଂହ-ବିଜେଡି | ୧୪,୪୮୧ | ୪,୯୫୯ |
| ରଘୁନାଥପୁର-୧ | ରିନାରାଣୀ ମଲ୍ଲିକ-ବିଜେଡି | ୧୬,୯୯୬ | ୯,୯୫୫ |
| କୁଜଙ୍ଗ-୧ | ପ୍ରମୋଦ ଚରଣ ସ୍ୱାଇଁ-ବିଜେଡି | ୧୩,୮୧୧ | ୩,୦୦୦ |
| ବିରିଡ଼ି-୧ | ଦୀପ୍ତିମୟୀ ରାୟ-ବିଜେଡି | ୧୬,୬୧୮ | ୯,୩୯୩ |

### ଯାଜପୁର

| | | | |
|---|---|---|---|
| ବଡ଼ଚଣା-୧୬ | ଜତୀନ୍ଦ୍ର ପ୍ରସାଦ ନାୟକ-ବିଜେଡି | ୧୫,୪୬୪ | ୩,୮୫୦ |
| ବରୀ-୨୧ | ଅଶୋକ କୁମାର ସାମଲ-ବିଜେଡି | ୧୩,୭୫୭ | ୫,୧୭୫ |
| ବିଞ୍ଝାରପୁର-୨୫ | ଅହଲ୍ୟା ସ୍ୱାଇଁ-ବିଜେଡି | ୧୬,୦୯୨ | ୯,୦୬୯ |
| ଦାନଗଦି-୮ | ସ୍ମୃତିରାଣୀ ରାଉତ-ବିଜେଡି | ୧୧,୩୯୮ | ୨,୪୧୫ |
| ଦଶରଥପୁର-୪ | ପାର୍ଥସାରଥି ମହାପାତ୍ର-ବିଜେଡି | ୨୩,୧୩୯ | ୧୬,୨୩୬ |
| ଧର୍ମଶାଳା-୧୧ | ସୁଧାଂଶୁ ଭୂଷଣ ସାହୁ-ବିଜେଡି | ୧୫,୨୯୫ | ୩,୫୮୯ |
| ଯାଜପୁର-୨୯ | ପ୍ରେମାନନ୍ଦ ଜେନା-ବିଜେଡି | ୨୨,୨୩୯ | ୧୬,୦୬୧ |
| କୋରେଇ-୧ | ସସ୍ମିତା ତରାଇ-ବିଜେଡି | ୧୯,୭୮୩ | ୧୧,୬୪୦ |
| ରସୁଲପୁର-୩୩ | ଶିଶିର କୁମାର ମହାନ୍ତି-ବିଜେଡି | ୧୬,୮୩୮ | ୮,୭୫୦ |
| ସୁକିନ୍ଦା-୩୭ | ଜେମା ଚାଖି-ବିଜେଡି | ୧୫,୪୪୦ | ୭,୩୩୪ |

### ଝାରସୁଗୁଡ଼ା

| | | | |
|---|---|---|---|
| ଝାରସୁଗୁଡ଼ା-୧ | ଝରଣା ସାଗର-ବିଜେଡି | ୧୫,୬୬୬ | ୧୧,୪୯୬ |
| ଲଖନପୁର-୧ | ସନତ କୁମାର ସିଂହ-ବିଜେଡି | ୨୧,୧୦୩ | ୧୩,୪୪୫ |
| ଲଇକେରା-୧ | ତୁଳାବତୀ ମିଞ୍ଜ-ବିଜେଡି | ୧୦,୩୬୬ | ୪,୩୪୬ |
| କୋଲାବିରା-୧ | ନୃପଲାଲ ପଶାୟତ-ବିଜେଡି | ୧୮,୭୧୦ | ୬,୭୨୩ |
| କିରମିରା-୧ | ରୀତା ବାଗ୍-ବିଜେଡି | ୧୬,୨୯୨ | ୭,୧୨୫ |

### କଳାହାଣ୍ଡି

| | | | |
|---|---|---|---|
| ଧର୍ମଗଡ଼(୧) | ଗୋପିନାଥ ମହାନନ୍ଦ-ବିଜେଡି | ୧୦,୪୨୫ | ୮୭୦ |
| ଗୋଲମୁଣ୍ଡା(୧) | ହେମାଙ୍ଗିନୀ ରାଉତ-ବିଜେଡି | ୧୧,୮୯୪ | ୫,୪୯୧ |
| ଜୁନାଗଡ଼(୧) | ସୁଧିର ମେହେର-ବିଜେଡି | ୧୬,୨୯୮ | ୧୦,୮୮୫ |
| କଲମପୁର(୧) | ଦୁହିତା ମାଝି-ବିଜେଡି | ୭,୪୫୬ | ୭୪୭ |
| କର୍ଲାମୁଣ୍ଡା(୧) | ମହେନ୍ଦ୍ର ରାଣା-ବିଜେଡି | ୧୦,୪୭୯ | ୬,୧୪୬ |
| କେସିଙ୍ଗା (୧) | ଦୀପାଞ୍ଜଳି ସାହୁ-ବିଜେଡି | ୧୨,୪୧୪ | ୭,୧୧୩ |
| କୋକସରା(୧) | ହେମନ୍ତ ମାଝି-ବିଜେଡି | ୧୨,୬୧୯ | ୫,୨୮୪ |
| ଲାଞ୍ଜିଗଡ଼ (୧) | ଅଞ୍ଜଳି ମାଝି-ବିଜେଡି | ୧୬,୬୩୪ | ୮,୮୯୯ |
| ମ.ରାମପୁର(୧) | ପୁଷ୍ପେନ୍ଦ୍ର କୁମାର ସିଂହଦେଓ-ବିଜେଡି | ୧୬,୮୬୭ | ୧୨,୮୪୬ |
| ନର୍ଲା(୧) | ନମ୍ରତା ସାହୁ-ବିଜେଡି | ୧୦,୪୭୫ | ୨,୯୨୪ |
| ଥୁ.ରାମପୁର(୧) | ପ୍ରମିଳା ମାଝି-ବିଜେଡି | ୧୦,୪୧୧ | ୫,୯୩୧ |
| ଭବାନୀପାଟଣା(୧) | ହୃଦାନନ୍ଦ ସାହୁ-ବିଜେପି | ୧୩,୦୩୬ | ୪,୧୯୪ |
| ଜୟପାଟଣା(୧) | ଅଙ୍ଗଦ ମାଝି-ବିଜେପି | ୧୦,୧୯୫ | ୬୪୪ |

### କନ୍ଧମାଳ

| | | | |
|---|---|---|---|
| କେ.ନୂଆଗାଁ(୧) | ଅନୀତା ମଲିକ (ବିଜେଡି) | ୧୪,୬୪୫ | ୫,୦୮୫ |
| କୋଟଗଡ଼ (୨) | ଜିରିମୟ ମାଝୀ (କଂଗ୍ରେସ) | ୧୨,୬୦୯ | ୨,୫୧୮ |
| ଖଜୁରିପଡା(୩) | ମମତା ମଲିକ(ବିଜେଡି) | ୮,୪୫୦ | ୩,୪୯୦ |
| ଜି.ଉଦୟଗିରି(୫) | ଲିଲିମା ପ୍ରଧାନ(ବିଜେଡି) | ୮,୨୪୪ | ୧,୮୧୮ |
| ଚକାପାଦ(୬) | ରଞ୍ଜନା ନାୟକ(ଭାଜପା) | ୧୧,୬୭୮ | ୫୦୭ |
| ଟିକାବାଲି(୭) | ସାଧବାଣୀ ନାୟକ(ବିଜେଡି) | ୯,୫୯୭ | ୫,୫୬୭ |
| ତୁମୁଡିବନ୍ଧ(୯) | ନବୀନ ପାତ୍ର(ବିଜେଡି) | ୧୧,୧୧୭ | ୫,୦୭୫ |
| ଦାରିଙ୍ଗବାଡି(୧୦) | ରଞ୍ଜନ କୁମାର ପ୍ରଧାନ(ବିଜେଡି) | ୧୨,୮୮୪ | ୧,୮୪୯ |
| ଫିରିଙ୍ଗିଆ(୧୨) | ନୀଳଗିରି ଦିଗାଲ (ବିଜେଡି) | ୧୪,୮୯୬ | ୯,୭୯୧ |
| ଫୁଲବାଣୀ(୧୪) | ଚନ୍ଦ୍ରମା ମଲିକ(ବିଜେଡି) | ୧୩,୪୫୪ | ୬,୨୯୯ |
| ବାଲିଗୁଡା (୧୫) | ନନ୍ଦିନୀ ମଲିକ (ବିଜେଡି) | ୧୦,୧୪୦ | ୪,୮୨୭ |
| ରାଇକିଆ(୧୭) | ସତ୍ୟବାନ ପାତ୍ର(କଂଗ୍ରେସ) | ୪,୭୦୭ | ୮୩୭ |

### କେନ୍ଦ୍ରାପଡ଼ା

| | | | |
|---|---|---|---|
| ଆଳି-୧ | କନକଲତା ବେହେରା- ବିଜେଡି | ୧୩,୭୯୫ | ୯,୩୭୯ |
| କେନ୍ଦ୍ରାପଡ଼ା-୫ | ଲିଲିତା ଦାସ- ବିଜେଡି | ୧୨,୭୯୪ | ୫,୯୩୫ |
| ଗରଦପୁର-୯ | ଏଲିଜା ସ୍ୱାଇଁ- ବିଜେଡି | ୧୨,୬୧୩ | ୩,୯୨୨ |
| ଡେରାବିଶ-୧୨ | ଧନେଶ୍ୱର ସେଠୀ- ବିଜେଡି | ୧୬,୧୮୯ | ୬,୬୭୯ |
| ପଟ୍ଟାମୁଣ୍ଡାଇ-୧୫ | ପ୍ରିୟଦର୍ଶିନୀ ତରାଇ- ବିଜେଡି | ୧୨,୭୫୬ | ୩,୫୦୦ |
| ମହାକାଳପଡ଼ା-୧୯ | ସସ୍ମିତା ସ୍ୱାଇଁ- ବିଜେଡି | ୧୫,୫୬୭ | ୩,୮୪୩ |
| ମାର୍ଶାଘାଇ-୨୪ | ପ୍ରମୋଦ କୁମାର ରଥ- ବିଜେଡି | ୧୩,୪୭୫ | ୪,୯୧୦ |
| ରାଜକନିକା-୨୭ | ପ୍ରବୀଣା ଦାସ- ବିଜେଡି | ୧୪,୬୯୩ | ୬,୨୦୩ |
| ରାଜନଗର-୩୦ | ସୁରେନ୍ଦ୍ର ପ୍ରସାଦ ରାଉତ- ବିଜେଡି | ୧୨,୧୫୬ | ୧,୫୦୫ |

### କେନ୍ଦୁଝର

| | | | |
|---|---|---|---|
| ଆନନ୍ଦପୁର-୧ | ଟୁନି ରଣା- ବିଜେଡି | ୧୨,୬୭୫ | ୩,୭୮୬ |
| ବାଂଶପାଳ-୨୪ | ଶାନ୍ତିଲତା ରଣା-ବିଜେଡି | ୧୩,୭୬୨ | ୭,୬୨୦ |
| ଚମ୍ପୁଆ-୧୩ | ଉଦୟ ନାଏକ-ବିଜେଡି | ୮,୮୬୬ | ୨,୫୦୫ |
| ଘଷିପୁରା-୧୦ | ମଧୁସ୍ମିତା ଦାସ-ବିଜେଡି | ୧୬,୫୪୦ | ୮,୭୬୬ |
| ଘଟଗାଁ-୭ | ଯାଜ୍ଞସିନୀ ମହାନ୍ତ-ବିଜେଡି | ୧୧,୮୫୦ | ୭,୨୩୯ |
| ହରିଚନ୍ଦନପୁର-୩୧ | ସାଗରିକା ସାହୁ-ବିଜେଡି | ୧୨,୫୧୪ | ୨,୯୯୯ |
| ହାଟଡିହୀ-୩୪ | ସୋମନାଥ ଦାସ-ବିଜେଡି | ୧୧,୩୧୫ | ୧,୫୭୫ |
| ଝୁମ୍ପୁରା-୧୬ | କ୍ଷୀରୋଦିନି ମହାକୁଡ଼-ବିଜେଡି | ୧୩,୩୮୦ | ୫,୦୯୦ |
| ଯୋଡ଼ା-୨୬ | ଶଶୀକାନ୍ତ ଖିଲାର-ବିଜେଡି | ୭,୩୨୯ | ୩,୮୧୪ |
| କେନ୍ଦୁଝର-୪ | ଲୀଳାବତୀ ମହାନ୍ତ-ବିଜେଡି | ୧୯,୮୮୯ | ୭,୯୪୬ |
| ପାଟଣା-୨୧ | ପ୍ରଫୁଲ୍ଲ ଚନ୍ଦ୍ର ନାଏକ-ବିଜେଡି | ୧୦,୯୩୧ | ୩,୦୭୪ |
| ସାହାରପଡ଼ା-୨୯ | ବୁଦ୍ଧଦେବ ମହାକୁଡ-ବିଜେଡି | ୧୧,୮୭୭ | ୧୩୮ |
| ତେଲକୋଇ-୧୯ | ଛଇଳବାଳା ନାୟକ-ଭାଜପା | ୧୩,୩୩୨ | ୧,୨୮୩ |

### ଖୋର୍ଦ୍ଧା

| | | | |
|---|---|---|---|
| ଖୋର୍ଦ୍ଧା-୧ | ପ୍ରଫୁଲ୍ଲ କୁମାର ଦଳାଇ-ବିଜେଡି | ୧୨,୨୩୯ | ୪,୫୪୨ |
| ଚିଲିକା-୪ | ମମତା ପାଇକରାୟ-ବିଜେଡି | ୧୧,୮୩୬ | ୯୯୦ |
| ଜଟଣୀ-୭ | ମୋହିନୀ ନାୟକ-ବିଜେଡି | ୧୯,୦୩୫ | ୧୧,୬୫୬ |
| ଟାଙ୍ଗୀ-୯ | ମିତାଞ୍ଜଳି ବଳିୟାରସିଂ-ବିଜେଡି | ୧୩,୦୯୬ | ୪,୨୭୧ |
| ବାଣପୁର-୧୩ | ଟିକି ଶବର-ଭାଜପା | ୯,୫୩୫ | ୧,୩୦୫ |
| ବାଲିଅନ୍ତା-୧୬ | ମହେଶ୍ୱର ଦାଶ-ବିଜେଡି | ୮,୫୨୩ | ୧,୬୦୦ |
| ବାଲିପାଟଣା-୧୯ | ଗଙ୍ଗାଧର ମଲିକ-ବିଜେଡି | ୧୩,୯୫୮ | ୭,୫୦୭ |
| ବେଗୁନିଆ-୨୨ | ପ୍ରକାଶ ଚନ୍ଦ୍ର ସାହୁ-ବିଜେଡି | ୨୦,୨୩୧ | ୧୪,୬୧୧ |
| ବୋଲଗଡ଼-୨୫ | ସୁନନ୍ଦିତା ସାହୁ-ବିଜେଡି | ୧୭,୬୬୨ | ୧୧,୩୧୧ |
| ଭୁବନେଶ୍ୱର-୨୮ | ପ୍ରଭାତ ପରିଡ଼ା–ବିଜେଡି | ୧୦,୦୪୧ | ୩୦୧ |

### କୋରାପୁଟ

| | | | |
|---|---|---|---|
| ବନ୍ଧୁଗାଁ(୧) | ସଶ୍ମିତା ମେଲେକା-ବିଜେଡି | ୮,୩୧୪ | ୨,୦୧୭ |
| ବୈପାରିଗୁଡ଼ା(୧) | ରାଜେଶ୍ୱରୀ ମହାରିଝୋ-ବିଜେଡି | ୧୨,୩୩୮ | ୧,୬୮୦ |
| ବୋରିଗୁମା(୧) | ପ୍ରସାଦ ଚନ୍ଦ୍ର ବିଡିକା-ବିଜେଡି | ୧୨,୮୬୮ | ୫,୭୪୧ |
| ଜୟପୁର(୧) | ତପତି ପଟ୍ଟନାୟକ-ବିଜେଡି | ୧୦,୩୭୦ | ୩,୦୨୩ |
| କୋରାପୁଟ(୧) | ରଘୁ ଜାନୀ-ବିଜେଡି | ୮,୩୯୦ | ୨,୦୪୧ |
| କୋଟପାଡ଼(୧) | ତ୍ରିପତୀ ଚାଲନ-ବିଜେଡି | ୧୧,୮୪୧ | ୩,୧୪୨ |
| କୁନ୍ଦ୍ରା(୧) | ରାଧା ବିନୋଦ ସାମନ୍ତରାୟ-ବିଜେଡି | ୯,୧୧୫ | ୩୧୧ |
| ନନ୍ଦପୁର(୧) | ଅଭିଳାସୀ ନାୟକ-ବିଜେଡି | ୧୨,୦୬୭ | ୨,୮୨୬ |
| ଦଶମନ୍ତପୁର(୧) | ଲଲିତା ଜାନି-ଆଇଏନ୍‌ସି | ୧୦,୬୭୦ | ୨,୫୪୮ |
| ଲମ୍‌ତାପୁଟ(୧) | ପୂର୍ଣ୍ଣଚନ୍ଦ୍ର ପାଙ୍ଗୀ- ଆଇଏନ୍‌ସି | ୯,୩୯୩ | ୪,୧୩୯ |
| ଲକ୍ଷ୍ମୀପୁର(୧) | ହିଙ୍ଗୁ ସଉନ୍ତା-ଆଇଏନ୍‌ସି | ୭,୫୧୦ | ୫୩୩ |
| ନାରାୟଣପାଟଣା(୧) | ରାମ୍ଭୋ ସିରିକା-ଆଇଏନ୍‌ସି | ୭,୪୬୩ | ୫୮୬ |
| ସିମିଳିଗୁଡ଼ା(୧) | ଯଶୋଦା ଖିଲା- ଆଇଏନ୍‌ସି | ୯,୯୪୦ | ୯୫ |
| ପଟାଙ୍ଗି(୧) | ଟିକାଇ ଗେମେଲ-ଆଇଏନ୍‌ଡିପି | ୧୦,୩୫୪ | ୩,୭୧୦ |

### ମାଲକାନଗିରି

| | | | |
|---|---|---|---|
| ମାଲକାନଗିରି | କୁନି ଭୂମିଆ-ବିଜେଡି | ୧୩,୦୫୪ | ୭,୯୮୦ |
| କୋରୁକୋଣ୍ଡା | ବିଜୟଲକ୍ଷ୍ମୀ ପଡିଆମୀ-ବିଜେଡି | ୭,୯୭୦ | ୧,୭୮୩ |
| ଚିତ୍ରକୋଣ୍ଡା | ବିନତୀ ଖିଲ-କଂଗ୍ରେସ | ୫,୧୫୮ | ୫୫୮ |
| କାଲିମେଲା | ଅପର୍ନା ମଣ୍ଡଳ-ବିଜେଡି | ୧୨,୨୬୫ | ୫,୨୪୬ |
| ଖଇରପୁଟ | ବଳି ମାଝି-ବିଜେଡି | ୧୧,୫୪୫ | ୪,୩୬୨ |
| ପଡିଆ | ସୁରଭି ଭୌମିକ-ବିଜେଡି | ୧୦,୯୫୫ | ୨,୯୧୨ |
| ମାଥିଲି | ଲକ୍ଷ୍ମୀପ୍ରିୟା ନାୟକ-ବିଜେଡି | ୭,୨୬୬ | ୧,୦୯୨ |

### ମୟୂରଭଞ୍ଜ

| | | | |
|---|---|---|---|
| ଉଦଳା-୧ | ସୁଶାନ୍ତି ସିଂ- ବିଜେଡି | ୭,୪୧୨ | ୪୮୦ |
| କପ୍ତିପଦା- ୩ | ସିରୁ ସୋରେନ-ବିଜେଡି | ୧୬,୭୮୧ | ୬,୬୨୬ |
| କରଞ୍ଜିଆ-୬ | ବୀଣାପାଣି ନାଏକ-ବିଜେଡି | ୧୬,୦୧୪ | ୫,୫୧୧ |
| କୁଳିଅଣା-୮ | ଦୁର୍ଗା ଚରଣ ମାରାଣ୍ଡି-ବିଜେଡି | ୧୩,୬୧୮ | ୨,୭୮୪ |
| କୁସୁମୀ-୧୦ | ପୁତୁଲ ହାଇବ୍ରୁ-ବିଜେଡି | ୧୦,୯୬୫ | ୪,୩୪୫ |
| ଖୁଣ୍ଟା-୧୨ | ହୃଦାନନ୍ଦ ମୁର୍ମୁ-ବିଜେଡି | ୧୧,୪୩୮ | ୫,୭୯୨ |
| ଜିବିନଗର-୧୪ | ଉର୍ମିଳା ଲେଙ୍କା-ବିଜେଡି | ୧୨,୯୭୭ | ୬,୦୫୭ |
| ଜାମଦା-୧୬ | ବାବୁଲ ଟୁଡୁ-ବିଜେଡି | ୮,୬୪୫ | ୩,୩୭୦ |
| ଠାକୁରମୁଣ୍ଡା-୧୮ | ପୂର୍ଣ୍ଣିମା ବାଗସିଂ-ବିଜେଡି | ୧୨,୫୯୯ | ୭୬୧ |
| ତିରିଂ-୨୦ | ପରେଶ ଚନ୍ଦ୍ର ମୁଣ୍ଡା-ବିଜେଡି | ୯,୭୬୪ | ୬,୮୬୦ |
| ବଡ଼ସାହି-୨୨ | ଦଶରଥ ମୁର୍ମୁ-ବିଜେଡି | ୧୭,୬୭୦ | ୯,୦୭୭ |
| ବହଳଦା-୨୫ | ଭଗବତୀ ମିଶ୍ର-ବିଜେଡି | ୮,୨୩୧ | ୧,୨୦୮ |
| ବାଙ୍ଗିରିପୋଷି-୨୭ | ପାର୍ବତୀ ସିଂ-ବିଜେଡି | ୧୩,୩୯୩ | ୫,୧୫୫ |
| ବାରିପଦା-୨୯ | ସତ୍ୟଭାମା ମହାନ୍ତ-ବିଜେଡି | ୧୧,୫୮୪ | ୪,୭୭୫ |
| ବିଜାତଳା-୩୧ | ପାର୍ବତୀ ଟୁଡୁ-ବିଜେଡି | ୭,୨୫୨ | ୧,୨୯୪ |
| ବିଶୋଇ-୩୩ | ଶୀତଲ କିସ୍କୁ- ଜେଏମ୍ଏମ୍ | ୫,୭୬୮ | ୨୨ |
| ବେତନଟୀ-୩୫ | ବିଶ୍ୱନାଥ ହେମ୍ବ୍ରମ-ବିଜେଡି | ୧୫,୧୮୭ | ୬,୬୭୯ |
| ମୋରଡ଼ା-୩୮ | ଅଭିରାମ ଭୋଇ-ବିଜେଡି | ୯,୬୫୫ | ୩,୨୫୫ |
| ଯଶୀପୁର-୪୧ | ମିନତି ନାଏକ-ବିଜେଡି | ୧୫,୦୧୧ | ୫,୭୧୧ |
| ରରୁଆଁ-୪୩ | ବଦାନି ମୁଦି-ବିଜେଡି | ୯,୪୯୪ | ୮୫୯ |
| ରାଇରଙ୍ଗପୁର-୪୫ | ସଚ୍ଚିଦାନନ୍ଦ ମହାନ୍ତ- ବିଜେଡି | ୭,୬୬୧ | ୨,୮୬୫ |
| ରାସଗୋବିନ୍ଦପୁର-୪୭ | ଦଶରଥ ରାମ-ବିଜେଡି | ୧୨,୧୮୭ | ୫,୩୦୩ |
| ଶାମାଖୁଣ୍ଟା-୪୯ | ମଧୁସୂଦନ ସିଂ-ବିଜେଡି | ୯,୬୧୦ | ୨,୮୦୬ |
| ଶୁକ୍ଳି-୫୧ | ପରମେଶ୍ୱର ନାଏକ-ବିଜେଡି | ୯,୫୦୧ | ୩,୦୬୬ |
| ଶୁଳିଆପଦା-୫୩ | ମୀରାଲତା ସିଂ-ବିଜେଡି | ୧୩,୭୨୬ | ୨,୯୩୬ |
| ସାରସକଣା-୫୫ | ମାନି ମାହାଲି-ବିଜେଡି | ୧୧,୪୫୫ | ୨,୭୫୯ |

### ନବରଙ୍ଗପୁର

| | | | |
|---|---|---|---|
| ଉମରକୋଟ-୧ | ଚନ୍ଦନ ରୟ-ବିଜେଡି | ୧୨,୪୫୪ | ୩,୯୭୭ |
| ଡାବୁଗାଁ-୧ | ଧନସିଂ ଭତ୍ରା-ବିଜେଡି | ୧୦,୫୬୧ | ୩,୪୫୯ |
| କୋଷାଗୁମୁଡ଼ା-୧ | ରମାବତି ପୂଜାରୀ-ବିଜେଡି | ୧୨,୨୦୭ | ୨,୦୨୮ |
| ପାପଡ଼ାହାଣ୍ଡି-୧ | ଯଶୋବନ୍ତ ନାୟକ-ବିଜେଡି | ୧୧,୫୯୮ | ୪,୫୨୪ |
| ରାଇଘର-୧ | ଯତୀନ୍ଦ୍ରନାଥ ଗଣ୍ଡ-ବିଜେଡି | ୯,୩୮୮ | ୧,୨୮୧ |
| ନନ୍ଦାହାଣ୍ଡି-୧ | ଦିବ୍ୟଦାନ ସୁନା-ସ୍ୱାଧୀନ | ୫,୧୧୬ | ୯୦୦ |
| ଝରିଗାଁ-୧ | ଯମୁନା ଗଣ୍ଡ-ବିଜେଡି | ୧୩,୭୪୯ | ୧,୯୬୭ |
| ନବରଙ୍ଗପୁର-୧ | ଜୟମଣି ସମରଥ-ବିଜେଡି | ୧୩,୦୬୯ | ୬,୧୨୮ |
| ଚନ୍ଦାହାଣ୍ଡି-୧ | ବର୍ଷାରାଣୀ ପଟେଲ-ବିଜେଡ | ୧୦,୨୮୩ | ୨,୬୮୬ |
| ତେନ୍ତୁଳିଖୁଣ୍ଟି-୧ | କୃଷ୍ଣାମଞ୍ଜରୀ ବିଷୋୟୀ-ବିଜେଡି | ୧୦,୧୬୭ | ୨,୯୧୮ |

(ଅବଶିଷ୍ଟାଂଶ ପୃଷ୍ଠା-୧୦)

# ପଶ୍ଚିମରେ ଭାଜପାକୁ ଝଟକା

**ସମ୍ବଲପୁର,୨୭।୨(ବ୍ୟୁରୋ)**

ପଶ୍ଚିମ ଓଡ଼ିଶାରେ ଗତ ପଞ୍ଚାୟତ ଓ ସାଧାରଣ ନିର୍ବାଚନରେ ଭାଜପାକୁ ଲୋକେ ଆପଣାଇଥିଲେ। ତେଣୁ ଦଳର ୫ଟି ଏମ୍ପି ଓ ୧୦ରୁ ଅଧିକ ବିଧାୟକ ବିଜୟୀ ହୋଇଥିଲେ। ଏପରିକି ୧୦ଟି ଜିଲାରୁ ଭାଜପା ସର୍ବାଧିକ ୬ ଜିଲାରେ ଜିଲା ପରିଷଦ ଗଠନ କରିଥିଲା। ସେତେବେଳେ ବିଜେଡି ୩ ଓ କଂଗ୍ରେସ ଗୋଟିଏ ଜିଲାରେ ଜିଲା ପରିଷଦ ଗଠନ କରିବାକୁ ସକ୍ଷମ ହୋଇଥିଲେ। ହେଲେ ଚଳିତ ପଞ୍ଚାୟତ ନିର୍ବାଚନରେ ବର୍ତ୍ତମାନ ସୁଦ୍ଧା ଭୋଟ ଗଣତିର ଫଳାଫଳ ଅନୁସାରେ ଭୋଟରମାନେ ଭାଜପାକୁ ପ୍ରତ୍ୟାଖ୍ୟାନ କରିଛନ୍ତି। ପ୍ରଥମ ଓ ଦ୍ୱିତୀୟ ପର୍ଯ୍ୟାୟର ଭୋଟ ଫଳାଫଳକୁ ଦେଖିଲେ ସବୁ ଜିଲାରେ ବିଜେଡି ଜିଲା ପରିଷଦ ଗଠନ କରିବା ସ୍ପଷ୍ଟ ହୋଇଛି। କେନ୍ଦ୍ର ସରକାରଙ୍କ କୃଷକ ବିରୋଧୀ ନୀତି ଯୋଗୁ ପଶ୍ଚିମ ଓଡ଼ିଶାରେ ଭାଜପା ଭୋଟରଙ୍କ ଗ୍ରହଣୀୟ ହୋଇପାରି ନ ଥିବା ଆଲୋଚନା ହେଉଛି। ଭାଜପାର ମମିତା ମେହେର ହତ୍ୟାକାଣ୍ଡ ଓ ଧାନ କିଣା ପ୍ରସଙ୍ଗକୁ ଜନସମର୍ଥନ ମିଳିନାହିଁ। ଅନ୍ୟପକ୍ଷେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଲୋକପ୍ରିୟତା ବିଜେଡିକୁ ସଫଳତା ଦେଇଥିବା ଚର୍ଚ୍ଚା ହେଉଛି।

୨୦୧୭ ପଞ୍ଚାୟତ ନିର୍ବାଚନରେ ସମ୍ବଲପୁର ଜିଲାରେ ମୋଟ ୧୮ଟି ଜିଲା ପରିଷଦ ଆସନରୁ ୧୩ଟିରେ ଭାଜପା ବିଜୟୀ ହୋଇ ଜିଲା ପରିଷଦ ଗଠନ କରିଥିଲା। ଚଳିତ ନିର୍ବାଚନରେ ବିଜେଡି ପ୍ରଥମ ପର୍ଯ୍ୟାୟ ଗଣତିରେ ୧୦ରୁ ୧୦ ଆସନରେ ବିଜୟୀ ହୋଇ ଦ୍ୱିତୀୟ ପର୍ଯ୍ୟାୟ ଗଣତିରେ ୯ ଆସନରେ ଆଗୁଆରେ ରହିଛି। ୨୦୧୭ରେ ବରଗଡ ଜିଲାରେ ୩୪ଟି ଆସନରୁ ଭାଜପା ୨୫ ଆସନରେ ବିଜୟୀ ହୋଇ ଜିଲା ପରିଷଦ ଗଠନ କରିଥିଲା। ସେତେବେଳେ ବିଜେଡିକୁ ୯ଟି ଆସନରେ ସନ୍ତୁଷ୍ଟ ହେବାକୁ ପଡିଥିଲା। ଚଳିତ ନିର୍ବାଚନରେ ପ୍ରଥମ ପର୍ଯ୍ୟାୟରେ ୧୨ ଆସନରେ ବିଜେଡି ଓ ୨ଆସନରେ ଭାଜପାର ବିଜୟ ହୋଇଛି। ଦ୍ୱିତୀୟ ପର୍ଯ୍ୟାୟ ଗଣତିରେ ମଧ୍ୟ ବିଜେଡି ୧୦ ଓ ଭାଜପା ୨ ଆସନରେ ଆଗୁଆ ଥିବା ଜଣାପଡିଛି। ସେହିପରି ଗତଥର ବଲାଙ୍ଗୀର ଜିଲାରେ ୩୪ଟି ଜିଲା ପରିଷଦ ଜୋନରୁ ଭାଜପା ୨୩, ବିଜେଡି ୯ ଓ କଂଗ୍ରେସ ୨ଟି ବିଜୟୀ ହୋଇଥିଲେ। ସେତେବେଳେ ବହୁମତ ନେଇ ଭାଜପା ଜିଲା ପରିଷଦ ଗଠନ କରିଥିଲା। ଚଳିତ ନିର୍ବାଚନର ପ୍ରଥମ ପର୍ଯ୍ୟାୟ ଗଣତିରେ ବିଜେଡି ୧୨, ଭାଜପା ୧, କଂଗ୍ରେସ ୧ଟିରେ ବିଜୟୀ ହୋଇଥିବା ବେଳେ ଦ୍ୱିତୀୟ ପର୍ଯ୍ୟାୟ ଗଣତିରେ ବିଜେଡି ୧୧ଟି ଆସନରେ ଆଗୁଆ ରହିଛି। ତେଣୁ ଏଠାରେ ମଧ୍ୟ ବିଜେଡି ଜିଲା ପରିଷଦ ଗଠନ କରିବାକୁ ଯାଉଛି। ଗତଥର କଳାହାଣ୍ଡି ଜିଲାରେ ୩୬ ଆସନରୁ ଭାଜପା ୩୩ରେ ବିଜୟୀ ହୋଇଥିଲା। ବିଜେଡିକୁ ୧ ଓ କଂଗ୍ରେସକୁ ୨ଟି ଆସନ ମିଳିଥିଲା। ହେଲେ ଏଥର ବିଜେଡି

## ୧୦ ଜିଲାରେ ବିଜେଡିର ଦବଦବା

୧୨ ଆସନରେ ବିଜୟୀ ହୋଇଥିବା ବେଳେ ଅଧିକାଂଶ ଆସନରେ ଆଗୁଆ ରହିଛି। ଗତଥର ଦେବଗଡ ଜିଲାରେ ୭ ଜିଲା ପରିଷଦ ଜୋନରୁ ଭାଜପା ୬ ଓ କଂଗ୍ରେସ ଗୋଟିଏରେ ବିଜୟୀ ହୋଇଥିଲା। ମାତ୍ର ଚଳିତ ନିର୍ବାଚନରେ ଏଠାରେ ବିଜେଡି କ୍ଲିନ୍ ସ୍ୱିପ୍ କରିଛି। ଦଳ ସମସ୍ତ ୭ ଆସନରେ ବିଜୟୀ ହୋଇ ଜିଲା ପରିଷଦ ଗଠନ କରିବାକୁ ଯାଉଛି। ସୁବର୍ଣ୍ଣପୁର ଜିଲାରେ ଗତ ନିର୍ବାଚନରେ ୧୩ରୁ ୧୦ ଆସନରେ ଭାଜପା ବିଜୟୀ ହୋଇ ଜିଲା ପରିଷଦ ଗଠନ କରିଥିଲା। ଏଠାରେ ୩ଟି ଆସନରେ ବିଜେଡି ଜିତିଥିଲା। ହେଲେ ଚଳିତ ନିର୍ବାଚନରେ ପ୍ରଥମ ପର୍ଯ୍ୟାୟ ଗଣତିରେ ବିଜେଡି ୪, ଭାଜପା ୧ ଓ କଂଗ୍ରେସ ୧ ଆସନରେ ବିଜୟୀ ହୋଇଛନ୍ତି। ଦ୍ୱିତୀୟ ପର୍ଯ୍ୟାୟ ଗଣତିରେ ସମସ୍ତ ୬ଟି ଆସନରେ ବିଜେଡି ପ୍ରାର୍ଥୀମାନେ ଆଗରେ ରହିଛନ୍ତି। ତେଣୁ ସୋନପୁରରେ ବିଜେଡି ଜିଲା ପରିଷଦ ଗଠନ କରିବାର ପଥ ପରିଷ୍କାର ହୋଇଛି। ୨୦୧୭ରେ ବୌଦ୍ଧ ଜିଲାରେ ୯ ଆସନରୁ ବିଜେଡି ୬ଟିରେ ବିଜୟୀ ହୋଇ ଜିଲା ପରିଷଦ ଗଠନ କରିଥିଲା। ଚଳିତ ନିର୍ବାଚନରେ ବିଜେଡିର ଆସନ ବୃଦ୍ଧି ପାଇ ଜିଲା ପରିଷଦ ଗଠନ କରିବାକୁ ଯାଉଛି । ନୂଆପଡା ଜିଲାରେ ୧୪ଟି ଆସନ ରହିଛି । ଗତଥର ବିଜେଡି ୮ ଆସନରେ ବିଜୟୀ ହୋଇ ଜିଲା ପରିଷଦ ଗଠନ କରିଥିଲା। କଂଗ୍ରେସ ୬ ଆସନରେ ବିଜୟୀ ହୋଇ ଦ୍ୱିତୀୟ ସ୍ଥାନରେ ରହିଥିଲା। ଚଳିତ ନିର୍ବାଚନରେ ପ୍ରଥମ ପର୍ଯ୍ୟାୟରେ ବିଜେଡି ୫ ଆସନ ଦଖଲ କରିଥିଲା। ଦ୍ୱିତୀୟ ପର୍ଯ୍ୟାୟରେ ବିଜେଡି ୫ରୁ ୪ଟି ଆସନରେ ଆଗୁଆ ଥିବାବେଳେ କଂଗ୍ରେସ ଗୋଟିଏ ଆସନରେ ଆଗୁଆ ରହିଛି। ସୁନ୍ଦରଗଡ ଜିଲାରେ ଗତଥର ମୋଟ ୩୫ ଆସନରୁ ବିଜେଡି ୧୩ଟିରେ ଜିତି କଂଗ୍ରେସ ସମର୍ଥନରେ ଜିଲା ପରିଷଦ ଗଠନ କରିଥିଲା। ସେତେବେଳେ ଭାଜପା ୧୪ ଓ କଂଗ୍ରେସ ୫ ଆସନରେ ବିଜୟୀ ହୋଇଥିଲେ। ଏଥର ପ୍ରଥମ ପର୍ଯ୍ୟାୟ ଗଣତିରେ ୧୭ ଆସନରୁ ୧୬ରେ ବିଜେଡି ଓ ୧ରେ ସିପିଆଇ ପ୍ରାର୍ଥୀ ବିଜୟୀ ହୋଇଛନ୍ତି। ଦ୍ୱିତୀୟ ପର୍ଯ୍ୟାୟ ଗଣତିରେ ୧୭ ଆସନରେ ବିଜେଡି ଆଗୁଆ ରହିଛି। ୨୦୧୭ ପଞ୍ଚାୟତ ନିର୍ବାଚନରେ ଝାରସୁଗଡା ଜିଲାରେ ସ୍ୱାସ୍ଥ୍ୟମନ୍ତ୍ରୀ ନବ କିଶୋର ଦାସ କଂଗ୍ରେସ ଦଳରେ ଥିଲେ। ତେଣୁ କଂଗ୍ରେସ ମୋଟ୍ ୯ ଆସନରୁ ୮ଟିରେ ବିଜୟୀ ହୋଇ ଜିଲା ପରିଷଦ ଗଠନ କରିଥିଲା। ସ୍ୱାସ୍ଥ୍ୟମନ୍ତ୍ରୀ ବର୍ତ୍ତମାନ ବିଜେଡିରେ ଅଛନ୍ତି। ତେଣୁ ବିଜେଡି ୫ ଆସନରେ ବିଜୟୀ ହୋଇ ଅନ୍ୟ ଆସନରେ ଆଗୁଆ ରହିଥିବା ସୂଚନା ମିଳିଛି।

# ଗଣତିରେ ଚଞ୍ଚକତା ଅଭିଯୋଗ

**ପାଟଣା,୨୭।୨(ସ୍ୱ.ପ୍ର.)**

କେନ୍ଦୁଝର ଜିଲା ସାହାରପଡ଼ା ବ୍ଲକ ୨୯ନଂ.ଜୋନ୍‌ରେ ବିଜେଡି ପ୍ରାର୍ଥୀ ବୁଦ୍ଧଦେବ ମହାକୁଡ଼ ବିଜୟୀ ହୋଇଛନ୍ତି। ତେବେ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଭାଜପା ପ୍ରାର୍ଥୀ ଅଂଶୁମାନ ସବୁଜ ମହାନ୍ତ ବର୍ମା ଭୋଟ ଗଣତିରେ ଚଞ୍ଚକତା ହୋଇଥିବା ଅଭିଯୋଗ କରିଛନ୍ତି। ଏହି ଜୋନ୍‌ରେ ୬ଜଣ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରିଥିବାବେଳେ ମୁଖ୍ୟତଃ ବିଜେଡି ଓ ଭାଜପା ମଧ୍ୟରେ କଡ଼ା ଟକ୍କର ହୋଇଥିଲା। ବିଜେଡିର ବୁଦ୍ଧଦେବ ୧୧୮୭୭ ଖଣ୍ଡ, ଭାଜପା ପ୍ରାର୍ଥୀ ଅଂଶୁମାନ ୧୧୭୩୯ ଓ ସ୍ୱାଧୀନ ପ୍ରାର୍ଥୀ ଖଗେଶ୍ୱର ସେଠୀ ୪୩୨୬ ଖଣ୍ଡ ଭୋଟ ପାଇଥିଲେ। ବିଜେଡି ପ୍ରାର୍ଥୀ ବୁଦ୍ଧଦେବ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଭାଜପାର ଅଂଶୁମାନଙ୍କଠାରୁ ୧୩୮ ଖଣ୍ଡ ଅଧିକ ଭୋଟ ପାଇ ବିଜୟୀ ଘୋଷିତ ହୋଇଛନ୍ତି। ୯୪୨ ଖଣ୍ଡ ଭୋଟ ନାକଚ ହୋଇଛି। ଏହି ଆସନରେ ଖୋଦ ଜିଲା ଭାଜପା ସଭାପତି ପ୍ରତିଦ୍ୱନ୍ଦ୍ୱିତା କରୁଥିବାରୁ ଆସନଟି ଜିଲାରେ ଚର୍ଚ୍ଚିତ ଥିଲା। ଭାଜପା ପ୍ରାର୍ଥୀ ଅଂଶୁମାନ ଦାବି କରିଛନ୍ତି ଯେ, ସେ ୭ ଖଣ୍ଡ ଭୋଟରେ ବିଜୟୀ ହୋଇଛନ୍ତି। ଜିଲାପାଳଙ୍କ ନିର୍ଦ୍ଦେଶ କ୍ରମେ ଏକତରଫା ଭାବେ ସାହାରପଡ଼ା ବିଡିଓ ବିଜେଡି ପ୍ରାର୍ଥୀଙ୍କୁ ବିଜୟୀ ଘୋଷଣା କରିଛନ୍ତି। ବିଡିଓ ଆମର ପୁନଃଗଣତି ନିବେଦନକୁ ଗ୍ରହଣ କରି ନାହାନ୍ତି। ଆମ ଏଜେଣ୍ଟମାନେ ଦସ୍ତଖତ କରିଥିବା ଫର୍ମକୁ ମଧ୍ୟ ଦେଖାଉ ନାହାନ୍ତି ବୋଲି କହିଛନ୍ତି। ଏ ସଂକ୍ରାନ୍ତରେ ସାହାରପଡ଼ା ବିଡିଓ ତଥା ନିର୍ବାଚନ ଅଧିକାରୀ ଲମ୍ବୋଦର ଖୁଣ୍ଟିଆଙ୍କୁ ପଚାରିବାରୁ ନିୟମ ଅନୁଯାୟୀ ଗଣତି ହୋଇଛି। ଯିଏ ଜିତିଲେ ଆମର କିଛି ନାହିଁ। ମୋତେ ଧମକ ଚମକ ଦିଆଯାଉଛି। ଜୀବନ ପ୍ରତି ଭୟ ରହିଛି ବୋଲି ସେ କହିଛନ୍ତି। ଅପରପକ୍ଷେ ବିଜେଡି ତରଫରୁ ରବିବାର ବିଜୟ ଉତ୍ସବ ପାଳନ କରାଯାଇଛି।



କନ୍ଧମାଳ ଜିଲା ଦାରିଙ୍ଗବାଡି ବ୍ଲକ ସିମନବାଡି ପଞ୍ଚାୟତ ସରପଞ୍ଚ ପ୍ରାର୍ଥିନୀ ଅମିତା ପ୍ରଧାନ ଦ୍ୱିତୀୟ ଥର ବିଜୟୀ ହେବା ପରେ ସମର୍ଥକଙ୍କ ସହ ରବିବାର ଶୋଭାଯାତ୍ରାରେ ଯାଉଛନ୍ତି।

# ଲୋକେ ପରିବର୍ତ୍ତନ ସପକ୍ଷରେ ନାହାନ୍ତି : କଂଗ୍ରେସ

**ଭୁବନେଶ୍ୱର,୨୭।୨(ବ୍ୟୁରୋ)**

ଚଳିତ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପ୍ରକ୍ରିୟାରେ ଗୁରୁବାର ମତଦାନ ସରିବାପରେ ଶନିବାରଠାରୁ ଭୋଟ ଗଣତି ଆରମ୍ଭ ହୋଇଛି। ପ୍ରଥମଦିନ ଗଣତିର ଫଳ ପ୍ରକାଶ ପାଇଥିବାବେଳେ ରବିବାର ଦ୍ୱିତୀୟ ଦିନର ଗଣତି ଜାରି ରହିଛି। ତେବେ ଏଥିରେ ବିଜେଡିର ବିପୁଳ ବିଜୟ ହୋଇଥିବାବେଳେ କଂଗ୍ରେସ ଓ ଭାଜପା ନୈରାସଜନକ ପ୍ରଦର୍ଶନ କରିଛନ୍ତି। ୩୧୫ଟି ଜିଲା ପରିଷଦ ଆସନରୁ ଶାସକ ବିଜେଡି ୨୮୨ଟିରେ ବିଜୟ ହୋଇଥିବାବେଳେ ଭାଜପା ୧୫, କଂଗ୍ରେସ ୧୪ ଏବଂ ସ୍ୱାଧୀନ ଓ ଅନ୍ୟାନ୍ୟ ଦଳର ପ୍ରାର୍ଥୀ ୪ ଆସନ ହାତେଇଛନ୍ତି। ତେବେ କଂଗ୍ରେସର

## ପଞ୍ଚାୟତ ନିର୍ବାଚନରେ ନୈରାଶ୍ୟଜନକ ପ୍ରଦର୍ଶନ

ଆଶାଠାରୁ ଅଧିକ ଖରାପ ପ୍ରଦର୍ଶନକୁ ଦଳ ସ୍ୱୀକାର କରିଛି। ଏହା ଅତ୍ୟନ୍ତ ନୈରାଶ୍ୟଜନକ ଫଳ ବୋଲି ପିସିସି ମିଡିଆ ସେଲ୍ ସଭାପତି ଗଣେଶ୍ୱର ବେହେରା କହିଛନ୍ତି। ସେ କହିଛନ୍ତି, ଗଣତନ୍ତ୍ରରେ ଜନତାଙ୍କ ମତକୁ ଆମେ ମୁଣ୍ଡପାତି ଗ୍ରହଣ କରୁଛୁ। ଲୋକେ ପରିବର୍ତ୍ତନ ସପକ୍ଷରେ ନାହାନ୍ତି। ଆହୁରି ଗଣତି ବାକି ରହିଛି। ସମ୍ପୂର୍ଣ୍ଣ ଫଳ ଆସିଲେ ହିଁ କେତେ ଆସନରେ ଆମ ପ୍ରାର୍ଥି ଜିତିଛନ୍ତି ତାହା ଜଣାପଡିବ ବୋଲି କହିବା ସହ ସେ ବିଜେଡିକୁ ଅଭିନନ୍ଦନ ଜଣାଇଛନ୍ତି। ଶନିବାର ଭୋଟ ଗଣତି ଆରମ୍ଭ ପରେ ପ୍ରଥମରୁ ହିଁ କଂଗ୍ରେସ ପଛେଇ ଯାଇଥିଲା। କିନ୍ତୁ ପ୍ରଥମ ଦିନ ଭୋଟ ଗଣତିର ପ୍ରାୟ ୬୦ ପ୍ରତିଶତ ସମ୍ପୂର୍ଣ୍ଣ ହୋଇଥିବା ବେଳକୁ କଂଗ୍ରେସ ୧୬ଟି ଆସନରେ ଆଗୁଆ ରହି ଭାଜପା(୧୪ ଆସନ)କୁ ପଛରେ ପକାଇ ଦ୍ୱିତୀୟ ସ୍ଥାନକୁ ଆସିଥିଲା। ହେଲେ ଗଣତି ସମ୍ପୂର୍ଣ୍ଣ ହୋଇ ଆସିଲା ବେଳକୁ ଭାଜପାଠାରୁ ଗୋଟିଏ ଆସନରେ ପଛୁଆ ରହି କଂଗ୍ରେସ ୧୪ ଆସନରେ ସୀମିତ ରହିଛି। ଗଜପତି ଜିଲାରେ ଫଳ ପ୍ରକାଶ ପାଇଥିବା ୭ଟି ଜିଲା ପରିଷଦ ଆସନରୁ ୨ଟି, କୋରାପୁଟର ୧୪ ଆସନ ମଧ୍ୟରୁ ୫ଟି, ରାୟଗଡାରେ ୧୧ ଆସନରୁ ୨ଟି, କନ୍ଧମାଳ ଗଣତି ହୋଇଥିବା ୧୨ଟି ଆସନ ମଧ୍ୟରୁ ୨ଟି, ମାଲକାନଗିରିର ୭ ଆସନ ମଧ୍ୟରୁ ଗୋଟିଏ, ସୁବର୍ଣ୍ଣପୁରର ୬ ଆସନରୁ ଗୋଟିଏ ଆସନରେ କଂଗ୍ରେସ ବିଜୟୀ ହୋଇଛି।

# ଭାଙ୍ଗୁଛି ଭାଜପା ଗଡ଼, ବିଜେଡି ଆଗରେ

**ବରଗଡ଼ ଅଫିସ୍,୨୭।୨**

ତ୍ରିସ୍ତରୀୟ ପଞ୍ଚାୟତ ଭୋଟ ଭାଜପାକୁ ମହଙ୍ଗା ପଡ଼ିଛି। ଦଳର ସବୁ ରଣନୀତି ଫେଲ୍ ମାରିଛି। ଅନ୍ୟପଟେ ଭାଜପା ଦୁର୍ଗକୁ ଭେଦ କରି ବିଜେଡି ଜିଲା ପରିଷଦ ଗଠନ ଆଡ଼କୁ ମୁହାଁଉଛି। ବରଗଡ଼ ଜିଲାରେ ସାମ୍ପ୍ରତିକ ରାଜନୈତିକ ଦୃଶ୍ୟପଟ୍ଟ ଏଭଳି ରହିଛି। ୨୦୧୭ ପଞ୍ଚାୟତ ଭୋଟ ବେଳେ ଜିଲା ପରିଷଦ ଗଠନ କରି ଭାଜପା ସଭିଙ୍କୁ ଚକିତ କରିଥିଲା। ମାତ୍ର ଏଥର ଜିଲାରେ ବିଜେଡିର ଗୋଟି ଚାଳନାରେ ଭାଜପା ଧରାଶାୟୀ ହୋଇପଡ଼ିଛି। ଭାଜପାର ଆସନ ସଂଖ୍ୟା ଏକ ଅଙ୍କରେ ସୀମିତ ରହିବ ଏବଂ ବିଜେଡି ଏଠାରେ ଜିଲା ପରିଷଦ ଗଠନ କରିବ ବୋଲି ପୂର୍ବାନୁମାନ କରାଯାଉଛି। କେବଳ ସେତିକି ନୁହେଁ, ବିଭିନ୍ନ ଜୋନ୍‌ର ଜିଲା ପରିଷଦ ପ୍ରାର୍ଥୀଙ୍କ ଭୋଟ୍‌କୁ ଦେଖିଲେ ଜିଲାରେ ଭାଜପାର ଭୋଟ ହାର ମଧ୍ୟ କମିଥିବା ଦେଖିବାକୁ ମିଳିଛି। ବିଜେଡି ପ୍ରାର୍ଥୀମାନେ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଭାଜପା ପ୍ରାର୍ଥୀଙ୍କୁ ସର୍ବାଧିକ ୬ହଜାରରୁ ଉର୍ଦ୍ଧ୍ୱ ଭୋଟ୍‌ରେ ହରାଇଛନ୍ତି। ଫଳରେ ବିଜେଡିର ଭୋଟ୍‌ହାର ବଢ଼ିଥିବା ଅଦ୍ୟାବଧି ଗଣତିରୁ ଜଣାପଡ଼ିଛି। ସେହିପରି ଜିଲାରେ କଂଗ୍ରେସର ସ୍ଥିତି ପୂର୍ବାପେକ୍ଷା ନୈରାଶ୍ୟଜନକ ରହିଛି ।

ବରଗଡ଼ ଜିଲାରେ ୩୪ ଜିଲା ପରିଷଦ ଜୋନ୍ ରହିଛି । ୨୦୧୭ ପଞ୍ଚାୟତ ଭୋଟ୍‌ରେ ବିଜେଡ଼ି ଏଠାରେ ବିଫଳ ହୋଇଥିଲା। ମାତ୍ର ୯ ଆସନରେ ବିଜେଡିକୁ ସନ୍ତୁଷ୍ଟ ହେବାକୁ ପଡ଼ିଥିବାବେଳେ ସର୍ବାଧିକ ୨୫ଆସନ ଦଖଲ କରି ଭାଜପା ଜିଲା ପରିଷଦ ଗଠନ କରିଥିଲା। କିନ୍ତୁ ଏଥର ସ୍ଥିତି ଓଲଟପାଲଟ ହେବାରେ ଲାଗିଛି। ମତଦାନ ପୂର୍ବରୁ ଭାଜପା ଓ କଂଗ୍ରେସ ପ୍ରାର୍ଥୀ ନାମାଙ୍କନ ପ୍ରତ୍ୟାହାର କରିବା ପରେ ଅମ୍ବାଭୋନା ବ୍ଲକ ଜୋନ-୨ରୁ ବିଜେଡ଼ି ଖାତା ଖୋଲିଥିଲା। ସେହିପରି ଶନିବାର ଶେଷ ହୋଇଥିବା ପ୍ରଥମ ପର୍ଯ୍ୟାୟ ଭୋଟ୍ ଗଣତିରେ ୧୨ରୁ ୧୦ ଆସନ ବିଜେଡ଼ି କବ୍‌ଜା କରିଛି । ମାତ୍ର ୨ଟି ଆସନ ନିଜ ଦଖଲରେ ରଖି ଭାଜପା ଦଳର ସମ୍ମାନ ରଖିଛି । ସେହିପରି ରବିବାର ଦ୍ୱିତୀୟ ପର୍ଯ୍ୟାୟ ଭୋଟ୍ ଗଣତିରେ ମଧ୍ୟ ଭାଜପାକୁ ନିରାଶ ହେବାକୁ ପଡ଼ିଛି। ଏହି ପର୍ଯ୍ୟାୟରେ ୧୨ ଆସନ ପାଇଁ ଗଣତି ଚାଲିଥିବାବେଳେ କେବଳ ୨ଟିରେ ଭାଜପା ଆଗୁଆ ରହିଛି ଏବଂ ଅନ୍ୟ ୧୦ରେ ବିଜେଡ଼ି ଭାଜପାଠାରୁ ବହୁ ଆଗରେ ରହିଛି। ସୋମବାର ବାକି ୧୦ ଆସନର ଭୋଟ ଗଣତି ହେବ। ଏସବୁକୁ ଅନୁଧ୍ୟାନ କଲେ ଏଥର ବରଗଡ଼ ଜିଲାରେ ବିଜେଡ଼ି ହିଁ ଜିଲା ପରିଷଦ ଗଠନ କରିବା ସ୍ପଷ୍ଟ ହୋଇଛି ।

ଗତ ୫ବର୍ଷ ମଧ୍ୟରେ ଭାଜପାର ସ୍ଥିତି ଏତେ ନଗଣ୍ୟ ହେବା ଘଟଣାକୁ ନେଇ ନାନା ଆଲୋଚନା ଚାଲିଛି। ଦଳୀୟ ନେତୃତ୍ୱ ଅଭାବ ଯୋଗୁ ଦଳକୁ ଏଭଳି ପରିଣାମ ଭୋଗିବାକୁ ପଡ଼ିଛି ବୋଲି କେତେଜଣ କହୁଥିବାବେଳେ ଜିଲା ପରିଷଦ ଗଠନ ପରେ ଜନତାଙ୍କଠାରୁ ଦୂରେଇ ରହିବା, ନିର୍ବାଚନ ବେଳେ ଦେଇଥିବା ପ୍ରତିଶ୍ରୁତି ରଖି ନ ଥିବା ଯୋଗୁ ଭାଜପା ପ୍ରତି ଲୋକଙ୍କ ଆସ୍ଥା ତୁଟିଥିବା ଆଉ କିଛି ସଚେତନ ନାଗରିକ କହିଛନ୍ତି। ଅନ୍ୟପଟେ ଗତ ୨୦୧୭ ପଞ୍ଚାୟତ ଭୋଟ ସମୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଯେଭଳି ଲୋକପ୍ରିୟତା ଥିଲା, ତାହା ଏବେ ନ ଥିବାରୁ ଦଳ ଉପରେ ତାର ପ୍ରଭାବ ମଧ୍ୟ ପଡ଼ିଥିବା ମତପ୍ରକାଶ ପାଇଛି। ସେହିପରି ନବୀନ ସରକାରଙ୍କ ବହୁମୁଖୀ ଯୋଜନାରୁ ବିଜେଡି ପଞ୍ଚାୟତ ଭୋଟରେ ଏଭଳି ଫାଇଦା ଉଠାଇଥିବା ଅନେକେ ମତ ଦେଇଛନ୍ତି।

ଏ ନେଇ ଶିକ୍ଷାବିତ୍ ସତ୍ୟନାରାୟଣ ପାଢ଼ୀ କହିଛନ୍ତି, ଏଥର ବରଗଡ଼ ଜିଲାରେ ଜିଲା ପରିଷଦ ନିର୍ବାଚନ ଫଳାଫଳ ପ୍ରକାରାନ୍ତରେ ଅପ୍ରତ୍ୟାଶିତ ମନେ ହେଉଥିଲେ ବି ବାସ୍ତବରେ କିନ୍ତୁ ତାହା ନୁହେଁ । ଗତ ଥର ଭାଜପା ବିପୁଳ ଜନସମର୍ଥନ ଲାଭ କରି ଏଠାରେ ଜିଲା ପରିଷଦ ଗଠନ କରିବା ପଛରେ ପ୍ରମୁଖ କାରଣ ଥିଲା, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଲୋକପ୍ରିୟତା। କିନ୍ତୁ ତାହା ଏଥର ପରିଲକ୍ଷିତ ହୋଇନାହିଁ। ଅପରପକ୍ଷେ ଜିଲାରେ ବିଜେଡିର ସାଙ୍ଗଠନିକ ଭିତ୍ତିଭୂମି ଆଗରୁ ସୁଦୃଢ଼ ଥିବାବେଳେ ତୃଣମୂଳ ସ୍ତରରେ ଭାଜପାର ଗ୍ରହଣୀୟତା ଉପରେ ଏବେ ମଧ୍ୟ ପ୍ରଶ୍ନବାଚୀ ଲାଗି ରହିଛି। ଏହାବ୍ୟତୀତ ଚଳିତ ନିର୍ବାଚନରେ ଭାଜପାର ଜିଲାସ୍ତରୀୟ ନେତୃବୃନ୍ଦ ଏକ ହୋଇ ନିର୍ବାଚନ ଲଢିଥିବା ଦେଖିବାକୁ ମିଳି ନ ଥିଲା। ଯାହା ଏଠାରେ ଭାଜପା ବିପର୍ଯ୍ୟୟର ଅନ୍ୟ ଏକ କାରଣ ବୋଲି କୁହାଯାଇପାରେ ବୋଲି ପାଢ଼ୀ ମତ ଦେଇଛନ୍ତି। ଭାଜପା ଜିଲା ସାଧାରଣ ସମ୍ପାଦକ ରବି ନାରାୟଣ ଦାଶ କହିଛନ୍ତି, ୨୦୧୭ରେ ଜିଲା ପରିଷଦ ଗଠନ ପରେ ଭାଜପା ତଥା ଜିଲା ପରିଷଦ ଅଧ୍ୟକ୍ଷା ଜିଲାର ସବୁ ବ୍ଲକ, ପଞ୍ଚାୟତକୁ ପହଞ୍ଚି ଲୋକଙ୍କ ସମସ୍ୟା ବୁଝିବା ସହିତ ଲୋକଙ୍କ ପାଇଁ କାମ କରିଛନ୍ତି । ଏପରିକି ବିଭିନ୍ନ ସମସ୍ୟା ନେଇ ପ୍ରଶାସନ ସହିତ ଲଢ଼େଇ ମଧ୍ୟ କରିଛନ୍ତି। ସରକାରୀ କଳ ଏବଂ ଅର୍ଥର ଦୁରୁପଯୋଗ ପ୍ରଭାବରେ ଭୋଟ ଫଳାଫଳ ଏଥର ଏଭଳି ବଦଳି ଯାଇଥିବା ସେ କହିଛନ୍ତି ।

କଂଗ୍ରେସ ନେତା ପ୍ରଦୀପ ଦେବତା କହିଛନ୍ତି, ଜିଲାରେ ଏପର୍ଯ୍ୟନ୍ତ କଂଗ୍ରେସ ଆସନ ଦଖଲ କରି ନ ପାରିବା ନିଶ୍ଚିତ ଭାବେ ନିରାଶାଜନକ। କିନ୍ତୁ ଗତଥର ଅପେକ୍ଷା ଏଥର ଦଳର ଭୋଟ୍ ପ୍ରତିଶତ ବଢ଼ିଥିବା ଆଶ୍ୱସ୍ତି ଦେଇଛି। ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ କହିଛନ୍ତି, ବିଜେଡ଼ି ଏବଂ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ପ୍ରତି ଜନସାଧାରଣଙ୍କ ଅତୁଟ ବିଶ୍ୱାସ ପଞ୍ଚାୟତ ଭୋଟ ଫଳାଫଳରୁ ପ୍ରତୀୟମାନ ହୋଇଛି। ଏହାଦ୍ୱାରା ଦଳର ଦାୟିତ୍ୱବୋଧ ମଧ୍ୟ ବଢ଼ିଯାଇଛି। ବିଜେଡ଼ି ଜିଲା ପରିଷଦ ଗଠନ କରିବ। ଜନକଲ୍ୟାଣକାରୀ ଯୋଜନାଗୁଡ଼ିକ ସନ୍ତୁଳିତ ଭାବେ ଯେଭଳି ସବୁକ୍ଷେତ୍ରକୁ ପହଞ୍ଚି ପାରିବ, ସେଥିପ୍ରତି ପ୍ରୟାସ ଜାରି ରଖାଯିବ। ନିର୍ବାଚନ ହାରିବା ପରେ ଚିରାଚରିତ ଢ଼ଙ୍ଗରେ ଔଷଧ ବିକଳରେ ତାଟିଆ କାମୁଡ଼ା ଭଳି ଭାଜପା ନେତାମାନେ ନାନା କଥା କହୁଛନ୍ତି। ଲୋକେ ସେସବୁ ଭଲ ଭାବେ ବୁଝି ସାରିଲେଣି ବୋଲି ଆଚାର୍ଯ୍ୟ କହିଛନ୍ତି।

# ପ୍ରଥମ ଦିନ ଗଣତିର ବିଜୟୀ ପ୍ରାର୍ଥୀ

| ବ୍ଲକ/ଜୋନ୍ | ବିଜୟୀ ପ୍ରାର୍ଥୀ-ଦଳ | ମୋଟ ଭୋଟ | ଭୋଟ ବ୍ୟବଧାନ |
|---|---|---|---|
| **ନୟାଗଡ଼** | | | |
| ଓଡଗାଁ-୧ | ଝିଲି ପ୍ରଧାନ-ବିଜେଡି | ୧୫,୯୨୫ | ୫,୮୮୭ |
| ନୂଆଗାଁ-୧୬ | ଜସ୍ମିନ୍ ଦାସ-ବିଜେଡି | ୧୬,୨୬୦ | ୬,୩୩୭ |
| ଖଣ୍ଡପଡ଼ା-୫ | ରାମେଶ୍ୱର ଶତପଥୀ-ବିଜେଡି | ୧୨,୧୯୯ | ୨,୬୨୨ |
| ରଣପୁର-୨୧ | ରଜନୀ ରାଣୀ ପଟ୍ଟନାୟକ-ବିଜେଡି | ୧୨,୬୪୨ | ୨,୯୦୭ |
| ଦଶପଲ୍ଲା-୯ | ହରିଶ୍ଚନ୍ଦ୍ର ଜାନୀ-ବିଜେଡି | ୧୦,୧୮୪ | ୭,୪୧୧ |
| ଗଣିଆ-୮ | ନରେଶ ବେହେରା-ବିଜେଡି | ୧୨,୧୫୯ | ୧,୭୮୨ |
| ନୟାଗଡ଼-୧୨ | ସୁବାସ ଚନ୍ଦ୍ର କଅଁର-ବିଜେଡି | ୧୩,୦୩୪ | ୨,୦୮୪ |
| ଭାପୁର-୧୮ | ଧର୍ମେନ୍ଦ୍ର ଧଳ-ବିଜେଡି | ୧୭,୦୫୧ | ୧୦,୬୪୪ |
| **ନୂଆପଡ଼ା** | | | |
| କୋମନା-୧ | ମୁରଲିଧର ଭୋଇ-ବିଜେଡି | ୧୦,୫୬୫ | ୫୭୦ |
| ନୂଆପଡ଼ା-୭ | ଉମା ଠାକୁର-ବିଜେଡି | ୧୬,୯୬୮ | ୯,୦୯୧ |
| ଖଡ଼ିଆଳ-୪ | ଚିତ୍ତରଞ୍ଜନ ବେହେରା-ବିଜେଡି | ୧୪,୧୬୧ | ୮,୦୩୩ |
| ବୋଡେନ-୧୦ | ଡଲି ମାଝି-ବିଜେଡି | ୧୨,୮୨୬ | ୨,୧୬୯ |
| ସିନାପାଲି-୧୨ | ପୁଷ୍ପାଞ୍ଜଳି ଗୁଆଳ-ବିଜେଡି | ୧୧,୨୬୬ | ୪,୬୯୯ |
| **ପୁରୀ** | | | |
| କାକଟପୁର-୬ | ଜ୍ୟୋତ୍ସ୍ନାରାଣୀ ଦଳାଇ-ବିଜେଡି | ୧୧,୦୬୭ | ୨,୬୮୭ |
| ଗୋପ-୧୧ | ଧର୍ମେନ୍ଦ୍ର କୁମାର ସାହୁ-ବିଜେଡି | ୧୪,୭୩୨ | ୪,୮୮୬ |
| ସତ୍ୟବାଦୀ-୩୧ | ନାରାୟଣ ରାଉତରାୟ-ବିଜେଡି | ୧୫,୫୫୪ | ୪,୪୦୦ |
| ପୁରୀ ସଦର-୨୫ | ମୋନାଲି ମିଶ୍ର-ବିଜେଡି | ୧୫,୫୨୨ | ୧,୯୧୦ |
| ନିମାପଡ଼ା-୧୮ | କୁଞ୍ଜଲତା ସାମଲ-ବିଜେଡି | ୧୬,୧୦୩ | ୨,୫୧୬ |
| ବ୍ରହ୍ମଗିରି-୨୮ | କୈଳାସ ଚନ୍ଦ୍ର ପରିଡ଼ା-ବିଜେଡି | ୧୫,୧୯୭ | ୨,୧୩୫ |
| ଅସ୍ତରଙ୍ଗ-୧ | ସରସ୍ୱତୀ ସ୍ୱାଇଁ-ବିଜେଡି | ୧୭,୩୪୮ | ୯,୭୦୪ |
| ଡେଲାଙ୍ଗ-୧୫ | ପ୍ରଜ୍ଞା ଛୋଟରାୟ-ବିଜେଡି | ୧୬,୨୫୮ | ୬,୬୭୨ |
| କୃଷ୍ଣପ୍ରସାଦ-୯ | ଲକ୍ଷ୍ମୀଧର ସାହୁ-ବିଜେଡି | ୧୭,୬୨୫ | ୪,୮୧୧ |
| ପିପିଲି-୨୨ | ସୁଶ୍ରୀ ସଙ୍ଗୀତା ବେହେରା-ବିଜେଡି | ୧୯,୬୫୦ | ୭,୫୦୭ |
| କଣାସ-୩ | ପ୍ରଣତି ଜେନା-ବିଜେଡି | ୧୫,୮୩୦ | ୩,୦୦୬ |
| **ରାୟଗଡ଼ା** | | | |
| କଲ୍ୟାଣସିଂହପୁର-୧ | ବରତାମ୍ ବରପ୍ରସାଦ ରାଓ -ବିଜେଡି | ୭,୬୬୮ | ୧,୦୧୯ |
| କାଶୀପୁର-୩ | ଅମି ମାଝୀ- ବିଜେଡି | ୯,୩୮୫ | ୭୬୧ |
| କୋଲନରା-୬ | ଧବଳେଶ୍ୱର ନାଇଡୁ-ବିଜେଡି | ୮,୭୮୭ | ୩,୮୮୭ |
| ଗୁଡାରି-୮ | ପତି କ୍ରାସ୍କା-ବିଜେଡି | ୧୧,୦୯୧ | ୨,୬୧୪ |
| ଗୁଣପୁର-୯ | ଇଗାନ୍ ଗମାଙ୍ଗ-କଂଗ୍ରେସ | ୧୦,୫୨୬ | ୨,୬୪୫ |
| ଚନ୍ଦ୍ରପୁର-୧୧ | ସୁଜିତ ବ୍ରେଡେକା-ବିଜେଡି | ୮,୦୩୮ | ୪୫୫ |
| ପଦ୍ମପୁର-୧୨ | ଡରଗିନ୍ ଶବର-ବିଜେଡି | ୫,୬୧୮ | ୧,୪୮୬ |
| ବିଷମକଟକ-୧୪ | ସୁଜାତା କାଡ୍ରାକା-ବିଜେଡି | ୧୦,୭୫୮ | ୧,୩୪୬ |
| ମୁନିଗୁଡ଼ା-୧୬ | ସନ୍ତୋଷ ସୁନା-ବିଜେଡି | ୧୨,୬୭୫ | ୭,୦୨୮ |
| ରାୟଗଡ଼ା | ପ୍ରଶାନ୍ତ କୁଲେସିକା-ବିଜେଡି | ୮,୮୪୧ | ୪୫୧ |
| ରାମନାଗୁଡ଼ା-୧୮ | ଟାଙ୍ଗଡୁ ଶ୍ରୀଧର-କଂଗ୍ରେସ | ୬,୪୬୬ | ୨୫୭ |
| **ସମ୍ବଲପୁର** | | | |
| ବାମରା-୧ | କୃଷ୍ଣଚନ୍ଦ୍ର ଟପୋ (ବିଜେଡି) | ୧୭,୨୮୨ | ୭,୬୬୩ |
| ଧାନକଉଡା-୧ | ସୁନିଲ କୁମାର ମିଶ୍ର (ବିଜେଡି) | ୧୩,୦୮୮ | ୮,୦୨୭ |
| ଜମନକିରା-୧ | ସୁଜାତା ଖୁଣ୍ଟିଆ (ବିଜେଡି) | ୧୫,୧୮୨ | ୭,୭୯୩ |
| ଝୁଝୁମରା-୧ | କବିତା ସାହୁ (ବିଜେଡି) | ୧୦,୮୪୩ | ୨,୯୨୮ |
| କୁଚିଣ୍ଡା-୧ | ଅଜିତ କୁମାର ମହାପାତ୍ର (ବିଜେଡି) | ୧୩,୦୬୨ | ୪,୫୩୭ |
| ମାନେଶ୍ୱର-୧ | ସୁରଜ ସେଠ୍ (ବିଜେଡି) | ୯,୨୧୫ | ୩,୩୧୦ |
| ନାକଟିଦେଉଳ-୧ | ପ୍ରିୟମ୍ବଦା ସାହୁ (ବିଜେଡି) | ୧୧,୦୬୯ | ୬,୦୨୪ |
| ରେଢାଖୋଲ-୧ | ଶ୍ରାବଣୀ ଭୋଇ (ବିଜେଡି) | ୮,୫୩୦ | ୧୯୪ |
| ରେଙ୍ଗାଲି-୧ | ଚୋଲଶ୍ରୀ ମହାନନ୍ଦ(ବିଜେଡି) | ୨୧,୫୨୬ | ୧୫,୩୧୪ |
| **ସୁବର୍ଣ୍ଣପୁର** | | | |
| ଡୁଙ୍ଗୁରିପାଲି -୧ | ସୁପର ଥେଲା (ବିଜେଡି) | ୧୬,୮୨୫ | ୧୦,୪୩୧ |
| ସୋନପୁର-୧ | ସସ୍ମିତା ମହାନ୍ତି (ବିଜେଡି) | ୧୨,୬୬୩ | ୪,୫୭୯ |
| ତରଭା-୧ | ଅଞ୍ଜଳି କମ୍ପ (ବିଜେଡି) | ୧୫,୫୧୧ | ୭,୯୨୮ |
| ଉଲୁଣ୍ଡା-୧ | ବିଜୟଲକ୍ଷ୍ମୀ ତରାଇ(ବିଜେଡି) | ୧୪,୪୭୭ | ୭,୧୨୩ |
| ବିନିକା-୧ | ପ୍ରମିଳା କଲତା (ଭାଜପା) | ୧୧,୮୨୭ | ୧୦୦ |
| ବୀରମହାରାଜପୁର-୧ | ଲବକୁମାର ସାହୁ (କଂଗ୍ରେସ) | ୧୩,୨୩୩ | ୧,୮୮୩ |
| **ସୁନ୍ଦରଗଡ଼** | | | |
| ବାଲିଶଙ୍କରା -୧ | ବିନୋଦ କୁମାର କୁଜୁର(ବିଜେଡି) | ୧୦,୯୪୦ | ୪,୭୫୬ |
| ବଡଗାଁ-୧ | ଅମୀୟ କୁମାର ପ୍ରଧାନ (ବିଜେଡି) | ୧୨,୩୯୨ | ୫,୧୪୬ |
| ବିଶ୍ରା-୧ | ହଲୁ ମୁଣ୍ଡାରୀ (ବିଜେଡି) | ୫,୧୭୭ | ୧,୭୭୩ |
| ବଣାଇଗଡ-୧ | ବୀରବିଚିତ୍ରସେନ ନାୟକ (ବିଜେଡି) | ୯,୭୪୧ | ୩,୩୬୪ |
| ଗୁରୁଣ୍ଡିଆ-୧ | ଅପିନ୍ଦ୍ର କିଶାନ (ବିଜେଡି) | ୫,୫୨୪ | ୯୬୧ |
| ହିମଗିର-୧ | ଉଦିତ୍ ସେଠ (ବିଜେଡି) | ୧୩,୫୦୯ | ୮,୪୫୫ |
| କୁଆଁରମୁଣ୍ଡା-୧ | ନେଭିଲ୍ କୁମାର କେରକେଟା (ବିଜେଡି) | ୧୧,୪୩୧ | ୧,୧୯୧ |
| କୁତ୍ରା-୧ | ବିଙ୍କି ସୁନ୍ୟାନି (ବିଜେଡି) | ୧୧,୫୯୯ | ୫,୨୯୪ |
| ଲାଠିକଟା-୧ | ଭୁବନୁ କୁଜୁର (ବିଜେଡି) | ୭,୪୫୦ | ୧,୧୬୬ |
| ଲେଫ୍ରିପଡା-୧ | ବୈଷ୍ଣବ ମାଝି (ବିଜେଡି) | ୧୧,୪୯୯ | ୫,୬୮୪ |
| ନୂଆଗାଁ-୧ | ଜ୍ୟୋତି ଦୋଲରସା ଟେଟେ (ବିଜେଡି) | ୧୫,୨୭୮ | ୮,୦୭୯ |
| ରାଜଗାଙ୍ଗପୁର-୧ | ସୁଶିଳା ଟପୋ (ବିଜେଡି) | ୧୩,୩୩୩ | ୧,୩୦୯ |
| ସବ୍‌ଡେଗା-୧ | ମନୋଜ ବରୁଆ (ବିଜେଡି) | ୭,୮୦୫ | ୨,୪୯୭ |
| ସୁନ୍ଦରଗଡ-୧ | ଅଶ୍ୱିନୀ କୁମାର ନାଏକ (ବିଜେଡି) | ୧୪,୩୪୪ | ୭,୪୧୦ |
| ଟାଙ୍ଗରପାଲି-୧ | ଗୋଲାପତୀ ପଟେଲ (ବିଜେଡି) | ୯,୪୦୭ | ୯୮୭ |
| କୋଇରା-୧ | ସୁଶିଳା ମୁଣ୍ଡ(ସିପିଆଇଏମ୍) | ୧୨,୪୪୬ | ୬,୨୩୦ |
| ଲହୁଣିପଡା-୧ | ଜୁଲିଆଣି କନ୍ଦିର (ବିଜେଡି) | ୧୩,୮୬୮ | ୬,୪୨୭ |

# ବିଶୋଇ ବ୍ଲକର ଗୋଟିଏ ଆସନ ଲାଗି ପୁନଃଗଣତି ଦାବି କଲା ବିଜେଡି

**ଭୁବନେଶ୍ୱର, ୨୭।୨(ବ୍ୟୁରୋ)**

ରାଜ୍ୟରେ ପଞ୍ଚାୟତ ନିର୍ବାଚନ ଫଳାଫଳ ବାହାରିବାକୁ ଯାଉଥିବା ବେଳେ ବିଜେଡି ସର୍ବାଧିକ ଜିଲା ପରିଷଦ ଆସନଗୁଡ଼ିକରେ ଆଗୁଆ ଚାଲିଛି। ଏହା ଭିତରେ ମୟୂରଭଞ୍ଜ ଜିଲାର ବିଶୋଇ ବ୍ଲକର ଜିଲା ପରିଷଦ ଜୋନ୍-୩୩ ପାଇଁ ପୁନଃଗଣତି କରିବାକୁ ବିଜେଡି ପକ୍ଷରୁ ଦାବି କରାଯାଇଛି। ବିଜେଡିର ଏକ ପ୍ରତିନିଧିମଣ୍ଡଳୀ ରବିବାର ରାଜ୍ୟ ନିର୍ବାଚନ କମିଶନରଙ୍କୁ ଏକ ଦାବିପତ୍ର ପ୍ରଦାନ କରି କହିଛନ୍ତି, ଏହି ଜିଲା ପରିଷଦ ଜୋନ୍‌ରେ ଜେଏମ୍‌ଏମ୍ ଦଳ ତରଫରୁ ଏକ ବଡଧରଣର ଭୋଟ ଏପଟ ସେପଟ କରାଯାଇଛି। ଜେଏମ୍‌ଏମ୍ ପ୍ରାର୍ଥୀ ଯିଏ ସେଠାରୁ ହୋଇଥିଲେ ସେ ବୁଥ୍ ରିଗିଂ, ମୃତ ବ୍ୟକ୍ତିଙ୍କ ନାଁରେ ଭୋଟ ଦେଇଛନ୍ତି। ତେଣୁ ଏହି ଆସନରେ ପୁନଃଗଣତି କରାଇବା ଲାଗି ବିଜେଡି ପ୍ରତିନିଧି ଦଳ ଦାବି କରିଛି। ଏହି ପ୍ରତିନିଧିମଣ୍ଡଳୀରେ ରାଜ୍ୟ ସଭା ସଦସ୍ୟ ସସ୍ମିତ ପାତ୍ର, ବିଜେଡି ମୁଖପାତ୍ର ଲେନିନ୍ ମହାନ୍ତି, ମୁଖପାତ୍ର ଇପ୍ସିତା ସାହୁ, ମୁଖପାତ୍ର ସୁଲତା ଦେଓ ଏବଂ ଅନ୍ୟ ଦୁଇଜଣ ତାଙ୍କ ସହ ଯାଇଥିଲେ।

ଧରିତ୍ରୀ DHARITRI ୧୧
ସୋମବାର, ୨୮ ଫେବୃୟାରୀ, ୨୦୨୨


ରୁଷିଆ ଆକ୍ରମଣରେ କ୍ୱିଭ୍‌ରେ ଏକ ମିଲିଟାରୀ ଟ୍ରକ୍ ଜଳିଯାଇଛି।

## ଯୋଦ୍ଧା ସାଜିଲେ ବ୍ୟୁଟି କୁଇନ୍




ବର୍ତ୍ତମାନର ସଙ୍କଟଜନକ ସ୍ଥିତିର ମୁକାବିଲା ପାଇଁ ୟୁକ୍ରେନବାସୀ ହାତରେ ଅସ୍ତ୍ର ଉଠାଇବା ଆରମ୍ଭ କରିଦେଲେଣି। ଏମ୍‌ପିଙ୍କଠାରୁ ଆରମ୍ଭ କରି ସାଧାରଣ ଜନତା ରୁଷିଆ ବିରୋଧୀ ଅଭିଯାନରେ ସାମିଲ ହେବାରେ ଲାଗିଛନ୍ତି। ୟୁକ୍ରେନର ବ୍ୟୁଟି କୁଇନ୍ କୁହାଯାଉଥିବା ଅନାଟୋସିଆ ଲେନା ରବିବାର ସେନାବାହିନୀରେ ଯୋଗ ଦେଇଛନ୍ତି। ଲେନା ହାତରେ ବନ୍ଧୁକ ଧରି ଛିଡ଼ା ହୋଇଥିବାର ଏକ ଫଟୋ ନିଜ ଇନ୍‌ଷ୍ଟାଗ୍ରାମ୍ ଆକାଉଣ୍ଟରେ ସେୟାର କରିଛନ୍ତି। ଦେଶ ସୁରକ୍ଷା ଉଦ୍ଦେଶ୍ୟରେ ଏହି ନିଷ୍ପତ୍ତି ନେଇଥିବା ୟୁକ୍ରେନର ପୂର୍ବତନ ମିସ୍ ଗ୍ରାଣ୍ଡ୍ ଲେନା କହିଛନ୍ତି।

## ପାଶ୍ଚାତ୍ୟର ଅସ୍ତ୍ର 'ସ୍ୱିଫ୍ଟ'




ୟୁକ୍ରେନ ଉପରେ ଆକ୍ରମଣ ଜାରି ରଖିଥିବା ରୁଷିଆର କେତେକ ଆର୍ଥିକ ଅନୁଷ୍ଠାନକୁ ସ୍ୱିଫ୍ଟ ସିଷ୍ଟମରୁ ବାଦ୍ ଦେବାକୁ ଆମେରିକା ସମେତ ପାଶ୍ଚାତ୍ୟ ଦେଶ ନିଷ୍ପତ୍ତି ନେଇଛନ୍ତି। ଏସ୍‌ଡବ୍ଲ୍ୟୁଆଇଏଫ୍‌ଟି ବା ସ୍ୱିଫ୍ଟ (ସୋସାଇଟି ଫର୍ ୱାର୍ଲ୍ଡୱାଇଡ୍ ଇଣ୍ଟରବ୍ୟାଙ୍କ୍ ଫାଇନାନ୍ସିଆଲ ଟେଲିକମ୍ୟୁନିକେଶନ) ଏକ ଗ୍ଲୋବାଲ ପେମେଣ୍ଟ ସିଷ୍ଟମ। ସ୍ୱିଫ୍ଟ ମେସେଜିଂ ନେଟୱାର୍କ ମାଧ୍ୟମରେ ବ୍ୟାଙ୍କ ଏବଂ ବିଭିନ୍ନ ଆର୍ଥିକ ସଂସ୍ଥା ଦ୍ୱାରା ଶୀଘ୍ର ଓ ସୁବିଧାରେ ବିଭିନ୍ନ ଦେଶ ମଧ୍ୟରେ କାରବାର ସମ୍ବନ୍ଧୀୟ ସୂଚନା ଆଦାନ ପ୍ରଦାନ ହୋଇଥାଏ। ଏହା ଭାରତ ସମେତ ୨୦୦ରୁ ଅଧିକ ଦେଶରେ ପ୍ରାୟ ୧୧ ହଜାର ବ୍ୟାଙ୍କ ଏବଂ ଆର୍ଥିକ ଅନୁଷ୍ଠାନକୁ ପରସ୍ପର ସହ ଯୋଡ଼ିଥାଏ। ଯଦି ଦୁଇଟି ସଂସ୍ଥା ପରସ୍ପରର ପାର୍ଟନର ନୁହନ୍ତି, ତେବେ ସ୍ୱିଫ୍ଟ ସେଗୁଡ଼ିକୁ ଏକ ଇଣ୍ଟରମିଡିଏଟାରୀ ଅର୍ଗାନାଇଜେଶନ ମାଧ୍ୟମରେ ଯୋଡ଼ିଥାଏ। ୧୯୭୩ରେ ଗଠିତ ସ୍ୱିଫ୍ଟର ମୁଖ୍ୟାଳୟ ବେଲ୍‌ଜିୟମରେ ରହିଛି। ସ୍ୱିଫ୍ଟ ଇଣ୍ଟରନ୍ୟାଶନାଲ ବ୍ୟାଙ୍କ ଆକାଉଣ୍ଟ ନମ୍ବର (ଆଇବିଏଏନ୍) ଏବଂ ବିଜ୍‌ନେସ୍ ଆଇଡେଣ୍ଟିଫାୟର କୋଡ୍ (ବିଆଇସି) ରେକର୍ଡ କରିଥାଏ। ସ୍ୱିଫ୍ଟ ବିଶ୍ୱର ପ୍ରାୟ ୩,୫୦୦ ଆର୍ଥିକ ପ୍ରତିଷ୍ଠାନ (ଅଂଶୀଦାର) ଦ୍ୱାରା ଏହା ନିୟନ୍ତ୍ରିତ। ଏହି ସିଷ୍ଟମକୁ ଜି-୧୦ ଦେଶର କେନ୍ଦ୍ରୀୟ ବ୍ୟାଙ୍କ, ୟୁରୋପୀୟ ସେଣ୍ଟ୍ରାଲ ବ୍ୟାଙ୍କ ସମେତ ବେଲ୍‌ଜିୟମର ନ୍ୟାଶନାଲ ବ୍ୟାଙ୍କ ମଧ୍ୟ ତଦାରଖ କରିଥାଏ। କୌଣସି ବ୍ୟକ୍ତି ଭାରତର ଏକ ବ୍ୟାଙ୍କରୁ ଆମେରିକାକୁ ଟଙ୍କା ପଠାଇବାକୁ ଚାହୁଁଥିଲେ ସେ ଟଙ୍କା ପାଇବାକୁ ଥିବା ବ୍ୟକ୍ତିଙ୍କ ବ୍ୟାଙ୍କ ଆକାଉଣ୍ଟ ନମ୍ବର ଏବଂ ଆମେରିକାର ସମ୍ପୃକ୍ତ ବ୍ୟାଙ୍କର ବିଆଇସି ବା ସ୍ୱିଫ୍ଟ କୋଡ୍ ଭାରତୀୟ ବ୍ୟାଙ୍କରେ ଦାଖଲ କରିବାକୁ ପଡ଼ିବ।

## ରୁଷିଆ ଉପରେ ପ୍ରଭାବ

ରୁଷିଆନ୍ ନ୍ୟାଶନାଲ ସ୍ୱିଫ୍ଟ ଆସୋସିଏଶନ ଅନୁସାରେ, ଆମେରିକା ପରେ ରୁଷିଆ ଦ୍ୱିତୀୟ ସର୍ବାଧିକ ସ୍ୱିଫ୍ଟ ବ୍ୟବହାରକାରୀ। ରୁଷିଆର ପ୍ରାୟ ୩୦୦ ରୁ ଊର୍ଦ୍ଧ୍ୱ ଆର୍ଥିକ ଅନୁଷ୍ଠାନ ଏହାସହ ଜଡ଼ିତ। ସ୍ୱିଫ୍ଟରୁ ବାଦ ପଡ଼ିଲେ ମସ୍କୋକୁ ଏଥିଜନିତ ବିପୁଳ କ୍ଷତି ସହିବାକୁ ପଡ଼ିବ। ଏହାହେଲେ ରୁଷିଆ ବିଦେଶୀ ମୁଦ୍ରା ସଂଗ୍ରହ କରିବା କଷ୍ଟକର ହୋଇପଡ଼ିବ। ରୁଷିଆ ତେଲ, ଗ୍ୟାସ ସମେତ ଅନ୍ୟାନ୍ୟ ସାମଗ୍ରୀ ରପ୍ତାନୀ କଲେ କିମ୍ବା କୌଣସି ଜିନିଷ ଆମଦାନୀ କଲେ ବଦଳରେ ଅର୍ଥ କାରବାର ମଧ୍ୟ ସହଜ ହେବ ନାହିଁ। ରୁଷିଆ ନିକଟରେ ଥିବା ପ୍ରାୟ ୬୩୦ ବିଲିୟନ ଡଲାରର ବିଦେଶୀ ମୁଦ୍ରା ଏକପ୍ରକାର ଅଚଳ ହୋଇଯିବ। ୨୦୧୨ରେ ନ୍ୟୁକ୍ଲିୟର ପ୍ରୋଗ୍ରାମ ପାଇଁ ଇରାନ ଉପରେ କଟକଣା ଲଗାଯିବା ସହ ସ୍ୱିଫ୍ଟରୁ ବାଦ ଦିଆଯାଇଥିଲା। ୨୦୧୬ରେ ଇରାନକୁ ଏହି ସିଷ୍ଟମରେ ପୁନଃ ଯୋଡ଼ାଯାଇଥିଲା। ଏବେ ରୁଷିଆକୁ ସ୍ୱିଫ୍ଟରୁ ସମ୍ପୂର୍ଣ୍ଣ ବାଦ ଦିଆଗଲେ ଏହା ଉପରେ ନିର୍ଭରଶୀଳ ୟୁରୋପୀୟ ଦେଶ ମଧ୍ୟ କ୍ଷତି ସହିବେ। ରୁଷିଆ ପାଶ୍ଚାତ୍ୟ ଦେଶଗୁଡ଼ିକୁ ଗ୍ୟାସ୍, ପ୍ରାକୃତିକ ତୈଳ ଆଦି ରପ୍ତାନୀ କରୁଥିବାରୁ ସେହି ରାଷ୍ଟ୍ରଗୁଡ଼ିକରେ ଏହି ସାମଗ୍ରୀର ଅଭାବ ଦେଖାଦେଇପାରେ।

# ଆଣବିକ ଅସ୍ତ୍ର ପ୍ରସ୍ତୁତ



**ମସ୍କୋ,୨୭।୨**

ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍ ଗୋଟିଏପଟେ ୟୁକ୍ରେନ୍ ସହ ଆଲୋଚନା ପାଇଁ ଆଗ୍ରହ ଦେଖାଉଥିବାବେଳେ ଅନ୍ୟପକ୍ଷେ ଯୁଦ୍ଧକୁ ଆଉ ପାଦେ ଆଗେଇବା ଲାଗି ପ୍ରସ୍ତୁତି ଚଳାଇଛନ୍ତି। ଏହି କ୍ରମରେ ସେ ନିଜ ଆଣବିକ ଅସ୍ତ୍ର ଭଣ୍ଡାରଗୁଡ଼ିକୁ ହାଇଆଲର୍ଟରେ ରଖିବା ପାଇଁ ପ୍ରତିରକ୍ଷା ମୁଖ୍ୟମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହାକୁ ଆମେରିକା ସମେତ ପାଶ୍ଚାତ୍ୟ ରାଷ୍ଟ୍ରଗୁଡ଼ିକୁ ପୁଟିନ୍‌ଙ୍କ ଖୋଲା ଚ୍ୟାଲେଞ୍ଜ ବୋଲି ବିବେଚନା କରାଯାଉଛି।

ରୁଷିଆ ହେଉଛି ବିଶ୍ୱର ଦ୍ୱିତୀୟ ବୃହତ୍ ଆଣବିକ ଅସ୍ତ୍ରଶସ୍ତ୍ର ମହଜୁଦ୍ ରଖିଥିବା ରାଷ୍ଟ୍ର। ପୁଟିନ୍‌ଙ୍କ ସେନା ନିକଟରେ ବିପୁଳ ଦୂରଗାମୀ କ୍ଷେପଣାସ୍ତ୍ର ମଧ୍ୟ ରହିଛି। ୟୁକ୍ରେନ୍ ଆକ୍ରମଣର ଚତୁର୍ଥ ଦିନରେ ପୁଟିନ୍‌ଙ୍କ ଆଲୋଚନା ପ୍ରସ୍ତାବକୁ ୟୁକ୍ରେନ୍ ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍‌ସ୍କି ଗ୍ରହଣ କରିଛନ୍ତି। ବେଲାରୁଷ ସୀମାରେ ଦୁଇପକ୍ଷ ଆଲୋଚନା କରିବେ ବୋଲି ଜେଲେନ୍‌ସ୍କିଙ୍କ ଅଫିସ ପକ୍ଷରୁ କୁହାଯାଇଛି। ହେଲେ ସମାନ୍ତରାଳ ଭାବେ ଏହି ଯୁଦ୍ଧକୁ ଆଗକୁ ବଢ଼ାଇବା ଲାଗି ପୁଟିନ୍ ନିଷ୍ପତ୍ତି ନେଇଛନ୍ତି। ରୁଷିଆ ବିରୋଧରେ ପାଶ୍ଚାତ୍ୟ ରାଷ୍ଟ୍ରଗୁଡ଼ିକର ଶତ୍ରୁତାପୂର୍ଣ୍ଣ ପଦକ୍ଷେପକୁ ସେ ନାପସନ୍ଦ କରିଛନ୍ତି। ଏକ ଟେଲିଭିଜନ୍ ବାର୍ତ୍ତାରେ ପୁଟିନ୍ କହିଛନ୍ତି, ରୁଷିଆର ପ୍ରତିରକ୍ଷା ମନ୍ତ୍ରୀ ଓ ସଶସ୍ତ୍ର ବଳର ଚିଫ୍ ଅଫ୍ ଜେନେରାଲ ଷ୍ଟାଫ୍‌ମାନଙ୍କୁ ସେ ଯୁଦ୍ଧର ସ୍ୱତନ୍ତ୍ର ପ୍ରସ୍ତୁତି ଲାଗି ନିର୍ଦ୍ଦେଶ ଦେଇଛନ୍ତି। ପାଶ୍ଚାତ୍ୟ ଦେଶଗୁଡ଼ିକ ରୁଷିଆର ଅର୍ଥନୀତି ଭୁଶୁଡ଼ାଇବା ପାଇଁ କେବଳ ଶତ୍ରୁତାପୂର୍ଣ୍ଣ ବ୍ୟବହାର କରୁଛନ୍ତି ତାହାନୁହେଁ, ବରଂ ବେଆଇନ କଟକଣା ଜାରି କରିବାରେ ଲାଗିଛନ୍ତି। ନର୍ଥ ଆଟଲାଣ୍ଟିକ୍ ଟ୍ରିଟି ଅର୍ଗାନାଇଜେଶନ୍ (ନାଟୋ) ଦେଶଗୁଡ଼ିକର ନେତୃତ୍ୱ ନେଉଥିବା ଅଧିକାରୀମାନେ ମଧ୍ୟ ରୁଷିଆ ବିରୋଧରେ ଆକ୍ରମଣାତ୍ମକ ମନ୍ତବ୍ୟ ଦେଉଛନ୍ତି। ଏନେଇ ଜାତିସଂଘରେ ଆମେରିକା ରାଷ୍ଟ୍ରଦୂତ ଲିଣ୍ଡା ଥୋମାସ୍ ଗ୍ରିନ୍‌ଫିଲ୍ଡ କହିଛନ୍ତି, ରାଷ୍ଟ୍ରପତି ପୁଟିନ୍ ଯେପରି ଭାବେ ଯୁଦ୍ଧ ଆଗକୁ ବଢ଼ାଇଉଛନ୍ତି ତାହା ଗ୍ରହଣୀୟ ନୁହେଁ। ତାଙ୍କ ପଦକ୍ଷେପରେ ଅଙ୍କୁଶ ଲଗାଇବା ପାଇଁ ଆମକୁ ଯଥାସମ୍ଭବ ଶକ୍ତ କାର୍ଯ୍ୟାନୁଷ୍ଠାନ ନେବାକୁ ପଡ଼ିବ।



ପୁଟିନ୍‌ଙ୍କ ଚ୍ୟାଲେଞ୍ଜ

## ଆଇସିଜେକୁ ଗଲା ୟୁକ୍ରେନ୍



ୟୁକ୍ରେନ୍‌ର ସାର୍ବଭୌମତା ଏବଂ ଅଖଣ୍ଡତା ଉପରେ ଆକ୍ରମଣ କରିଥିବା ନେଇ ରୁଷିଆକୁ ଇଣ୍ଟରନ୍ୟାଶନାଲ ଲ' ଅଫ୍ ଜଷ୍ଟିସ୍ (ଆଇସିଜେ)କୁ ଟାଣିଛନ୍ତି ୟୁକ୍ରେନ୍ ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍‌ସ୍କି। ନେଦରଲାଣ୍ଡସ୍ ରାଜଧାନୀ ହେଗ୍‌ସ୍ଥିତ ଅନ୍ତର୍ଜାତୀୟ ଅଦାଲତ ଆଇସିଜେରେ ରୁଷିଆ ବିରୋଧରେ ଅଭିଯୋଗ କରାଯାଇଥିବା ଜେଲେନ୍‌ସ୍କି ଟୁଇଟ୍ କରିଛନ୍ତି। ଯୁଦ୍ଧ ଅପରାଧ, ଗଣହତ୍ୟା ଭଳି ସଙ୍ଗିନ ଅଭିଯୋଗ ରୁଷିଆ ବିରୋଧରେ ଦାଖଲ ହୋଇଛି। ଏଥିପାଇଁ ମସ୍କୋକୁ ଉତ୍ତରଦାୟୀ କରାଯିବା ସହ ତୁରନ୍ତ ଯୁଦ୍ଧ ବନ୍ଦ କରିବା ନିମନ୍ତେ ନିର୍ଦ୍ଦେଶ ଦେବାକୁ ୟୁକ୍ରେନ୍ ଆବଦେନ କରିଛି। ତେବେ ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍‌ଙ୍କ ଭଳି କୌଣସି ନିର୍ଦ୍ଦିଷ୍ଟ ନେତାଙ୍କ ବିରୋଧରେ ଆପରାଧିକ ମାମଲା ଦାୟର କରିବାର ଅଧିକାର ଆଇସିଜେ ନିକଟରେ ନ ଥିଲେ ହେଁ ଅନ୍ତର୍ଜାତୀୟ ଆଇନ ଉଲ୍ଲଂଘନ କ୍ଷେତ୍ରରେ ଏହା ନିର୍ଣ୍ଣୟ ନେଇପାରିବ। ଆଇସିଜେ ଜାତିସଂଘର ସର୍ବୋଚ୍ଚ ନ୍ୟାୟିକ ସଂସ୍ଥା।

## ୫୪ ମିଲିୟନ ଡଲାର ଦେବ ଆମେରିକା

ଯୁଦ୍ଧ ପ୍ରଭାବିତ ୟୁକ୍ରେନ୍‌କୁ ମାନବୀୟ ସହାୟତା ନିମନ୍ତେ ଆମେରିକା ୫୪ ମିଲିୟନ ଡଲାର (ପ୍ରାୟ ୪,୦୫,୪୦,୭୭,୦୦୦ ଟଙ୍କା) ପ୍ରଦାନ କରିବାକୁ ଘୋଷଣା କରିଛି। ଏହି ଅର୍ଥରେ ୟୁକ୍ରେନ୍‌ବାସୀଙ୍କ ପାଇଁ ଖାଦ୍ୟ, ପାନୀୟ, ଆଶ୍ରୟସ୍ଥଳ, ଜରୁରୀ ସ୍ୱାସ୍ଥ୍ୟସେବା, ଶୀତବସ୍ତ୍ର ଓ ପୋଷାକ ଆଦି ଯୋଗାଇ ଦିଆଯିବ ବୋଲି ଆମେରିକା ପରରାଷ୍ଟ୍ର ସଚିବ ଆଣ୍ଟୋନି ବ୍ଲିଙ୍କେନ୍ କହିଛନ୍ତି। ଏହା ପୂର୍ବରୁ ଶନିବାର ୟୁକ୍ରେନ୍‌କୁ ୩୫୦ ମିଲିୟନ ଡଲାରର ସାମରିକ ସହାୟତା ଯୋଗାଣ ନିମନ୍ତେ ବ୍ଲିଙ୍କେନ୍ ଘୋଷଣା କରିଥିଲେ।

## ବନ୍ଧୁକକୁ ନୀରବ କର


ଶାନ୍ତି ପାଇଁ ପୋପ୍‌ଙ୍କ ପରାମର୍ଶ

କ୍ରମାଗତ ୪ ଦିନ ହେଲା ୟୁକ୍ରେନ୍ ଉପରେ ରୁଷିଆ ଆକ୍ରମଣ ଜାରି ରଖିଥିବାବେଳେ କ୍ୟାଥୋଲିକ୍ ଚର୍ଚ୍ଚ ମୁଖ୍ୟ ପୋପ୍ ଫ୍ରାନ୍ସିସ୍ ବନ୍ଧୁକକୁ ନୀରବ କରି ହିଂସାକାଣ୍ଡ ରୋକିବାକୁ ଆହ୍ୱାନ ଦେଇଛନ୍ତି। ଏଥିସହ ତୁରନ୍ତ ସେଠାରେ ମାନବୀୟ ସହାୟତା ଯୋଗାଇ ଦିଆଯିବା ଉପରେ ଗୁରୁତ୍ୱ ଦେଇଛନ୍ତି। ୟୁକ୍ରେନରୁ ଅନ୍ୟ ଦେଶକୁ ଯାଉଥିବା ଶରଣାର୍ଥୀମାନେ ଆମ ପରିବାର। ସେମାନଙ୍କୁ ସମସ୍ତ ଦେଶ ସହଯୋଗ କରିବାକୁ ପୋପ୍ କହିଛନ୍ତି। ଜାତିସଂଘ ଶରଣାର୍ଥୀ ଏଜେନ୍ସି ୟୁଏନ୍‌ଏଚ୍‌ସିଆର୍ ସୂଚନା ଅନୁସାରେ, ଗୁରୁବାରଠାରୁ ପ୍ରାୟ ୩,୬୮,୦୦୦ ୟୁକ୍ରେନ୍‌ବାସୀ ଦେଶ ଛାଡ଼ିଛନ୍ତି।

## ପୋଲାଣ୍ଡ ସୀମାରେ ଶତାଧିକ ଭାରତୀୟ



ୟୁକ୍ରେନରୁ ବାହାରି ଆସିଥିବା ଶତାଧିକ ଭାରତୀୟ ଛାତ୍ରୀଛାତ୍ର ଏବେ ପୋଲାଣ୍ଡ ସୀମାରେ ଅପେକ୍ଷା କରିଛନ୍ତି। ଭୀଷଣ ଥଣ୍ଡାରେ ପ୍ରାୟ ୪୮ ଘଣ୍ଟାରୁ ଅଧିକ ସମୟ ହେଲାଣି ସେମାନଙ୍କ ସାମଗ୍ରୀ ଧରି ପଡ଼ି ରହିଛନ୍ତି। ଜାତିସଂଘ ସୁରକ୍ଷା ପରିଷଦରେ ଭାରତ ରୁଷିଆ ବିରୋଧରେ ଆସିଥିବା ନିନ୍ଦା ପ୍ରସ୍ତାବରେ ଭୋଟ ଦେବାରୁ ବିରତ ରହିବା ପରେ ୟୁକ୍ରେନ୍‌ବାସୀ ସେମାନଙ୍କୁ ଭିନ୍ନ ଦୃଷ୍ଟିରେ ଦେଖୁଥିବା କେତେଜଣ ଭାରତୀୟ ଛାତ୍ରୀଛାତ୍ର ଅଭିଯୋଗ କରିଛନ୍ତି। ସେପଟେ ଯୁଦ୍ଧ ଜୋନ୍‌ରୁ ବାହାରି ଭାରତୀୟମାନେ ୟୁକ୍ରେନ୍‌ର ପଶ୍ଚିମ ସୀମା ଅଭିମୁଖେ ଯିବାକୁ ଭାରତୀୟ ଦୁତାବାସ ପକ୍ଷରୁ ଟୁଇଟ୍ କରାଯାଇଛି। ୟୁକ୍ରେନ୍‌ରେ ଫସିଥିବା ଭାରତୀୟଙ୍କୁ ଉଦ୍ଧାର କାର୍ଯ୍ୟ ଜାରି ରହିଛି। ଶନିବାର ଓ ରବିବାର ୩ଟି ବିମାନରେ ୭୦୯ ଛାତ୍ରୀଛାତ୍ରଙ୍କୁ ଭାରତ ଅଣାଯାଇଛି। ଅନ୍ୟ ଛାତ୍ରୀଛାତ୍ରୀଙ୍କୁ ଭାରତ ଫେରାଇ ଆଣିବା ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରବିବାର ଏକ ଉଚ୍ଚସ୍ତରୀୟ ବୈଠକ କରିଛନ୍ତି।

### ୨ ଦିନରେ ଫେରିଛନ୍ତି ୭୦୯ ଛାତ୍ରୀଛାତ୍ର

## ଆମ ନେତା ମୂର୍ଖ: ଟ୍ରମ୍ପ୍

ୟୁକ୍ରେନ୍ ଉପରେ ରୁଷିଆ ଆକ୍ରମଣକୁ ନେଇ ଆମେରିକା ପୂର୍ବତନ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ନିଜ ସରକାରଙ୍କୁ ସମାଲୋଚନା କରିଛନ୍ତି। ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍ ସମସ୍ୟା ନୁହଁନ୍ତି କିନ୍ତୁ ଆମ ନେତା ମୁର୍ଖ ବୋଲି ଟ୍ରମ୍ପ୍ କହିଛନ୍ତି। କଞ୍ଜରଭେଟିଭ୍ ପଲିଟିକାଲ ଆକ୍ସନ୍ କନ୍‌ଫରେନ୍ସରେ ଟ୍ରମ୍ପ୍ କହିଛନ୍ତି, ରାଷ୍ଟ୍ରପତି ଜୋ ବାଇଡେନ୍‌ଙ୍କ ଦୁର୍ବଳତା ଯୋଗୁ ରୁଷିଆ ୟୁକ୍ରେନ୍ ଉପରେ ଆକ୍ରମଣ କରିଛି। ଯଦି ଆମେରିକା ରାଷ୍ଟ୍ରପତି ନିର୍ବାଚନ ନିରପେକ୍ଷ ହୋଇଥାନ୍ତା ତେବେ ଏପରି ଭୟଙ୍କର ସ୍ଥିତି ଉପୁଜି ନ ଥାନ୍ତା। ନାଟୋ ମଧ୍ୟ ରୁଷିଆର ମନୋବଳ ଭାଙ୍ଗିବା ବଦଳରେ କେବଳ କଟକଣା ଲଗାଇ ଚତୁରତାର ପରିଚୟ ଦେଇନି।


ରୁଷିଆର ସେଣ୍ଟ ପିଟର୍ସବର୍ଗରେ ଯୁଦ୍ଧ ବିରତି ଦାବିରେ ଆନ୍ଦୋଳନରତ ଜଣେ ମହିଳାଙ୍କୁ ପୋଲିସ ଉଠାଇ ନେଉଛି।

## ବିଦେଶୀ ମୁଦ୍ରା ଭଣ୍ଡାର ୨.୭୬ ବିଲିୟନ ଡଲାର ବୃଦ୍ଧି

**ମୁମ୍ବାଇ:** ଦେଶରେ ବିଦେଶୀ ମୁଦ୍ରା ଭଣ୍ଡାର ପରିମାଣରେ ୨.୭୬୨ ବିଲିୟନ ଡଲାର ବୃଦ୍ଧି ହୋଇ ୬୩୨.୯୫ ବିଲିୟନ ଡଲାରରେ ପହଞ୍ଚିଛି। ସେହିଭଳି ଗୋଲ୍ଡ ରିଜର୍ଭର ମୂଲ୍ୟରେ ମଧ ବୃଦ୍ଧି ଘଟିବା ସହ ମୁଖ୍ୟ ମୁଦ୍ରା ସମ୍ପତ୍ତିରେ ବୃଦ୍ଧି ଯୋଗୁ ବିଦେଶୀ ମୁଦ୍ରା ଭଣ୍ଡାରରେ ବୃଦ୍ଧି ଘଟିଛି। ଚଳିତ ସପ୍ତାହର ବଜାର କାରବାରକୁ ନେଇ ନିକଟରେ ଭାରତୀୟ ରିଜର୍ଭ ବ୍ୟାଙ୍କ (ଆରବିଆଇ) ପକ୍ଷରୁ ଏଭଳି କିଛି ସୂଚନା ଦିଆଯାଇଛି। ଗତ ସପ୍ତାହରେ ବିଦେଶୀ ମୁଦ୍ରା ଭଣ୍ଡାରରେ ୧.୭୬୩ ବିଲିୟନ ଡଲାର ହ୍ରାସ ହୋଇ ୬୩୦.୧୯ ବିଲିୟନ ଡଲାରରେ ରହିଥିଲା। ଆରବିଆଇ ପକ୍ଷରୁ ଜାରି କରାଯାଇଥିବା ସାପ୍ତାହିକ ତଥ୍ୟ ଅନୁସାରେ ବିଦେଶୀ ମୁଦ୍ରା ସମ୍ପତ୍ତିରେ ବୃଦ୍ଧି ଯୋଗୁ ବିଦେଶୀ ମୁଦ୍ରା ଭଣ୍ଡାରର ପରିମାଣରେ ବୃଦ୍ଧି ଘଟିଛି।

# ଆକାଶ ବାଇଜୁସ୍ ଭୌମନଗର ଶାଖାର ସଫଳତା



୨୦୨୧ ଏନ୍‌ଟିଏସ୍‌ଇ ପର୍ଯ୍ୟାୟ -୨ ପରୀକ୍ଷାରେ କୃତକାର୍ଯ୍ୟ ଛାତ୍ରୀଛାତ୍ରଙ୍କୁ ସମ୍ମାନିତ କରାଯାଉଛି।

ଭୁବନେଶ୍ୱର, ୨୭।୨

ଆକାଶ ବାଇଜୁସର ଭୌମନଗର ଶାଖା ପୁଣିଥରେ ନିଜ ସଫଳତା ପ୍ରତିପାଦନ କରିଛି। ଚଳିତ ଥର ୨୦୨୧ ଏନ୍‌ଟିଏସ୍‌ଇ ପର୍ଯ୍ୟାୟ -୨ ପରୀକ୍ଷାରେ ଏହି ଶାଖାର ୧୬ ଜଣ ଛାତ୍ରୀଛାତ୍ରମାନେ କୃତକାର୍ଯ୍ୟ ହୋଇଛନ୍ତି। ଉକ୍ତ ଅନୁଷ୍ଠାନର ଛାତ୍ରୀ ପ୍ରିୟଙ୍କା ସର ଏନ୍‌ଟିଏସ୍‌ଇ ପରୀକ୍ଷାରେ ରାଜ୍ୟର ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ସେ ସର୍ବମୋଟ୍ ୨୦୦ ମାର୍କରୁ ୧୬୭ ନମ୍ବର ରଖିବାରେ ସଫଳ ହୋଇଛନ୍ତି। ଏହାର ସମସ୍ତ ସଫଳ ଛାତ୍ରୀଛାତ୍ରଙ୍କୁ ଆକାଶ ବାଇଜୁସର ଆଞ୍ଚଳିକ ନିର୍ଦ୍ଦେଶକ ଏ.ବି. ସିଂ ସମ୍ମାନିତ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଶାଖାର ବହୁ ଶିକ୍ଷୟିତ୍ରୀ ଶିକ୍ଷକ ଉପସ୍ଥିତ ଥିଲେ।

# ଦୁର୍ବଳ ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡ଼ିକୁ ସହାୟତା ଦେବେ ସରକାର

ନୂଆଦିଲ୍ଲୀ, ୨୭।୨

ଦେଶର କିଛି ପ୍ରମୁଖ ଦୁର୍ବଳ ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡ଼ିକୁ କେନ୍ଦ୍ର ସରକାର ଖୁବ୍ ଶିଘ୍ର ସହାୟତା ରାଶି ପ୍ରଦାନ କରିବେ ବୋଲି ସୂଚନା ମିଳିଛି। ସେଥିମଧ୍ୟରୁ ସେଣ୍ଟ୍ରାଲ ବ୍ୟାଙ୍କ ଅଫ୍ ଇଣ୍ଡିଆ ଏବଂ ପଞ୍ଜାବ ଆଣ୍ଡ ସିନ୍ଧ୍ ବ୍ୟାଙ୍କ ପ୍ରମୁଖ ରହିଛନ୍ତି। ଦୁର୍ବଳ ପବ୍ଲିକ ସେକ୍ଟର ଋଣଦାତାମାନେ ଚଳିତ ଆର୍ଥିକ ବର୍ଷ ପାଇଁ ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡ଼ିକରେ ପୁଞ୍ଜି ବିନିଯୋଗ ଲାଗି ୧୫,୦୦୦ କୋଟି ଟଙ୍କାର ସରକାରୀ ସହାୟତା ପାଇବେ। ଏହା ବିଶେଷକରି ସାର୍ବଜନୀନ କ୍ଷେତ୍ର ବ୍ୟାଙ୍କସ (ପିଏସ୍‌ବି) ନିୟାମକ ଆବଶ୍ୟକତା ପୂରଣ କରିବାରେ ସାହାଯ୍ୟ କରିବ। ଏହି ୧୫,୦୦୦ କୋଟି ଟଙ୍କାର ପୁଞ୍ଜି ବିନିଯୋଗ ଅଧିକାଂଶ ବ୍ୟାଙ୍କକୁ ଯିବ, ଯାହା ପୂର୍ବ ବର୍ଷରେ ଅଣ-ସୁଧ-ବଣ୍ଡ ଜରିଆରେ ମଧ ଆବଶ୍ୟକ ଟଙ୍କା ପାଇଥିଲା। କାରଣ ଭାରତୀୟ ରିଜର୍ଭ ବ୍ୟାଙ୍କ (ଆରବିଆଇ)ର ଏହି ଉପକରଣଗୁଡ଼ିକର ଠିକ୍ ମୂଲ୍ୟବୋଧ ଉପରେ କିଛି ଯୋଜନା କରାଯାଇଥିଲା। ଆରବିଆଇର ସୂଚନା ଅନୁଯାୟୀ ଶୂନ-କୁପନ ବଣ୍ଡ ମାଧ୍ୟମରେ ଗତ ବର୍ଷ ତିଆରି ହୋଇଥିବା ଇନଫ୍ୟୁଜନର ନିଟ୍ ମୂଲ୍ୟ ରିହାତିରେ ଦିଆଯାଇଥିବା ହେତୁ ଫେସ୍ ମୂଲ୍ୟଠାରୁ ବହୁତ କମ୍ ରହିଛି ବୋଲି କୁହାଯାଉଛି। ଏହି ସ୍ୱତନ୍ତ୍ର ସିକ୍ୟୁରିଟିଗୁଡ଼ିକ ୧୦-୧୫ ବର୍ଷର କାର୍ଯ୍ୟକାଳ ସହିତ ଅଣ-ସୁଧ ବହନ ଏବଂ ସମାନ ମୂଲ୍ୟରେ ମୂଲ୍ୟବାନ ବଣ୍ଡଗୁଡିକ ସାଧାରଣତ-ଅଣ-ସୁଧ ବହନ କରିଥାଏ। ସେହିଭଳି ବ୍ୟାଙ୍କଗୁଡିକ ପାଇଁ ପ୍ରଭାବଶାଳୀ ଟାୟାର୍ ୧ର ପୁଞ୍ଜି ସ୍ତର ନିୟାମକ ଆବଶ୍ୟକତାଠାରୁ କମ୍ ହୋଇପାରେ। ସେହିପରି ଇଣ୍ଡିଆ ରେଟିଂ ଏବଂ ରିସର୍ଚ୍ଚ ଅନୁଯାୟୀ, ଗତ ବର୍ଷ ଶୂନ-କୁପନ ବଣ୍ଡ ମାଧ୍ୟମରେ ଭାରତ ସରକାର ୫ଟି ପିଏସବିରେ ଇକ୍ୱିଟିର ଉଚିତ ମୂଲ୍ୟ ୫୦ରୁ ୧୭୫ ଆଧାର ପଏଣ୍ଟ ମଧ୍ୟରେ ବ୍ୟାଙ୍କର ପ୍ରଭାବଶାଳୀ ଟାୟାର ୧ ପୁଞ୍ଜି ସ୍ତରକୁ ହ୍ରାସ କରିପାରେ।

**୧୫,୦୦୦ କୋଟି ଟଙ୍କାର ସରକାରୀ ସହାୟତା ମିଳିବ**

ଏହା ପୂର୍ବରୁ ପଞ୍ଜାବ ଆଣ୍ଡ ସିନ୍ଧ ବ୍ୟାଙ୍କ ସରକାରଙ୍କୁ ଅଗ୍ରାଧିକାର ଭିତ୍ତିରେ ୪,୬୦୦ କୋଟି ଟଙ୍କା ମୂଲ୍ୟର ଇକ୍ୱିଟି ପୁଞ୍ଜି ସଂଗ୍ରହ କରିବାକୁ ବୋର୍ଡ ଅନୁମୋଦନ ଲାଭ କରିଛି। ୨୦୨୨-୨୩ ବଜେଟରେ ସରକାର ପୁଞ୍ଜି ବିନିଯୋଗ ଲକ୍ଷ୍ୟକୁ ୨୦୨୧-୨୨ ପାଇଁ ୨୦,୦୦୦ କୋଟିରୁ ୧୫,୦୦୦ କୋଟି ଟଙ୍କାକୁ ଖସାଇ ଦେଇଛନ୍ତି। ୨୦୨୧ ମାର୍ଚ୍ଚରେ ବ୍ୟାଙ୍କ ଅଫ୍ ଇଣ୍ଡିଆ, ଇଣ୍ଡିଆନ୍ ଓଭରସିଜ୍ ବ୍ୟାଙ୍କ, ସେଣ୍ଟ୍ରାଲ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ଏବଂ ୟୁକୋ ବ୍ୟାଙ୍କରେ ୧୪,୫୦୦ କୋଟି ଟଙ୍କା ଅନୁସରଣ କରାଯାଇଥିଲା। ସେଣ୍ଟ୍ରାଲ ବ୍ୟାଙ୍କ ଅଫ ଇଣ୍ଡିଆ ୪,୮୦୦ କୋଟି, ୟୁକୋ ବ୍ୟାଙ୍କ ୨,୬୦୦ କୋଟି, ବ୍ୟାଙ୍କ ଅଫ ଇଣ୍ଡିଆ ୩୦୦୦ କୋଟି ଏବଂ ଇଣ୍ଡିଆନ ଓଭରସିଜ ବ୍ୟାଙ୍କ ୪,୧୦୦ କୋଟି ଟଙ୍କା ପାଇଛନ୍ତି।

ଜନ୍ମଦିନର ଶୁଭେଚ୍ଛା



(ମହାବୀର)
ସତ୍ୟଜୀତ୍ ବେହେରା
ସ୍ଥାନ: ବାଲିପାଟଣା
ଶ୍ରୀଜଗନ୍ନାଥ, ପ୍ରଭୁ ଲିଙ୍ଗରାଜଙ୍କ କୃପାରୁ ତୋ ଚଲାପଥ କୁସୁମିତ ହେଉ। ମହାପ୍ରଭୁ ଶ୍ରୀଅଖଣ୍ଡେଶ୍ୱର ଜନ୍ମ ଦିନରେ ଦୀର୍ଘାୟୁ ସହ ବୁଦ୍ଧି ଓ ବିଦ୍ୟା ପ୍ରଦାନ କରନ୍ତୁ।
ଶୁଭେଚ୍ଛା ସହ: ବାପା, ମାଆ, ଜେଜେବାପା, ଜେଜେମାଆ, ନାନା, ଆଈ, ମାମୁ, ମାଇଁ, ମଉସା, ମାଉସୀ, ରୋସନ୍, ରୋସ୍ନି, ଲିକି, ତପୁ, ଦୀପୁ, ପ୍ରୀତୀ, ଗୁଗୁ, ପାପାଲି, ଦୀପାଲି, ଲୁସି ଆଣ୍ଟି, ବନ୍ଧୁ ଓ ପରିବାରବର୍ଗ।
ଧ-୨୩୨୬୦

# ଟାଟା ଷ୍ଟିଲ୍‌ର ଟିଏମ୍‌ଟି ବାର୍ ପରିବହନ

ନୂଆଦିଲ୍ଲୀ, ୨୭।୨

ଟାଟା ଷ୍ଟିଲ୍ ପକ୍ଷରୁ ବ୍ରହ୍ମପୁତ୍ର ନଦୀରେ ଇଣ୍ଡୋ-ବାଂଲାଦେଶ ପ୍ରୋଟୋକଲ୍ ରୁଟ୍‌କୁ ବ୍ୟବହାର କରି ପଶ୍ଚିମବଙ୍ଗର ହଳଦିଆରୁ ଆସାମର ପାଣ୍ଡୁ ବନ୍ଦରକୁ ୧୮୦୦ ଟନ୍ ଫିନିଶଡ୍ ଷ୍ଟିଲ୍ ଉତ୍ପାଦ ପରିବହନ କରାଯାଇଛି। ଟାଟା ଷ୍ଟିଲ୍‌ର ଟିଏମ୍‌ଟି ବାର୍‌ଗୁଡ଼ିକ ରେଳ ଜରିଆରେ ହଳଦିଆ ବନ୍ଦର ପର୍ଯ୍ୟନ୍ତ ଅଣାଯିବା ପରେ ତାହାକୁ ନଦୀ ପଥରେ ପରିବହନ କରିବା ଲାଗି ସେଠାରୁ ବ୍ୟବସ୍ଥା କରାଯାଇଥିଲା। ଟାଟା ଷ୍ଟିଲ୍‌ର ଫିନିଶଡ୍ ଉତ୍ପାଦକୁ ପରିବହନ କରିବା ଲାଗି ପ୍ରସ୍ତୁତ ଥିବା କଳ୍ପନା ଚାୱଲା ବାର୍ଜକୁ ଗତ ସପ୍ତାହରେ କେନ୍ଦ୍ର ବନ୍ଦର, ଜାହାଜ ଓ ଜଳପଥ ମନ୍ତ୍ରୀ ସର୍ବାନନ୍ଦ ସୋନାୱାଲ ପତାକା ଦେଖାଇ ଉନ୍ମୋଚନ କରିଥିବା ବେଳେ ଉଦଘାଟନୀ ସମାରୋହରେ ବନ୍ଦର, ଜାହାଜ ଓ ଜଳପଥ ରାଷ୍ଟ୍ରମନ୍ତ୍ରୀ ଶାନ୍ତନୁ ଠାକୁର, ବିଭାଗୀୟ ସଚିବ ଡ. ସଞ୍ଜୀବ ରଞ୍ଜନ, ଏସପିଏମ୍ ପୋର୍ଟ ଟ୍ରଷ୍ଟର ଅଧ୍ୟକ୍ଷ ବିନିତ କୁମାର, ଟାଟା ଷ୍ଟିଲ୍‌ର ଯୋଗାଣ ଶୃଙ୍ଖଳ ଉପସଭାପତି ଓ ଟିଏମ୍ ଇଣ୍ଟରନ୍ୟାଶନାଲ୍ ଲଜିଷ୍ଟିକ୍ସ ଲିମିଟେଡ୍‌ର ଅଧ୍ୟକ୍ଷ ପୀୟୂଷ ଗୁପ୍ତା, ଟାଟା ଷ୍ଟିଲ୍‌ର ଚିଫ୍ ଗ୍ରୁପ୍ ଶିପିଂ ରଞ୍ଜନ ସିହ୍ନା ଓ ଟିଏମ୍‌ଆଇଏଲ୍‌ଏଲ୍‌ର ଏମ୍‌ଡି ଦିନେଶ ଶାସ୍ତ୍ରୀ ଉପସ୍ଥିତ ଥିଲେ।

# ନୂଆ ଷ୍ଟାର୍ଟଅପ୍ 'ସେଫ୍ ଜଙ୍କସନ୍'ର ଶୁଭାରମ୍ଭ

ଭୁବନେଶ୍ୱର, ୨୭।୨

ଦେଶରେ ଷ୍ଟାର୍ଟଅପ୍ ଓ ଉଦ୍ୟମିତାର ବିକାଶ ଲାଗି ରାଜ୍ୟର ଅଗ୍ରଣୀ ଇନ୍‌କ୍ୟୁବେସନ୍ ସେଣ୍ଟର୍ 'ଅଟଳ ଇନ୍‌କ୍ୟୁବେସନ ସେଣ୍ଟର-ନାଳନ୍ଦା ଇନଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି ଫାଉଣ୍ଡେଶନ' (ଏଆଇସି-ନାଳନ୍ଦା) ପକ୍ଷରୁ ନିକଟରେ ନୂଆ ଷ୍ଟାର୍ଟଅପ୍ ସଂସ୍ଥା 'ସେଫ୍ ଜଙ୍କସନ୍'ର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ଭାରତ ସରକାରଙ୍କ ନୀତି ଆୟୋଗର ଏଆଇଏମ୍ ଦ୍ୱାରା ସହାୟତା ହାସଲ କରିଥିବା ଏଆଇସି-ନାଳନ୍ଦା ପକ୍ଷରୁ ଏଥିପାଇଁ 'ଷ୍ଟାର୍ଟଅପ୍ ଲଞ୍ଚପ୍ୟାଡ ସିରିଜ୍'ର ୪ର୍ଥ ପର୍ଯ୍ୟାୟ ଆୟୋଜନ କରାଯାଇଥିଲା। ବିଶେଷ କରି ସେଫ୍ ଜଙ୍କସନ୍ ହେଉଛି ଏକ ଖାଦ୍ୟ ଡେଲିଭରି ଦେଉଥିବା ପ୍ଲାଟଫର୍ମ, ଏହା ଗ୍ରାହକଙ୍କ ପାଖରେ ରନ୍ଧା ଖାଦ୍ୟ ପହଞ୍ଚାଉଛି। ଏହି ସଂସ୍ଥା ଏଆଇସି-ନାଳନ୍ଦାରେ ଇନ୍‌କ୍ୟୁବେସନ୍‌ରେ ଥିଲା। ୨୦୨୦ରେ ମହାମାରୀ ବ୍ୟାପିବା ସମୟରେ ସେଫ୍ ଜଙ୍କସନ୍ ଏହାର ଯାତ୍ରା ଆରମ୍ଭ କରିଥିଲା ଏବଂ ସାରା ସହରରୁ ହାତଗଣତି ହୋମ୍ ସେଫ୍‌ଙ୍କୁ ଚିହ୍ନଟ କରି ସେମାନେ ସ୍ୱଚ୍ଛତାର ସହ ପ୍ରସ୍ତୁତ କରୁଥିବା ରନ୍ଧା ଖାଦ୍ୟଗୁଡ଼ିକୁ ଗ୍ରାହକଙ୍କ ନିକଟରେ ପହଂଚାଉଛି। ସେଫ୍ ଜଙ୍କସନ୍‌ର ଆପ୍ ଗୁଗୁଲ୍ ପ୍ଲେ ଷ୍ଟୋର୍ ଓ ଆପଲ୍ ଆପ୍ ଷ୍ଟୋର୍‌ରେ ଉପଲବ୍ଧ ରହିଛି। ଏହା ଅଧୀନରେ ଶତାଧିକ ହୋମ୍ ସେଫ୍ ରହିଛନ୍ତି ଏବଂ ସେମାନେ ୧୦୦୦ରୁ ଅଧିକ ପ୍ରକାର ଖାଦ୍ୟ ପ୍ରସ୍ତୁତ କରି ପ୍ଲାଟଫର୍ମ ଜରିଆରେ ଗ୍ରାହକଙ୍କ ନିକଟରେ ପହଞ୍ଚାଉଛନ୍ତି। ଅନ୍ୟ ଖାଦ୍ୟ ଡେଲିଭରି ଆପ୍‌ଗୁଡ଼ିକଠାରୁ ଭିନ୍ନ ଥିବା ସେଫ୍ ଜଙ୍କସନ୍ ଘରେ ଉଚ୍ଚ ଗୁଣାତ୍ମକ ମାନ ଓ ସ୍ୱଚ୍ଛତାକୁ ବଜାୟ ରଖି ପ୍ରସ୍ତୁତ କରାଯାଉଥିବା ବିବିଧ ଖାଦ୍ୟ ଯଥା ପୋହାଠାରୁ ପିଜା ପର୍ଯ୍ୟନ୍ତ ବହୁତ କିଛି ଲୋକଙ୍କ ନିକଟରେ ପହଞ୍ଚାଉଛି। ଏ ସମ୍ପର୍କରେ ସେଫ୍ ଜଙ୍କସନ୍‌ର ସହ ପ୍ରତିଷ୍ଠାତା ସୂର୍ଯ୍ୟାଂଶୁ ପଣ୍ଡା କହିଛନ୍ତି, ଏହା ଜରିଆରେ ବହୁ ମହିଳା ହୋମ୍ ସେଫ୍ ହେବା ଲାଗି ଅନୁପ୍ରାଣିତ ହୋଇଛନ୍ତି।


# ଏ୨୭ ସ୍ମାର୍ଟଫୋନ୍‌ର ବଜାର ପ୍ରବେଶ

ନୂଆଦିଲ୍ଲୀ, ୨୭।୨

ବଜେଟ ସ୍ମାର୍ଟଫୋନ୍ ସେଗ୍‌ମେଣ୍ଟରେ ଏକ ନମ୍ବର ବ୍ରାଣ୍ଡ ଆଇଟେଲ୍ ପକ୍ଷରୁ ଏହାର ଆକର୍ଷଣୀୟ ଏ ସିରିଜ୍ ପୋର୍ଟଫୋଲିଓରେ ଏକ ନୂତନ ଉତ୍ପାଦ ଆଇଟେଲ୍ ଏ୨୭କୁ ବଜାର ପ୍ରବେଶ କରାଯାଇଛି। ଏହି ଡିଭାଇସ୍‌ରେ ଏଆଇ ପାୱାର ସହିତ ଏକ ୪୦୦୦ ଏମ୍‌ଏଏଚ୍‌ର ଶକ୍ତିଶାଳୀ ବ୍ୟାଟେରି, ବ୍ରାଇଟ୍ ଫୁଲ୍ ସ୍କ୍ରିନ୍ ଡିସ୍‌ପ୍ଲେ ଓ ଡୁଆଲ ସିକ୍ୟୁରିଟି ଫିଚର ଭଳି ଉନ୍ନତ ଟେକ୍ନୋଲୋଜିକାଲ ଫିଚରରେ ପ୍ୟାକ୍ ହୋଇ ରହିଛି। ଏ୨୭ର ମୂଲ୍ୟ ୫୯୯୯ଟଙ୍କା ରହିଛି। ଏ ସମ୍ପର୍କରେ ଟ୍ରାନ୍‌ସନ ଇଣ୍ଡିଆର ସିଇଓ ଅରିଜିତ୍ ତାଲାପାତ୍ର କହିଛନ୍ତି, ଗ୍ରାମାଂଚଳ ବଜାରଗୁଡିକରେ ବିସ୍ତୃତ ଉପଭୋକ୍ତା ଅନୁସନ୍ଧାନ ଉପରେ ଆଧାର କରି, ଆମେ ନୂଆ ଆଇଟେଲ୍ ଏ୨୭ ସ୍ମାର୍ଟଫୋନ୍‌କୁ ଲଞ୍ଚ କରିବା ପାଇଁ ଅତ୍ୟଧିକ ଖୁସି ଅନୁଭବ କରୁଛୁ।

# ବେଦାନ୍ତ ଆଲୁମିନିୟମ ପକ୍ଷରୁ 'ରେଷ୍ଟୋରା'ର ଶୁଭାରମ୍ଭ

ଭୁବନେଶ୍ୱର, ୨୭।୨



ବେଦାନ୍ତ ଆଲୁମିନିୟମ ପକ୍ଷରୁ ଭାରତରେ ପ୍ରଥମ ସ୍ୱଳ୍ପ କାର୍ବନ ଗ୍ରୀନ ଆଲୁମିନିୟମ ରେଷ୍ଟୋରା'ର ଶୁଭାରମ୍ଭ କରାଯାଇଛି। କମ୍ପାନୀ ଦୁଇଟି ଉତ୍ପାଦ ରେଷ୍ଟୋରା (ସ୍ୱଳ୍ପ କାର୍ବନ ଗ୍ରୀନ୍ ଆଲୁମିନିୟମ) ଓ ରେଷ୍ଟୋରା ଅଲଟ୍ରା (ଅଲଟ୍ରା ଲୋ କାର୍ବନ ଆଲୁମିନିୟମ)ର ଅତ୍ୟାଧୁନିକ ଜ୍ଞାନକୌଶଳ ଅଧୀନରେ ଆବଶ୍ୟକ କାର୍ଯ୍ୟ ଆରମ୍ଭ କରିଛି। ବେଦାନ୍ତ ଆଲୁମିନିୟମ ହେଉଛି ପ୍ରଥମ ପ୍ରମୁଖ ଅଣଧାତୁ ଭାରତୀୟ ଧାତୁ ଉତ୍ପାଦକ, ଯାହାକି ଗ୍ରାହକମାନଙ୍କ ପାଇଁ ସ୍ୱଳ୍ପ କାର୍ବନ ଉତ୍ପାଦ (ପ୍ରାଥମିକ ଆଲୁମିନିୟମ) ଉତ୍ପାଦନ କରିଥାଏ। ଏହା ୨୦୫୦ସୁଦ୍ଧା ନେଟ ଜିରୋ କାର୍ବନ ହାସଲ କରିବା ଦିଗରେ କାର୍ଯ୍ୟ ଓ ପ୍ରତିଶ୍ରୁତି ପୂରଣର ଆଉ ଏକ ସଫଳ ପଦକ୍ଷେପ ବୋଲି କୁହାଯାଉଛି।

ରେଷ୍ଟୋରା ଟେକ୍ନୋଲୋଜିକୁ ନେଇ କମ୍ପାନୀ ସ୍ୱଳ୍ପ କାର୍ବନ ଆଲୁମିନିୟମ ପାଇଁ ରହିଥିବା ବିଶ୍ୱସ୍ତରୀୟ ଚାହିଦାକୁ ପୂରଣ କରିପାରିବ। ଅକ୍ଷୟ ଶକ୍ତି ବ୍ୟବହାର କରି କମ୍ପାନୀ ବିଶ୍ୱସ୍ତରୀୟ ଆଲୁମିନିୟମ ସ୍ମେଲଟରରେ ବେଦାନ୍ତର ରେଷ୍ଟୋରାକୁ ପ୍ରସ୍ତୁତ କରିଛି। ଏ ସମ୍ପର୍କରେ ବେଦାନ୍ତ ଲିମିଟେଡର ସିଇଓ-ଆଲୁମିନିୟମ ବ୍ୟବସାୟ, ରାହୁଲ ଶର୍ମା କହିଛନ୍ତି, ଏହା ଆମର ପରିଚାଳନାକୁ ଡିକାର୍ବନାଇଜ କରିବା ସହିତ ଗ୍ରାହକମାନଙ୍କୁ ସ୍ଥାୟୀ ଆଲୁମିନିୟମ ଉତ୍ପାଦ ଓ ଉପଯୁକ୍ତ ପ୍ରତିଯୋଗିତାମୂଳକ ସୁବିଧା ଯୋଗାଇ ପାରିବ। ଆମର ସାମଗ୍ରିକ ସମାଧାନଗୁଡ଼ିକ ବଜାରରେ ପ୍ରତିକ୍ରିୟାଶୀଳ ଓ ବିକାଶଶୀଳ ଆବଶ୍ୟକତାକୁ ପୂରଣ କରିବାରେ ସମର୍ଥ ହେବ। ଗ୍ରାହକମାନେ ବେଦାନ୍ତଠାରୁ କମ୍ କାର୍ବନଯୁକ୍ତ ପଦାର୍ଥ ପାଇପାରିବେ।

## ଫୁର୍‌ସତ୍

# ବିଜ୍ଞାନ ହିଁ ବିକାଶର ପାହାଚ



ପଦାର୍ଥ ବିଜ୍ଞାନୀ ସାର୍ ସି.ଭି. ରମଣ

**ଜାତୀୟ ବିଜ୍ଞାନ ଦିବସ**

ବିଜ୍ଞାନ ଦ୍ୱାରା ଯେ କୌଣସି ଦେଶ ଅବା ସମଗ୍ର ପୃଥିବୀର ବିକାଶ ସମ୍ଭବ ହୋଇ ପାରିଥାଏ। ବିଜ୍ଞାନକୁ ବିକାଶର ପାହାଚ କହିଲେ ଅତ୍ୟୁକ୍ତି ହେବ ନାହିଁ। ବିଜ୍ଞାନ ଦ୍ୱାରା କୃଷି କ୍ଷେତ୍ରଠାରୁ ଆରମ୍ଭ କରି ପ୍ରତିରକ୍ଷା, ସ୍ୱାସ୍ଥ୍ୟ ସେବା, ମହାକାଶ ବିକାଶ, ଭୂଗର୍ଭରୁ ଉତ୍ତୋଳନ, ନିର୍ମାଣ, ଭିତ୍ତିଭୂମି, ପରିବହନ, ଯୋଗାଯୋଗ, ସୂଚନା ପ୍ରଯୁକ୍ତି ତଥା ଦୈନନ୍ଦିନ ଜୀବନର ବହୁ କାର୍ଯ୍ୟ ଜଡ଼ିତ ହୋଇ ରହିଥାଏ।

ବିଜ୍ଞାନର ଗୁରୁତ୍ୱପୂର୍ଣ୍ଣ ଭୂମିକା ସମ୍ପର୍କରେ ସଚେତନତା ସୃଷ୍ଟି ଲାଗି ପ୍ରତିବର୍ଷ ଭାରତରେ ଜାତୀୟ ବିଜ୍ଞାନ ଦିବସ ପାଳନ କରାଯାଇଥାଏ। ୧୯୨୮ ଫେବୃୟାରୀ ୨୮ରେ ଭାରତୀୟ ପଦାର୍ଥ ବିଜ୍ଞାନୀ ସାର୍ ସି.ଭି. ରମଣଙ୍କ ଦ୍ୱାରା ଆବିଷ୍କୃତ ରମଣ ଇଫେକ୍ଟକୁ ସ୍ମରଣ କରିବା ଉଦ୍ଦେଶ୍ୟରେ ଏହି ଦିବସ ପାଳନ କରାଯାଇଥାଏ। ୧୯୩୦ରେ ଏହି ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ସି.ଭି. ରମଣଙ୍କୁ ୧୯୩୦ରେ ପଦାର୍ଥ ବିଜ୍ଞାନରେ ନୋବେଲ ପୁରସ୍କାରରେ ସମ୍ମାନିତ କରାଯାଇଥିଲା। ୧୯୮୬ରେ ନ୍ୟାଶନାଲ କାଉନସିଲ୍ ଫର୍ ସାଇନ୍ସ ଆଣ୍ଡ ଟେକ୍ନୋଲୋଜି କମ୍ୟୁନିକେଶନ ପକ୍ଷରୁ ଏହି ଦିବସ ପାଳନ ପାଇଁ ଘୋଷଣା କରାଯାଇଥିଲା। ଏହାପରେ ୧୯୮୭ଠାରୁ ଏହି ଦିବସ ପାଳିତ ହୋଇ ଆସୁଛି। ଏହି ଦିବସ ପାଳନ ଅବସରରେ ସର୍ବସାଧାରଣ ଭାଷଣ, ରେଡିଓ, ଟିଭି, ବିଜ୍ଞାନ, ଚଳଚ୍ଚିତ୍ର, ଥିମ୍ ଏବଂ ନୂତନ ଚିନ୍ତାଧାରା ଉପରେ ଆଧାରିତ ବିଜ୍ଞାନ ପ୍ରଦର୍ଶନୀ, ତର୍କ, କୁଇଜ୍ ପ୍ରତିଯୋଗିତା, ବକ୍ତୃତା, ବିଜ୍ଞାନ ମଡେଲ ପ୍ରଦର୍ଶନୀ ଏବଂ ଅନ୍ୟାନ୍ୟ କାର୍ଯ୍ୟକ୍ରମମାନ ଦେଶବ୍ୟାପୀ ଅନୁଷ୍ଠିତ ହୋଇଥାଏ। ମାନବ କଲ୍ୟାଣ ପାଇଁ ବିଜ୍ଞାନର ଉପଯୋଗ ଉପରେ ଏହି ଅବସରରେ ସଚେତନତା ସୃଷ୍ଟି କରାଯାଇଥାଏ।

# ତାଞ୍ଜାନିଆ ଭଉଣୀ-ଭାଇଙ୍କୁ ମୋଦିଙ୍କ ପ୍ରଶଂସା



**ମୁମ୍ବାଇ:** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ତାଙ୍କ 'ମନ୍ କୀ ବାତ୍' କାର୍ଯ୍ୟକ୍ରମ ଜରିଆରେ ରବିବାର ସୋସିଆଲ ମିଡିଆ ଷ୍ଟାର କିଲି ଏବଂ ତାଙ୍କ ଭଉଣୀ ନିମା ପଲ୍‌ଙ୍କୁ ଖୁବ୍ ପ୍ରଶଂସା କରିଛନ୍ତି। ମୋଦି କହିଛନ୍ତି, 'ଭାରତୀୟ ଗୀତକୁ ନେଇ ଦୁହିଁଙ୍କ ବେଶ୍ ଭଲପାଇବା ଓ ଆନ୍ତରିକତା ରହିଛି, ଏଥିପାଇଁ ସେ ଲୋକପ୍ରିୟ ହୋଇପାରିଛନ୍ତି'। ସୂଚନା ମୁତାବକ, ତାଞ୍ଜାନିଆର କିଲି ଏବଂ ନିମା ବଲିଉଡ୍ ଲୋକପ୍ରିୟ ଗୀତଗୁଡିକୁ ଗୁଣୁଗୁଣୁ ହୋଇ ଗାଇ ଭାରତୀୟ ଲୋକଙ୍କ ହୃଦୟରେ ନିଜର ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିପାରିଛନ୍ତି। ନିକଟରେ ଭାରତୀୟ କୂଟନୀତିଜ୍ଞ ବିନୟା ପ୍ରଧାନ ତାଞ୍ଜାନିଆରେ ଭାରତର ଉଚ୍ଚ ଆୟୋଗର କାର୍ଯ୍ୟାଳୟ ପରିଦର୍ଶନ କରିବା ସମୟରେ ସେଠାରେ କିଲିଙ୍କୁ ଭେଟିବା ସହ ତାଙ୍କୁ ସମ୍ମାନିତ କରିଥିଲେ।

MISSING



ନାମ: ଶାନ୍ତିଲତା ମାଝୀ, ବୟସ: ୫୨ବର୍ଷ, ତାରିଖ: ୦୧।୦୨।୨୦୨୨, ସମୟ: ସକାଳ ୮ଘଟିକା, ନିଖୋଜ ସ୍ଥାନ: ପାହାଳ, ଭୁବନେଶ୍ୱର, ଫୋନ୍ ନଂ.- 7205781448, 9438689362, 9668264078, 8658516702 ପାହାଳ ଥାନା କିମ୍ବା ନିକଟସ୍ଥ ପୋଲିସ୍ ଷ୍ଟେସନ୍‌କୁ ଯୋଗାଯୋଗ କରନ୍ତୁ। ଓ.ଆଇ.ସି- 9438411083.
ଧ-୨୩୨୧୮



# 'ଫୁଡ୍ କୋମା'ର ଶିକାର ହେଲେ ରଣବୀର

**ମୁମ୍ବାଇ:** ବଲିଉଡ୍ ଅଭିନେତା ରଣବୀର ସିଂ ଫିଲ୍ମରୁ ବିରତି ନେଇ ନ୍ୟୁୟର୍କରେ ସମୟ ଅତିବାହିତ କରୁଛନ୍ତି। ସେଠାରେ ଛୁଟି କଟାଉଥିବା ଅନେକ ଫଟୋ ସେ ଶେୟାର କରୁଛନ୍ତି। ଏହାସହ ସେଠାର ବିଭିନ୍ନ ଖାଦ୍ୟର ମଜା ନେଉଛନ୍ତି। ତେବେ ଅଧିକ ଖାଦ୍ୟ ଖାଇ ସେ 'ଫୁଡ୍ କୋମା'ର ଶିକାର ହୋଇଥିବା ଜଣାପଡ଼ିଛି। ନିଜ ସୋସିଆଲ ମିଡିଆ ଆକାଉଣ୍ଟରେ ଫଟୋ ଶେୟାର କରି 'ଫୁଡ୍ କୋମା'ର ଶିକାର ହୋଇଛନ୍ତି ବୋଲି ନିଜେ ରଣବୀର ଜଣାଇଛନ୍ତି। ସୂଚନା ମୁତାବକ, ନ୍ୟୁୟର୍କରେ ରଣବୀର ଟାକୋ, ହନି-ବଟର ଟୋଷ୍ଟ, ମାର୍ଶଲୋ, ପେଷ୍ଟ୍ରି ସହିତ ଅନେକ ସୁସ୍ୱାଦୁ ଖାଦ୍ୟର ସ୍ୱାଦ ଚାଖିଥିଲେ। ଏହି ସବୁ ଖାଦ୍ୟର ପ୍ରଭାବରେ ଏପରି ହୋଇଛି ବୋଲି ରଣବୀର କହିଛନ୍ତି। ସେ ଏ ନେଇ ୨ଟି ଫଟୋ ଶେୟାର କରିଛନ୍ତି, ଗୋଟେରେ ବହୁତ ବ୍ୟଞ୍ଜନ ସହ ନଜରକୁ ଆସିଥିବାବେଳେ ଅନ୍ୟଟିରେ 'ଫୁଡ୍ କୋମା'ର ଶିକାର ହୋଇ ପେଟରେ ହାତ ରଖି ଶୋଇଥିବା ଦେଖିବାକୁ ମିଳିଛି।

# ପୃଥିବୀ ନିକଟରେ ଗତି କରିବ ଉଲ୍‌କାପିଣ୍ଡ

**ନୂଆଦିଲ୍ଲୀ:** ଅନେକ ସମୟରେ ମହାକାଶରୁ ଛୋଟ ବଡ଼ ଉଲ୍‌କାପିଣ୍ଡ ସବୁ ଖସି ଆସି ପୃଥିବୀ ପୃଷ୍ଠରେ ପଡିଥାଏ। ବୈଜ୍ଞାନିକଙ୍କ ଗବେଷଣା ଅନୁଯାୟୀ, ଉଲ୍‌କାପିଣ୍ଡ ପାଇଁ ପୃଥିବୀରେ ଥିବା ଡାଇନୋସରଙ୍କ ଅନ୍ତ ଘଟିଛି। ହେଲେ ଏବେ ନାସାର ଆକଳନ ଅନୁଯାୟୀ, ମାର୍ଚ୍ଚ ୪ ସକାଳ ୭ଟା ୫୯ ସମୟରେ ଏକ ବୃହତ ଉଲ୍‌କାପିଣ୍ଡ ପୃଥିବୀ ନିକଟ ଦେଇ ଗତି କରିବ ; ଯାହାକି, ଦୁନିଆର ସର୍ବୋଚ୍ଚ କୋଠା ବୁର୍ଜ ଖଲିଫାଠାରୁ ମଧ ବହୁତ ବଡ। ନାସା ଏହି ଉଲ୍‌କାପିଣ୍ଡର ନାମ ୧୩୮୯୭୧ ରଖିବା ସହ ସେ ନିଜ ଡାଟାବେସ୍ ଜରିଆରେ ଏହାକୁ ଠାବ କରିଛି। ତେବେ ରିପୋର୍ଟ ମୁତାବକ, ତାହା ପୃଥିବୀଠାରୁ ୩ ମିଲିୟନ୍ ମାଇଲ୍ ଦୂରରେ ଗତି କରିବ। କିନ୍ତୁ ଯଦି ଏହା ପୃଥିବୀର ଗୁରୁତ୍ୱାକର୍ଷଣ ସଂସ୍ପର୍ଶରେ ଆସେ ତେବେ ବଡ଼ ଅସୁବିଧାର ସମ୍ମୁଖୀନ ହେବାକୁ ପଡିପାରେ। ବର୍ତ୍ତମାନ ଉଲ୍‌କାପିଣ୍ଡ ପୃଥିବୀଠାରୁ ଚନ୍ଦ୍ର ତୁଳନାରେ ୪ ଗୁଣରୁ ଅଧିକ ଦୂରରେ ଗତି କରିବ। ବୈଜ୍ଞାନିକଙ୍କ ମତରେ ସେମାନେ ଏତେ ବଡ ଉଲ୍‌କାପିଣ୍ଡ ଦେଖି ନ ଥିଲେ। ଏହି ପିଣ୍ଡକୁ ପୂର୍ବରୁ ୨୦୦୧ରେ ବୈଜ୍ଞାନିକମାନେ ଦେଖିଥିଲେ। ତା' ପରଠାରୁ ଏହା ଉପରେ ନଜର ରଖାଯାଇଥିଲା।



CLASSIFIED DISPLAY
MORE SPACE • SAME PRICE
TARIFF

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

GST 5%
ALL EDITION - B/W (Everyday)
for Booking Contact:
0674-2580385
8637280816,
7894447167, 9338226625

ବାଲାଜୀ ଫାଇନାନ୍ସ
ମାର୍କଶିଟ୍, ଆଧାରକାର୍ଡ, ପ୍ରପର୍ଟି, ଏଜୁକେଶନ୍, ପର୍ସନାଲ, ସବୁ ପ୍ରକାର ଋଣ।
1 ଲକ୍ଷରୁ 90 ଲକ୍ଷ ପର୍ଯ୍ୟନ୍ତ।
40% ଛାଡ଼।
ଘରେ ବସି ମାତ୍ର 1 ଦିନରେ।
ଠକମାନଙ୍କ ପ୍ରତି ସାବଧାନ।
ଥରେ ସେବାର ସୁଯୋଗ ନିଶ୍ଚୟ ଦିଅନ୍ତୁ।
77038 98439

!! LOAN !! LOAN !!
ଫୋନ୍ ମାଧ୍ୟମରେ ଲୋନ୍ କରାଯାଏ ନାହିଁ, ବ୍ୟାଙ୍କକୁ ଯିବା ଆବଶ୍ୟକ।
ଓଡିଶାର ସମସ୍ତ ଜିଲ୍ଲାରେ ପ୍ରଧାନମନ୍ତ୍ରୀ ରୋଜଗାର ଯୋଜନା ମାଧ୍ୟମରେ ଯଦି ଆପଣଙ୍କର କର୍ମଚାରୀଙ୍କ ଦରମା ସ୍ଲିପ୍ ଏବଂ ବ୍ୟବସାୟୀଙ୍କ ପାଇଁ ବ୍ୟବସାୟ ଲାଇସେନ୍ସ ଅଛି। ତେବେ ଆପଣ ଆପଣଙ୍କର ସ୍ଥାନୀୟ ବ୍ୟାଙ୍କରୁ ୫ଲକ୍ଷ ରୁ ୪୦ଲକ୍ଷ ପର୍ଯ୍ୟନ୍ତ ୮% ରୁ ୧୦% ସିକ୍ୟୁରିଟି ରେ ୧୨-୧୫ ଦିନ ମଧ୍ୟରେ ଲୋନ୍ ନେଇପାରିବେ।
ନୋଟ୍- ୧.ପ୍ରଥମେ ଲୋନ୍ ନିଅନ୍ତୁ, ତା ପରେ କମିସନ ଦିଅନ୍ତୁ। ୨.ପର୍ସନାଲ କିମ୍ବା କମ୍ପାନୀ ନାମରେ ଲୋନ୍ ନିଅନ୍ତୁ - କୌଣସି ଫାଇଲ୍ ଚାର୍ଜେସ୍, ବୀମା କିମ୍ବା ଅନ୍ୟ କୌଣସି ଚାର୍ଜେସ୍ ଦେଇ ଠକାମିର ଶୀକାର ହୁଅନ୍ତୁ ନାହିଁ।
+91 9038258863
+91 7797044021

ALL EDITION - B/W (Everyday)
for Booking Contact:
0674-2580385
8637280816,
7894447167, 9338226625

ପାଠକଙ୍କ ପାଇଁ ସୂଚନା: ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ବେରୋଜଗାରରୁ ସ୍ୱାବଲମ୍ବୀ ହୁଅନ୍ତୁ
ନିଜ ଘରେ ଡିସ୍‌ପୋଜେବଲ୍, ପ୍ଲାଷ୍ଟିକ୍ କପ୍, ପ୍ଲେଟ୍, ଗ୍ଲାସ୍, ମାସ୍କ, ଜୋତା, ଚପଲ, ମୋବାଇଲ ଚାର୍ଜର, ପାଣି ବୋତଲ, ୱାଲପେପର୍, ଏଲ୍‌ଇଡି ବଲ୍‌ବ, ଟିଶାର୍ଟ, ଚିପ୍ସ, କୁର୍‌କୁରେ, ସର୍ଫ, ସାବୁନ, କ୍ୟାରି ବ୍ୟାଗ୍, ଟବ୍, ବାଲ୍‌ଟି ଆଦିର ଫ୍ୟାକ୍ଟ୍ରି ବସାନ୍ତୁ।
କମ୍ପାନୀ ଘରେ ବସି କାମ ଦେବ କେବଳ ମାଲ୍ ତିଆରି କରନ୍ତୁ ଓ ତିଆରି ମାଲ୍ କମ୍ପାନୀକୁ ବିକନ୍ତୁ
ଛୋଟ ମେଶିନ୍, ବଡ଼ ଫାଇଦା, ଥରେ ସେଟ୍ ଅପ୍ କରନ୍ତୁ ସାରା ଜୀବନ ରୋଜଗାର କରନ୍ତୁ
ଦୈନିକ 12000+ ରୋଜଗାର କରନ୍ତୁ
ଛୋଟ ଚାକିରି ଛାଡ଼ି ନିଜ କମ୍ପାନୀର ମାଲିକ ହୁଅନ୍ତୁ
Contact: 7827633638

## କିଡ୍‌ନୀ ପାଇଁ କ୍ଷତିକାରକ ବାସିଖାଦ୍ୟ



**କୌ**ଣସି ଖାଦ୍ୟ ଅଧିକ ରାନ୍ଧି ଦେଇଥିଲେ, ସେସବୁ ନଷ୍ଟ ନହେବା ପାଇଁ ଆପଣ ତାକୁ ଫ୍ରିଜ୍‌ରେ ରଖିଥା'ନ୍ତି। ହେଲେ ବିଶେଷଜ୍ଞଙ୍କ ଅନୁସାରେ ଖାଦ୍ୟ ବେଶିଦିନ ଫ୍ରିଜ୍‌ରେ ରହିଲେ ସେଥିରେ ଫଙ୍ଗସ୍ ହୋଇଯାଏ। ଏହି ଖାଦ୍ୟକୁ ଖାଇବା ଦ୍ୱାରା ବ୍ୟାକ୍ଟେରିଆଲ ଇନ୍‌ଫେକ୍ସନ ହୋଇପାରେ। ଏହାକୁ ସେପ୍ସିସ ରୋଗ କୁହାଯାଏ। ତେବେ ଅଧିକାଂଶ ସମୟ ବାସିଖାଦ୍ୟ ଖାଇଲେ ତାହାର ପ୍ରଭାବ କିଡ୍‌ନୀ ଉପରେ ପଡ଼ିବାର ଆଶଙ୍କା ରହିଛି। 'ବାସିଖାଦ୍ୟ ଓ କିଡ୍‌ନୀ ସମସ୍ୟା' ଶୀର୍ଷକ ବିଷୟକୁ ନେଇ ସିଡ୍‌ନୀ ୟୁନିଭର୍ସିଟିର ବିଶେଷଜ୍ଞମାନେ ଏକ ପରୀକ୍ଷା କରିଥିଲେ। ଏପରି ଖାଦ୍ୟ ଫଙ୍ଗସ୍ ସଂସ୍ପର୍ଶରେ ଆସିବା ଦ୍ୱାରା ତାହା ଶରୀର ପାଇଁ କ୍ଷତିକାରକ ସାବ୍ୟସ୍ତ ହୋଇଥାଏ। ବିଶେଷ ଭାବରେ ଏହାର ପ୍ରଭାବ କିଡ୍‌ନୀ ଉପରେ ପଡ଼ିବାର ଯଥେଷ୍ଟ ଆଶଙ୍କା ରହିଛି ବୋଲି ସେମାନେ ସତର୍କ କରାଇ ଦେଇଛନ୍ତି।

## ଅଣ୍ଟା ଯନ୍ତ୍ରଣା ହେଉଥିଲେ...

**ଅ**ଣ୍ଟା ଯନ୍ତ୍ରଣା ଏକ ସାଧାରଣ କଥା ପାଲଟିଗଲାଣି କହିଲେ ଆଦୌ ଭୁଲ ହେବ ନାହିଁ। ବିଶେଷଭାବରେ ଓଜନ ବୃଦ୍ଧି ଯୋଗୁ ଏପରି ସମସ୍ୟା ଦେଖାଯିବାର ଆଶଙ୍କା ଅଧିକ ଥାଏ। ତେବେ ଯଦି ଆପଣ ଏପରି ସମସ୍ୟାର ସମ୍ମୁଖୀନ ହୋଇଛନ୍ତି, ତେବେ ତାହାକୁ ଅବହେଳା କରନ୍ତୁ ନାହିଁ। ଏଥିରୁ ଉପଶମ ପାଇବା ଲାଗି ଡାକ୍ତରଙ୍କ ସହ ପରାମର୍ଶ କରନ୍ତୁ। ତା'ସହ କେତୋଟି ବିଷୟ ପ୍ରତି ଧ୍ୟାନ ଦେବାକୁ ଭୁଲନ୍ତୁ ନାହିଁ। ଯଦି ଗୋଟିଏ ସ୍ଥାନରେ ବସିଛନ୍ତି, ତେବେ ହଠାତ୍ ଉଠନ୍ତୁ ନାହିଁ। ଏପରି ଉଠନ୍ତୁ, ଯେମିତି ତାହାର ପ୍ରଭାବ ଅଣ୍ଟା ଉପରେ ପଡ଼ିବ ନାହିଁ। ଶିଡ଼ି ଯେତେ କମ୍ ଚଢ଼ିବେ ସେତେ ଭଲ। ଓଜନିଆ ଜିନିଷ ଉଠାନ୍ତୁ ନାହିଁ। କାରଣ ଏହାଦ୍ୱାରା ଅଣ୍ଟା ଯନ୍ତ୍ରଣା ବଢ଼ି ଯାଇଥାଏ। ଅଣ୍ଟା ଯନ୍ତ୍ରଣାରୁ ରକ୍ଷା ପାଇବା ପାଇଁ ପ୍ରଥମେ ନିଜର ଓଜନକୁ ସନ୍ତୁଳିତ ରଖନ୍ତୁ। ଏଥିପାଇଁ କେତେକ ବ୍ୟାୟାମ ରହିଛି। ସେ ବିଷୟରେ ବ୍ୟାୟାମ ଏକ୍ସପର୍ଟଙ୍କ ସହ ଆଲୋଚନା କରନ୍ତୁ।



## ଦାନ୍ତବିନ୍ଧା ସହ ସେଲ୍‌ର ସମ୍ପର୍କ



**ଦାନ୍ତ** ବିନ୍ଧିବା ଏକ ସାଧାରଣ କଥା ପାଲଟି ଗଲାଣି। ହେଲେ, ଥଣ୍ଡା ଯୋଗୁ ଦାନ୍ତମୂଳ ବେଶି ବିନ୍ଧିଥାଏ। ଏହାର ସମ୍ପର୍କ 'ଆମେଲୋବ୍ଲାଷ୍ଟ' ନାମକ କୋଷ (ସେଲ୍) ସହ ରହିଛି ବୋଲି କାଲିଫର୍ନିଆ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ ପ୍ରକାଶ କରିଛନ୍ତି। ଏହା ଭିତରେ ଥିବା ପ୍ରେଟ୍ରୋଷ୍ଟିଲିବେନ୍ ଏବଂ ବ୍ଲୁ ବେରିକ ନାମକ ତତ୍ତ୍ୱ ବଢ଼ିଗଲେ ଥଣ୍ଡା ଯୋଗୁ ଦାନ୍ତମୂଳ ବିନ୍ଧିଥାଏ ବୋଲି ପ୍ରକାଶିତ ରିପୋର୍ଟରେ ଉଲ୍ଲେଖ କରାଯାଇଛି। ବେଳେବେଳେ ଏହା ଯୋଗୁ ଦାନ୍ତର ଏନାମେଲ୍ ଖରାପ ହୋଇ ଦାନ୍ତ ନଷ୍ଟ ହେବାର ଆଶଙ୍କା ଦେଖାଦିଏ। 'ଥଣ୍ଡାରୁ ଦାନ୍ତବିନ୍ଧା ଓ ସେଲ୍' ଶୀର୍ଷକ ବିଷୟବସ୍ତୁକୁ ନେଇ ସେମାନେ ଗବେଷଣା କରିବା ସମୟରେ ଏପରି କଥା ଜାଣିପାରିଥିଲେ। ଏହି ସମୟରେ ସେମାନେ କୋଷ (ସେଲ୍)ଗୁଡ଼ିକୁ ତନ୍ନ ତନ୍ନ କରି ପରୀକ୍ଷା କରି ଏପରି ତଥ୍ୟ ବିଷୟରେ ଅଧିକ ସୂଚନା ପାଇଥିଲେ ।

# ବିଜ୍ଞାନ ଭାବନା



ଡା. ନିତ୍ୟାନନ୍ଦ ସ୍ୱାଇଁ

**ଇଂ**ରେଜ ପଦାର୍ଥ ବିଜ୍ଞାନୀ ଜନ୍ ଜିମ୍ୟାନ୍ କହିଥିଲେ,'ବିଜ୍ଞାନ ହେଉଛି ସାମାଜିକ।' ତେଣୁ ସମାଜ ବା ଜନସାଧାରଣଙ୍କ ସହ ବିଜ୍ଞାନ ଓତପ୍ରୋତ ଭାବେ ଜଡ଼ିତ। ତେଣୁ ବୈଜ୍ଞାନିକ ଆବିଷ୍କାର-ଉଦ୍ଭାବନାରେ କେବଳ ବୈଜ୍ଞାନିକମାନଙ୍କର ସ୍ୱାର୍ଥ ନିହିତ ନ ଥାଏ। ଏହା ହେଉଛି ସମସ୍ତଙ୍କର ଅଧିକାରଭୁକ୍ତ। ସେଥିପାଇଁ କୁହାଯାଇଛି, 'ବିଜ୍ଞାନ ସମସ୍ତଙ୍କର, ସମସ୍ତଙ୍କ ଦ୍ୱାରା ଓ ସମସ୍ତଙ୍କ ପାଇଁ।' ଭାରତୀୟ ରସାୟନ ବିଜ୍ଞାନୀ ଡକ୍ଟର ଆତ୍ମାରାମ ଯଥାର୍ଥରେ କହିଥିଲେ,''କଳକାରଖାନାର ଶ୍ରମିକ, କୃଷିକ୍ଷେତ୍ରରେ କୃଷକ ଏବଂ ପ୍ରତ୍ୟେକ ପରିବାର ପ୍ରତ୍ୟେକ ସଦସ୍ୟଙ୍କ ନିକଟରେ ବିଜ୍ଞାନ-ଜ୍ଞାନକୁ ପହଞ୍ଚେଇବା ବିଜ୍ଞାନୀମାନଙ୍କର କର୍ତ୍ତବ୍ୟ।''

> ''ସବୁ ଲୋକ ବିଜ୍ଞାନୀ ହେବେ ନାହିଁ କି ହୋଇପାରିବେନି ମଧ୍ୟ। କିନ୍ତୁ ସବୁ ଲୋକ ସେମାନଙ୍କ ଦୈନନ୍ଦିନ ଜୀବନରେ ବୈଜ୍ଞାନିକ ମନୋଭାବ ପୋଷଣ କରିବା ଅପରିହାର୍ଯ୍ୟ। ପ୍ରତ୍ୟେକ ବିଷୟ ଓ ଘଟଣାକୁ ବିଜ୍ଞାନର ଆଖିରେ ଦେଖିବା ଏବଂ ଯୁକ୍ତିର ଦୃଷ୍ଟିକୋଣ ନେଇ ବିଚାର କରିବା ହିଁ ବୈଜ୍ଞାନିକ ମନୋଭାବର ଲକ୍ଷଣ। ବୈଜ୍ଞାନିକ ମନୋଭାବ ପୋଷଣ କଲେ ହିଁ ଜନସାଧାରଣଙ୍କ ଚେତନାରେ ଏକ ମୌଳିକ ପରିବର୍ତ୍ତନ ସମ୍ଭବ ହୋଇପାରିବ।''

ସବୁ ଲୋକ ବିଜ୍ଞାନୀ ହେବେ ନାହିଁ କି ହୋଇପାରିବେନି ମଧ୍ୟ। କିନ୍ତୁ ସବୁ ଲୋକ ସେମାନଙ୍କ ଦୈନନ୍ଦିନ ଜୀବନରେ ବୈଜ୍ଞାନିକ ମନୋଭାବ ପୋଷଣ କରିବା ଅପରିହାର୍ଯ୍ୟ। ପ୍ରତ୍ୟେକ ବିଷୟ ଓ ଘଟଣାକୁ ବିଜ୍ଞାନର ଆଖିରେ ଦେଖିବା ଏବଂ ଯୁକ୍ତିର ଦୃଷ୍ଟିକୋଣ ନେଇ ବିଚାର କରିବା ହିଁ ବୈଜ୍ଞାନିକ ମନୋଭାବର ଲକ୍ଷଣ। ବୈଜ୍ଞାନିକ ମନୋଭାବ ପୋଷଣ କଲେ ହିଁ ଜନସାଧାରଣଙ୍କ ଚେତନାରେ ଏକ ମୌଳିକ ପରିବର୍ତ୍ତନ ସମ୍ଭବ ହୋଇପାରିବ। ବିଜ୍ଞାନ ଯେତେବେଳେ ଜନସାଧାରଣଙ୍କ ଜୀବନ ସହ ଅଙ୍ଗାଙ୍ଗୀଭାବେ ସଂପୃକ୍ତ ହୋଇପାରିବ, ସେତେବେଳେ ହିଁ ତାହା ଲାଭ କରିପାରିବ ସାର୍ଥକତା। ଅନେକ ବିଜ୍ଞାନୀ ତଥା ବୁଦ୍ଧିଜୀବୀଙ୍କ ବିଚାରରେ ବୈଜ୍ଞାନିକ ମନୋବୃତ୍ତି ହେଉଛି ବିଜ୍ଞାନର ସର୍ବଶ୍ରେଷ୍ଠ ଆବିଷ୍କାର।

ଆପଣମାନଙ୍କ ମଧ୍ୟରୁ କେହି କେହି 'ସିଟିଜେନ୍ ସାଇନ୍ସ' ବିଷୟରେ ଶୁଣିଥାଇ ପାରନ୍ତି କି ପଢ଼ିଥାଇ ପାରନ୍ତି ମଧ୍ୟ। ଏହାକୁ ଆମେ 'ନାଗରିକ ବିଜ୍ଞାନ' ବୋଲି କହିପାରିବା। ନାଗରିକ ବିଜ୍ଞାନକୁ ମଧ୍ୟ 'ଗୋଷ୍ଠୀ ବିଜ୍ଞାନ' ବା 'ଜନ ବିଜ୍ଞାନ' ବୋଲି କୁହାଯାଉଛି। ଏହାର ଅର୍ଥ ହେଲା ବୈଜ୍ଞାନିକ ଗବେଷଣାରେ ଜନସାଧାରଣଙ୍କର ସକ୍ରିୟ ସଂପୃକ୍ତି ଏବଂ ସହଯୋଗ। ଏହା ସାକାର ହୋଇପାରିଲେ ଜନସାଧାରଣ ମଧ୍ୟ ବିଜ୍ଞାନ ଜ୍ଞାନକୁ ସମୃଦ୍ଧ କରିବାରେ ଗୁରୁତ୍ୱପୂର୍ଣ୍ଣ ଅବଦାନ ଦେଇପାରିବେ। ନିଜେ ବି କରିପାରିବେ ବୈଜ୍ଞାନିକ ଆବିଷ୍କାର। ଫଳରେ ବିଜ୍ଞାନ ଚର୍ଚ୍ଚା ଆଉ କେବଳ ବୈଜ୍ଞାନିକମାନଙ୍କ ମଧ୍ୟରେ ସୀମିତ ରହିପାରିବନି।

ଜନସାଧାରଣଙ୍କୁ ବିଜ୍ଞାନ ବିଦ୍ୱେଷୀ କରାଇବାରେ ବିଜ୍ଞାନୀମାନେ ହିଁ ପ୍ରଧାନତଃ ଦାୟୀ। ବୈଜ୍ଞାନିକମାନଙ୍କ ବିଜ୍ଞାନ ସମ୍ପର୍କିତ ଲେଖାଗୁଡ଼ିକରେ ବୈଜ୍ଞାନିକ ପରିଭାଷା ସମ୍ବଳିତ କ୍ଲିଷ୍ଟ ଶବ୍ଦଗୁଡ଼ିକର ବ୍ୟବହାର ଯୋଗୁ ସେଭଳି ଲେଖାମାନ ପାଠମାନଙ୍କ ବିତୃଷ୍ଣାର କାରଣ ହୋଇପଡୁଛି। ପୁଣି ବିଜ୍ଞାନୀମାନଙ୍କଠାରେ ଅଣବିଜ୍ଞାନୀ ଜନସାଧାରଣଙ୍କ ବିଜ୍ଞାନ ଜ୍ଞାନ ପରଖିବାରେ ପ୍ରବୃତ୍ତି ଯୋଗୁ ଜନସାଧାରଣ ବିଜ୍ଞାନ ପ୍ରତି ବୀତସ୍ପୃହ ହୋଇପଡୁଛନ୍ତି। ବିଜ୍ଞାନ ନାଁରେ ଜନସାଧାରଣଙ୍କ ପାରମ୍ପରିକ ବହୁ ଧାରଣାରେ ବିରୋଧ କରିବା ମଧ୍ୟ ଜନସାଧାରଣଙ୍କୁ ବିଜ୍ଞାନୀ-ବିରାଗୀ କରାଇବାରେ ଅନ୍ୟତମ ପ୍ରମୁଖ କାରଣ। ସେମାନଙ୍କ ସାମାଜିକ ପ୍ରଥା, ରୀତିନୀତି ଓ ଚଳଣିଗୁଡ଼ିକୁ ଅନ୍ଧବିଶ୍ୱାସ ଓ କୁସଂସ୍କାର ବୋଲି କହି ସମାଲୋଚନା କରିବା ଯୋଗୁ ମଧ୍ୟ ଜନସାଧାରଣ ବିଜ୍ଞାନ ପ୍ରତି ବିଦ୍ରୋହୀ ହୋଇ ପଡୁଛନ୍ତି।




ବିଜ୍ଞାନ ହିଁ ଅସମ୍ଭବକୁ ସମ୍ଭବ କରାଇପାରିଛି। ମଣିଷକୁ ମର୍ତ୍ତ୍ୟରୁ ନେଇ ପହଞ୍ଚେଇ ଦେଇଛି ମହାକାଶରେ। ମେଶିନ୍‌ଦ୍ୱାରା ନିଜର ଅଧିକାଂଶ କାମ କରାଇ ନେଇପାରୁଛି। ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, ପରିବେଶ ଆଦି ପ୍ରତ୍ୟେକ କ୍ଷେତ୍ରରେ ବିଜ୍ଞାନର ଅବଦାନ ଅନସ୍ୱୀକାର୍ଯ୍ୟ। ବିଜ୍ଞାନକୁ ଉନ୍ନତି ପଥରେ ଅଗ୍ରସର କରାଇବାରେ ହିଁ ସେହି ବିଜ୍ଞାନ ଦାୟୀ। ତେଣୁ ବିଜ୍ଞାନର ଅସୁମାରି ଜ୍ଞାନ ଓ ତଥ୍ୟକୁ ଜନସାଧାରଣଙ୍କ ନିକଟରେ ପହଞ୍ଚେଇବା ପାଇଁ ବିଜ୍ଞାନୀମାନେ ହିଁ ଦୃଢ଼ ତଥା ସକ୍ରିୟ ପଦକ୍ଷେପ ନେବା ସ୍ପୃହଣୀୟ। ତେବେ ବିଜ୍ଞାନ ସମ୍ପର୍କିତ ସେମାନଙ୍କ ଯେ କୌଣସି ପ୍ରକାରର ଉପସ୍ଥାପନା ହେବ ସରଳ, ସଂକ୍ଷିପ୍ତ, ଗ୍ରହଣୀୟ ଓ ଆକର୍ଷଣୀୟ। ତାହା ପୁଣି ହୋଇଥିବ କୌତୂହଳ ଉଦ୍ରେକକାରୀ। ତାହା ହିତକର ହୋଇ ନ ପାରିଲେ ଜନସାଧାରଣ ସେଥିପ୍ରତି ଆଗ୍ରହୀ ହେବେ ଅବା କାହିଁକି ?

> ଆଜି ହେଉଛି 'ଜାତୀୟ ବିଜ୍ଞାନ ଦିବସ'। ସେ ସମ୍ପର୍କିତ ବିଷୟକୁ ନେଇ ଉପସ୍ଥାପନା..

ବୈଜ୍ଞାନିକ ଗବେଷଣା ପରିପ୍ରେକ୍ଷୀରେ ଦେଖିଲେ ପୃଥିବୀରେ ଭାରତର ସ୍ଥାନ ଦଶମ। ଏପରିକି କେତେକ ନିର୍ଦ୍ଦିଷ୍ଟ ଶାଖାରେ ଭାରତର ସ୍ଥାନ ଆହୁରି ଉଚ୍ଚରେ। ମହାକାଶ ଗବେଷଣା କ୍ଷେତ୍ରରେ ପୃଥିବୀର ପ୍ରଥମ ଛଅଟି ରାଷ୍ଟ୍ର ମଧ୍ୟରେ ଭାରତ ରହିଛି। ଭାରତ ୧୩୦କୋଟି ଲୋକଙ୍କ ଆଶା ଆକାଂକ୍ଷା ଓ ସ୍ୱପ୍ନକୁ ଉପେକ୍ଷା କରିପାରିବନି। କିନ୍ତୁ ଏହାକୁ କେବଳ ବିଜ୍ଞାନ ହିଁ ଚରିତାର୍ଥ କରିପାରିବ। ବିଜ୍ଞାନ ଜନସାଧାରଣଙ୍କ ଉନ୍ନତି କଳ୍ପେ ଅଭିପ୍ରେତ ହୋଇଥିବାରୁ ବିଜ୍ଞାନକୁ ପୁରାଣ, ଧର୍ମଶାସ୍ତ୍ର ଓ ପାରମ୍ପରିକ ବିଶ୍ୱାସର ପ୍ରିଜମ୍ ସାହାଯ୍ୟରେ ଅବଲୋକନ କରିବା ନିଶ୍ଚିତ ଭାବରେ ଏକ ବିଚାର ବିଭ୍ରାଟ। ମାତ୍ର ବିଗତ କିଛି ବର୍ଷ ଭିତରେ ପ୍ରମାଣକୁ ଉପେକ୍ଷା କରି ପୁରାଣ, ଧର୍ମବାସ୍ତୁ ଓ ବିଶ୍ୱାସ ଭିତ୍ତିରେ ବିଜ୍ଞାନର ଉପସ୍ଥାପନ କରିବାର ପ୍ରବଣତା କେତେକ ବୈଜ୍ଞାନିକଙ୍କଠାରେ ପରିଲକ୍ଷିତ ହେଉଛି। କତିପୟ ବୈଜ୍ଞାନିକ ବିଜ୍ଞାନର ମୌଳିକ ନୀତି- ପ୍ରମାଣ ସାପେକ୍ଷତା ଏବଂ ସିଦ୍ଧାନ୍ତ ସାପେକ୍ଷତାର ଅବମାନନା କରି ଏପରି ସବୁ ମନ୍ତବ୍ୟ ଦେଇଚାଲିଛନ୍ତି। ତାହା ଯେତିକି ଚିନ୍ତାଜନକ, ସେତିକି ଲଜ୍ଜାଜନକ ମଧ୍ୟ। ସେମାନଙ୍କ ଉକ୍ତି ବୈଜ୍ଞାନିକ ମନୋବୃତ୍ତି ପୃଷ୍ଠପୋଷକତା କରିବାରେ ଶୋଚନୀୟ ଭାବରେ ବିଫଳ।

- 'ଅଭୀପ୍‌ସା', ସେକ୍ଟର-୬, ପ୍ଲଟ ନଂ-୧୧୩୧, ଅଭିନବ ବିଡ଼ାନାସୀ, କଟକ- ୧୪
ମୋ- ୯୪୩୭୭୬୬୧୧୭



## ଜାତୀୟ ବିଜ୍ଞାନ ଦିବସ : କିଛି କଥା



ଇଂ ମାୟାଧର ସ୍ୱାଇଁ

**ଆ**ମ ଦେଶରେ ପ୍ରତିବର୍ଷ ଫେବୃଆରୀ ୨୮ ତାରିଖକୁ ଜାତୀୟ ବିଜ୍ଞାନ ଦିବସ ଭାବେ ପାଳନ କରାଯାଉଛି। ଦେଶରେ ବିଜ୍ଞାନର ପ୍ରଚାର ଓ ପ୍ରସାର କରି ଲୋକମାନଙ୍କ ମନରୁ ଅନ୍ଧବିଶ୍ୱାସ ଓ କୁସଂସ୍କାର ଦୂର କରିବା ହେଉଛି ଏହାର ଉଦ୍ଦେଶ୍ୟ। ଏହା ସହିତ ଛାତ୍ରଛାତ୍ରୀମାନଙ୍କୁ ବିଜ୍ଞାନ ପଢିବା ପ୍ରତି ଆକୃଷ୍ଟ କରିବା, ସାଧାରଣ ଭାବେ ଲୋକମାନଙ୍କୁ ବିଜ୍ଞାନମନସ୍କ କରିବା ହେଉଛି ଏହାର ଅନ୍ୟତମ ଲକ୍ଷ୍ୟ। ଏହି ଦିନ ବିଭିନ୍ନ ସ୍କୁଲ, କଲେଜ ଓ ବିଜ୍ଞାନ ଅନୁଷ୍ଠାନଗୁଡିକରେ ବିଜ୍ଞାନ ସମ୍ବନ୍ଧରେ ବିଭିନ୍ନ ଆଲୋଚନା, ସେମିନାର ଅନୁଷ୍ଠିତ ହୋଇଥାଏ।

ସୂଚନାଯୋଗ୍ୟ ଆମ ଦେଶରେ ଜଣେ ଯଶସ୍ୱୀ ମହାନ ବୈଜ୍ଞାନିକ ଚନ୍ଦ୍ରଶେଖର ଭେଙ୍କଟରମଣ (ଯାହାକୁ ସି.ଭି. ରମଣ ଭାବେ ସମସ୍ତେ ଜାଣନ୍ତି) ୧୯୨୮ ମସିହା ଫେବୃଆରୀ ୨୮ ତାରିଖ ଦିନ ବିଜ୍ଞାନର ଏକ ଗୁରୁତ୍ୱପୂର୍ଣ୍ଣ ତତ୍ତ୍ୱ ଆବିଷ୍କାର କରିଥିଲେ। ଏହା ଆଲୋକ ବିଚ୍ଛୁରଣ ଉପରେ ପର୍ଯ୍ୟବେସିତ ଥିଲା ଏବଂ ଏହି ଆବିଷ୍କାରକୁ ତାଙ୍କ ନାମନୁସାରେ 'ରମଣ ପ୍ରଭାବ' କୁହାଯାଉଛି। ଏହି କୃତିତ୍ୱ ପାଇଁ ତାଙ୍କୁ ୧୯୩୦ ମସିହାରେ ପଦାର୍ଥ ବିଜ୍ଞାନରେ ମର୍ଯ୍ୟାଦଜନକ ନୋବେଲ ପୁରସ୍କାର ପ୍ରଦାନ କରାଯାଇଥିଲା। ବିଜ୍ଞାନରେ ନୋବେଲ ପୁରସ୍କାର ପାଇଁ ସେ ଥିଲେ ଏସିଆ ମହାଦେଶର ପ୍ରଥମ ବୈଜ୍ଞାନିକ। ଏଣୁ ତାଙ୍କ ସମ୍ମାନରେ ଫେବୃଆରୀ ୨୮ ତାରିଖକୁ ଆମ ଦେଶରେ 'ଜାତୀୟ ବିଜ୍ଞାନ ଦିବସ' ରୂପେ ପାଳନ କରାଯାଉଛି।



ସି.ଭି.ରମଣ

ସି.ଭି. ରମଣ ୧୮୮୮ମସିହା ନଭେମ୍ବର ମାସ ୭ତାରିଖରେ ତାମିଲନାଡୁର ତ୍ରିଚିନାପଲ୍ଲୀ ନିକଟସ୍ଥ ଗୋଟିଏ ଛୋଟ ଗାଁରେ ଜନ୍ମଗ୍ରହଣ କରିଥିଲେ। ମନରେ ପ୍ରଶ୍ନ ଆସେ ଯେ ଜାତୀୟ ବିଜ୍ଞାନ ଦିବସକୁ ତାଙ୍କ ଜନ୍ମ ଦିନରେ କାହିଁକି ପାଳନ କରାଗଲା ନାହିଁ ? ଏହା ତାଙ୍କୁ ଅଧିକ ସମ୍ମାନିତ କରିଥାଆନ୍ତା। ଯେପରି ଶିଶୁଦିବସ ନେହୁରୁଙ୍କ ଜନ୍ମତିଥିରେ, ଗୁରୁଦିବସ ସର୍ବପଲ୍ଲୀ ରାଧାକ୍ରିଷ୍ଣଙ୍କ ଜନ୍ମ ଦିବସରେ, ଜାତୀୟ ଯୁବ ଦିବସ ବିବେକାନନ୍ଦଙ୍କ ଜନ୍ମଦିବସରେ ପାଳନ କରାଯାଉଛି। ରମଣଙ୍କ ଜନ୍ମଦିବସକୁ ଜାତୀୟ ବିଜ୍ଞାନ ଦିବସ ଭାବେ କାହିଁକି ଗ୍ରହଣ କରାଗଲା ନାହିଁ? ଏହା ପଛର କାହାଣୀ ଅନେକଙ୍କୁ ଜଣା ନାହିଁ।

ବାସ୍ତବରେ ୧୮୮୬ମସିହାରେ ଜାତୀୟ ବିଜ୍ଞାନ ଦିବସ ପାଳନ କରିବା ପାଇଁ 'ଜାତୀୟ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ଯୋଗାଯୋଗ ପରିଷଦ'ରେ ଆଲୋଚନା ହେଲା। ସେତେବେଳେ ଏହାର ନିର୍ଦ୍ଦେଶକ ଥିଲେ ବିଶିଷ୍ଟ ବିଜ୍ଞାନ ପ୍ରଚାରକ ତଥା ଜନପ୍ରିୟ ବିଜ୍ଞାନ ଲେଖକ ନରେନ୍ଦର କୁମାର ସେହଗଲ୍। ଏଠାରେ ସି. ଭି. ରମଣଙ୍କ ସମ୍ମାନରେ ଏହି ଦିବସ ପାଳନ କରିବା ପାଇଁ ସ୍ଥିର ହେଲା ଏବଂ ସ୍ୱାଭାବିକ ଭାବେ ତାଙ୍କ ଜନ୍ମ ଦିବସ ନଭେମ୍ବର ମାସ ୭ତାରିଖକୁ ଏଥିପାଇଁ ସମସ୍ତ ସଭ୍ୟ ପ୍ରସ୍ତାବ ଦେଲେ। କିନ୍ତୁ ନିର୍ଦ୍ଦେଶକ ସେହଗଲ୍ ଏଥିରେ ରାଜି ନ ହୋଇ ରମଣଙ୍କ ଆବିଷ୍କାର ଦିନକୁ ଏଥିପାଇଁ ବାଛିଲେ। କାରଣ ହେଉଛି ନଭେମ୍ବର ୭ ମଧ୍ୟ ହେଉଛି ସେହଗାଲ୍‌ଙ୍କ ଜନ୍ମଦିବସ। ସେ ୧୯୪୦ ମସିହା ନଭେମ୍ବର ୭ତାରିଖରେ ଲାହୋରଠାରେ ଭୂମିଷ୍ଠ ହୋଇଥିଲେ। ଏଣୁ ଏହି ଦିନକୁ ପାଳନ କଲେ କେତେକ ସମାଲୋଚନା କରିପାରନ୍ତି ଯେ ନିର୍ଦ୍ଦେଶକ ନିଜ ଜନ୍ମଦିବସକୁ ଏଥିପାଇଁ ବାଛିଲେ। ଫଳରେ ଫେବୃଆରୀ ୨୮ତାରିଖକୁ ଜାତୀୟ ବିଜ୍ଞାନ ଦିବସଭାବେ ୧୯୮୭ମସିହାରୁ ପାଳନ କରାଗଲା। ଏହିଦିନ ଆମ ଭାରତୀୟ ମାନଙ୍କ ପାଇଁ ଗୌରବ ଦୃଷ୍ଟିରୁ କିଛି କମ୍ ନୁହେଁ।

- ୭୦, ଲକ୍ଷ୍ମୀବିହାର, ଫେଜ୍-୧, ଭୁବନେଶ୍ୱର-୧୮
ମୋ : ୯୪୩୮୬୯୩୭୨୪

## ଉପକାରୀ ସପୁରି


ସପୁରି ପାଟିକୁ ଯେମିତି ସୁଆଦିଆ ସ୍ୱାସ୍ଥ୍ୟ ପାଇଁ ମଧ ଉପକାରୀ। ଏଥିରେ ଔଷଧୀୟ ଗୁଣ ଭରି ରହିଛି। ଜାଣନ୍ତୁ ସେ ସମ୍ପର୍କରେ...

- ସପୁରିରେ ଥିବା ବ୍ରୋମେଲେନ୍ ଏନ୍‌ଜାଇମ୍ ଖାଦ୍ୟ ହଜମ କରିବାରେ ସାହାଯ୍ୟ କରେ। ତେବେ ଖାଇବା ପରେ ସପୁରିରେ କଳା ଲୁଣ ଓ ଗୋଲମରିଚ ଗୁଣ୍ଡ ମିଶାଇ ଖାଇପାରନ୍ତି।
- ପ୍ରତିଦିନ ଦୁଇରୁ ତିନି ଖଣ୍ଡ ସପୁରି ଖାଆନ୍ତୁ। ଏହା କଫଜନିତ ସମସ୍ୟା ଦୂର କରିବାରେ ସହାୟକ ହୋଇଥାଏ।
- କିଡ୍‌ନୀରେ ଷ୍ଟୋନ୍ ଯୋଗୁ ଯନ୍ତ୍ରଣା ହେଉଥିଲେ ପ୍ରତିଦିନ ଏକ ଗ୍ଲାସ୍ ସପୁରି ରସ ପିଅନ୍ତୁ।
- ଛୋଟ ପିଲାଙ୍କଠାରେ କୃମି ସମସ୍ୟା ଦେଖାଯାଏ। ପ୍ରତିଦିନ କିଛି ସପୁରି ଖଣ୍ଡ ପିଲାଙ୍କୁ ଖାଇବାକୁ ଦିଅନ୍ତୁ।
- ସପୁରିରେ ଥିବା ଆଣ୍ଟିଅକ୍ସିଡାଣ୍ଟ ଦାନ୍ତମାଢ଼ିକୁ ଶକ୍ତ ରଖେ। ଏହା କେଶ ଝଡ଼ିବାରୁ ମଧ୍ୟ ମୁକ୍ତି ଦେଇଥାଏ।
- ସକାଳ ଜଳଖିଆରେ ସପୁରିକୁ ନିହାତି ସାମିଲ କରନ୍ତୁ। କାରଣ ଏଥିରେ ପ୍ରଚୁର ମାତ୍ରାରେ ଜଳୀୟ ଅଂଶ ଭରି ରହିଛି।
- ପ୍ରତିଦିନ ସକାଳୁ ଗ୍ଲାସେ ସପୁରି ଜୁସ୍ ପିଅନ୍ତୁ। ସପୁରି ଓଜନ କମାଇବାରେ ମଧ ସାହାଯ୍ୟ କରେ।



## ସ୍ୱାସ୍ଥ୍ୟ ସୂଚନା

- ବୟସ ବଢ଼ିବା ସଙ୍ଗେ ସଙ୍ଗେ ଆମ ହାଡ଼ ଓ ମାଂସପେଶୀଗୁଡ଼ିକ ଧୀରେ ଧୀରେ ଦୁର୍ବଳ ହୋଇଯାଏ। ତେଣୁ ନିୟମିତ ସମୟ ବ୍ୟବଧାନରେ ସ୍ୱାସ୍ଥ୍ୟ ପରୀକ୍ଷା କରାଇ ନିଅନ୍ତୁ।
- ରାତିରେ ଖାଇବା ସମୟରେ ଆଦୌ ଗରିଷ୍ଠ ଖାଦ୍ୟ ଖାଆନ୍ତୁ ନାହିଁ। ସବୁବେଳେ ହାଲୁକା ଖାଦ୍ୟ ଖାଆନ୍ତୁ। ଆଉ ମନେରଖନ୍ତୁ, ଖାଇବା ପରେ ସଙ୍ଗେ ସଙ୍ଗେ ଶୁଅନ୍ତୁ ନାହିଁ।
- ବାହାରକୁ କୌଣସି ସ୍ଥାନକୁ ବୁଲିବାକୁ ଗଲାବେଳେ ପାଖରେ ସବୁବେଳେ କିଛି ଶୁଖିଲା ତଥା ହାଲୁକା ଖାଦ୍ୟ, ପାଣି ବୋତଲ ଓ ଦରକାରୀ ମେଡିସିନ୍ ରଖନ୍ତୁ।
- ଯଦି ଆପଣ ହୃଦ୍‌ରୋଗ, କ୍ୟାନ୍‌ସର ଭଳି ମାରାତ୍ମକ ରୋଗରେ ପୀଡ଼ିତ, ତେବେ ସଠିକ୍ ସମୟ ଅନ୍ତରାଳରେ ଡାକ୍ତରଙ୍କ ସହ ପରାମର୍ଶ କରନ୍ତୁ।
- ନିର୍ଦ୍ଦିଷ୍ଟ ସମୟ ଅନ୍ତରାଳରେ ଓଜନ ଚେକ୍ କରନ୍ତୁ। ଆଉ ଓଜନକୁ ସନ୍ତୁଳିତ ରଖିବା ପାଇଁ ଯୋଗ, ପ୍ରାଣାୟାମକୁ ମଧ୍ୟ ପ୍ରାଧାନ୍ୟ ଦିଅନ୍ତୁ।
- ଚିନ୍ତାରୁ ମୁକ୍ତି ପାଇବା ତଥା ସୁସ୍ଥ ରହିବା ପାଇଁ ନିଜର ମାନସିକତାକୁ ସବୁବେଳେ ସକାରାତ୍ମକ ରଖିବାକୁ ଚେଷ୍ଟା କରନ୍ତୁ।



# ଭାରତୀୟ ମହିଳା, ପୁରୁଷ ହକି ଦଳ ପରାସ୍ତ

ରଣଜୀ ଟ୍ରଫି

## ସୌରାଷ୍ଟ୍ରଠାରୁ ହାରିଲା ଓଡ଼ିଶା

**ଭୁବନେଶ୍ୱର, ୨୭।୨ (କ୍ରୀଡ଼ା ପ୍ରତିନିଧି):** ଅହମଦାବାଦରେ ରବିବାର ଶେଷ ହୋଇଥିବା ଏଲିଟ ଗ୍ରୁପ୍ 'ଡି' ରଣଜୀ ଟ୍ରଫି କ୍ରିକେଟ ମ୍ୟାଚରେ ଓଡ଼ିଶା ୧୩୧ ରନରେ ସୌରାଷ୍ଟ୍ରଠାରୁ ହାରି ଯାଇଛି। ଚଳିତ ସିଜନରେ ଗୋଆ ବିପକ୍ଷ ମ୍ୟାଚକୁ ଡ୍ର ରଖିବା ପରେ ଓଡ଼ିଶାର ୨ ମ୍ୟାଚରୁ ଏହା ପ୍ରଥମ ପରାଜୟ। ସୌରାଷ୍ଟ୍ରର ପ୍ରଥମ ଇନିଂସ ୫୦୧ ରନ ଜବାବରେ ଓଡ଼ିଶା ପ୍ରଥମ ଇନିଂସରେ ୧୬୫ରେ ଅଲ୍‌ଆଉଟ ହୋଇ ଫଲୋଅନ ଡାକରା ପାଇଥିଲା। ତୃତୀୟ ଦିବସର ଅସମାପ୍ତ ସ୍କୋର ୧୧୫/୫ରୁ ଖେଳ ଆରମ୍ଭ କରିଥିବା ଓଡ଼ିଶା ଅନ୍ତିମ ଦିବସରେ ୨୦୫ ରନକରି ଅଲଆଉଟ ହୋଇଯାଇଥିଲା। ଓଡ଼ିଶା ପକ୍ଷରୁ ଶାନ୍ତନୁ ମିଶ୍ର ସର୍ବାଧିକ ୬୫, ଅଭିଷେକ ରାଉତ ୪୧ ଓ ଅଧିନାୟକ ଶୁଭ୍ରାଂଶୁ ସେନାପତି ୨୫ ରନକରି ଆଉଟ ହୋଇଥିବାବେଳେ ରାଜେଶ ମହାନ୍ତି ୨୧ ରନରେ ଅପରାଜିତ ରହିଥିଲେ। ସୌରାଷ୍ଟ୍ର ବୋଲରଙ୍କ ମଧ୍ୟରେ ଧର୍ମେନ୍ଦ୍ରସିନ୍ ଜାଡେଜା ୮୮ ରନ ବିନିମୟରେ ୭ ଉଇକେଟ ସଫଳତା ପାଇଥିବାବେଳେ ଜୟଦେବ ଉନାଡକଟ୍‌ଙ୍କୁ ୨ଟି ଓ ଚେତନ ସାକାରିୟାଙ୍କୁ ଗୋଟିଏ ଉଇକେଟ ମିଳିଥିଲା।

**ସଂକ୍ଷିପ୍ତ ସ୍କୋର**

ସୌରାଷ୍ଟ୍ର ପ୍ରଥମ ଇନିଂସ: ୫୦୧। ଓଡ଼ିଶା ପ୍ରଥମ ଇନିଂସ: ୧୬୫/ଅଲ୍‌ଆଉଟ (ଫଲୋଅନ)। ଓଡ଼ିଶା ଦ୍ୱିତୀୟ ଇନିଂସ: ୨୦୫/ଅଲ୍‌ଆଉଟ (ଶାନ୍ତନୁ ମିଶ୍ର-୬୫, ଅଭିଷେକ ରାଉତ-୪୧, ଧର୍ମେନ୍ଦ୍ରସିନ୍ ଜାଡେଜା-୭/୮୮)।

**ଭୁବନେଶ୍ୱର, ୨୭।୨ (କ୍ରୀଡ଼ା ପ୍ରତିନିଧି)**

ଏଫ୍‌ଆଇଏଚ୍ ପ୍ରୋ ଲିଗ୍‌ର ଚଳିତ ସିଜନରେ ଭାରତୀୟ ମହିଳା ହକି ଦଳ ପ୍ରଥମ ପରାଜୟ ବରଣ କରିଛି। କଳିଙ୍ଗ ଷ୍ଟାଡିୟମରେ ରବିବାର ଅନୁଷ୍ଠିତ ମ୍ୟାଚରେ ଭାରତ ୩-୪ ଗୋଲରେ ସ୍ପେନ୍‌ଠାରୁ ହାରିଯାଇଛି। ସେହିପରି ଭାରତୀୟ ପୁରୁଷ ହକି ଦଳ ସମାନ ପ୍ରତିଦ୍ୱନ୍ଦ୍ୱୀଠାରୁ

## ଏଫ୍‌ଆଇଏଚ୍ ପ୍ରୋ ଲିଗ୍

୩-୫ ଗୋଲରେ ହାରିଛି।

**ଜାଣ୍ଟାଲଙ୍କ ଗୋଲ ନିର୍ଣ୍ଣାୟକ**

ପୂର୍ବ ମ୍ୟାଚରେ ପରାଜିତ ହୋଇଥିବାରୁ ସ୍ପେନ୍ ମହିଳା ଦଳ ସୁଚିନ୍ତିତ ରଣନୀତି ନେଇ ପଡ଼ିଆକୁ ଓହ୍ଲାଇଥିଲା। ଆରମ୍ଭରୁ ଆକ୍ରମଣାତ୍ମକ ଖେଳିଥିବା ସ୍ପେନ୍ ମ୍ୟାଚର ୪ର୍ଥ ମିନିଟରେ ବେଗୋନା ଗାର୍ସିଆଙ୍କ ଫିଲ୍ଡ ଗୋଲ ବଳରେ ଅଗ୍ରଣୀ ନେଇଥିଲା। ମାତ୍ର ଏହାର ୬ ମିନିଟ ପରେ ଅର୍ଥାତ୍ ୧୦ମ ମିନିଟରେ ଭାରତର ସଙ୍ଗୀତା



ମ୍ୟାଚ ପରେ ଦୁଃଖାଭିଭୂତ ଭାରତୀୟ ମହିଳା ହକି ଦଳ।

କୁମାରୀ ଏକ ଫିଲ୍ଡ ଗୋଲ ଦେଇ ମ୍ୟାଚକୁ ସମାନ ସ୍ତରକୁ ନେଇ ଆସିଥିଲେ। ପ୍ରଥମ କ୍ୱାର୍ଟର ଶେଷ କ୍ଷଣରେ ସ୍ପେନ୍‌କୁ ଏକ ପେନାଲ୍ଟି କର୍ନର ମିଳିଥିଲା। ୧୫ତମ ମିନିଟରେ ମାଇଆଲେନ ଗାର୍ସିଆ ଏହାକୁ ଗୋଲରେ ପରିଣତ କରି ସ୍ପେନ୍‌କୁ ପୁଣି ଅଗ୍ରଣୀ କରାଇଥିଲେ। ୨୨ତମ ମିନିଟରେ ଭାରତର ସାଲିମା ଟେଟେ ଓ ୨୪ତମ ମିନିଟରେ ସ୍ପେନ୍‌ର ବେଲେନ ଇଗ୍ଲେସିଆସ ଗୋଟିଏ ଲେଖାଏ ଫିଲ୍ଡ ଗୋଲ ଦେଇଥିଲେ। ଫଳରେ ପ୍ରଥମାର୍ଦ୍ଧ ଶେଷ ବେଳକୁ ସ୍ପେନ ୩-୨ରେ ଅଗ୍ରଣୀ ରହିଥିଲା। ୪ର୍ଥ କ୍ୱାର୍ଟରର ୪ର୍ଥ ଅର୍ଥାତ୍ ମ୍ୟାଚର ୪୯ତମ ମିନିଟରେ ଭାରତ ପକ୍ଷରୁ ପ୍ରତିନିଧିତ୍ୱ କରୁଥିବା ଓଡ଼ିଶାର ନମିତା ଟପ୍ପୋ ଏକ ଫିଲ୍ଡ ଗୋଲ ଦେଇ ମ୍ୟାଚକୁ ସମାନ ସ୍ତରକୁ ନେଇ ଆସିଥିଲେ। ମ୍ୟାଚ ଡ୍ରରେ ଶେଷ ହେବାକୁ ଯାଉଥିବାବେଳେ ଶେଷ କ୍ଷଣରେ ସ୍ପେନ୍‌କୁ ଏକ ପେନାଲ୍ଟି କର୍ନର ମିଳିଥିଲା। ଗିନେ ଜାଣ୍ଟାଲଙ୍କ ଶଟ୍ ଭାରତୀୟ ଗୋଲପୋଷ୍ଟ ନେଟ୍ ସ୍ପର୍ଶ କରିବାରେ ସକ୍ଷମ ହୋଇଥିଲା। ମ୍ୟାଚ ଶେଷ ହେବାପାଇଁ ଆଉ ମାତ୍ର ୩୫ ସେକେଣ୍ଡ ଥିବାବେଳେ ଜାଣ୍ଟାଲଙ୍କ ଏହି ଗୋଲ ନିର୍ଣ୍ଣାୟକ ହୋଇଥିଲା। ପ୍ରକାଶଯୋଗ୍ୟ ଯେ, ଏହା ପୂର୍ବରୁ ମସ୍କଟରେ ଅନୁଷ୍ଠିତ ୨ଟି ମ୍ୟାଚରେ ଭାରତ ଯଥାକ୍ରମେ ୭-୧ ଓ ୨-୧ ଗୋଲରେ ଚାଇନାକୁ ହରାଇ ଥିଲା। ଶନିବାର ଏଠାରେ ଅନୁଷ୍ଠିତ ମ୍ୟାଚରେ ସ୍ପେନ୍‌କୁ ୨-୧ ଗୋଲରେ ହରାଇ ଅପରାଜେୟ ଥିଲା।

## ପଦାର୍ପଣରେ ଗୋଲ ଦେଲେ ସଙ୍ଗୀତା

**ଭୁବନେଶ୍ୱର, ୨୭।୨ (କ୍ରୀଡ଼ା ପ୍ରତିନିଧି)**

ଏଫ୍‌ଆଇଏଚ୍ ପ୍ରୋ ଲିଗ୍‌ର ରବିବାର କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ମ୍ୟାଚରେ ଜୀବନର ପ୍ରଥମ ଅନ୍ତର୍ଜାତୀୟ ମ୍ୟାଚ ଖେଳିଥିଲେ ୫୮ ନମ୍ବର ଜର୍ସି ପରିହିତ ଭାରତର ସଙ୍ଗୀତା କୁମାରୀ। ମ୍ୟାଚରେ ପ୍ରଦର୍ଶନର ଛାପ ଛାଡ଼ିଥିଲେ ସଙ୍ଗୀତା। କେବଳ ସେତିକି ନୁହେଁ ୧୦ମ ମିନିଟରେ ଏକ ଫିଲ୍ଡ ଗୋଲ ଦେଇ ନିଜ ପଦାର୍ପଣ ମ୍ୟାଚକୁ ସ୍ମରଣୀୟ କରି ଦେଇଥିଲେ ଝାଡ଼ଖଣ୍ଡର ଏହି ଯୁବ ପ୍ରତିଭା। ଜୁନିୟର ସ୍ତରରେ ଶ୍ରେଷ୍ଠ ପ୍ରଦର୍ଶନ କରି ସେ ସିନିୟର ଦଳରେ ସ୍ଥାନ ପାଇଥିଲେ।



ଗୋଲ ଦେବାପରେ ସଙ୍ଗୀତା କୁମାରୀ।

## କୁନିଲଙ୍କ ହ୍ୟାଟ୍ରିକରେ ସ୍ପେନ୍ ବିଜୟୀ

ପାଉ କୁନିଲଙ୍କ ହ୍ୟାଟ୍ରିକ ବଳରେ ସ୍ପେନ ରବିବାର ଅନୁଷ୍ଠିତ ଏଫ୍‌ଆଇଏଚ୍ ପ୍ରୋ ଲିଗ୍ ମ୍ୟାଚରେ ଭାରତକୁ ୫-୩ ଗୋଲରେ ହରାଇ ପୂର୍ବ ପରାଜୟର ମଧୁର ପ୍ରତିଶୋଧ ନେଇଛି। ମ୍ୟାଚର ୬ଷ୍ଠ ମିନିଟରେ ଅଭିଷେକଙ୍କ ଗୋଲ ବଳରେ ଭାରତ ଅଗ୍ରଣୀ ନେଇଥିଲା। ୧୪ତମ ମିନିଟରେ ସ୍ପେନକୁ ମିଳିଥିବା ପେନାଲ୍ଟି କର୍ନରକୁ ପାଉ କୁନିଲ ଗୋଲରେ ପରିଣତ କରିଥିଲେ। ଭାରତୀୟ ରକ୍ଷଣଭାଗ ତ୍ରୁଟିରୁ ଫାଇଦା ଉଠାଇ ଜନ୍ ଟାରେସ୍ ସେହି ୧୪ତମ ମିନିଟରେ ଆଉ ଏକ ଫିଲ୍ଡ ଗୋଲ କରିବାରୁ ପ୍ରଥମ କ୍ୱାର୍ଟର ବେଳକୁ ସ୍ପେନ ୨-୧ରେ ଅଗ୍ରଣୀ ହାସଲ କରିଥିଲା। ୨୪ତମ ମିନିଟରେ ସ୍ପେନକୁ ମିଳିଥିବା ପେନାଲ୍ଟି କର୍ନରକୁ ଗୋଲରେ ପରିଣତ କରିବାରେ କୌଣସି ଭୁଲ କରି ନ ଥିଲେ କୁନିଲ। ୨୭ତମ ମିନିଟରେ ପେନାଲ୍ଟି କର୍ନର ଗୋଲ ମାଧ୍ୟମରେ ଭାରତର ହରମନପ୍ରୀତ ସିଂ ଗୋଟିଏ ଗୋଲ ପରିଶୋଧ କରିବାରେ ସକ୍ଷମ ହୋଇଥିଲେ। ପ୍ରଥମାର୍ଦ୍ଧରେ ସ୍ପେନ ୩-୨ ଗୋଲରେ ଆଗୁଆ ରହିଥିଲା। ତୃତୀୟ କ୍ୱାର୍ଟରରେ ଗୋଲ ହୋଇ ନ ଥିଲା। ୪ର୍ଥ କ୍ୱାର୍ଟର ବେଶ୍ ସଂଘର୍ଷପୂର୍ଣ୍ଣ ହୋଇଥିଲା। ୫୧ତମ ମିନିଟରେ ସୁଖଜିତ ସିଂ ଏକ ଫିଲ୍ଡ ଗୋଲ ଦେଇ ମ୍ୟାଚକୁ ୩-୩ ସ୍ଥିତିକୁ ନେଇ ଆସିଥିଲେ। ମାତ୍ର ଭାରତୀୟ ଦଳର ଏହି ଖୁସି ବେଶୀ ସମୟ ତିଷ୍ଠି ନ ଥିଲା। ୫୪ତମ ମିନିଟରେ ଆଉ ଏକ ପେନାଲ୍ଟି କର୍ନର ଗୋଲ ଦେଇ କୁନିଲ ବ୍ୟକ୍ତିଗତ ହ୍ୟାଟ୍ରିକ ଅର୍ଜନ କରିବା ସହ ସ୍ପେନ ବିଜୟ ଆଶା ଉଜ୍ଜୀବିତ କରିଥିଲେ। ୫୯ତମ ମିନିଟରେ ମାର୍କ ମିରାଲେସଙ୍କ ପେନାଲ୍ଟି କର୍ନର ଗୋଲ ସ୍ପେନର ବିଜୟକୁ ନିଶ୍ଚିତ କରି ଦେଇଥିଲା। ପ୍ରକାଶ ଯୋଗ୍ୟ ଯେ, ଶନିବାର ଅନୁଷ୍ଠିତ ମ୍ୟାଚରେ ଭାରତ ୫-୪ ଗୋଲରେ ସ୍ପେନକୁ ପରାସ୍ତ କରିଥିଲା। ଏହି ମ୍ୟାଚ ପରେ ଭାରତ ୬ ମ୍ୟାଚରୁ ୪ ବିଜୟ ଓ ୨ ପରାଜୟ ସହ ୧୨ ପଏଣ୍ଟ ପାଇ ଟେବୁଲର ଦ୍ୱିତୀୟ ସ୍ଥାନରେ ରହିଛି। ନେଦରଲାଣ୍ଡ ୧୬ ପଏଣ୍ଟ ସହ ଶୀର୍ଷସ୍ଥାନ ଅଧିକାର କରିଛି।



ଭାରତ-ସ୍ପେନ୍ ପୁରୁଷ ବିଭାଗ ହକି ମ୍ୟାଚର ଏକ ସଂଘର୍ଷପୂର୍ଣ୍ଣ ମୁହୂର୍ତ୍ତ।

## ହରମନପ୍ରୀତଙ୍କ ଶତକ

**ରାଙ୍ଗିଓରା (ନ୍ୟୁଜିଲାଣ୍ଡ), ୨୭।୨ (ପି.ଟି.):** ଷ୍ଟାର ବ୍ୟାଟର ହରମନପ୍ରୀତ କୌରଙ୍କ ଶତକ ଓ ରାଜେଶ୍ୱରୀ ଗାଏକ୍ୱାଡଙ୍କ ୪ ଉଇକେଟ ସଫଳତା ସହାୟତାରେ ଏଠାରେ ରବିବାର ଖେଳାଯାଇଥିବା ଆଇସିସି ମହିଳା ବିଶ୍ୱକପ୍‌ର ଏକ ୱାର୍ମଅପ୍ ମ୍ୟାଚରେ ଭାରତ ୨ରନରେ ଦକ୍ଷିଣ ଆଫ୍ରିକାକୁ ପରାସ୍ତ କରିଛି। ହରମନପ୍ରୀତ ୧୧୯ ବଲ୍‌ରୁ ୧୧୪ ରନ କରିଥିଲେ। ସେ ୧୧ଟି ଚୌକା ଲଗାଇଥିଲେ। ଷ୍ଟାର ଓପନର ସ୍ମୃତି ମନ୍ଧାନା ମାତ୍ର ୧୨ ରନ କରିଥିଲେ। ଯାସ୍ତିକା ଭାଟିଆ ୭୮ ବଲ୍‌ରୁ ୫୮ରନ କରିଥିଲେ। ଟସ୍ ହାରି ପ୍ରଥମେ ବ୍ୟାଟିଂ କରିଥିବା ଭାରତ ଫାଇନାଲ ଓଭରଗୁଡ଼ିକରେ ଭଲ ରନ ସଂଗ୍ରହ କରିପାରି ନ ଥିଲା। ଦଳ ନିର୍ଦ୍ଧାରିତ ଓଭରରେ ୯ଉଇକେଟ ବିନିମୟରେ ୨୪୪ ରନ କରିପାରିଥିଲା। ବିପକ୍ଷ ଦଳର ସବୁଠାରୁ ସଫଳ ବୋଲର ଆୟାବୋଙ୍ଗା ଖାକା ୨୩ରନ ବିନିମୟରେ ୩ ଉଇକେଟ ଅକ୍ତିଆର କରିଥିଲେ। ଜବାବରେ ଦକ୍ଷିଣ ଆଫ୍ରିକା ନିର୍ଦ୍ଧାରିତ ଓଭରରେ ୭ ଉଇକେଟ ବିନିମୟରେ ୨୪୨ ରନ କରିପାରିଥିଲା। ଟପ୍ ସ୍କୋରର ଓପନର ଲଉରା ଓଲଭାର୍ଡଟ ୭୫ ସୁନି ଲୁସ୍ ୯୪ ଓ ମାରିଜାନେ କାପ୍ ୩୧ ରନ କରିଥିଲେ। ଭାରତ ତରଫରୁ ରାଜେଶ୍ୱରୀ ଗାଏକ୍ୱାଡ ୪୬ ରନ ବିନିମୟରେ ୪ ଉଇକେଟ ଅକ୍ତିଆର କରିଥିଲେ। ବିଶ୍ୱକପ୍‌ରେ ଭାରତ ମାର୍ଚ୍ଚ ୬ରେ ଏହାର ପ୍ରଥମ ମ୍ୟାଚ ପାକିସ୍ତାନ ବିପକ୍ଷରେ ଖେଳିବ।

# ଭାରତର କ୍ଲିନ ସୁଇପ୍

**ଧର୍ମଶାଳା, ୨୭।୨ (ପି.ଟି.)**

ସ୍ଥାନୀୟ ହିମାଚଳ ପ୍ରଦେଶ କ୍ରିକେଟ ଆସୋସିଏଶନ ଷ୍ଟାଡିୟମରେ ରବିବାର ଅନୁଷ୍ଠିତ ତୃତୀୟ ତଥା ଅନ୍ତିମ ଅନ୍ତର୍ଜାତୀୟ ଟି୨୦ କ୍ରିକେଟ ମ୍ୟାଚରେ ଭାରତ ୬ ଉଇକେଟରେ ଶ୍ରୀଲଙ୍କାକୁ ପରାସ୍ତ କରିଛି। ଦଳ ଏଥିସହ ୩ ମ୍ୟାଚବିଶିଷ୍ଟ ସିରିଜକୁ କ୍ଲିନ୍ ସୁଇପ କରିନେଇଛି। ଶ୍ରୀଲଙ୍କା ଦ୍ୱାରା ଧାର୍ଯ୍ୟ ୧୪୭ରନର ବିଜୟ ଲକ୍ଷ୍ୟକୁ ଭାରତ ୧୬.୫ ଓଭରରେ ହାସଲ କରିନେଇଥିଲା। ଗତ ମ୍ୟାଚ ଭଳି ଶ୍ରେୟାସ ଆୟାର ଏଥର ଟପ୍ ସ୍କୋରର ରହିଥିଲେ। ସେ ୭୩ ରନ (୪୫ ବଲ୍, ୯ ଚୌକା, ୧ଛକା) କରି ଅପରାଜିତ ରହିଥିଲେ। ତାଙ୍କ ସହିତ ରବୀନ୍ଦ୍ର ଜାଡେଜା ୨୨ରନ କରି ଅପରାଜିତ ରହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଦୀପକ ହୁଡା ୨୧ (୧୬ବଲ୍, ୧ ଚୌକା, ୧ ଛକା) ଓ ସଞ୍ଜୁ ସାମସନ ୧୮ରନ କରିଥିଲେ।

ଟସ୍‌ଜିତି ପ୍ରଥମେ ବ୍ୟାଟିଂ କରିଥିବା ଶ୍ରୀଲଙ୍କା ନିର୍ଦ୍ଧାରିତ ୨୦ ଓଭରରେ ୫ ଉଇକେଟ ବିନିମୟରେ ୧୪୬ ରନ କରିଥିଲା। ଭାରତୀୟ ବୋଲର ପ୍ରଭାବୀ ବୋଲିଂ କରି ଭ୍ରମଣକାରୀ ଦଳର ଟପ୍ ଅର୍ଡରରେ ବିପର୍ଯ୍ୟୟ ସୃଷ୍ଟି କରିଥିଲେ। ଏକଦା ଶ୍ରୀଲଙ୍କା ୬୦ ରନ ସ୍କୋରରେ ଏହାର ୫ଟି ଉଇକେଟ ହରାଇ ସାରିଥିଲା। ପ୍ରଥମ ୪ ବ୍ୟାଟର ପାଥୁମ ନିଶାଙ୍କା



ମ୍ୟାଚ୍‌ବିଜୟୀ ଇନିଂସ୍ ଅବସରରେ ଶଟ୍ ଖେଳୁଛନ୍ତି ଭାରତର ଶ୍ରେୟାସ ଆୟାର।

(୧), ଦାନୁଷ୍କା ଗୁଣତିଲକା (୦), ଚାରିଥ ଆଶାଲାଙ୍କା (୪) ଓ ଜେନିଥ ଲିୟାଙ୍ଗେ (୯) ଦୁଇ ଅଙ୍କ ସ୍ପର୍ଶ କରିପାରି ନ ଥିଲେ। ତେବେ ଦାସୁନ ଶାନକାଙ୍କ ଅଧିନାୟକ ଇନିଂସ ଯୋଗୁ ଦଳ ଏକ ସମ୍ମାନଜନକ ସ୍କୋର କରିପାରିଥିଲା। ଶାନକା ୩୮ ବଲ୍‌ରେ ୯ ଚୌକା ଓ ୨ ଛକା ସହାୟତାରେ ୭୪ରନ କରି ଅପରାଜିତ ରହିଥିଲେ। ଶାନକା ଓ ଚାମିକା କରୁଣାରତ୍ନେ ୬ଷ୍ଠ ଉଇକେଟରେ ଅପରାଜିତ ୮୬ ରନ ଯୋଗ କରିଥିଲେ। କୁଲଦୀପ ଯାଦବଙ୍କୁ ଛାଡ଼ିଦେଲେ ଭାରତର ସମସ୍ତ ବୋଲର ଉଇକେଟ ପାଇଥିଲେ। ଆଭେସ ଖାଁ ୨୩ରନ ବିନିମୟରେ ୨ଟି ଉଇକେଟ ନେଇଥିବା ବେଳେ ମହମ୍ମଦ ସିରାଜ, ହର୍ଷଲ ପଟେଲ ଓ ରବି ବିଷ୍ଣୋଇ ଗୋଟିଏ ଲେଖାଏ ଉଇକେଟ ହାସଲ କରିଥିଲେ।

**ସଂକ୍ଷିପ୍ତ ସ୍କୋର**

**ଶ୍ରୀଲଙ୍କା ଇନିଂସ:** ୨୦ ଓଭରରେ ୧୪୬/୫ (ଦାସୁନ ଶାନକା-୭୪*, ଦୀନେଶ ଚାଣ୍ଡିମଲ-୨୨, ଚାମିକା କରୁଣାରତ୍ନେ-୧୨*; ଆଭେସ ଖାଁ-୨/୨୩, ମହମ୍ମଦ ସିରାଜ-୧/୨୨, ହର୍ଷଲ ପଟେଲ-୧/୨୯, ରବି ବିଷ୍ଣୋଇ-୧/୩୨)।

**ଭାରତ ଇନିଂସ:** ୧୬.୫ ଓଭରରେ ୧୪୮/୪ (ଶ୍ରେୟାସ ଆୟାର-୭୩*, ଦୀପକ ହୁଡା-୨୧, ସଞ୍ଜୁ ସାମସନ-୧୮, ରବୀନ୍ଦ୍ର ଜାଡେଜା-୨୨*; ଲାହିରୁ କୁମାରା-୨/୩୯, ଦୁଷ୍ମନ୍ତ ଚାମିରା-୧/୧୯, ଚାମିକା କରୁଣାରତ୍ନେ-୧/୩୧)।

## ଏସ୍‌ଆର୍‌ଏମ୍‌କୁ ହରାଇ କିଟ୍ ସେମିରେ

**ଭୁବନେଶ୍ୱର, ୨୭।୨ (କ୍ରୀଡ଼ା ପ୍ରତିନିଧି)**

ଆୟୋଜକ କିଟ୍ ସର୍ବଭାରତୀୟ ଆନ୍ତଃ ବିଶ୍ୱବିଦ୍ୟାଳୟ ଆନ୍ତଃ ଜୋନ୍ ଟେନିସ ପ୍ରତିଯୋଗିତାର ସେମିଫାଇନାଲରେ ପ୍ରବେଶ କରିଛି। ରବିବାର ତୃତୀୟ ଦିବସରେ ଅନୁଷ୍ଠିତ ମ୍ୟାଚରେ କିଟ୍ ୩-୧ରେ ଚେନ୍ନାଇର ଏସ୍‌ଆର୍‌ଏମ୍ ବିଶ୍ୱବିଦ୍ୟାଳୟକୁ ପରାସ୍ତ କରିଛି। କବିର ହନ୍ସ, ଜଷ୍ଟିନ କାଶୁଇଗୁଆଙ୍ଗ ପାନ୍‌ମେଇ ଓ ଆଶିଷ କୁମାର ପରିଡ଼ା କିଟ୍ ପକ୍ଷରୁ ପ୍ରତିନିଧିତ୍ୱ କରୁଛନ୍ତି। ସୋମବାର ୨ଟି ସେମିଫାଇନାଲ ଅନୁଷ୍ଠିତ ହେବ। ଏଥିରେ କିଟ୍ ବିଶ୍ୱବିଦ୍ୟାଳୟ ପ୍ରଥମ ସେମିରେ ଗୁଜରାଟ ବିଶ୍ୱବିଦ୍ୟାଳୟକୁ ଏବଂ ଓସମାନିଆ ବିଶ୍ୱବିଦ୍ୟାଳୟ ଦ୍ୱିତୀୟ ସେମିଫାଇନାଲରେ ଭେଙ୍କଟେଶ୍ୱର ବିଶ୍ୱବିଦ୍ୟାଳୟକୁ ଭେଟିବ।



କିଟ୍ ବିଶ୍ୱବିଦ୍ୟାଳୟ ଟେନିସ ଦଳ।

## ବିକାଶ, ଭେଙ୍କଟଙ୍କୁ ରାଜ୍ୟଗୋଷ୍ଠୀ କ୍ରୀଡ଼ା ଯୋଗ୍ୟତା

**ସିଙ୍ଗାପୁର, ୨୭।୨ (ପି.ଟି.):** ସିଙ୍ଗାପୁର ୱେଟ୍‌ଲିଫ୍ଟିଂ ଇଣ୍ଟରନ୍ୟାଶନାଲ ପୁରୁଷ ୯୬ ଇଭେଣ୍ଟରେ ଭାରତୀୟ ଭାରୋତ୍ତୋଳକ ବିକାଶ ଠାକୁର ଓ ଭେଙ୍କଟ ରାହୁଲ ରାଗ୍‌ଲା ଯଥାକ୍ରମେ ସ୍ୱର୍ଣ୍ଣ ଓ ବ୍ରୋଞ୍ଜ ଜିତି ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ଅଂଶଗ୍ରହଣ କରିବା ଲାଗି ଯୋଗ୍ୟତା ହାସଲ କରିଛନ୍ତି। ଭାରତ ଏହି ଇଭେଣ୍ଟରେ ୬ ସ୍ୱର୍ଣ୍ଣ ଏବଂ ଗୋଟିଏ ଲେଖାଏ ରୌପ୍ୟ ଓ ବ୍ରୋଞ୍ଜ ସହ ମୋଟ ୮ ପଦକ ସହ ଏହାର ଅଭିଯାନ ଶେଷ କରିଛି। ଇଭେଣ୍ଟରେ ଭାଗ ନେଇଥିବା ସମସ୍ତ ପ୍ରତିଯୋଗୀ ରାଜ୍ୟଗୋଷ୍ଠୀ କ୍ରୀଡ଼ା ପାଇଁ ଯୋଗ୍ୟତା ଅର୍ଜନ କରିଛନ୍ତି।


**ଘୋଷଣା**

୧୯୫୬ ମସିହା ରେଜିଷ୍ଟ୍ରେଶନ ଅଫ ନ୍ୟୁଜ ପେପର୍ସ (ସେଣ୍ଟ୍ରାଲ) ନିୟମ ଅନୁସାରେ ଦୈନିକ ଧରିତ୍ରୀର ବିବରଣୀ

(ଚତୁର୍ଥ ଫର୍ମ ଅଷ୍ଟମ ଧାରା)

| | | | |
|---|---|---|---|
| ୧. | ପ୍ରକାଶ ସ୍ଥାନ | - | ବ୍ରହ୍ମପୁର |
| ୨. | ପ୍ରକାଶ ସମୟ | - | ପ୍ରତ୍ୟହ ପ୍ରଭାତ |
| ୩. | ମୁଦ୍ରାକରଙ୍କ ନାମ | - | ତଥାଗତ ସତପଥୀ |
| | ଜାତୀୟତା | - | ଭାରତୀୟ |
| | ଠିକଣା | - | ବି-୧୫, ଶିକ୍ଷାଞ୍ଚଳ ଭୁବନେଶ୍ୱର-୭୫୧୦୧୦ |
| ୪. | ପ୍ରକାଶକଙ୍କ ନାମ | - | ତଥାଗତ ସତପଥୀ |
| | ଜାତୀୟତା | - | ଭାରତୀୟ |
| | ଠିକଣା | - | ବି-୧୫, ଶିକ୍ଷାଞ୍ଚଳ ଭୁବନେଶ୍ୱର-୭୫୧୦୧୦ |
| ୫. | ସମ୍ପାଦକଙ୍କ ନାମ | - | ତଥାଗତ ସତପଥୀ |
| | ଜାତୀୟତା | - | ଭାରତୀୟ |
| | ଠିକଣା | - | ବି-୧୫, ଶିକ୍ଷାଞ୍ଚଳ ଭୁବନେଶ୍ୱର-୭୫୧୦୧୦ |
| ୬. | ସ୍ୱତ୍ୱାଧିକାରୀଙ୍କ ନାମ | - | ନବଜାତ ପ୍ରିଣ୍ଟର୍ସ ଆଣ୍ଡ ମିଡିଆ ପ୍ରାଇଭେଟ ଲିମିଟେଡ |
| | ଠିକଣା | - | ୧୦୭, ସୂର୍ଯ୍ୟ ନଗର ଭୁବନେଶ୍ୱର-୭୫୧୦୦୩ |

ଆମ୍ଭେ ତଥାଗତ ସତପଥୀ ଏତଦ୍ୱାରା ଘୋଷଣା କରୁଅଛୁ କି ଉପରୋକ୍ତ ବିବରଣୀମାନ ସତ୍ୟ ବୋଲି ଆମ୍ଭର ବିଶ୍ୱାସ ଓ ହୃଦ୍‌ବୋଧ ହୋଇଅଛି।

ତଥାଗତ ସତପଥୀ
ପ୍ରକାଶକ, ଧରିତ୍ରୀ
୨୮।୨।୨୦୨୨


## ଜାତୀୟ ମହିଳା ଚେସ୍: ଚିତ୍‌ଲାଙ୍ଗୀ, ଦେଶମୁଖ ଅଗ୍ରଣୀ



କ୍ରୀଡ଼ା ସଚିବ ଆର. ଭିନିଲ କ୍ରିଷ୍ଣାଙ୍କ ସହ ସାଇନା ସାଲୋନିକା ଓ ପଦ୍ମିନୀ ରାଉତ।

**ଭୁବନେଶ୍ୱର, ୨୭।୨ (କ୍ରୀଡ଼ା ପ୍ରତିନିଧି):** କିଟ୍ ଅନ୍ତର୍ଜାତୀୟ ଚେସ୍ ହଲ୍‌ରେ ଚାଲିଥିବା ଜାତୀୟ ମହିଳା ଚେସ୍ ଚାମ୍ପିୟନଶିପ୍‌ର ରବିବାର ୫ମ ରାଉଣ୍ଡ ଶେଷ ସୁଦ୍ଧା ମହିଳା ଅନ୍ତର୍ଜାତୀୟ ମାଷ୍ଟର ଚିତ୍‌ଲାଙ୍ଗୀ ସାକ୍ଷୀ (୨୨୦୫ ରେଟିଂ) ଓ ମହିଳା ଗ୍ରାଣ୍ଡମାଷ୍ଟର ଦିବ୍ୟା ଦେଶମୁଖ (୨୩୦୧) ଯୁଗ୍ମଭାବେ ଅଗ୍ରଣୀ ରହିଛନ୍ତି। ଉଭୟ ଖେଳାଳି ୪.୫ ପଏଣ୍ଟ ଲେଖାଏ ପାଇଛନ୍ତି। ଏହି ସମ୍ମାନଜନକ ପ୍ରତିଯୋଗିତାରେ ମୋଟ ୧୧ ଓଡ଼ିଆ ଖେଳାଳି ଅଂଶଗ୍ରହଣ କରିଛନ୍ତି। ସେମାନଙ୍କ ମଧ୍ୟରୁ ଅନ୍ତର୍ଜାତୀୟ ମାଷ୍ଟର (ଆଇଏମ୍) ପଦ୍ମିନୀ ରାଉତ ପିଏସ୍‌ପିବି ଓ ମହିଳା ଗ୍ରାଣ୍ଡମାଷ୍ଟର (ଡବ୍ଲୁଜିଏମ୍) କିରଣ ମନୀଷା ମହାନ୍ତି ଏଲ୍‌ଆଇସିରୁ ପ୍ରତିନିଧିତ୍ୱ କରୁଛନ୍ତି। ୫ ରାଉଣ୍ଡ ଶେଷରେ ପଦ୍ମିନୀ ଓ ମହିଳା ଫିଡେ ମାଷ୍ଟର ସାଇନା ସାଲୋନିକା ୪ ପଏଣ୍ଟ ଲେଖାଏ ପାଇଥିବାବେଳେ ସ୍ମାରକୀ ମହାନ୍ତି ଓ କିରଣ ୩ ପଏଣ୍ଟ, ଯାଶିତା ରାଉତ, ଅନନ୍ୟା ଅନାମିକା, ଶ୍ରଦ୍ଧା ସ୍ମରଣିକା ନନ୍ଦ ୨, ଜୟଲକ୍ଷ୍ମୀ ସାହୁ ୧.୫ ଏବଂ ପ୍ରତ୍ୟାଶା ଜେନା, ଗୀତାଶ୍ରୀ ବିଶ୍ୱାଳ ଓ ଅନତୋୟା ଚାଟାର୍ଜୀ ୧ ପଏଣ୍ଟ ଲେଖାଏ ପାଇଛନ୍ତି। ୫ମ ରାଉଣ୍ଡରେ ବୈଶାଳୀ ମହିଳା ଅନ୍ତର୍ଜାତୀୟ ମାଷ୍ଟର ଅର୍ପିତା ମୁଖାର୍ଜୀଙ୍କ ସହ ମ୍ୟାଚ ଡ୍ର ରଖିଥିବାବେଳେ ମାରିଆନ୍ ଗୋମ୍ସଙ୍କୁ ପରାସ୍ତ କରିଛନ୍ତି ଚିତ୍‌ଲାଙ୍ଗୀ ସାକ୍ଷୀ। ଶ୍ରୀଜା ଶେଷାଦ୍ରି ଓ ସୌମ୍ୟା ସ୍ୱାମୀନାଥନ ଏବଂ କିରଣ ମନୀଷା ମହାନ୍ତି-ତେଜସ୍ୱିନୀ ଜି.ଙ୍କ ମଧ୍ୟରେ ମ୍ୟାଚ ଡ୍ର ରହିଛି।






3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Published at 11/2, Industrial Estate, Berhampur,Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ